

ସ୍ୱତନ୍ତ୍ର ବଲୁଚିସ୍ତାନ ପାଇଁ ଲୋଡ଼ିଲେ ସହାୟତା

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17




Vol. 33 | ISSUE 323 ଭାଗ ୩୩ | ସଂଖ୍ୟା ୩୨୩ Sunday 15 February 2026 | Page 8 Rs. 5.00 ● ଭୁବନେଶ୍ୱର ରବିବାର ୧୫ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ୩ ଲକ୍ଷ କୋଟି ଟପିବ ବଜେଟ୍

- ୨୦୨୬-୨୭ ବଜେଟକୁ ମନ୍ତ୍ରୀ ପରିଷଦର ମଞ୍ଜୁରୀ
- ଲୋକାଭିମୁଖୀ ଯୋଜନାକୁ ପ୍ରାଥମିକତା
- ବ୍ୟୟବରାଦ ସହ ଖର୍ଚ୍ଚ ବଢ଼ାଇବାକୁ ଗୁରୁତ୍ୱ

ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ମନ୍ତ୍ରୀ ପରିଷଦ ବୈଠକରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟକୁ ମିଳିଛି ମଞ୍ଜୁରୀ। ଗତ ବଜେଟ ତୁଳନାରେ ଏଥର ବଜେଟ୍‌ର ଆକାରରେ ଆଉ ପ୍ରାୟ ୧୦



ପ୍ରତିଶତ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସରକାର ୨ ଲକ୍ଷ ୭୦ ହଜାର କୋଟିର ବଜେଟ୍ ଆଣିଥିଲେ। ପରେ ଗତବର୍ଷ ଡିସେମ୍ବରରେ ୧୭ ହଜାର କୋଟିର ଅତିରିକ୍ତ ବଜେଟ ଆଗତ କରିଥିଲେ ସରକାର। ଏମିତି ଗତ ଆର୍ଥିକ ବର୍ଷ ପାଇଁ ବଜେଟରେ ମୋଟ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ଭବିଷ୍ୟତ ଯୋଜନାକୁ ବିଚାର କଲେ ଆସନ୍ତା ଆର୍ଥିକ ବର୍ଷ ଅର୍ଥାତ ୨୦୨୬-୨୭ ବର୍ଷ ପାଇଁ ବ୍ୟୟବରାଦ ୩ ଲକ୍ଷ କୋଟି ଟପିବ ବୋଲି ଆକଳନ କରାଯାଉଛି।

ରାଜ୍ୟ ସରକାର ଏଥର ବଜେଟରେ ସୁଭଦ୍ରା, ଆୟୁଷ୍ମାନ ଭାରତ, ଧାନରେ ଏମଏସପି ଉପରେ ଇନପୁଟ ସବସିଡି, ଜଳସେଚନ ଭଳି ଗତ ବର୍ଷର ପ୍ରମୁଖ ଯୋଜନା ସାଙ୍ଗକୁ ଆସନ୍ତା ଆର୍ଥିକ ବର୍ଷ ପାଇଁ ଘୋଷଣା ➪ପୃଷ୍ଠା-୬

# ବହୁବିଧ ଶିଳ୍ପ ସହ କେନ୍ଦୁଝର ହେବ ଅଭିବୃଦ୍ଧିର କେନ୍ଦ୍ର

ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ) : କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟରର ଶିଳାନ୍ୟାସ କରିଛନ୍ତି।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି। କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ। ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ। ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ୍



ପାର୍କରେ ୧,୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲ୍କୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ। ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା

- ଜିଲ୍ଲାରେ ୧୦୦ କୋଟିର ଟେକ୍ସଟାଇଲ୍ ପାର୍କ ପାଇଁ ଶିଳାନ୍ୟାସ
- ୧୮୭ କୋଟି ବ୍ୟୟରେ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର
- ନିରନ୍ତର ଜାରି ରହିବ ନାଗରିକ କୈନ୍ଦ୍ରିକ ସେବା
- ୧,୨୦୦ ନିଯୁକ୍ତି ସୁଯୋଗ, ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ
- ବୟନ ଶିଳ୍ପର ପାୱାର ହାଉସ ହେବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। ବିଶେଷକରି ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରେ।

ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ କନକ୍ଲେଭ ସମୟରେ, ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ରାଜ୍ୟ ସାରା ୫୩ହଜାରରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ୍ ପାର୍କ ସହିତ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତସିଂହପୁର ଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜବୁତ କରୁଛନ୍ତି। ଏବେ, ଓଡ଼ିଶାରେ ମଧ୍ୟ ସମାନ ସୁଯୋଗ ସୃଷ୍ଟି କରାଯିବ ଯାହା ଦ୍ୱାରା ଲୋକମାନେ ନିଜ ଘର ପାଖରେ କାମ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା OCAC ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ➪ପୃଷ୍ଠା-୬

### ଜମିପଟ୍ଟା ସଂଶୋଧନ କାର୍ଯ୍ୟ ମିଶନ ମୋଡ୍‌ରେ ସାରିବାକୁ ନିର୍ଦ୍ଦେଶ

## ବିଳମ୍ବ ହେଲେ ଦଣ୍ଡିତ ହେବେ ତହସିଲଦାର

ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ) : ରାଜ୍ୟର ସମସ୍ତ ଜିଲ୍ଲାରେ ଜମିପଟ୍ଟା ବା ରେକର୍ଡ ଅଫ ରାଇଟ୍ସ (ଆରଓଆର)ର ୨

- ଉପଜିଲ୍ଲାପାଳମାନେ ରହିବେ ଉତ୍ତରଦାୟୀ
- ବଳକା ମାମଲା ପର୍ଯ୍ୟବେକ୍ଷଣ ପାଇଁ ହେବ ଡ୍ୟାସବୋର୍ଡ

ଖାନା (କଲମ-୨) ସଂଶୋଧନ ସମ୍ବନ୍ଧୀୟ ଅପେକ୍ଷିତ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ଶୀଘ୍ର ସାରିବା ପାଇଁ ରଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଜିଲ୍ଲାପାଳମାନଙ୍କୁ ବ୍ୟକ୍ତିଗତ ଭାବେ ଏହାର ନିରୀକ୍ଷଣ କରିବାକୁ କୁହାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଅପେକ୍ଷିତ ମାମଲାକୁ ମିଶନ୍ ମୋଡରେ ସମାଧାନ କରିବା ଓ କୌଣସି ପ୍ରକ୍ରିୟାଗତ ବିଳମ୍ବ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ତହସିଲ୍ ଭିତ୍ତିକ ସମୀକ୍ଷା ପରେ ନୂଆପଡ଼ା, କୋରାପୁଟ, ବୌଦ୍ଧ, କଳାହାଣ୍ଡି, ମାଲକାନଗିରି ଓ ସମ୍ବଲପୁର ଆଦି ଜିଲ୍ଲାର ସକ୍ରିୟ ଅଗ୍ରଗତିକୁ ନେଇ ରାଜସ୍ୱ ସଚିବ ସନ୍ତୋଷ ପ୍ରକାଶ କରିଥିବା ବେଳେ କିଛି ଜିଲ୍ଲାରେ ଅଧିକ ବିଳମ୍ବ ଓ ଅସନ୍ତୋଷଜନକ ପ୍ରଗତି ନେଇ



ଚିନ୍ତାବ୍ୟକ୍ତ କରିଛନ୍ତି। ଡ. ପାଢ଼ୀ କହିଛନ୍ତି ଯେ ସ୍ତମ୍ଭ(କଲମ)—୨ ବା ଖତିଆନରେ ୨ ଖାନା ସଂଶୋଧନ କେବଳ ଏକ ସାଧାରଣ ସରକାରୀ ପ୍ରକ୍ରିୟା ନୁହେଁ। ଏହା ଜମି ମାଲିକାନାର ସୁରକ୍ଷା ଓ ସରକାରୀ ସେବା ପ୍ରଦାନ ସହ ସିଧାସଳଖ ଭାବେ ସମ୍ପୃକ୍ତ। ସଠିକ୍ ସଂଶୋଧନ ଓ ଚାଷୀ ପଞ୍ଜୀକରଣ ମାଧ୍ୟମରେ ଚାଷୀମାନେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଓ ଅନ୍ୟାନ୍ୟ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଯୋଜନାର ସିଧାସଳଖ ସୁଫଳ ପାଇପାରିବେ । ଏଥିରେ ବିଳମ୍ବ ହେଲେ ନାଗରିକମାନେ ସିଧାସଳଖ ପ୍ରଭାବିତ ହେବେ।

ତେଣୁ ସମୟସୀମା ମଧ୍ୟରେ ନିଷ୍ପତ୍ତି ନେଇ ସମସ୍ତ ବଳକା ମାମଲାକୁ ମିଶନ୍ ମୋଡ୍‌ରେ ସଠିକ୍ ସମୟରେ ସାରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଅଧିକ ବଳକା ମାମଲା ଥିବା ତହସିଲଦାରମାନଙ୍କୁ ଚିହ୍ନଟ କରି ଆବଶ୍ୟକ ନିର୍ଦ୍ଦେଶ ତଥା ଚେତାବନୀ ଜାରି କରିବା ସହ ଅସନ୍ତୋଷଜନକ କାର୍ଯ୍ୟଦକ୍ଷତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ➪ପୃଷ୍ଠା-୬

### ଚୌଦ୍ୱାର ଜେଲରୁ କଏଦୀ ଫେରାର୍ ମାମଲା

## ସ୍ପେଶାଲ୍-୨୬ ହାତରେ ମଧୁକାନ୍ତ



ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): ପାଖାପାଖି ୫ ମାସ ତଳେ ଚୌଦ୍ୱାର ସର୍କଲ୍ ଜେଲ୍‌ରୁ ଫେରାର୍ ହୋଇଯାଇଥିଲେ ଦୁଇ ଜଣ ବିହାରୀ କଏଦୀ। ସେମାନଙ୍କୁ ଧରିବା ସକାଶେ ସ୍ଥାନୀୟ ପୁଲିସ୍ ତନାଘନା ଚଳାଇଥିଲେ ମଧ୍ୟ ସେମାନଙ୍କୁ ଠାବ କରିବାରେ ବିଫଳ ହୋଇଥିଲେ। ତେବେ ଏହି କ୍ରମରେ ଆଜି ଧରାପଡ଼ିଛି ଉକ୍ତ ଦୁଇ ଦୁର୍ଦ୍ଧାନ୍ତ କଏଦୀଙ୍କ ମଧ୍ୟରୁ ଜଣେ। ସେ ହେଉଛି ମଧୁକାନ୍ତ ରାଣା। ଦୀର୍ଘ ୫ ମାସର ଲୁଚକାଳି ପରେ ତାକୁ ପୁଲିସ୍ ଉତ୍ତର ପ୍ରଦେଶର ବୃନ୍ଦାବନରୁ ଧରିବାରେ ସକ୍ଷମ ହୋଇଛି। କିନ୍ତୁ ପୁଲିସକୁ ଅନ୍ୟତମ ଅପରାଧୀ ରାଜା ସାହାଣୀର ସନ୍ଧାନ ମିଳିପାରିନାହିଁ।

ମିଳିଥିବା ସୂଚନାନୁସାରେ, ମଧୁକାନ୍ତ ବୃନ୍ଦାବନରେ ନିଜକୁ ବାସୁ ପାଣ୍ଡେ ବୋଲି ପରିଚୟ ଦେଇ ସେଠାକାର ଏକ ଗେଷ୍ଟ ହାଉସ କର୍ମଚାରୀ ସାଜି ଆତ୍ମଗୋପନ କରିଥିଲା। ସେ ଓ ରାଜା ଜେଲ୍‌ରୁ ଫେରାର୍ ହେବା ପରେ କଟକରୁ ଟ୍ରେନ

**୫ ମାସ ଧରି ପୁଲିସ୍ ସହ ଖେଳୁଥିଲା ଲୁଚକାଳି**

ଯୋଗେ ପୁରୀ ପଳାଇଥିଲେ। ଦିନକ ପରେ ଉଭୟ ପୁରୀରୁ ଆଉ ଏକ ଟ୍ରେନ ଧରି ଖସିଯାଇଥିଲେ ବିହାର। ଏମାନଙ୍କୁ ଧରିବା ପାଇଁ ବିଭିନ୍ନ ର୍‍ୟାଙ୍କର ୨୬ ଜଣ ଅଧିକାରୀଙ୍କୁ ନେଇ ୬ଟି ଟିମ୍ ଗଠନ କରାଯାଇଥିଲା। ସିସିଟିଭି ଫୁଟେଜ୍ ଆଧାରରେ ସେମାନଙ୍କ ପିଛା କରିବା ସହ ➪ପୃଷ୍ଠା-୬

### ୫ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ମଞ୍ଜୁରୀ

## ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପରେ ସଂଶୋଧନ



ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): ରାଜ୍ୟ କ୍ୟାବିନେଟରେ ଆଜି ୫ଟି ପ୍ରସ୍ତାବକୁ ମଂଜୁରୀ ମିଳିଛି। ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ୫୭ହଜାର ହେକ୍ଟର ଚାଷ ଜମି ପାଇଁ ଭୂତଳ ପାଇପଲାଇନ ବ୍ୟବସ୍ଥା କରାଯିବ। ଏଥିପାଇଁ ହେବାକୁ ଥିବା ବ୍ୟୟବରାଦକୁ କ୍ୟାବିନେଟ ମଂଜୁରୀ ଦେଇଛି। ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପରେ ମୋଟ ୬୦ ହଜାର ହେକ୍ଟର ଜମିକୁ ଜଳସେଚିତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ସେମଧ୍ୟରୁ ୩ହଜାର ହେକ୍ଟର ଜମିର ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ସରିଛି। କିନ୍ତୁ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଅବଶିଷ୍ଟ ୫୭ ହଜାର ହେକ୍ଟର ଜମିକୁ ଭୂତଳ ପାଇପ ଲାଇନ ବ୍ୟବସ୍ଥାରେ ୯ଟି ପ୍ୟାକେଜରେ କରାଯିବ। ଏ ସମ୍ପର୍କିତ ତିନୋଟି ପ୍ରସ୍ତାବକୁ ଆଜି କ୍ୟାବିନେଟ ମଞ୍ଜୁରୀ ଦେଇଛି।

- ଭୂତଳ ପାଇପ ଲାଇନରେ ଜଳସେଚିତ ହେବ ୫୭ ହଜାର ହେକ୍ଟର
- ଇଏସଆଇ ରେଡିଓଗ୍ରାଫରଙ୍କ ପାଇଁ ହେବ ନୂଆ କ୍ୟାଡର ବ୍ୟବସ୍ଥା

ଗୋଟିଏ ପ୍ରକଳ୍ପ ସାଳନ୍ଦୀ ବାମ ମୁଖ୍ୟ କେନାଲର ୪୯.୮୧୦ କିଲୋମିଟରରୁ ୫୯.୯୭୦ କିଲୋମିଟର ମଧ୍ୟରେ ଭୂତଳ ପାଇପଲାଇନ ପକାଯିବ। ଏଥିପାଇଁ ୧୦୫ କୋଟି ୬୨ ଲକ୍ଷ ଟଙ୍କା ଏବଂ ୫ ବର୍ଷ ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦରେ ୫ କୋଟି ୩୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏସମ୍ପର୍କିତ ଟେଣ୍ଡରକୁ ଆଜି କ୍ୟାବିନେଟ ମଂଜୁର କରିଛି। ଏହାଦ୍ୱାରା ବାଲେଶ୍ୱର ଜିଲ୍ଲାର ଔପଦା ଓ ବାହାନଗାର ୪୯୨୪.୦୪ ହେକ୍ଟର ଜମି ଜଳସେଚିତ ହେବ।

ଅନ୍ୟ ଏକ ପ୍ରକଳ୍ପ ସାଳନ୍ଦୀ ବାମ ମୁଖ୍ୟ କେନାଲର ୫୯.୯୭୦ କିଲୋମିଟରରୁ ୬୦.୩୦୪ କିଲୋମିଟର ମଧ୍ୟରେ ଭୂତଳ ପାଇପଲାଇନ ପକାଯିବ। ପ୍ରକଳ୍ପ ନିର୍ମାଣ ପାଇଁ ୧୦୭ କୋଟି ୯୬ ଲକ୍ଷ ଟଙ୍କା ଏବଂ ୫ ବର୍ଷ ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦରେ ୫କୋଟି ୫୧ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାଦ୍ୱାରା ବାଲେଶ୍ୱର ଜିଲ୍ଲା ନିଳଗିରି, ବାହାନଗା, ଔପଦା ଓ ରେମୁଣା ବ୍ଲକର ୫୧୭୭.୯୮ ହେକ୍ଟର ଜମି ଜଳସେଚିତ ହେବ।

ତୃତୀୟ ପ୍ରକଳ୍ପଟି ସାଳନ୍ଦୀ ବାମ ମୁଖ୍ୟ କେନାଲର ୭୧.୫୦୫ କିଲୋମିଟରରୁ ୭୩.୦୦୩ କିଲୋମିଟର ମଧ୍ୟରେ ଭୂତଳ ପାଇପ ଲାଇନ ବ୍ୟବସ୍ଥା ହେବ। ପ୍ରକଳ୍ପ ବାବଦରେ ୧୪୬ କୋଟି ୧୭ ଲକ୍ଷ ଏବଂ ୫ ବର୍ଷ ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦରେ ୭ କୋଟି ୬୯ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାଦ୍ୱାରା ରେମୁଣା ଓ ବାଲେଶ୍ୱର ବ୍ଲକର ୫୭୬୫.୩୪ ହେକ୍ଟର ➪ପୃଷ୍ଠା-୬

## ଲିଙ୍ଗରାଜ ମନ୍ଦିର ଅଞ୍ଚଳ ରେଡ୍ ଜୋନ୍

- ଡ୍ରୋନ୍ ନ ଉଡ଼ାଇବାକୁ ନିର୍ଦ୍ଦେଶ
- ନକଲି ପାସ୍ ଥିଲେ, ଦଣ୍ଡିତ ହେବେ ସେବାୟତ

ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): ଆସନ୍ତାକାଲି ପବିତ୍ର ଜାଗର ପାଇଁ ରାଜ୍ୟର ସମସ୍ତ ଶୈବପୀଠ ବେଶ୍ ଚଳଚଞ୍ଚଳ ହୋଇଉଠିଥିବା ବେଳେ ଲିଙ୍ଗରାଜ ମନ୍ଦିରରେ ଏହି ପର୍ବ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ବ୍ୟାପକ ଜନସମାଗମ ହେବାକୁ ଥିବାରୁ ସେମାନେ ଯେପରି ସୁରୁଖୁରୁରେ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିବେ, ସେଥିସକାଶେ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମନ୍ଦିର ଅଞ୍ଚଳକୁ ରେଡ୍ ଜୋନ୍ ଘୋଷଣା କରାଯାଇଥିବା ବେଳେ



ସୁରକ୍ଷା ଦୃଷ୍ଟିକୋଣରୁ କେହି ବି ମନ୍ଦିରର ଆଖପାଖ ଅଞ୍ଚଳରେ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ଡ୍ରୋନ୍ ନ ଉଡ଼ାଇବାକୁ କମିଶନରେଟ୍ ପୁଲିସ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗତବର୍ଷ ମହାଦୀପ ଉଠିବା ସମୟରେ ଅଚାନକ ସେବାୟତ ଜଣଙ୍କ ତଳକୁ ଖସିପଡ଼ିବା ଫଳରେ ଏହା ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଥିଲା। ତେଣୁ ଚଳିତ ବର୍ଷ ଏପରି କୌଣସି ପ୍ରକାର ଅଘଟଣର ପୁନରାବୃତ୍ତି ରୋକିବା ସକାଶେ ମନ୍ଦିର କର୍ତ୍ତୃପକ୍ଷ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଏହାଛଡ଼ା ମନ୍ଦିରକୁ ଆକର୍ଷଣୀୟ ଫୁଲରେ ସଜାଯିବା ସହ ➪ପୃଷ୍ଠା-୬

### ଆଇସିସି ଟି-୨୦ ବିଶ୍ୱକପ୍

## ଆଜି ଭାରତ-ପାକ୍ ମହାଲଢ଼େଇ

କଲମ୍ବୋ,୧୪।୨: ଆସନ୍ତାକାଲି ଖେଳାଯିବ ଚଳିତ ଟି-୨୦ ବିଶ୍ୱକପ୍‌ର ହାଇଭୋଲଟେଜ୍ ମ୍ୟାଚ୍। ପୂର୍ବପରି ଏହି ମ୍ୟାଚ୍‌ଟି ସମସ୍ତ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ପ୍ରତିଯୋଗିତାର ଅନ୍ୟତମ ଆୟୋଜକ ଶ୍ରୀଲଙ୍କାରେ ଏହା ଖେଳାଯିବ। ତେବେ ପୂର୍ବରୁ ପାକିସ୍ତାନ ଭାରତ ଗସ୍ତ କରିବ ନାହିଁ ବୋଲି ସ୍ପଷ୍ଟ କରିବା ସହ ଏ କ୍ଷେତ୍ରରେ ଦଳକୁ ବାଧ କରାଗଲେ, ପ୍ରତିଯୋଗିତା ବର୍ଜନ କରିବା ସକାଶେ ପାକିସ୍ତାନ କ୍ରିକେଟ୍ ବୋର୍ଡ ଧମକ ଦେଇଥିଲା। ତେବେ ଆଇସିସି ପାକିସ୍ତାନର ଧମକକୁ ଖାତିର୍ ନ କରିବାରୁ



ଶେଷରେ ଦଳ ନିରପେକ୍ଷ ଭେନ୍ୟୁରେ ଖେଳିବା ସକାଶେ ରାଜି ହୋଇଥିଲା। ତେଣୁ ଆସନ୍ତାକାଲି କଲମ୍ବୋରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌କୁ ଉଭୟ ଦେଶର ପ୍ରଶଂସକମାନେ ଅପଲକ ନେତ୍ରରେ ଅପେକ୍ଷା କରିଛନ୍ତି। ଦୁଇ ଦଳର ବିଶ୍ୱକପ୍‌ରେ ପରସ୍ପର ବିପକ୍ଷରେ ରେକର୍ଡ କଥା ଆଲୋଚନା କଲେ, ଭାରତର ପଲା ଭାରୀ ରହିଛି। କାରଣ ଅଦ୍ୟାବଧି ଦୁଇ ଦଳ ବିଶ୍ୱକପ୍‌ରେ ୯ ଥର ପରସ୍ପରକୁ ଭେଟିଥିବା ବେଳେ ଏଥିରୁ ଭାରତ ୮ଟିରେ ବିଜୟୀ ହୋଇଛି। ଦୁଇ ବର୍ଷ ତଳେ ଖେଳାଯାଇଥିବା ➪ପୃଷ୍ଠା-୬



### କାନ ଡେରିଥା

ସହିଦଙ୍କ ପାଇଁ ଆଜିର ଦିନଟି
ପାଳୁଛେ କଳା ଦିବସ
ଏଇମାଟି ପାଇଁ କେତେ ଯେ ଲଢେଇ
ମନେ ଅଛି ଇତିହାସ...
ଦେଶ ପାଇଁ ଦେଲେ ଝାସ
ବୀର ଯବାନ, ସହିଦଙ୍କ ପାଇଁ
ସୁରକ୍ଷିତ ଆମ ଦେଶ ।

■ ଦେବାଶିଷ

## ଏଥର ହୁଲସ୍ଥୁଲ ହେବ ବିଧାନସଭା

- ମୁହାଁମୁହିଁ ହେବେ ଶାସକ ଓ ବିରୋଧୀ
- ମଣ୍ଡି, ମହାନଦୀ, ପ୍ରଦୂଷଣ ପ୍ରସଙ୍ଗରେ କମ୍ପିବ ଗୃହ
- ୧୬ରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ



ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ): ଆସନ୍ତା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଥିବା ବିଧାନସଭାର ବଜେଟ ଅଧିବେଶନର ରଣନୀତି ପାଇଁ ଉଭୟ ବିରୋଧୀ ଓ ଶାସକ ଦଳ ପ୍ରସ୍ତୁତି ଜୋରଦାର କରିଛନ୍ତି। ସୋମବାର ମୁଖ୍ୟ ବିରୋଧୀ ବିଜେଡି ବିଧାୟକ ଦଳ ବୈଠକରେ ଚୂଡାନ୍ତ ରଣନୀତି ପ୍ରସ୍ତୁତ କରିବ। ଚାଷୀ, ଧାନମଣ୍ଡି, ପ୍ରଦୂଷଣ, ଆଇନ ଶୃଙ୍ଖଳା ଠାରୁ ଆରମ୍ଭ କରି ନାରୀ ନିର୍ଯାତନା ପରି ମାଳମାଳ ପ୍ରସଙ୍ଗ ଗୃହରେ ଉଠାଇବ। କଂଗ୍ରେସ ମଧ୍ୟ ଚାଷୀ ଠାରୁ ବିଜୁଳି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଜବାବ ମାଗିବ। ସେପଟେ ଶାସକ ଦଳ ବିରୋଧୀଙ୍କ ଗୋହି ଖୋଲିବାକୁ ପ୍ରସ୍ତୁତ ଥିବା କହିଛି।

ନୂଆ ରାଜ୍ୟ ସରକାରଙ୍କ ହନିମୁନ ପିରିୟଡ଼ ସରିଯାଇଛି। ତେଣୁ ୧୯ ମାସରେ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତାର ଲମ୍ବା ତାଲିକା ଧରି ଆସନ୍ତା ବଜେଟ ଅଧିବେସନ ପାଇଁ ପ୍ରସ୍ତୁତ ହେଉଛନ୍ତି ବିରୋଧି। ଗାଁ ଗାଁରେ ବିକାଶ କାମ ଠପ ହୋଇଥିବା ବେଳେ ନିର୍ବାଚନୀ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି, ପ୍ରଦୂଷଣ ସାଟିଫିକେଟ କଟକଣା, ଧାନ ମଣ୍ଡିରୁ ଧାନ ନ ଉଠିବା ଓ ଚାଷୀ ନିର୍ଯାତନାର ଶିକାର ହେବା, ମହାନଦୀ ବିବାଦ, ନାରୀ ନିର୍ଯାତନା, ଦଳିତ ଆଦିବାସୀଙ୍କ ଉପରେ ଅତ୍ୟାଚାର ଏମିତି ସରକାରଙ୍କ ବିରୋଧରେ ରହିଛି ମାଳମାଳ ପ୍ରସଙ୍ଗ। ଯାହାକୁ ଲୋକଙ୍କ ସ୍ୱର ସାଜି ବିଜେଡି ବିଧାନସଭାରେ ପ୍ରସଙ୍ଗ କରି ସରକାରଙ୍କୁ ପ୍ରଶ୍ନ କରିବ ବୋଲି କହିଛି।

ତେବେ ଲମ୍ବା ସମୟର ବଜେଟ ଅଧିବେଶନରେ ବିଜେଡି ➪ପୃଷ୍ଠା-୬


### ସହସମ୍ପାଦକ ଆବଶ୍ୟକ ସଂଚାର

ଦୈନିକ 'ସଂଚାର'' ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।



ଯୋଗାଯୋଗ

Mail :- sancharodisha@gmail.com

Whatsapp :- +91 8093008776

# ରାସ୍ତାର ଶିଳାନ୍ୟାସ, ଖର୍ଚ୍ଚ ହେବ ୪କୋଟି



**କେନ୍ଦ୍ରାପଡା,୧୪।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚଉଦକୁଲାଟ ଠାରେ ଆରଡିର ବିଭାଗର ଏକ ୪କୋଟିର ରାସ୍ତାକୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଶିଳାନ୍ୟାସ ଉଦଘାଟନ କରିଛନ୍ତି। ଚଉଦକୁଲାଟ ଗାନ୍ଧି ଛକ ଠାରୁ ବଳସାହି ଭାୟା ମୁସଲିମ ବସ୍ତି, ବେହେରା ସାହି, ସେଠୀ ସାହି, ନିଳକଣ୍ଠା ଓ ଦେବଳା ରାସ୍ତାଟି ଅତି ଶୋଚନୀତ ହୋଇ ପଡ଼ିଥିଲା। ବର୍ଷାଦିନେ ଏହି ରାସ୍ତାରେ ଯାତାୟତ କରିବା ଅସମ୍ଭବ ହୋଇଥିଲା। କେନ୍ଦ୍ରାପଡା ବିଧାୟକଙ୍କ ଉଦ୍ୟମରେ ଗ୍ରାମ୍ୟ ନିର୍ମାଣ ଡିଭିଜନ(୧) ରାସ୍ତା ୩କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ଓ ଡ୍ରେନଟି ନିର୍ମାଣ କରାଯିବ। ଏହି କାର୍ଯ୍ୟର ଶୁଭାରମ୍ଭ ବିଧାୟକଙ୍କ ଦ୍ୱାରା କରାଯାଇଛି। ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷା ଲିଲିତାଦାସ, ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ସରଂପଚ ଉମାକାନ୍ତ ମଲିକ, ବ୍ଲକ ଉପାଧକ୍ଷା ପ୍ରତାପ ଚନ୍ଦ୍ର ମହାପାତ୍ର, ବିଜେଡି ବ୍ଲକ ସଭାପତି ଆଲୋକ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ସମାଜସେବୀ ଇଂ ଦେବାଶିଷ ମହାନ୍ତି, ମହମ୍ମଦ ଇସାକ, ପୂର୍ବତନ ସରପଞ୍ଚ ରମେଶ ବାରିକ ପ୍ରମୁଖ ଶିଳାନ୍ୟାସ ଉତ୍ସରେ ଉପସ୍ଥିତ ଥିଲେ।

# ବିଜେପି ଯୁବମୋର୍ଚ୍ଚା ତରଫରୁ ବଜେଟ ୨୦୨୬କୁ ନେଇ ଯୁବ ସମ୍ମିଳନୀ



କେନ୍ଦ୍ରାପଡ଼ା, ୧୩।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଶୋଭନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଚଣ୍ଡିବଜାର ଠାରେ ଭାରତ ସରକାରଙ୍କ କେନ୍ଦ୍ର ବଜେଟ୍ ୨୦୨୬-୨୭ ସମ୍ପର୍କରେ ଯୁବମୋର୍ଚ୍ଚା ତରଫରୁ ଏକ ଯୁବ ସମ୍ମିଳନୀର ଆୟୋଜନ କରାଯାଇଥିଲା।ଏହି ସମ୍ମିଳନୀରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଅମିତାଭ ସୁଆର, ଉପ ସଭାପତି ମନିଷା ପଣ୍ଡା, ସଂପାଦିକା ଝିଲି ଦାସ ଯୋଗଦେବା ସହ ବଜେଟରେ ସାଧାରଣ ଜନତା ଙ୍କ ନିମନ୍ତେ କେନ୍ଦ୍ର ସରକାରଙ୍କର ଉପଯୋଗୀ ନୀତି, ଯୁବ, ଛାତ୍ର, ମହିଳା, କୃଷକ, ଶିଳ୍ପ, ନିଯୁକ୍ତି କ୍ଷେତ୍ରରେ ଦୂରଦର୍ଶୀତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କେଶବ ମିଶ୍ର, ସ୍ମୃତି ମଲ୍ଲ, ସଙ୍ଗମ ନାୟକ, ନଗର ସଭାପତି ଅଭିଷେକ ପଣ୍ଡା, ଶୈଳେନ୍ଦ୍ର ପାତ୍ର, ସ୍ୱାଧୀନ ସୁବର୍ଣ୍ଣ, ବାବାଜୀ ବେହେରା, ସିମାଦ୍ରି ଶେଖର ପରିଡ଼ା, ଅନିଲ ସ୍ୱାଇଁ, ବରଦା ବିଶ୍ୱାଳ, ସଚ୍ଚିଦାନନ୍ଦ ରଣ ସିଂ, ତପନ ମହାନ୍ତି, ବନ୍ଦନା ରାଉତରାୟ, ଅଜୟ ମଲ୍ଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ବଜେଟ ବିଷୟରେ ମତାମତ ରଖିଥିଲେ।ଏହି କାର୍ଯ୍ୟକ୍ରମ ରେ ବହୁ ସାଧାରଣ ଲୋକ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ସାମାଜିକ ସମରସତ୍ତା ବଜାୟ ରଖିବା ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରୟାସ



**ରାଜନଗର, ୧୪।୨(ସଂଚାର ବ୍ୟୁରୋ):** ଆଜି ରାଜନଗର ବ୍ଲକ ଅଧିନସ୍ଥ ଘଡିଆମାଳ ଗ୍ରା.ପର ନୂଆଗାଁ କୁତ୍ସିତ ଜାତିବାଦର ବିକାରତା ଅଙ୍ଗନବାଡି ସେଣ୍ଟରରେ ସୃଷ୍ଟି ହେବା ଫଳରେ, ଜାତୀୟ ସ୍ତରରେ ସନାତନ ଧର୍ମ ଓ ରାଷ୍ଟ୍ର ଲଜ୍ଜିତ ହେବାକୁ ପଡ଼ିଛି। ଏକ ଦାୟିତ୍ୱପୂର୍ଣ୍ଣ ରାଷ୍ଟ୍ରବାଦୀ ଛାତ୍ର ସଂଗଠନ ଦୃଷ୍ଟି ରୁ ଏହାର ନିରାକରଣ ପାଇଁ ନଗର ସଂପାଦକ ସୁକୁମାର ମାନ୍ନା, ସଭାପତି ଶୁଶ୍ରୁତ ତନୁଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ରାଷ୍ଟ୍ରବାଦୀ ସଂଗଠନର କାର୍ଯ୍ୟକର୍ତ୍ତା ଗ୍ରାମର ସମସ୍ତ ମୁରବୀ ଙ୍କୁ ବସାଇ ଉଭୟ ପକ୍ଷକୁ ରାଷ୍ଟ୍ର ଓ ଧର୍ମୀୟ ଏକତା ପାଇଁ ଅନୁରୋଧ କରାଯାଇଥିଲା। ଏହି ପ୍ରୟାସ ରେ କେନ୍ଦ୍ରାପଡ଼ା ସ୍ୱଦେଶୀ ଜାଗରଣ ମଞ୍ଚ ର ପ୍ରମୁଖ ମନୋରଞ୍ଜନ ମିଶ୍ର, ରଶ୍ମିରଂଜନ ସେଠୀ, ସମାଜ ସଂସ୍କାରକ ଗାୟତ୍ରୀ ପରିବାରର ପଣ୍ଡିତ ମହେଶ୍ୱର ରାଉତ, ବିଦ୍ୟାର୍ଥୀ ରାଜ୍ୟ ଉପସଭାପତି ବୈଲୋଚନ ଦାସ, ଅଧାପକ ସଞ୍ଜୟ କୁମାର ବାଗ୍, ଅଭିବକ୍ତା ପରିଷଦର ଦେବଦତ୍ତ ସେଠୀ, ସହକାରୀ ଭାରତୀର ବିକ୍ରମ କେଶରୀ ବିଶ୍ୱାଳ ପ୍ରମୁଖ ଗ୍ରାମର ଠାକୁରାଣୀଙ୍କ ପାଖରେ ସମସ୍ତଙ୍କୁ ବସାଇ ପଣ୍ଡିତ ମହେଶ୍ୱର ରାଉତ ଓ ମନୋରଞ୍ଜନ ମିଶ୍ର ସାସ୍ତ୍ରୀୟ ପ୍ରମାଣ ଉପସ୍ଥାପନା କରି ଦେଶର ଗୌରବମୟ ସାମାଜିକ ସମରସତା ର କଥା ରଖିଥିଲେ।

# ଶ୍ରୀରାମ ମନ୍ଦିରରେ ହିନ୍ଦୁ ସମ୍ମିଳନୀ



**ପଟ୍ଟାମୁଣ୍ଡାଇ,୧୪।୨(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟସ୍ୱୟଂ ସେବକ ସଂଘର ଏକଶତ ବର୍ଷ ପୂର୍ତ୍ତି ଅବସରରେ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଏକ ବିଶାଳ 'ହିନ୍ଦୁ ସମ୍ମିଳନୀ' ଶିକ୍ଷାବିତ୍ ସୁଜାତା ଦାଶଙ୍କ ସଭାପତିତ୍ୱ ଓ ସଂଚାଳନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ମୃତ୍ୟୁଞ୍ଜୟ ମଲିକଙ୍କ ସଂଯୋଜନାରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ପୂର୍ବାହ୍ନରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ଅମୃତାନନ୍ଦ ମହାରାଜ ମୁଖ୍ୟ ଅତିଥି , ସମାଜ ସେବୀ ଗୋଲେଖ ଚନ୍ଦ୍ର ବେହେରା ମୁଖ୍ୟବକ୍ତା , ସୁନାକର ବେହେରା, ଯୁଧିଷ୍ଠିର ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶର ଏକତା, ଅଖଣ୍ଡତା, ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଉଦବୋଧନ ଦେଇ ସମଗ୍ର ହିନ୍ଦୁ ସମାଜ ଐକ୍ୟ ବଦ୍ଧ ହୋଇ ମା ଭାରତୀ କୁ ପରମ ବୈଭବ ରାଷ୍ଟ୍ରରୂପେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ ।

## ପାଟକୁରା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡି କର୍ମୀ ସମାବେଶ

# ବିଧାୟକଙ୍କୁ ନିଲମ୍ବନ ଆଦେଶକୁ ସ୍ୱାଗତ

## ବିଧାୟକ ଗୋଷ୍ଠୀକୁ ବାଦ ଦେଇ ବିଜେଡ଼ି ସଂଗଠନକୁ ଦୃଢ଼ କରାଯିବ



**ଡେରାବିଶ,୧୪।୨ (ସଂଚାର ବ୍ୟୁରୋ):** ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ପଡ଼ିଆରେ ଆଜି ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡ଼ି କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକ ମୋଟ ୫୧ଟି ପଞ୍ଚାୟତରୁ ହଜାର ହଜାର ବିଜେଡ଼ି କର୍ମୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମାବେଶରେ ଡେରାବିଶ ବ୍ଲକ ଉପାଧକ୍ଷ ତଥା ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମଞ୍ଚରେ ଅତିଥିଭାବରେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡ଼ି ସଭାପତି ଶିବ ପ୍ରସାଦ ଭୋଳ, ଜିଲ୍ଲ ବିଜେଡ଼ି ଯୁବସଭାପତି ରାଜେଶ ଦାସ, ମାର୍ଶାଘାଇ ବ୍ଲକ ଉପାଧକ୍ଷ ଉର୍ମିଳା ମହାନ୍ତି, ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରଥ, ସତ୍ୟାନନ୍ଦ ରାଉତ, ଧନେଶ୍ୱର ସେଠୀ, ଅରବିନ୍ଦ ମଳିକ ଓ ଏଲିଜା ସ୍ୱାଇଁ ମଞ୍ଚାସୀନ ହୋଇଥିଲେ। ଯୁବ ବିଜେଡ଼ି ନେତା ମନିନ୍ଦ୍ର ପ୍ରସାଦ ରଥ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିଜୁବାବୁଙ୍କ ଦୟାରୁ ରାଜନେତା ପାଲଟିଥିବା ବିଜୟ ମହାପାତ୍ର ୧୯୯୫ ମସିହାରେ ବିଜୁବାବୁଙ୍କୁ ବିଶ୍ୱାସଘାତକତା କରିଥିବା ବେଳେ ୨୯ ବର୍ଷ ପରେ ତାଙ୍କ ପୁଅ ଅରବିନ୍ଦ ନବୀନ ପଟ୍ଟନାୟକଙ୍କ ସହ ବିଶ୍ୱାସ ଘାତକତା କରିଥିବା କହିଥିଲେ। ମଞ୍ଚାସୀନ ଅତିଥି ମାର୍ଶାଘାଇ ବ୍ଲକ ଉପାଧକ୍ଷା ଶ୍ରୀମତୀ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଶ୍ରୀ ରାଉତ, ଶ୍ରୀ ମଲିକ, ଶ୍ରୀମତୀ ଏଲିଜା ସ୍ୱାଇଁଙ୍କ ସମେତ ଡେରାବିଶ ବ୍ଲକ ବିଜେଡ଼ିର ଛାମୁଆ ନେତା ତଥା ସମାଜସେବୀ ଅଟଳ ଜେନା, ବୈଷ୍ଣବ ଚରଣ ସାହୁ, ଶ୍ରୀମନ୍ତ ରାଉତରାୟ, ଗରଦପୁର ବ୍ଲକ ତଳକୁସୁମା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସାହୁ, ଗରଦପୁର ସମିତିସଭ୍ୟ ଦିଲ୍ଲୀପ ପଣ୍ଡା, ପ୍ରମୁଖ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରୁ ଦଳୀୟ ଟିକେଟ ପାଇ ଜିତିଲାପରେ ଦଳର କର୍ମୀ ଓ ଜନସାଧାରଣଙ୍କୁ ଅବହେଳିତ ନିଷ୍ପେଷିତ ହେବା ସହ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିଲେ। ଦୀର୍ଘ ୨୦ ମାସ ହେଲା ବିଧାୟକ ଶ୍ରୀ ମହାପାତ୍ର, ବିଜୟ ମହାପାତ୍ରଙ୍କ କର୍ମୀମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଉଥିଲେ। ତେଣୁ ବିଜେଡ଼ି ସଭାପତି ବିଧାୟକ ଶ୍ରୀ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିବା ନିଷ୍ପତିକୁ ସ୍ୱାଗତ କରୁଛୁ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଜିଲ୍ଲା ବିଜେଡ଼ି ଯୁବ ସଭାପତି ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ୨୪ ବର୍ଷ ଧରି ନବୀନଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଓଡ଼ିଶାବାସୀ ତଥା ପାଟକୁରାବାସୀ ଏବଂ ବିଜେଡ଼ି କର୍ମୀମାନେ ଶୃଙ୍ଖଳିତ ଭାବରେ କାର୍ଯ୍ୟ କରି ଆସୁଥିବା ବେଳେ ୨୪ ବର୍ଷ କାଳ ଯେଉଁ ବିଜୟ ମହାପାତ୍ର ବିଜେଡ଼ିର ପ୍ରତିଦ୍ୱନ୍ଦ୍ୱୀ ଭାବେ ଲଢ଼ି ପରାଜୟ ସ୍ୱିକାର କରି ଆସୁଥିଲେ ତାଙ୍କ ପୁଅ ରବିନ୍ଦଙ୍କ ଉପରେ ବିଶ୍ୱାସ ରଖି ବିଧାୟକ ଭାବେ ଜିତାଇ ଆଣିବା ପରେ ବିଜେଡ଼ିର ତୃଣମୂଳସ୍ତରର କର୍ମୀ ଅବହେଳିତ ହୋଇ ଆସୁଥିଲେ। ଏବେ ଶ୍ରୀ ମହାପାତ୍ରଙ୍କ ନିଲମ୍ବନ ଆଦେଶକୁ ଆମେ ସ୍ୱାଗତ କରିବା ଏବଂ ଯେଉଁ ନବୀନ ପଟ୍ଟନାୟକ ଆମ ବିପଦ ସମୟରେ ସାହାଯ୍ୟ କରୁଥିଲେ ଆମ୍ଭେ ତାଙ୍କ ସହ ରହିଛୁ ଓ ଭବିଷ୍ୟତରେ ରହିବୁ ବୋଲି କହିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ରଥ ନବୀନବାବୁ ଜଣେ ଦରଦୀ ହୃଦୟର ବ୍ୟକ୍ତି ଭାବରେ ସାଧାରଣ ଲୋକଙ୍କ ହୃଦୟରେ ଅଛନ୍ତି।

## କେନ୍ଦ୍ରାପଡା କଲେଜ ବାଣିଜ୍ୟ ବିଭାଗ ଜାତୀୟ ସମ୍ମାନ ଉଦ୍‌ଯାପିତ

# ଚାକିରି ପାଇଁ ଯୋଗ୍ୟତା ନୁହେଁ, ଦକ୍ଷତା ବେଶୀ ଆବଶ୍ୟକ





**କେନ୍ଦ୍ରାପଡ଼ା,୧୪।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ଓ ପରିଚାଳନା ବିଭାଗ ପକ୍ଷରୁ "ବାଣିଜ୍ୟ ଦୋଛକିରେ: ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଓ ଧାରଣୀୟ ବିକାଶର ଅନ୍ତଃବିଭାଗୀୟ ଦୃଷ୍ଟିକୋଣ(କମର୍ସ ଆଟ୍ ଦ କ୍ରସରୋଡସ ଇର ଡିସପ୍ଲିନାରୀ ପ୍ରସପେକ୍ଟିଭ ଅଫ କମର୍ସ, ଟେକନୋଲୋଜି ଆଣ୍ଡ ସଷ୍ଟେନବିଲିଟି)" ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମାନ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସମ୍ମାନର ଯୁଗ୍ମ ସାଂଗଠନିକ ସମ୍ପାଦକ ଅଧାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମାନକୁ ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ରେଜିଷ୍ଟ୍ରାର ଏବଂ ଗଙ୍ଗାଧର ମେହେର ମହାବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ମଳୟ କୁମାର ମହାନ୍ତି ଉଦଘାଟନ କରି କହିଲେ ଚାକିରୀ ପାଇଁ ଯୋଗ୍ୟତା ପରିବର୍ତ୍ତେ ଦକ୍ଷତାର ଆବଶ୍ୟକତା ବେଶୀ। ବାଣିଜ୍ୟ ସର୍ବାଧାର ଏବଂ ବାଣିଜ୍ୟ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୃଜନର ପୃଷ୍ଟଭୂମି ହେବା ଆବଶ୍ୟକ। ମୁଖ୍ୟବକ୍ତା ଭାବେ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରାଧାପକ ଡ. ସୁନିଲ କୁମାର ଧଳ ଯୋଗଦେଇ ବାଣିଜ୍ୟ ଓ ପ୍ରଯୁକ୍ତିବିଜ୍ଞାନ କିପରି ପରସ୍ପର ନିର୍ଭରଶୀଳ ତାହା ବର୍ଣ୍ଣନା କରିଥିଲେ। ସମ୍ମାନିତ ବକ୍ତା ଭାବେ କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରାକ୍ତନ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଗିରିଶ ଚନ୍ଦ୍ର ପାତ୍ର ଯୋଗଦେଇ ପରିର୍ବନ ହିଁ ସ୍ଥିର ଏବଂ ନିଯୁକ୍ତି ସୃଜନ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରାଧାପକ ଡ. ପ୍ରଦ୍ୟୋତ କେଶରୀ ପ୍ରଧାନ ଆବର୍ଜ୍ଜନା ପରିଚାଳନା ଓ ଧାରଣୀୟ ବିକାଶ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପକ ଡ. ସୁରେଶ ଚନ୍ଦ୍ର ଦାସ ଦୁଇଦିନିଆ ସମ୍ମାନର ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଏହି ଦୁଇଦିନିଆ ସମ୍ମାନରେ ୩ଟି ବୈଷୟିକ ଅଧିବେଶନ ସମେତ ବାଣିଜ୍ୟ ବିଭାଗ ବିଶେଷଜ୍ଞମାନଙ୍କ ମଧ୍ୟରେ ସଂପୃକ୍ତ ବିଷୟବସ୍ତୁ ଉପରେ ଏକ ସାରଗର୍ଭକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ସରପଞ୍ଚଙ୍କ ମହାନତା ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ମେଡିକାଲରେ ପହଞ୍ଚାଇଲେ



**ମହାକାଳପଡ଼ା,୧୪।୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବାରଡାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଛପାଲିଗୋଡା ନିକଟରେ ଆଜି ଏକ ଗାଡ଼ି ଦୁର୍ଘଟଣାରେ ବାରଡାଙ୍ଗ ଗ୍ରାମର ଦୁଇ ଯୁବକ ଗୁରୁତର ଆହତ ହୋଇଥିଲେ। ଖବର ପାଇ ବାରଡାଙ୍ଗ ପଞ୍ଚାୟତର ସରପଞ୍ଚ ଅରବିନ୍ଦ ଜେନା ଘଟଣାସ୍ଥଳକୁ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ଆହତ ଦୁଇ ଯୁବକଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ସେଠାରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଏସସିବି ମେଡିକାଲ କଟକକୁ ରେଫର କରାଯାଇଥିଲା। ଏହି ଦୁର୍ଘଟଣା ଖବର ପ୍ରସାର ପରେ ସମଗ୍ର ଅଞ୍ଚଳରେ ଚିନ୍ତା ଓ ଶୋକର ପରିବେଶ ଦେଖାଦେଇଛି। ସ୍ଥାନୀୟ ଲୋକମାନେ ଓ ପରିବାରବର୍ଗ ଆହତ ଯୁବକମାନଙ୍କ ଶୀଘ୍ର ସୁସ୍ଥତା ପାଇଁ ପ୍ରାର୍ଥନା କରୁଛନ୍ତି। ସରପଞ୍ଚଙ୍କ ଏହି ଉଦ୍ୟମକୁ ଅଞ୍ଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି।

# ଦୁବାଇରେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ



**କେନ୍ଦ୍ରାପଡା, ୧୪।୨(ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ ମେଣ୍ଟପୁର ପଞ୍ଚାୟତ କଣ୍ଟିପୁର ଗ୍ରାମର ଜଣେ ଯୁବକ ଦୁବାଇ କୁ ପାଣିପାଇପ ଶ୍ରମିକ ଭାବେ କାମ କରିବାକୁ ଯାଇ ଏକ ସଡ଼କ ଦୁର୍ଘଟଣା ରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଳି ଥାନା କଣ୍ଟିପୁର ଗ୍ରାମର କଳ୍ପତରୁ ସାହୁଙ୍କ ବଡ଼ପୁଅ ଅନନ୍ତ କୁମାର ସାହୁ (୩୬) ଦୁଇବର୍ଷ ତଳେ ଦୁବାଇ କୁ ଏକ ଘରୋଇ କମ୍ପାନୀ ରେ ପାଣିପାଇପ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଗତ ଜାନୁଆରୀ ମାସ ୨୨ ତାରିଖ ଠାରୁ ତାଙ୍କର କିଛି ପତ୍ତା ମିଳୁନଥିଲା। ପରିବାର ଲୋକେ ଏ ନେଇ ଆଳି ଥାନା ରେ ଅଭିଯୋଗ କରିଥିଲେ। ଚଳିତ ଫେବୃଆରୀ ମାସ ୪ ତାରିଖରେ ଅନନ୍ତ ଏକ ସଡ଼କ ଦୁର୍ଘଟଣା ରେ ପ୍ରାଣ ହରାଇଥିବା ଜଣାପଡ଼ିଥିଲା। ତାଙ୍କର ମୃତ୍ୟୁ ଖବର ପାଇ ପରିବାର ଲୋକେ ପୁଅ କୁ ଶେଷ ଥର ଦେଖିବା ପାଇଁ ମୃତ ଶରୀର ପାଇବାକୁ ବହୁ ଅସୁବିଧା ର ସମ୍ମୁଖୀନ ହୋଇଥିଲେ। ବିଜେପି ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସହଯୋଗ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରଶାସନିକ ଉଦ୍ୟମ କ୍ରମେ ଆଜି ଅନନ୍ତ ଙ୍କ ମରଶରୀର ତାଙ୍କ ଜନ୍ମସ୍ଥାନ ରେ ପହଞ୍ଚିଥିଲା।

# ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ କମ୍ୟୁନିଟି ପୁଲିସିଂ କାର୍ଯ୍ୟକ୍ରମ





**ମହାକାଳପଡ଼ା, ୧୪।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୁଲିସ ଓ ଜମ୍ବୁ ସାମୁଦ୍ରିକ ଥାନା ଆନୁକୂଲ୍ୟରେ ଲୁଣି ମାଠିଆ ପଡ଼ିଆରେ କମ୍ୟୁନିଟି ପୁଲିସିଂ କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଯାଇଛି। ଏହି ଅବସରରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଶାସନ, ପୁଲିସ ଅଧିକାରୀ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ଯୁବମାନଙ୍କୁ କ୍ରୀଡ଼ା ଓ ସାମାଜିକ କାର୍ଯ୍ୟରେ ଆଗୁଆ ହେବା ସହ ଅପରାଧ ଓ ନଶାଦ୍ରବ୍ୟରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ ପୁଲିସ ଅଧିକାରୀମାନେ। ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସ ଓ ସହଯୋଗ ବୃଦ୍ଧି ପାଇଁ ଏପରି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ କହିଥିଲେ। କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଦ୍ଧାର୍ଥ କଟ୍ଟରିଆ, ଜମ୍ବୁ ସାମୁଦ୍ରିକ ଥାନା ଆଇଆଇସି ଅନିତା ସ୍ୱାଇଁ, ଏସଆଇ ଆଲୋକ ରଥ, ଗୃହରକ୍ଷୀ ରାକେଶ ବାରିକ, ବାବୁଜୀ ପଲାଇ, ସଦାଶିବ ମଲ୍ଲିକ, ରଶ୍ମିରଞ୍ଜନ ମଣ୍ଡଳଙ୍କ ସମେତ ରାମନଗର ସରପଞ୍ଚ ମିଳନ ଦେବନାଥ ଉପସ୍ଥିତ ଥିଲେ।

# ନିର୍ମାଣ ହେବ କୁଶାଇଲୋ ରାସ୍ତା, ବିଧାୟକ କଲେ ଶିଳାନ୍ୟାସ



**ରାଜନଗର,୧୪।୨(ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ସାନବଡ ଗୋପାଳପୁର ଠାରୁ କୁଶାଇଲୋ ଯାଏଁ ୫ କିମି ୫୦୦ ମିଟର ରାସ୍ତା ନିର୍ମାଣ ହେବ। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ତ୍ରିନାଥବଜାର ଠାରୁ ଆରମ୍ଭ ହୋଇ ଜଗନ୍ନାଥପୁର, ଗର୍ଜନପୁର, ଗୋସିଗାଁ, ନୁରୁଗାଁ, ଭାଟପଡ଼ା ଦେଇ କୁଶାଇଲୋ ଯାଏଁ ରାସ୍ତା ନିର୍ମାଣ ହେବ। ୬ କୋଟି ୧୮ ଲକ୍ଷ ୧୬ ହଜାର ୩୧୫ ଟଙ୍କା ବେୟରେ ଏହି ରାସ୍ତା ନିର୍ମାଣ ହେବ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରତିଭା ପାତ୍ର, ସରପଞ୍ଚ ଅଶୋକ କୁମାର ମହାନ୍ତି, ନିରଞ୍ଜନ ରାଉତ, ଶୈଳେନ୍ଦ୍ର କୁମାର ମିଶ୍ର, ଦିଲ୍ଲୀପ କୁମାର ରାଉତ, କୈଳାସ ଚନ୍ଦ୍ର ପରିଡ଼ା, ରଂଜନ କୁମାର ମହାନ୍ତି, ରାକେଶ କୁମାର ନାୟକ, ବିଜୟ କୁମାର ନାୟକ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲ୍ଲିକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମି ରଞ୍ଜିତା ସ୍ୱାଇଁ, ପ୍ରମୋଦ କୁମାର ପ୍ରଧାନ, ଶ୍ରୀକାନ୍ତ କୁମାର ପ୍ରଧାନ, କଳ୍ପତରୁ ଜେନା, ରଶ୍ମିରଞ୍ଜନ ସାହାଣୀ, ସର୍ବେଶ୍ୱର ମହାନ୍ତି, ପରମେଶ୍ୱର ଦାସ, ଧର୍ମାନନ୍ଦ ପରିଡ଼ା, ଗୁରୁ ଚରଣ ବଳ ପ୍ରମୁଖ ଯୋଗ ଦେଇଥିଲେ। ବନବିଭାଗ କାର୍ଯ୍ୟଳୟ ଠାରୁ ଶୋଭାଯାତ୍ରାରେ ବିଧାୟକଙ୍କୁ କର୍ମୀମାନେ ପାଛୋଟି ଆଣିଥିଲେ।

## କଲେଜରେ ବିଜ୍ଞାନ ସମାଜ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ,୧୪।୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କଲେଜ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରହିତ୍ୟ ଓ ଗଣିତ ବିଭାଗ ମୁଖ୍ୟ ଅଧାପକ ଅରବିନ୍ଦ ପାଣ୍ଡବଙ୍କ ସଂଯୋଜନାରେ ଆୟୋଜିତ ବାର୍ଷିକ ଉତ୍ସବରେ ପ୍ରସିଦ୍ଧ ବୈଜ୍ଞାନିକ ଡ଼ ସୁଧାକର କର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜ୍ଞାନର ଗତି ଓ ସାମ୍ପ୍ରତିକ ପ୍ରଗତି ଉପରେ ଆଲୋକପାତ କରିଥିଲେ । କଲେଜ ଅଧକ୍ଷ ପ୍ରଫେସର ପାତ୍ର ସ୍ୱାଗତଭାଷଣ ଓ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ଼ ଅଞ୍ଜଳି ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ବିଭିନ୍ନ ପ୍ରତିଯୋଗିତା ର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଉତ୍ସବ ରେ ବିଜ୍ଞାନସମାଜ ଉପସଭାପତି ଡ ରମେଶ କୁମାର ସାହୁ, ସହ ଉପ ସଭାପତି ଡ ସୁନିଲ ପ୍ରଧାନ,ସତ୍ୟରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇ ଭାଷଣ ଦେଇଥିଲେ ଶେଷରେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ଼ ସୁନୀଲ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ରାଜ୍ୟ ବାହାରକୁ ଧାନ ଚାଲାଣ



**ମହାକାଳପଡ଼ା,୧୪।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରୁ କୋଲକାତା, ଆନ୍ଧ୍ରପ୍ରଦେଶ, ରାୟପୁର, ଛତିଶଗଡ, ମଧ୍ୟପ୍ରଦେଶ, ବିହାର, ସିକିମ ଓ ନାଗାଲାଣ୍ଡ ଆଦି ରାଜ୍ୟକୁ ମୋଟା ଓ ବାସ୍‌ମତି ଧାନ ବଡ଼ ବଡ଼ ଟ୍ରକ୍ ଓ କଣ୍ଟେନରରେ ଚାଲାଣ କରାଯାଉଛି। ଜମ୍ବୁ -ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧ ଗୋପାଳପୁର, ବାଲିଗୋଡା, ରାମଚଣ୍ଡୀ ମନ୍ଦିର ସଂଲଗ୍ନ, ଖରିନାସି, ରାମନଗର, ପେଟଛେଲା, ଜମ୍ବୁ, ବାବର, ବିଜୟନଗର, ଓରତ, ଡିଖିରୀ ଓ ଯଦୁପୁର ପ୍ରମୁଖ ଅଞ୍ଚଳରୁ ଧାନ ଚାଲାଣ ହେଉଛି ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି । ସମବାୟ ସମିତିରେ ଭାଗ ଚାଷୀମାନଙ୍କୁ ଧାନ ବିକ୍ରିକରିବା ପାଇଁ ଜମି ମାଲିକମାନେ ପଞ୍ଜୀକରଣ ପାଇଁ ସୁଯୋଗ ନ ଦେବାରୁ ଭାଗ ଚାଷୀ ଓ ଉପକୂଳ ଅଞ୍ଚଳର ଚାଷୀମାନେ ବାଧହୋଇ ବାହାର ରାଜ୍ୟର ସ୍ଥାନୀୟ ଦଲାଲ ମାଧ୍ୟମରେ ଧାନ ବିକ୍ରି କରିଥାନ୍ତି। ବୁଦ୍ଧିଜୀବୀ ତଥା ସାମାଜିକ କର୍ମୀ ନରୋତ୍ତମ ପାର୍ଥ ସାରଥି ଓ କୃଷକ ମୂଲିଆ ସଂଘ ନେତା ଅଙ୍କୁର ପଲାଇଙ୍କ କହିବା କଥା ଚାଷୀମାନଙ୍କ ଧାନ ବିକ୍ରିବଟା ପାଇଁ ରାଜ୍ୟ ସରକାର ଟାଳଟୁଳ ନୀତି ଯୋଗୁ ଚାଷୀମାନେ ବାଧ ହୋଇ ଅଭାବୀ ବିକ୍ରି କରୁଥିବା ଅଭିଯୋଗ ଉଠାଇଛନ୍ତି।

## କହ୍ନେଇଲାଲ ଜୀୟୁଙ୍କ ମେଲଣ ବୈଠକ

# ପାଟକୁରା ଅଞ୍ଚଳବାସୀଙ୍କ ସର୍ବସ୍ୱ ପ୍ରଭୁ କହ୍ନେଇଲାଲ



**ଗରଦପୁର,୧୪।୨(ସଂଚାର ବ୍ୟୁରୋ):** ପାଟକୁରା ଅଞ୍ଚଳର ସର୍ବ ପୁରାତନ ପ୍ରଭୁ ଶ୍ରୀକୃଷ୍ଣଙ୍କ ମନ୍ଦିର ଯାହା କହ୍ନେଇଲାଲ ଜୀୟୁଙ୍କ ନାମରେ ବିରାଜମାନ କରିଛନ୍ତି।କହ୍ନେଇଲାଲ ଜୀୟୁଙ୍କ ଅନେକ କିମ୍ବଦନ୍ତୀ ରହିଛି ଯଦି ଆମେ ଥରେ ଆସି ଏହି ମନ୍ଦିରେ ପ୍ରଭୁଙ୍କ ଚରଣରେ ମୁଣ୍ଡ ନୁଆଇଁ ନିଜକୁ ସମର୍ପଣ ଭାବରେ ନିଜକୁ ସମର୍ପଣ ନକରିଛେ ସେ ସେପର୍ଯ୍ୟନ୍ତ ଆମେ ଅନୁଭବ କରିପାରିବା ନାହିଁ ପ୍ରଭୁଙ୍କ ମହିମା। କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ପାଟକୁରା ଗ୍ରାମରେ କାହୁଁ କେତେକାଳରୁ ଭବ୍ୟ ମନ୍ଦିର ମଧ୍ୟରେ ପୂଜା ପାଇ ଆସୁଛନ୍ତି ପ୍ରଭୁ ଶ୍ରୀ ଶ୍ରୀ କହ୍ନେଇଲାଲ ଜୀୟୁ।ଏହି ମନ୍ଦିର ମଧ୍ୟରେ ପୂଜା ପାଉଥିବା ପ୍ରଭୁ କହ୍ନେଇଲାଲ ସ୍ୱପ୍ନରେ ଆସିବା ପରେ ପବିତ୍ର ଚିତ୍ରୋତ୍ପଳା ନଦୀରୁ ଅଭିର୍ଭାବ ହେବା ହୋଇ ଏକ ଭବ୍ୟ ଦିବ୍ୟ ମନ୍ଦିର ତୋଳାଯାଇ ସେହି ମନ୍ଦିରରେ ପ୍ରଭୁଙ୍କୁ ବିରାଜ ମାନ କରାଯାଇ ପୂଜା ପାଉଛନ୍ତି ବୋଲି ପୂର୍ବ ପୁରୁଷ ମାନଙ୍କ ଠାରୁ ଯାହା ଶୁଣିବାକୁ ମିଳିଛି।ପ୍ରଭୁ କହ୍ନେଇଲାଲ ଜୀୟୁଙ୍କ ଅପାର କରୁଣା ରହିଛି।ପାଟକୁରା ବାସୀଙ୍କର ପ୍ରାଣର ଠାକୁର।ଯେଉଁ ମାନସିକ କରନ୍ତି ପ୍ରଭୁ ତାହାକୁ ଶୀଘ୍ର ପୂରଣ କରିଥାନ୍ତି ବୋଲି ବରିଷ୍ଠ ଗ୍ରାମବାସୀ ମାନେ ନିଜର ଅନୁଭୂତି ବ୍ୟକ୍ତ କରିଛନ୍ତି। ଏହା ସହ ବାରମାସରେ ତେର ପର୍ବ ରୀତି ନୀତି ଅନୁଯାଇ ପାଳନ କରାଯାଇଥାଏ ଏହି ମନ୍ଦିରରେ। ଖାଲି ସେତିକି ନୁହେଁ ଏଠି ଦେଖିବାକୁ ମିଳେ ହରିହରଙ୍କ ଅପୂର୍ବ ମିଳନ।କହ୍ନେଇଲାଲ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ପ୍ରଭୁ ମହାଦେବଙ୍କ ସୁନ୍ଦର ମନ୍ଦିର ରହିଛି ପ୍ରତି ବର୍ଷ ମଧ ଏହି ଶିବ ମନ୍ଦିରରେ ଯଜ୍ଞ ନାରାୟଣଙ୍କ ଘୃତ ଯଜ୍ଞ ବହୁ ଆଡମ୍ବର ସହକାରେ ପାଳନ କରାଯିବା ସହ ଏକ ମିନା ବଜାର, ଭଜନ ସମାରୋହ ଓ ପ୍ରତେକ ଦିନ ଶହ ଶହ ସଂଖ୍ୟାରେ ପ୍ରଦାସ ସେବନର କାର୍ଯ୍ୟକ୍ରମ ହୋଇଥାଏ ଯାହା ମନଭରୀ ଉପଭୋଗ କରିବା ପାଇଁ ଅନେକ ଭକ୍ତ ମାନେ ଭିଡ଼ ଜମେଇ ଥାଆନ୍ତି। ଏହା ଛଡା କହ୍ନେଇଲାଲ ଜୀୟୁଙ୍କ ମୁଖ୍ୟ ଉତ୍ସବ ହେଉଛି ଦୋଳ ମେଲଣ।

# ପୁଲୱାମା ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା,୧୪।୨(ସଂଚାର ବ୍ୟୁରୋ):** ସାମାଜିକ ସଂଗଠନ ଜୟ ରାଷ୍ଟ୍ର ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ପୁଲୱାମା ଶହିଦଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗରାପୁର କାଳୀଛକ ସ୍ଥିତ ଗୋପାଳଜୀଉ ମନ୍ଦିରରେ ପୁଲୱାମାରେ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ପୁଲୱାମାରେ ସହିଦ୍ ହୋଇଥିବା ୪୦ ଜଣ ବୀର ଯବାନଙ୍କ ବଳିଦାନ ଦେଶବାସୀଙ୍କ ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଉପସ୍ଥିତ ବକ୍ତା ମତବ୍ୟକ୍ତ କରିଥିଲେ। ଜୟ ରାଷ୍ଟ୍ରର ଉପାଧକ୍ଷ ବିରେନ୍ଦ୍ର ଦାସଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତିସଭାରେ ରାଜେନ୍ଦ୍ର ମହାପାତ୍ର, ରୀନାରାଣୀ ଦାସ, ନମିତା ଜେନା, ନିରଞ୍ଜନ ମହାରଣା, ବିଶ୍ୱରଞ୍ଜନ ଜେନା, ରଶ୍ମି ରଞ୍ଜନ ସ୍ୱାଇଁ, ଜ୍ଞାନ ରଞ୍ଜନ ଦାସ, ମଳୟ ସାହୁ, ସୁଶାନ୍ତ ନାୟକ, ସରୋଜ ରାଉତ, ଅଚ୍ୟୁତାନନ୍ଦ ସ୍ୱାଇଁ, ସତ୍ୟରଞ୍ଜନ ବିଶ୍ୱାଳ, ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ୨୦୧୯ ଫେବ୍ରୁୟାରୀ ୧୪ ତାରିଖରେ ଜମ୍ମୁ କାଶ୍ମୀରର ପୁଲୱାମା ଠାରେ ଆତଙ୍କବାଦୀ ଆକ୍ରମଣରେ ୪୦ ଜଣ ଭାରତୀୟ ଯବାନ ବୀରଗତି ପ୍ରାପ୍ତ ହୋଇଥିଲେ।

### ଆଜି ମହାଶିବରାତ୍ରୀ

## ଭୋର ୪ରେ ଉଠିବ ବାବା ଲୋକନାଥଙ୍କ ମହାଦୀପ




**ପୁରୀ,୧୪।୨(ସଂଚାର ବ୍ୟୁରୋ):** ଆସନ୍ତାକାଲି ସମଗ୍ର ରାଜ୍ୟରେ ପାଳନ ହେବ ପବିତ୍ର ମହାଶିବରାତ୍ରୀ। ଏହି କ୍ରମରେ ପୁରୀର ପ୍ରସିଦ୍ଧ ଲୋକନାଥ ପୀଠରେ ମହାଶିବରାତ୍ରୀ ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏଠାରେ ଭୋର ୪ଟାରେ ମହାଦୀପ ଉଠିବ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ସହ ଭକ୍ତମାନେ କିପରି ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ଦର୍ଶନ କରିପାରିବେ, ସେନେଇ ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରାଯାଇଛି। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସପି ପ୍ରତୀକ ସିଂ ଲୋକନାଥ ମନ୍ଦିରରେ ପହଞ୍ଚି ଇତିମଧ୍ୟରେ ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିସାରିଛନ୍ତି। ଲୋକନାଥ ମନ୍ଦିରରେ ଜାଗର ଅବସରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥାରେ ସାମିଲ ହେବାକୁ ଚାହୁଁଥିବା ଭକ୍ତମାନଙ୍କ ପାଇଁ ଟିକେଟ ବ୍ୟବସ୍ଥା କରାଯାଇଛି। ରବିବାର ଜାଗର ଯାତ୍ରା ପଡୁଥିବାରୁ ରାତ୍ର ୧୨.୩୦ରୁ ଦ୍ୱାର ଫିଟା ସହ ପ୍ରଭୁ ଲୋକନାଥଙ୍କର ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହେବ। ଏହାପରେ ଭୋର ୫ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ରାତ୍ର ୧୦ଟା ପର୍ଯ୍ୟନ୍ତ ଚାଲିବ। ରାତି ୩ଟାରେ ହରିହର ଭେଟ, ଭୋଗ ସମ୍ପନ୍ନ ପରେ ବଡ଼ସିଂହାର ବେଶ କରାଯାଇ ଭୋର ୪ ଟାରେ ମହାଦୀପ ଉଠିବ।

### ଯାଜପୁର ଏନ୍‌ସି ହାଇସ୍କୁଲ ପ୍ଲାଟିନମ୍ ଜୁବିଲି

## ଛାତ୍ରଛାତ୍ରୀଙ୍କୁ ଲାଇଫ ସ୍କିଲ୍ ଶିଖାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



**ଯାଜପୁର,୧୪।୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲା ବ୍ୟାସନଗରସ୍ଥିତ ପିଏମ୍ ଶ୍ରୀ ହାଇସ୍କୁଲ ଏନ୍‌ସି ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ ବର୍ଷ ପୂର୍ତ୍ତି ଅବସରରେ

### ଗୁଣାତ୍ମକ ଶିକ୍ଷାର ମଡେଲ ଭାବେ ବିକଶିତ ହେବ ସ୍କୁଲ

ଅନୁଷ୍ଠିତ ପ୍ଲାଟିନମ୍ ଜୁବିଲି ସମାରୋହରେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବିଦ୍ୟାଳୟର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯାହାସବୁ ଆବଶ୍ୟକତା ଅଛି, ସେସବୁ ଏକ ବ୍ୟବସ୍ଥିତ ଯୋଜନା ମାଧମରେ ପୂରଣ କରାଯିବ। ଆଜିର ଉତ୍ସବ ଐତିହାସିକ। ୧୯୪୫ରେ ପ୍ରତିଷ୍ଠା ପରଠାରୁ ବିଦ୍ୟାଳୟଟି ଦାୟିତ୍ୱବାନ ନାଗରିକଙ୍କ ପିଢ଼ି ଗଢ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଯାଜପୁର ଜିଲ୍ଲାରେ ଶିକ୍ଷାର ଏକ ଦୃଢ଼ ସ୍ତମ୍ଭ ହୋଇଛି। ଏହି ଅନୁଷ୍ଠାନ ଅଞ୍ଚଳର ଶିକ୍ଷାଗତ ଦୃଶ୍ୟପଟରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ପିଏମ୍‌ଶ୍ରୀ ଯୋଜନାରେ ସ୍କୁଲକୁ ସାମିଲ କରାଯାଇଥିବାରୁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାକୁ ଆଧୁନିକ ଭିତ୍ତିଭୂମି, ଡିଜିଟାଲ୍ ଶ୍ରେଣୀଗୃହ ଓ ସ୍ମାର୍ଟ ଶିକ୍ଷା ସୁବିଧା ସମ୍ପନ୍ନ ଏକ ଆଦର୍ଶ ପ୍ରତିଷ୍ଠାନ ଭାବେ ବିକଶିତ କରାଯାଉଛି। ଏହି ସ୍କୁଲ ଆଧୁନିକ ସୁବିଧା ସହ ଗୁଣାତ୍ମକ ଶିକ୍ଷାର ଏକ ମଡେଲ ଭାବେ ଉଭା ହେବ ଏବଂ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେବ। ଶିକ୍ଷାର ଉଦ୍ଦେଶ୍ୟ କେବଳ ମାର୍କ ରଖିବା କିମ୍ବା ନିଯୁକ୍ତି ସୃଷ୍ଟି ନୁହେଁ, ଏହା ପିଲାମାନଙ୍କ ଚରିତ୍ର ଗଠନ ଓ ସେମାନଙ୍କୁ ବିଭିନ୍ନ ଜୀବନ କୌଶଳ ବା ଲାଇଫ ସ୍କିଲ ଶିଖାଇବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଜାତୀୟ ଶିକ୍ଷା ନୀତି-୨୦୨୦ ବିଷୟରେ ଉଲ୍ଲେଖ କରି ପିଲାମାନଙ୍କ ସୃଜନଶୀଳତା, ଦକ୍ଷତା, ନିଷ୍ପତ୍ତି ଗ୍ରହଣ କ୍ଷମତା ଏବଂ ସମସ୍ୟା ସମାଧାନ ଦକ୍ଷତା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ମତ ବ୍ୟକ୍ତ କରିଛନ୍ତି।

ଆତ୍ମବିଶ୍ୱାସ ସଫଳତାର ଚାବିକାଠି। ତେଣୁ ଛାତ୍ରଛାତ୍ରୀମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ କର୍ତ୍ତବ୍ୟ, ସମର୍ପଣ ଏବଂ ନିଷ୍ଠାକୁ ଜୀବନ ଦର୍ଶନ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ମାଟ୍ରିକ୍ ପରୀକ୍ଷା ପାଖେଇ ଆସୁଥିବାରୁ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇବା ସହ ଚାପ ବଦଳରେ ଧୈର୍ଯ୍ୟ ସହକାରେ ପ୍ରସ୍ତୁତି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପରୀକ୍ଷା ପେ ଆଲୋଚନା'ରେ ପରାମର୍ଶ ଦେଇଥିଲେ।

ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସର୍ବାଧିକ ବଜେଟ ବ୍ୟୟବରାଦ ସହ ଶିକ୍ଷାକୁ ପ୍ରାଥମିକତା ଦେଇଛି। ସେ ଉଲ୍ଲେଖ କରିଛନ୍ତି ଯେ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ୪୫ ହଜାର ସ୍କୁଲରେ ଶିଶୁ ବାଟିକା ପ୍ରଚଳନ କରାଯାଇଛି ଏବଂ ମାଧମିକ ବିଦ୍ୟାଳୟଗୁଡ଼ିକରେ ଆକାଂକ୍ଷୀ ପାଠ୍ୟକ୍ରମ, ପ୍ରକଳ୍ପ-ଭିତ୍ତିକ ଶିକ୍ଷା ଏବଂ କୋଡିଂ ଦକ୍ଷତା କାର୍ଯ୍ୟକାରୀ କରାଯାଉଛି। 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା' ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ବିନିଯୋଗରେ ୨୨୦୦ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯାଉଛି ଏବଂ ଶହେରୁ ଊର୍ଦ୍ଧ୍ୱ ବର୍ଷର ପୁରୁଣା ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ଏକ ଐତିହ୍ୟ ବିଦ୍ୟାଳୟ ଯୋଜନା ମଧ ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

### ଜିଲ୍ଲାପାଳଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ୍ ଘଟଣା

## ପ୍ରତିକ୍ରିୟା ରଖିଲେ ସାଂସଦ ଭର୍ତ୍ତୃହରି ମହତାବ



**କଟକ,୧୪।୨(ସଂଚାର ବ୍ୟୁରୋ):** କଟକ ଜିଲ୍ଲାପାଳଙ୍କ ବିରୋଧରେ ଆସିଛି ସ୍ୱାଧୀକାର ଭଙ୍ଗ ନୋଟିସ। ଉପରାଷ୍ଟ୍ରପତିଙ୍କ କଟକ ଗସ୍ତ ସମୟରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ଅଣଦେଖା କରାଯାଇଥିବାର ଯେଉଁ ଅଭିଯୋଗ ହୋଇଥିଲା, ତା' ଉପରେ ଜିଲ୍ଲାପାଳଙ୍କୁ କୈଫତ ତଲବ ହେବାର ସମ୍ଭାବନା ରହିଛି। କାରଣ ସଂସଦରେ ସାଂସଦ ଦେବାଶିଷ ଓ ଅନ୍ୟ ୬ ଜଣ ସାଂସଦ ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଣିଛନ୍ତି। ଯଦିଓ ଏ ବାବଦରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ଶିନ୍ଦେ ପୂର୍ବରୁ ସ୍ପଷ୍ଟୀକରଣ ଦେଇସାରିଛନ୍ତି।

ସେପଟେ ସ୍ୱାଧୀକାର ଭଙ୍ଗ ନୋଟିସ୍ ସମ୍ପର୍କରେ ପ୍ରତିକ୍ରିୟା ରଖିଛନ୍ତି ସାଂସଦ ଭର୍ତ୍ତୃହରି ମହତାବ। ଭର୍ତ୍ତୃହରି କହିଛନ୍ତି ଯେ ଆମେ ପ୍ରୋଟୋକଲ ବାସ୍ତବିକ କ'ଣ ରହିଛି, ସେ ସମ୍ପର୍କରେ ଅବଗତ ହେବା ଆବଶ୍ୟକ। ଦେବାଶିଷ ଯେହେତୁ ରାଜ୍ୟସଭାର ସାଂସଦ ଅଛନ୍ତି, ତେଣୁ କଟକ ତାଙ୍କ ସଂସଦୀୟ କ୍ଷେତ୍ର ନୁହେଁ ବୋଲି କହିଛନ୍ତି ଭର୍ତ୍ତୃହରି। ଦେବାଶିଷ ରାଜ୍ୟର ସାଂସଦ। ତେଣୁ ସେ କ୍ଷେତ୍ରରେ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ନିମନ୍ତ୍ରଣର ପ୍ରୋଟୋକଲ କ'ଣ କରିବା କଥା, ସେ ନେଇ ଜିଲ୍ଲାପାଳ ତାଙ୍କ ପକ୍ଷ ରଖିବେ ବୋଲି କହିଛନ୍ତି ଭର୍ତ୍ତୃହରି। ଏଭଳି କ୍ଷେତ୍ରରେ ପ୍ରୋଟୋକଲର ତର୍ଜମା ହେବା ଆବଶ୍ୟକ ବୋଲି ଭର୍ତ୍ତୃହରି ମତ ଦେଇଛନ୍ତି।

## ଟ୍ରାକ୍‌ରୁ ଖସିଲା ମାଲବାହି ଟ୍ରେନ୍




**କୋରାପୁଟ,୧୪।୨(ସଂଚାର ବ୍ୟୁରୋ):** କୋରାପୁଟ ନିକଟରେ ଏକ ମାଲବାହୀ ଟ୍ରେନର ଗୋଟିଏ ୱାଗନ ଲାଇନଚ୍ୟୁତ ହୋଇଥିବା ଜଣାଯାଇଛି। କେକେ ଲାଇନର ଦୟାନିଧିଗୁଡ଼ା-ମାନବାର ମଧ୍ୟରେ ଏହି ୱାଗନ ଲାଇନଚ୍ୟୁତ ହୋଇଛି। ଟ୍ରେନ୍‌ଟି ଶନିବାର ଆଇରନ ଓର୍ ନେଇ ଜଗଦଲପୁରରୁ ବିଶାଖାପାଟଣା ଯାଉଥିଲା ସମୟରେ ଏପରି ଅଘଟଣର ଶିକାର ହୋଇଛି। ଏନେଇ ଖବର ପାଇ ରେଲୱେର ଏକ ଯାନ୍ତ୍ରିକ ଦଳ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ କରୁଥିବା ଜଣାପଡ଼ିଛି।

## ନିଖୋଜ ୬ ଦିନ ପରେ ମିଳିଲା ମୃତଦେହ

● ଶିକାରୀଙ୍କ ଫାଶରେ ପଡ଼ି ମୃତ୍ୟୁ ସନ୍ଦେହ

**ନୟାଗଡ଼,୧୪।୨(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଗୁଡୁପାଙ୍ଗି ଗ୍ରାମର ୬୫ ବର୍ଷୀୟ ଗୋକୁଳ ପ୍ରଧାନ ଗତ ୯ ତାରିଖରୁ ନିଖୋଜ ଥିଲେ। ଶନିବାର ସକାଳେ ତାଙ୍କ ଗଳିତ ଶବ ଜଙ୍ଗଲ ଭିତରୁ ଜବତ କରାଯାଇଛି। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ଗୋକୁଳ ଠେଙ୍ଗାପାଳି ଗ୍ରାମରେ ଜଙ୍ଗଲ ଜଗିବା ସକାଶେ ୬ ଦିନ ତଳେ ଯାଇଥିଲେ ହେଁ ସେଠାରୁ ଆଉ ଘରକୁ ଫେରିନଥିଲେ। ସେବେଠାରୁ ତାଙ୍କୁ ପରିବାର ଲୋକେ ଓ ଗ୍ରାମବାସୀ ଖୋଜାଖୋଜି କରୁଥିଲେ। ତେବେ ଆଜି ସକାଳେ କେତେକ ଲୋକ ଜଙ୍ଗଲ ଭିତରେ ପ୍ରବଳ ଦୁର୍ଗନ୍ଧ ହେବାରୁ ସେଠାକୁ ଯାଇ ଦେଖିବା ବେଳକୁ ଗୋକୁଳ ମୃତଦେହ ପଡ଼ିଛି। ସେମାନଙ୍କଠାରୁ ଖବର ପାଇ ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। ଜଙ୍ଗଲରେ ଶିକାରୀମାନେ ଜନ୍ତୁ ଶିକାର କରିବା ସକାଶେ କରେଣ୍ଟ ତାର ଲଗାଇଥିବାରୁ ତା' ସଂସ୍ପର୍ଶରେ ଆସି ଗୋକୁଳଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି।

## ଜଳିଗଲା ଟ୍ରକ ଓ ଟ୍ରେଲର

**ଜଳେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ହୁ ହୁ ହୋଇ ଜଳିଗଲା ଟ୍ରକ ଓ ଟ୍ରେଲର। ଟ୍ରେଲରକୁ ପଛପଟୁ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେବା ଫଳରେ ଏପରି ଅଘଟଣ ଘଟିଛି। ଏଥିରେ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ସେମାନଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ବସ୍ତା ପାଇପାସ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏହି ମର୍ମନ୍ତୁଦ ଦୁର୍ଘଟଣାଟି ଘଟିଛି। ବିଳମ୍ବିତ ରାତିରେ ୬୦ ନମ୍ବର ଜାତୀୟ ରାଜପଥର ବସ୍ତା ବାଇପାସ୍ ନିକଟରେ ଏକ ଟ୍ରେଲରକୁ ପଛପଟୁ କୋଇଲା ବୋଝେଇ ଟ୍ରକ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଫଳରେ ଦୁଇଟିଯାକ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ଉଭୟ ଗାଡ଼ି ହୁ ହୁ ହୋଇ ଜଳିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ବସ୍ତା ପୁଲିସ ପହଞ୍ଚି ଦମକଳ ବାହିନୀ ସହାୟତାରେ ନିଆଁକୁ ନିୟନ୍ତ୍ରଣ କରିବା ପରେ ଏହାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

### ପଞ୍ଚାୟତିରାଜ ବିଭାଗର ଉଚ୍ଚସ୍ତରୀୟ ସମୀକ୍ଷା

## ବ୍ଲକ୍‌ସ୍ତରରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ




**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ରାଜ୍ୟର ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାକୁ ତ୍ୱରିତ ବେଗରେ ଆଗେଇନେବା ପାଇଁ ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏସ୍‌ଆଇଆର୍‌ଡି ପରିସରସ୍ଥିତ ମନରେଗା ସୋସାଇଟି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ନାଏକ ବିଭିନ୍ନ ଜିଲ୍ଲାରୁ ଆସିଥିବା ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଏବଂ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ)ମାନଙ୍କ ସହ ବିଭାଗୀୟ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୀକ୍ଷାରେ ମୁଖ୍ୟତଃ 'ବିକଶିତ ଗାଁ ବିକଶିତ ଓଡ଼ିଶା', ଅନ୍ତ୍ୟୋଦୟ ଗୃହ ଯୋଜନା, ମନରେଗା ଏବଂ ଗ୍ରାମୀଣ ସଂଯୋଗୀକରଣ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନଙ୍କ ଉପସ୍ଥିତିରେ ଅଧିକାରୀମାନେ ପ୍ରକଳ୍ପଗୁଡ଼ିକର ବ୍ଲକସ୍ତରୀୟ ଅଗ୍ରଗତି, ସ୍ଥିତି ଓ ବ୍ୟୟ ସମ୍ପର୍କିତ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଯେଉଁ ବ୍ଲକଗୁଡ଼ିକରେ ପ୍ରକଳ୍ପ କାର୍ଯ୍ୟର ଗତି ଧିମା ରହିଛି, ସେଠାରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମନ୍ତ୍ରୀ କହିଥିଲେ, "ଗ୍ରାମୀଣ ଓଡ଼ିଶାର ବିକାଶ ପାଇଁ ଆମେ ଅଧିକ କାର୍ଯ୍ୟ କରିବାକୁ ସମର୍ଥ, ଏହି ବାର୍ତ୍ତା କାର୍ଯ୍ୟ ମାଧମରେ ପ୍ରତିଫଳିତ ହେବା ଦରକାର। ସରକାରଙ୍କ ପାଖରେ ପାଣ୍ଠିର ଅଭାବ ନାହିଁ; ଆମର କାର୍ଯ୍ୟ ହିଁ ଆମର ଦକ୍ଷତା ଓ ପ୍ରତିବଦ୍ଧତାର ପ୍ରମାଣ। କ୍ଷେତ୍ର ସ୍ତରରେ କୌଣସି ସମସ୍ୟା ଥିଲେ ଜଣାନ୍ତୁ, ଦରକାର ପଡ଼ିଲେ ମୁଁ ନିଜେ ସେଠାରେ ପହଞ୍ଚି ସମସ୍ୟାର ସମାଧାନ କରିବି।" 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଗାଁର ଚେହେରା ବଦଳାଇବାର ସାମର୍ଥ୍ୟ ରଖିଛି ବୋଲି ସେ ମତ ପ୍ରକାଶ କରିଥିଲେ।

### ଅଙ୍ଗନବାଡ଼ି କେନ୍ଦ୍ରରେ ଦଳିତ ସହାୟିକାଙ୍କୁ ବିରୋଧ

## ଜିଲ୍ଲାପାଳଙ୍କୁ ଭେଟିଲେ ପ୍ରଦେଶ ଯୁବ କଂଗ୍ରେସ ସଭାପତି

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଆଜି ଯୁବ କଂଗ୍ରେସର ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ଘଡ଼ିଆମାଳ ପଞ୍ଚାୟତର ନୂଆଗାଁ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ଦଳିତ ବର୍ଗର ସହାୟିକାଙ୍କୁ କାର୍ଯ୍ୟନିର୍ବାହରେ ହୋଇଥିବା ପ୍ରତିରୋଧ ପ୍ରସଙ୍ଗରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଉକ୍ତ ସହାୟିକାଙ୍କ ନିଯୁକ୍ତିକୁ ବିରୋଧ କରି ଅଙ୍ଗନୱାଡ଼ି କେନ୍ଦ୍ର ଚାଲିବାକୁ ଦିଆଯାଇନଥିଲା ଓ ତାଙ୍କୁ ଏଠାରେ କାର୍ଯ୍ୟ କରାଇନ ଦେବାକୁ ମଧ ଦାବି କରାଯାଉଥିଲା। ତେବେ ଭାରତ



ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଦାବି ଓ ବେଶ୍ ଅଶୋଭନୀୟ। ଏକ ସରକାରୀ ବ୍ୟବସ୍ଥା ଭିତରେ ଜାତି, ଧର୍ମ, ଛୁଆଁ ଅଛୁଆଁ ଭେଦଭାବ ରହିବା ଗଣତନ୍ତ୍ର ବିରୋଧୀ ବୋଲି ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି। ଗତ ତିନି ମାସ ଧରି ଅଙ୍ଗନବାଡି କେନ୍ଦ୍ରକୁ ବନ୍ଦ ରଖାଯିବା ଏବଂ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର କାହିଁକି ଏହାର ସମାଧାନ କଲେନାହିଁ ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି।

## ଠକେଇ ଅଭିଯୋଗରେ ମହିଳା ସ୍ୱେଚ୍ଛାସେବୀ ଗିରଫ

**ଭୁବନେଶ୍ୱର,୧୪।୨ (ସଂଚାର ବ୍ୟୁରୋ) :** ଚାକିରି ଦେବା ନାଁରେ ଠକେଇ କରି ବନ୍ଧା ହୋଇଛନ୍ତି ଜଣେ ମହିଳା ସ୍ୱେଚ୍ଛାସେବୀ। ତାଙ୍କ ନାଁ ସୁରେଶ୍ୱରୀ ଜେନା। ସେ ନିଜକୁ ମହିଳା ସ୍ୱେଚ୍ଛାସେବୀ ପରିଚୟ ଦେଇ ଲୋକମାନଙ୍କୁ ଚାକିରି ଦେବାର ଲୋଭ ଦେଖାଉଥିଲେ। ଏପରିକି ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ଖଣ୍ଡଗିରି ଥାନା ପୋଲିସର ଏକ ଟିମ୍ କେନ୍ଦୁଝର ଯାଇ ସେଠାରୁ ତାଙ୍କ ଗିରଫ କରିଥିବା ସୂଚନା ମିଳିଛି।

### ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ନେଇ ବିଜେଡିର ଅଭିଯୋଗ

## ରାଜ୍ୟ ସରକାରଙ୍କ ନୀରବତା ଦୋମୁହାଁ ନୀତିର ପରିଚୟ



**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବା ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଆଭିମୁଖ୍ୟକୁ ନେଇ ଆଜି ବିଜେଡି ପ୍ରଶ୍ନ ଉଠାଇବା ସହ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିଛି।

ସ୍ଥାନୀୟ ଶଙ୍ଖ ଭବନଠାରେ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ଆସିଛି। ନବୀନଙ୍କ ନେତୃତ୍ୱରେ ବିଜେଡି ସରକାର ପକ୍ଷରୁ ନିୟମିତ ଭାବେ ଏହି ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପିତ ହୋଇଆସିଥିଲା। ୨୦୧୨ରେ ଦିଲ୍ଲୀର ଲାଲକିଲ୍ଲା ପଡ଼ିଆରେ ବିଶାଳ ଜନସଭା ମାଧମରେ ଦଳ ପକ୍ଷରୁ ଏହି ଦାବିକୁ ଉପସ୍ଥାପନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ପରିଚିତ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ ଏଠାରେ ଭିତ୍ତିଭୂମି ସହ ଜନଜାତି ସମ୍ପ୍ରଦାୟର ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବପର ହୋଇପାରିବ। ପରେ ୨୦୧୪ର ବିଧାନସଭା ନିର୍ବାଚନରେ ବିଜେପି ଏହାର ନିର୍ବାଚନୀ ଇସ୍ତାହାରରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଦାବି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏବେ କ୍ଷମତାକୁ ଆସିବାର ଦୁଇ ବର୍ଷ ପରେ ବି ଦଳ ଏହି ପ୍ରସଙ୍ଗକୁ ପୂରାପୂରି ଏଡ଼ାଇଯିବା ଏହି ସରକାରଙ୍କ ଦୋମୁହାଁ ନୀତିର ପ୍ରମାଣ ଦେଉଛି ବୋଲି ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଓ ଡ. ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ।

## କଂଗ୍ରେସର ଏମଜିନରେଗା କମିଟି ଜିଲ୍ଲା ସଂଯୋଜକ ନିଯୁକ୍ତ

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ଏମଜି ନରେଗା ଯୋଜନାରୁ ମହାତ୍ମା ଗାନ୍ଧିଙ୍କ ନାମ ବାଦ ପଡ଼ିବା ନିଷ୍ପତ୍ତି ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଦେଶ କଂଗ୍ରେସ ଏମଜି ନରେଗା କମିଟିର ୩୫ଟି କଂଗ୍ରେସ ସାଂଗଠନିକ ଜିଲ୍ଲାସ୍ତରୀୟ ସଂଯୋଜକ ନିଯୁକ୍ତ କରିଛନ୍ତି। ଏହି ସଂଯୋଜକମାନେ ଜିଲ୍ଲା ସ୍ତରରେ ବିଭିନ୍ନ ପ୍ରତିବାଦ ସଭା ଓ ଜନସଚେତନତା ସୃଷ୍ଟି ଦିଗରେ କାର୍ଯ୍ୟ କରିବେ ବୋଲି ପିସିସି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି କ୍ରମରେ ଅନୁଗୁଳ ଜିଲ୍ଲା ନିମନ୍ତେ ଏମଜି ନରେଗା ସଂଯୋଜକ ଭାବେ ତପନ ପ୍ରଧାନ ନିଯୁକ୍ତି ପାଇଥିବା ବେଳେ ବାଲେଶ୍ୱର ପାଇଁ ନିଶିତ କୁମାର ବାରିକ, ବରଗଡ଼ ପାଇଁ ଇମାନୁଏଲ ଦତ୍ତ ରଣବୀର, ଭଦ୍ରକ ପାଇଁ ପ୍ରଦ୍ୟୁମ୍ନ କୁମାର ଦାସ, ଭୁବନେଶ୍ୱର ପାଇଁ ଦେବାଶିଷ ମିଶ୍ର, ବଲାଙ୍ଗୀର ପାଇଁ ଅଶୋକ ବାରିକ, ବୌଦ୍ଧ ପାଇଁ ମହେଶ୍ୱର ପ୍ରଧାନ, କଟକ ପାଇଁ ଦେବେନ୍ଦ୍ର ସାହୁ ନିଯୁକ୍ତି ପାଇଛନ୍ତି। କଟକ ସିଟି ପାଇଁ ରାଜେନ୍ଦ୍ର ପଟ୍ଟନାୟକ, ଦେଓଗଡ଼ ପାଇଁ ଅଲେଖ ଚନ୍ଦ୍ର ନାୟକ, ଢେଙ୍କାନାଳ ପାଇଁ ପ୍ରଭୁଦତ୍ତ ଭଞ୍ଜ, ଗଞ୍ଜାମ ପୂର୍ବ ପାଇଁ ନିରଞ୍ଜନ ପାଣିଗ୍ରାହୀ, ଗଞ୍ଜାମ ପଶ୍ଚିମ ପାଇଁ ମନୋରଞ୍ଜନ ପଣ୍ଡା, ଗଜପତି ପାଇଁ ବି. ଜନାର୍ଦ୍ଦନ ରାଓ ନିଯୁକ୍ତ ହୋଇଛନ୍ତି। ଆହୁରି ଜଗତସିଂହପୁର ପାଇଁ ଅଭିଜିତ ସାହୁ, ଯାଜପୁର ପାଇଁ କିଶାନ ପଣ୍ଡା, ଝାରସୁଗୁଡ଼ା ପାଇଁ ସଞ୍ଜୟ କୁମାର ମହାପାତ୍ର, କଳାହାଣ୍ଡି ପାଇଁ ସୁରଥ ମହାକୁଡ଼, କନ୍ଧମାଳ ପାଇଁ ଶ୍ୟାମସୁନ୍ଦର ବଡ଼ସେଟ, କେନ୍ଦ୍ରାପଡ଼ା ପାଇଁ ବିଦ୍ୟୁଭୂଷଣ ମହାପାତ୍ର, କେନ୍ଦୁଝର ପାଇଁ ଭଗବାନ ମହାନ୍ତ ନିଯୁକ୍ତି ପାଇଛନ୍ତି। ଖୋର୍ଦ୍ଧା ପାଇଁ ବିଶ୍ୱଭୂଷଣ ଛୋଟରାୟ, କୋରାପୁଟ ପାଇଁ ବିରାଜ କୁମାର ବେନିଆ, ମୟୂରଭଞ୍ଜ ପୂର୍ବ ପାଇଁ ଅଂଶୁମାନ ଦାସ, ମୟୂରଭଞ୍ଜ ପଶ୍ଚିମ ପାଇଁ ରଘୁନାଥ ସାହୁ, ମାଲକାନଗିରି ପାଇଁ ବାଲଶରାଜୁ କାପେ, ନବରଙ୍ଗପୁର ପାଇଁ ଅଖିଳ ଭତ୍ରା, ନୂଆପଡ଼ା ପାଇଁ ଅଙ୍କିତ ସିଙ୍ଗାଇ, ନୟାଗଡ଼ ପାଇଁ ପୂର୍ଣ୍ଣଚନ୍ଦ୍ର ସାନ୍ତା, ପୁରୀ ପାଇଁ ସୁକାନ୍ତ କୁମାର ପ୍ରଧାନ, ରାୟଗଡ଼ା ପାଇଁ ଜଗନ୍ନାଥ ପଣ୍ଡା, ରାଉରକେଲା ପାଇଁ ରବି ରାୟ, ସମ୍ବଲପୁର ପାଇଁ ଜିତୁ ପ୍ରଧାନ, ସୁବର୍ଣ୍ଣପୁର ପାଇଁ ସୁଧୀର କୁମାର ପଣ୍ଡା ଓ ସୁନ୍ଦରଗଡ଼ ପାଇଁ ଏମଡି ଇକୁବାଲ ମଲ୍ଲିକଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି।

● ଗର୍ଜିଲା ନବନିର୍ମାଣ ଯୁବଛାତ୍ର ସଂଗଠନ

## ମନ୍ତ୍ରୀ, ନେତା, ଅଧିକାରୀ କରୁଛନ୍ତି ଧାନ ଚୋରି




**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଏବଂ ଧାନ ଅଭାବୀ ବିକ୍ରି ନେଇ ଆଜି ରାଜଧାନୀରେ ଗର୍ଜିଛି ନବନିର୍ମାଣ ଯୁବଛାତ୍ର ସଂଗଠନ। ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ୍. ଡି ମନୱର ଅଲ୍ଲୀଙ୍କ ନେତୃତ୍ୱରେ ଶହ ଶହ କର୍ମକର୍ତ୍ତା ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧାନ କିଣାରେ ଓଡ଼ିଶାରେ ଚରମ ଅବ୍ୟବସ୍ଥା ଦେଖାଦେଇଥିବା ବେଳେ ନେତା, ମନ୍ତ୍ରୀ ଓ ଅଧିକାରୀମାନେ ଚାଷୀଙ୍କ ଧାନ ଚୋରି କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ମଣ୍ଡି ସମସ୍ୟା ନେଇ ପ୍ରତ୍ୟେକ ଜିଲ୍ଲାରେ ସଂଗଠନ ପକ୍ଷରୁ ପ୍ରତିବାଦ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଉଛି। ଏତେ ସବୁ ହେଲା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ମିଲରମାନେ ମନମାନି କରି ଧର୍ମଘଟ କରୁଛନ୍ତି। ସରକାର, ପ୍ରଶାସନ ଓ ମିଲର ଚାଷୀର ଧାନ ବିକ୍ରିରେ ବାଧକ ହୋଇଛନ୍ତି। ୩୧୬୯ ଟଙ୍କା ଧାନ କ୍ୱିଣ୍ଟାଲ ପ୍ରତି ସରକାର ଘୋଷଣା କରିଥିବା ବେଳେ ୧୭ଶହରୁ ୧୮ ଟଙ୍କାରେ ଚାଷୀ ଧାନ ବିକୁଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଚାଷୀ ୧୭୦୦ ଟଙ୍କାରେ ଧାନ ବିକ୍ରି କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କିଛି ଜିଲ୍ଲାରେ ମଣ୍ଡି ଖୋଲି ନାହିଁ। ଯେଉଁଠି ମଣ୍ଡି ଖୋଲିଛି ସେଠି ଚାଷୀମାନେ ଟୋକନ ପାଉନାହାଁନ୍ତି। ଯେଉଁମାନେ ଟୋକନ ପାଇଛନ୍ତି ସେମଧ୍ୟରୁ ଅଧିଂକାଶ ଟୋକନରେ ଗତ ବର୍ଷ ଠାରୁ କମ୍ ପରିସଂଖ୍ୟାନ ଆସିଛି ଏବଂ ଏଫଏକ୍ୟୁ ନାଁରେ କ୍ୱିଣ୍ଟାଲ ପିଛା ୮ରୁ ୧୨ କେଜି କାଟି ଦିଆଯାଉଛି। ଏହି ଧାନ ଚୋରି ପଛରେ ସରକାରୀ ପ୍ରୋତ୍ସାହନ ଓ ସରକାରୀ ସମର୍ଥନ ରହିଛି। ଧାନ ଚୋରିର ମାଧମ ସାଜିଥିବା ମିଲରମାନେ ସରକାରଙ୍କ ଗେହ୍ଲା ପୁଅ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ଲିଙ୍ଗରାଜ ମନ୍ଦିର ପାଇଁ ଟ୍ରାଫିକ୍ କଟକଣା



### ଆଜି ଜାଗର | କେଉଁଠି କରିବେ ପାର୍କିଂ, ସ୍ପଷ୍ଟ କଲା କମିଶନରେଟ୍ ପୁଲିସ୍

**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର-କଟକ ପୁଲିସ କମିଶନରେଟ୍ ଆଜି ଫେବୃଆରୀ ୧୫ ତାରିଖରେ ଲିଙ୍ଗରାଜ ମନ୍ଦିରରେ ମହା ଶିବରାତ୍ରି ପାଳନ ପାଇଁ ଏକ ଟ୍ରାଫିକ କଟକଣା ଜାରି କରିଛି। କମିଶନରେଟ୍ ପୁଲିସ ଅନୁଯାୟୀ ଟ୍ରାଫିକ ନିୟମ ଆଜି ମଧ୍ୟରାତ୍ରିରୁ ଲାଗୁ ହେବ ଓ ଉତ୍ସବ ସମାପ୍ତ ହେବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ମହାଶିବରାତ୍ରି ଅବସରରେ ଯାନବାହନର ସୁଗମ ଚଳାଚଳ, ଭିଡ଼ ରୋକିବା ଏବଂ ପଦଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଟ୍ରାଫିକ ନିୟମ ଲାଗୁ କରାଯାଇଛି।

ଏହି ଅନୁସାରେ, ରଥ ରୋଡ୍ ଏବଂ ପୁନାମା ଗେଟ୍ ପାର୍ଶ୍ୱରୁ ଲିଙ୍ଗରାଜ ମନ୍ଦିର ଆଡକୁ ଆସୁଥିବା ଯାନବାହାନ (ଚାର ଚକିଆ ଏବଂ ଦୁଇ ଚକିଆ) ପାର୍କିଂ ପାଇଁ ବଧେଇବଙ୍କା ଛକରେ ବି.ଏମ୍. ହାଇସ୍କୁଲ ପଡ଼ିଆ ଆଡ଼କୁ ଗତି କରିବ। ଏହି ସମୟ ମଧ୍ୟରେ ରଥ ରୋଡ୍ ଉପରେ କୌଣସି ଭାରୀ ଯାନ ଚଳାଚଳ କରିବାକୁ ଅନୁମତି ଦିଆଯିବ ନାହିଁ। କେଦାର ଗୌରୀ ମନ୍ଦିର ପାର୍ଶ୍ୱ ଏବଂ ସାନିଟାରିୟମ୍ ଛକ ପାର୍ଶ୍ୱରୁ ଆସୁଥିବା ଦୁଇଚକିଆ ଯାନଗୁଡ଼ିକ କଚେରୀପିଣ୍ଡି ଛକ ଦେଇ କୋଟିତୀର୍ଥ ଲେନ୍ ବ୍ୟବହାର କରିପାରିବେ ଏବଂ ତରଙ୍ଗ କ୍ଲବ୍ ପଛ ପାର୍ଶ୍ୱରେ ଖାଲି ସ୍ଥାନରେ ସେମାନଙ୍କର ଯାନବାହନ ପାର୍କ କରିପାରିବେ। ଏଥିପାଇଁ କୋଟିତୀର୍ଥ ଲେନ୍ ଦେଇ ଯାନବାହନ ଚଳାଚଳକୁ ସିଦ୍ଧି ମଣ୍ଡପ ଲେନ୍ ପାର୍ଶ୍ୱରୁ ଏକମୁଖୀ କରାଯିବ।

ସେହିପରି ସାମନ୍ତରପୁର ପାର୍ଶ୍ୱରୁ ଆସୁଥିବା ଯାନଗୁଡ଼ିକ ଶ୍ରୀରାମ ନଗର ଦେଇ ଆଗକୁ ବଢ଼ିବେ, ସବ-ଷ୍ଟେସନ୍ ଛକ ପରେ ମିଶିଯିବେ, ଏବଂ ପାର୍କିଂ ପାଇଁ ଅନନ୍ତ ବାସୁଦେବ ମନ୍ଦିରର ଉତ୍ତର ପାର୍ଶ୍ୱ ଏବଂ ତରଙ୍ଗ କ୍ଲବ୍ ପଛ ପାର୍ଶ୍ୱକୁ ସ୍ଥାନାନ୍ତରିତ କରାଯିବ। ଏହାଛଡ଼ା କେଉଟା ସାହିରୁ ଲିଙ୍ଗରାଜ ମନ୍ଦିର ଆଡକୁ ଆସୁଥିବା ଯାନଗୁଡ଼ିକ ଶ୍ରୀରାମ ନଗରରୁ ବିଏମସି ମାର୍କେଟ୍ କମ୍ପ୍ଲେକ୍ସ / ଅନନ୍ତ ବାସୁଦେବ ପାର୍କିଂ ଏବଂ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥାନଗୁଡ଼ିକୁ ସବ-ଷ୍ଟେସନ୍ ଛକ ଦେଇ ସ୍ଥାନାନ୍ତରିତ କରାଯିବ। ସେହିପରି ତାରା ସୁନ୍ଦରୀ ରୋଡ୍‌ରୁ ଲିଙ୍ଗରାଜ ମନ୍ଦିର ଆଡକୁ ଆସୁଥିବା ଯାନଗୁଡ଼ିକୁ ବଧେଇବଙ୍କା ଛକ ଆଡକୁ ଅନୁମତି ଦିଆଯିବ ନାହିଁ ଏବଂ ମ୍ୟୁନିସିପାଲିଟି ହସ୍ପିଟାଲ ରୋଡ୍‌ରୁ ବିଏମ୍ ଆଡ଼କୁ ସ୍ଥାନାନ୍ତର କରାଯିବ।

ମାଉସୀମା / କଳ୍ପନା ପାର୍ଶ୍ୱରୁ (ରାମକୃଷ୍ଣ ମଠ ଦେଇ) ମାଉସୀମା ପାର୍ଶ୍ୱ / କଳ୍ପନା ପାର୍ଶ୍ୱରୁ ରାମକୃଷ୍ଣ ମଠ ଦେଇ ଆସୁଥିବା ସମସ୍ତ ବସ୍ ଏବଂ କାରଗୁଡ଼ିକୁ କେବଳ ସାନିଟାରିୟମ୍ ସ୍କୋୟାର ପର୍ଯ୍ୟନ୍ତ ଅନୁମତି ଦିଆଯିବ। ଏହିପରି ଯାନଗୁଡ଼ିକୁ ସାନିଟାରିୟମ୍ ସ୍କୋୟାରରେ ନବନିର୍ମିତ ବସ୍ ଷ୍ଟପରେ ପାର୍କିଂ କରାଯିବ। ବିଏମ୍ ହାଇସ୍କୁଲ ପାର୍କିଂ ସ୍ଥାନରେ ପାର୍କିଂ ଭିଡ଼ର ବିଶ୍ଳେଷଣ କରିବା ପରେ, ଭିଡ଼ ସମୟ ଏବଂ ଭିଡ଼ ସମୟରେ ଗୋସାଗରେଶ୍ୱର ଛକରେ ବିକଳ୍ପ ଯାନବାହନ ଅବରୋଧ କାର୍ଯ୍ୟକାରୀ କରାଯାଇପାରିବ। ସେହି ଯାନଗୁଡ଼ିକୁ ନବନିର୍ମିତ ବିଏମ୍‌ସି ପାର୍କିଂ ସ୍ଥାନ ଆଡକୁ ବୁଲାଇହେବ। ରଥା ରୋଡ୍ ଦେଇ ଆସୁଥିବା ନିମନ୍ତ୍ରିତ ଏବଂ କର୍ତ୍ତବ୍ୟରେ ଥିବା ସରକାରୀ ଅଧିକାରୀଙ୍କ ଗାଡ଼ିଗୁଡ଼ିକ ବଢ଼େଇବାଙ୍କ ଛକରେ ମ୍ୟୁନିସିପାଲିଟି ହସ୍ପିଟାଲ ରୋଡ୍ ଦେଇ କୁହାଯାଇଥିବା ପାର୍କିଂ କ୍ଷେତ୍ର ଆଡକୁ ଡାଇଭର୍ସନ ନେଇପାରିବେ। ମହାଶିବରାତ୍ରି ସମୟରେ ପ୍ରବଳ ଭିଡ଼ ଏବଂ ଟ୍ରାଫିକ୍ ପ୍ରବାହକୁ ଦୃଷ୍ଟିରେ ରଖି, ସୁଗମ ଯାନବାହାନ ଚଳାଚଳ ସୁନିଶ୍ଚିତ କରିବା ଏବଂ ଜରୁରୀକାଳୀନ ସେବାଗୁଡ଼ିକୁ ସହଜ କରିବା ପାଇଁ ଶିଶୁ ଭବନ ମାଉସୀମା ଓଭର ବ୍ରିଜକୁ ଅସ୍ଥାୟୀ ଭାବରେ ଏକ ପଥ ଘୋଷଣା କରାଯିବ। ଏହି ସମୟ ମଧ୍ୟରେ ଶିଶୁ ଭବନ ପାର୍ଶ୍ୱରୁ ଆସୁଥିବା ଯାନବାହାନଗୁଡ଼ିକୁ କେବଳ ମାଉସିମା ପାର୍ଶ୍ୱ ଆଡକୁ ଅନୁମତି ଦିଆଯିବ ଏବଂ ମାଉସିମା ବର୍ଗ ପାର୍ଶ୍ୱରୁ କୌଣସି ଯାନବାହାନକୁ ଫ୍ଲାଏଓଭର ଉପରେ ଶିଶୁ ଭବନ ପାର୍ଶ୍ୱ ଆଡ଼କୁ ଅନୁମତି ଦିଆଯିବ ନାହିଁ।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ରେବିବାର ୧୫ ଫେବ୍ରୁଆରୀ ୨୦୨୬, ଭୁବନେଶ୍ୱର

Sunday 15 February 2026, Bhubaneswar

# ପାଷ୍ଚାତ୍ୟକୁ ଅନୁକରଣ ନା ପ୍ରେମକୁ ସମ୍ମାନ

ଆଜିର ତାରିଖ ଫେବୃଆରୀ ୧୪ ହେଉଛି ଭାଲେଣ୍ଟାଇନ ଡେ। ଏହି ଦିନକୁ ସମଗ୍ର ବିଶ୍ୱରେ ପ୍ରେମ ଓ ରୋମାନ୍ସର ପ୍ରତୀକ ଭାବରେ ପାଳନ କରାଯାଏ। ଭାରତରେ ମଧ ବିଶେଷକରି ଯୁବପିଢ଼ି ମଧ୍ୟରେ ଏହାର ଉତ୍ସାହ ବଢ଼ିଛି। ଗୋଲାପ ଫୁଲ, ଚକଲେଟ, କାର୍ଡ୍, ଟେଡି ବିୟର ଓ ରୋମାଣ୍ଟିକ ଡିନର ସହିତ ଏହି ଦିନ ବାଣିଜ୍ୟିକ ରୂପରେ ପ୍ରଚାର ପାଇଛି। କିନ୍ତୁ ପ୍ରଶ୍ନ ହେଉଛି ଏହି ଭାଲେଣ୍ଟାଇନ ଡେ ଭାରତୀୟ ସଂସ୍କୃତିର ଅଂଶ କି? ନା ଏହା ପାଷ୍ଚାତ୍ୟର ଆମଦାନୀ କରାଯାଇଥିବା ଏକ ବିଦେଶୀ ପରମ୍ପରା?

ଭାରତୀୟ ସଂସ୍କୃତିରେ ପ୍ରେମର ଏକ ଗଭୀର ଓ ବିବିଧ ପରମ୍ପରା ରହିଛି। ପ୍ରାଚୀନ କାଳରୁ ଆମ ସାହିତ୍ୟରେ ପ୍ରେମର ବର୍ଣ୍ଣନା ରହିଛି – କାଳିଦାସଙ୍କ ମେଘଦୂତ, ଜୟଦେବଙ୍କ ଗୀତଗୋବିନ୍ଦ, ରାଧା-କୃଷ୍ଣଙ୍କ ଦିବ୍ୟ ପ୍ରେମ କିମ୍ବା ଲୈଲି-ମଜନୁ, ହିର-ରାଞ୍ଝା ଭଳି ପ୍ରେମକଥା। ଏହି ସବୁ ପ୍ରେମ କେବଳ ରୋମାଣ୍ଟିକ୍ ନୁହେଁ, ଏଥିରେ ଭକ୍ତି, ସମର୍ପଣ ଓ ଆତ୍ମତ୍ୟାଗର ଭାବନା ରହିଛି। ଭାରତୀୟ ପରମ୍ପରାରେ ପ୍ରେମ ପରିବାର, ସମାଜ ଓ ଧର୍ମର ସହିତ ଜଡ଼ିତ ଥାଏ। ବିବାହ ପରେ କର୍ତ୍ତବ୍ୟ ଓ ସହଯୋଗରେ ପ୍ରେମର ପ୍ରକାଶ ହୁଏ। ସାବିତ୍ରୀବ୍ରତ, ତେଜ୍ ଓ ଅନ୍ୟାନ୍ୟ ପର୍ବ ପ୍ରେମକୁ ପରିବାର କେନ୍ଦ୍ରିକ ରଖିଛନ୍ତି। ବସନ୍ତ ପଞ୍ଚମୀ କିମ୍ବା ହୋଲି ଭଳି ଋତୁ ପର୍ବରେ ପ୍ରେମ ଓ ଯୌବନର ଉଲ୍ଲାସ ପ୍ରକାଶ ପାଇଥାଏ। ସାରସ୍ୱତୀ ପୂଜାକୁ କେତେକ ଅଞ୍ଚଳରେ ବଙ୍ଗଳା ଭାଲେଣ୍ଟାଇନ ବୋଲି ମଧ କୁହାଯାଏ।

କିନ୍ତୁ ଆଧୁନିକ ଭାଲେଣ୍ଟାଇନର ଚେର ମୂଳ ପାଷ୍ଚାତ୍ୟରେ। ଏହା ସେଣ୍ଟ ଭ୍ୟାଲେଣ୍ଟାଇନଙ୍କ ସହିତ ଜଡ଼ିତ ଏକ ଖ୍ରୀଷ୍ଟାନ ପର୍ବ, ଯାହା ପରେ ରୋମାଣ୍ଟିକ ପ୍ରେମର ପ୍ରତୀକ ହୋଇଛି। ଏହାର ପ୍ରଚାର ବ୍ରିଟିଶ ଓ ଆମେରିକାନ ସଂସ୍କୃତି ମାଧମରେ ବିଶ୍ୱବ୍ୟାପୀ ହୋଇଛି। ମୁଖ୍ୟତଃ ଗ୍ଲୋବାଲାଇଜେସନ, ମିଡିଆ, ବଲିଉଡ ଓ ଇଣ୍ଟରନେଟ ଯୋଗୁଁ ଭାରତରେ ଏହା ୧୯୯୦ ଦଶକ ପରେ ବଢ଼ିଛି। ଆଜିର ଯୁବକ-ଯୁବତୀଙ୍କ ପାଇଁ ଏହା ଏକ ସ୍ୱାଧୀନତାର ପ୍ରକାଶ – ପରିବାର ଓ ସମାଜର ବାଧବାଧକତାରୁ ମୁକ୍ତ ହୋଇ ନିଜର ପ୍ରେମ ପ୍ରକାଶ କରିବାର ସୁଯୋଗ।




କିନ୍ତୁ ଏହାର ବାଣିଜ୍ୟିକ ରୂପ – ଦାମୀ ଉପହାର, ପବ୍ଲିକ୍ ଡିସପ୍ଲେ ଅଫ୍ ଆଫେକ୍ସନ୍ – ଅନେକଙ୍କୁ ଅସ୍ୱସ୍ତି ଦେଇଛି। କେତେକ ହିନ୍ଦୁ ସଂଗଠନ ଯଥା ବଜରଙ୍ଗ ଦଳ, ଭିଏଚପି ଏହାକୁ 'ପାଷ୍ଚାତ୍ୟର ଆବର୍ଜନା' ବୋଲି କହି ବିରୋଧ କରନ୍ତି। ସେମାନଙ୍କ ମତରେ ଏହା ଭାରତୀୟ ମୂଲ୍ୟବୋଧ, ପରିବାର ବ୍ୟବସ୍ଥା ଓ ନୈତିକତାକୁ କ୍ଷତି ପହଞ୍ଚାଇଛି। ପ୍ରତିବର୍ଷ ଭାଲେଣ୍ଟାଇନ ସପ୍ତାହରେ କେତେକ ଅଞ୍ଚଳରେ ମଧ ବିରୋଧ ପ୍ରଦର୍ଶନ ହୁଏ। ଏହା ଏକ ସାଂସ୍କୃତିକ ସଂଘର୍ଷର ପ୍ରତୀକ ହୋଇପଡ଼ିଛି – ପୁରୁଣା ପରମ୍ପରା ବନାମ ଆଧୁନିକତା।

ତଥାପି ସତ୍ୟ ହେଉଛି ଯେ ସଂସ୍କୃତି ସ୍ଥିର ନୁହେଁ। ଏହା ସମୟ ସହିତ ବିକଶିତ ହୁଏ। ଭାରତ ସର୍ବଦା ବିଭିନ୍ନ ସଂସ୍କୃତିରୁ ଗ୍ରହଣ କରି ନିଜର ରୂପ ଦେଇଛି – ମୋଗଲ, ବ୍ରିଟିଶ ପ୍ରଭାବ ସତ୍ତ୍ୱେ ଆମେ ନିଜକୁ ବଞ୍ଚାଇ ରଖିଛୁ। ଭାଲେଣ୍ଟାଇନ ଡେକୁ ଯଦି ଆମେ କେବଳ ବାଣିଜ୍ୟିକ ଉତ୍ସବ ନୁହେଁ, ବରଂ ପ୍ରେମର ଏକ ସରଳ ପ୍ରକାଶ ଭାବରେ ଗ୍ରହଣ କରିବା – ସମ୍ମାନ, ବିଶ୍ୱାସ ଓ ଦାୟିତ୍ୱର ସହିତ – ତେବେ ଏହା ଆମ ସଂସ୍କୃତିକୁ କ୍ଷତି ନଦେଇ ସମୃଦ୍ଧ କରିପାରିବ। ପ୍ରେମ କୌଣସି ଦେଶ କିମ୍ବା ସଂସ୍କୃତିର ଏକଚାଟିଆ ନୁହେଁ; ଏହା ମଣିଷର ସ୍ୱାଭାବିକ ଭାବନା।

ଆମେ ଯଦି ଆମର ପରମ୍ପରାକୁ ଭୁଲ ନକରି ଆଧୁନିକତାକୁ ସ୍ୱାଗତ କରିବା, ତେବେ ଭାଲେଣ୍ଟାଇନ ଡେ ଆମ ପାଇଁ ଏକ ନୂତନ ରଙ୍ଗ ଯୋଡ଼ିବ। କିନ୍ତୁ ଯଦି ଏହା କେବଳ ଉପଭୋଗବାଦ ଓ ପଶ୍ଚିମ ଅନୁକରଣରେ ପରିଣତ ହୁଏ, ତେବେ ଏହା ଆମ ସଂସ୍କୃତିର ମୂଳ ମୂଲ୍ୟକୁ ଦୁର୍ବଳ କରିବ। ପ୍ରେମର ସତ୍ୟତା ଦିନକୁ ନୁହେଁ, ହୃଦୟରେ ରହିବା ଉଚିତ୍। ଭାରତୀୟ ଯୁବକଙ୍କୁ ଆହ୍ୱାନ – ପାଷ୍ଚାତ୍ୟର ଅନୁକରଣ ନୁହେଁ, ଆମର ପ୍ରେମ ପରମ୍ପରାକୁ ନୂତନ ରୂପ ଦେଇ ଏହି ଦିନକୁ ସମ୍ମାନଜନକ କରନ୍ତୁ।

# ଶିବଙ୍କ ୧୦୮ ନାମ ଓ ଅର୍ଥ



**କବୀର କୁମାର ଜେନା**

"ଓଁ ତ୍ରୈମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ୍, ଉର୍ବାରୁକମିବ ବନ୍ଧନାତ୍ ମୃତ୍ୟୋର୍ମୁକ୍ଷୀୟ ମାଽମୃତାତ୍"

ପ୍ରତ୍ୟେକ ଧର୍ମ ପ୍ରାଣ ହିନ୍ଦୁ ବିଶ୍ୱାସ କରନ୍ତି- ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଓ ଶିବ ସଂହାର କର୍ତ୍ତା। ସମସ୍ତେ ହେଉଛନ୍ତି ଏକ ପରମାତ୍ମାଙ୍କର ବିଭିନ୍ନ ସ୍ୱରୂପ। ଭିନ୍ନ ଭିନ୍ନ ଉତ୍ସବରେ ଭିନ୍ନ ଭିନ୍ନ ପୋଷାକ ପରିଧାନ କଲାପରି ଏ ସବୁ ପରିକଳ୍ପନା କରାଯାଇଛି। ବ୍ରହ୍ମା, ବିଷ୍ଣୁ ଓ ଶିବ ଯଥାର୍ଥରେ ଏକ ଓ ଅଭିନ୍ନ। ସବୁରି ମୂଳରେ ବ୍ୟକ୍ତି ବିଶେଷର ବିଶ୍ୱାସ ଓ ଭକ୍ତି ନିହିତ। ରଜଗୁଣର ବଶବର୍ତ୍ତୀ ହୋଇ ଦେବତା ଯେତେବେଳେ ସୃଷ୍ଟି କରନ୍ତି, ସେତେବେଳେ ତାଙ୍କୁ ବ୍ରହ୍ମା, ସତ୍ୱ ଗୁଣର ପ୍ରଭାବରେ ପ୍ରଭାବିତ ହୋଇ ଯେତେବେଳେ ପୃଥିବୀକୁ ରକ୍ଷା କରନ୍ତି, ସେତେବେଳେ ତାଙ୍କୁ ବିଷ୍ଣୁ ଓ ତମ ଗୁଣରେ ଆସକ୍ତ ହୋଇ ଯେତେବେଳେ ପୃଥିବୀକୁ ଧ୍ୱଂସ କରନ୍ତି, ସେତେବେଳେ ସେ ଶିବ ହୋଇଥାନ୍ତି। ଶିବଙ୍କୁ ଦେବ ଦେବ ମହାଦେବ କୁହାଯାଏ। 'ଶିବ' ଶବ୍ଦର ଅର୍ଥ ମଙ୍ଗଳମୟ।

ଭଗବାନ ଶିବଙ୍କ ଅନେକ ନାମ ରହିଛି। ତେବେ ତାଙ୍କର ୧୦୮ଟି ମୁଖ୍ୟ ନାମ ଉଚ୍ଚାରଣ କରି ମହାଦେବଙ୍କୁ ଉପାସନା କରିବା ଦ୍ୱାରା ବିଶେଷ ସିଦ୍ଧି ଲାଭ ହୋଇଥାଏ। ଶିବ-କଲ୍ୟାଣ ସ୍ୱରୂପ, ମହେଶ୍ୱର-ମାୟାର ଅଧୀଶ୍ୱର, ଶମ୍ଭୁ-ଆନନ୍ଦ ସ୍ୱରୂପ, ପିନାକୀ-ପିନାକ ଧନୁଧାରଣକାରୀ, ଶଶିଖେଣ-ମସ୍ତକରେ ଚନ୍ଦ୍ରମା ଧାରଣକାରୀ, ବାମଦେବ-ଅତ୍ୟନ୍ତ ସୁନ୍ଦର, ବିରୂପାକ୍ଷ-ଆକର୍ଷଣୀୟ ଚକ୍ଷୁବିଶିଷ୍ଟ, କପର୍ଦ୍ଦୀ-ଜଟାଜୁଟ ଧାରଣକାରୀ, ନୀଳଲୋହିତ-ନୀଳ ଏବଂ ଲାଲ ରଙ୍ଗର ଚକ୍ଷୁଧାରୀ, ଶଙ୍କର-ସମସ୍ତଙ୍କ କଲ୍ୟାଣକାରୀ, ଶୁଳପାଣୀ-ହାତରେ ତ୍ରିଶୂଳଧାରୀ, ଖଟବାଙ୍ଗୀ-ଖଟବଙ୍ଗା (ଏକ ପ୍ରକାର ଚିମୁଟା) ଧାରଣକାରୀ, ବିଷ୍ଣୁବଲ୍ଲଭ - ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ, ଶିପିବିଷ୍ଟ-ଯାହାଙ୍କ ସ୍ୱରୂପରୁ ସର୍ବଦା ଉଜ୍ଜ୍ୱଳ ରଶ୍ମି ନିର୍ଗତ ହୋଇଥାଏ, ଅମ୍ବିକାନାଥ - ଭଗବତୀଙ୍କ ପତି, ଶ୍ରୀକଣ୍ଠ-ସୁନ୍ଦର କଣ୍ଠଧାରୀ, ଭକ୍ତବତ୍ସଳ-ଭକ୍ତଙ୍କୁ ଅତ୍ୟନ୍ତ ସ୍ନେହ କରୁଥିବା ଭଗବାନ, ଭବ-ସଂସାରର ରୂପରେ ପ୍ରକଟ ହୋଇଥିବା ଦେବତା, ଶର୍ବ-କଷ୍ଟହରଣକାରୀ, ତ୍ରିଲୋକେଶ-ତିନିଲୋକର ସ୍ୱାମୀ, ଶୀତିକଣ୍ଠ- ସ୍ୱଚ୍ଛ କଣ୍ଠଧାରୀ, ଶିବାପ୍ରିୟ-ପାର୍ବତୀଙ୍କ ପ୍ରିୟ, ଉଗ୍ର-ଅତ୍ୟନ୍ତ ଉଗ୍ରରୂପୀ, କପାଳୀ-କପାଳଧାରଣକାରୀ, କାମାରୀ-କାମନାର ଶତ୍ରୁ, ଅନ୍ଧକାସୁରସୂଦନ-ଅନ୍ଧକ ଦୈତ୍ୟର ବିନାଶକାରୀ, ଗଙ୍ଗାଧାର-ଜଟାରେ ଗଙ୍ଗାଧାରଣକାରୀ, ଲଲାଟାକ୍ଷ-ଲଲାଟରେ ଚକ୍ଷୁଥିବା ଦେବତା, କାଳକାଳ-କାଳର କାଳ, କୃପାନିଧି-କରୁଣାର ଅବତାର, ଭୀମ-ଭୟଙ୍କର ରୂପ ବିଶିଷ୍ଟ, ପରଶୁହସ୍ତ-ହାତରେ ପର୍ଶୁ ବା ଫାର୍‌ସା ଧାରଣକାରୀ, ମୃଗପାଣୀ-ହାତରେ ହରିଣଧାରଣକାରୀ, ଜଟାଧର-ଜଟା ରଖୁଥିବା ଶିବ, କୈଳାସବାସୀ-କୈଳାସ ନିବାସୀ, କବଚୀ-କବଚ ଧାରଣକାରୀ, କଠୋର-ଅତ୍ୟନ୍ତ ମଜଭୂତ ଶରୀରବିଶିଷ୍ଟ, ତ୍ରିପୁରାନ୍ତକ-ତ୍ରିପୁରାସୁରର ବଧ କରିଥିବା ଦେବତା, ବୃଷାଙ୍ଗ-ବଳଦର ଚିହ୍ନ ଥିବା ପତାକାଧାରଣକାରୀ, ବୃଷଭାରୂଢ଼-ବୃଷଭ ବାହନରେ ସବାର ହୋଇଥିବା ଦେବତା, ଭସ୍ମୋଦ୍ଧୁଲିତବିଗ୍ରହ-ସାରା ଶରୀରରେ ଭସ୍ମ ବୋଳୁଥିବା ଶିବ, ସାମପ୍ରିୟ-ସାମସଙ୍ଗୀତ ପ୍ରେମୀ, ସ୍ୱରମୟୀ-ସାତସ୍ୱରର ଭଣ୍ଡାର, ତ୍ରୟୀଭୂର୍ତ୍ତୀ-ବେଦରୂପୀ ବିଗ୍ରହ, ଅନୀଶ୍ୱର-ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱରେ ଈଶ୍ୱର, ସର୍ବଜ୍ଞ-ସବୁକିଛି ଜାଣିଥିବା ଦେବତା, ପରମାତ୍ମା-ସମସ୍ତ ଆତ୍ମାର ମୂଳତତ୍ତ୍ୱ, ସୋମସୂର୍ଯ୍ୟାଗ୍ନିଲୋଚନ-ଚନ୍ଦ୍ର, ସୂର୍ଯ୍ୟ ଏବଂ ଅଗ୍ନିରୂପୀ ଚକ୍ଷୁବିଶିଷ୍ଟ, ହବି-ଆହୂତିରୂପୀ ଦ୍ରବ୍ୟ ଗ୍ରହଣ କରୁଥିବା ଈଶ୍ୱର, ଯଜ୍ଞମୟ-ଯଜ୍ଞସ୍ୱରୂପ ବିଶିଷ୍ଟ, ସୋମ-ଉମାଙ୍କ ସହିତ ଶିବ, ପଞ୍ଚବକ୍ତ-ପାଞ୍ଚମୁଖଧାରୀ, ସଦାଶିବ-ନିତ୍ୟ କଲ୍ୟାଣକାରୀ, ବିଶ୍ୱେଶ୍ୱର-ସାରା ବିଶ୍ୱର ଈଶ୍ୱର, ବୀରଭଦ୍ର-ବୀର କିନ୍ତୁ ଶାନ୍ତସ୍ୱରୂପ, ଗଣନାଥ-ଗଣମାନଙ୍କ ସ୍ୱାମୀ, ପ୍ରଜାପତି-ପ୍ରଜାଙ୍କ ପାଳନକାରୀ, ହିରଣ୍ୟରେତା-ସୁବର୍ଣ୍ଣ ଭଳି ଉଜ୍ଜ୍ୱଳ, ଦୁର୍ଦ୍ଧର୍ଷ-କାହାର ପ୍ରଭାବରେ ଦବି ଯାଉନଥିବା ଈଶ୍ୱର, ଗିରିଶ - ପାହାଡ଼ର ମାଲିକ, ଗିରୀଶ-କୈଳାସ ପର୍ବତରେ ଶୟନ କରୁଥିବା ଈଶ୍ୱର, ଅନଧ-ପାପରହିତ, ଭୁଜଙ୍ଗଭୂଷଣ-ସାପର ଅଳଙ୍କାର ଧାରଣକାରୀ, ଭର୍ଗ-ପାପ ବିନଷ୍ଟ କରୁଥିବା ଦେବତା, ଗିରିଧନ୍ୱା-ମେରୁ ପର୍ବତକୁ ଧନୁ ଆକାରରେ ଧାରଣକାରୀ, ଗିରିପ୍ରିୟ-ପର୍ବତପ୍ରେମୀ, କୃତ୍ତିବାସା-ଗଜଚର୍ମ ପିନ୍ଧୁଥିବା ଶିବ, ପୁରାରାତି- ସମସ୍ତ ପୁର ନାଶକାରୀ, ଭଗବାନ-ସର୍ବସମର୍ଥ ଷଡ଼ ଐଶ୍ୱର୍ଯ୍ୟ ସମ୍ପନ୍ନ, ପ୍ରଥମାଧୀପ-ପ୍ରଥମ ଗଣଙ୍କ ଅଧିପତି, ମୃତ୍ୟୁଞ୍ଜୟ-ମୃତ୍ୟୁ ବିଜୟୀ, ସୁକ୍ଷ୍ମତନୁ - ସୂକ୍ଷ୍ମ ଶରୀର ବିଶିଷ୍ଟ, ଜଗଦ୍‌ବ୍ୟାପୀ-ଜଗତରେ ପରିବ୍ୟାପ୍ତ, ଜଗଦ୍‌ଗୁରୁ-ସାରା ଜଗତର ଗୁରୁ, ବ୍ୟୋମକେଶ-ଆକାଶରୂପୀ କେଶଧାରୀ, ମହାସେନଜନକ- କାର୍ତ୍ତିକେୟଙ୍କ ପିତା, ଚାରୁବିକ୍ରମ-ସୁନ୍ଦର ପରାକ୍ରମୀ, ରୁଦ୍ର-ଭକ୍ତଙ୍କ ଦୁଃଖ ଦୂର କରୁଥିବା ଈଶ୍ୱର, ଭୂତପତି-ପଞ୍ଚଭୂତର ସ୍ୱାମୀ, ସ୍ଥାଣୁ-ସ୍ପନ୍ଦନରହିତ କୁଟସ୍ଥ ରୂପ ବିଶିଷ୍ଟ, ଅହିର୍ବୁଘ୍ନ୍ୟ-କୁଣ୍ଡଳିନୀ ଧାରଣକାରୀ, ଦିଗମ୍ବର-ନଗ୍ନ, ଆକାଶରୂପୀ ବସ୍ତ୍ରଧାରୀ, ଅଷ୍ଟମୂର୍ତ୍ତି-ଆଠରୂପ ବିଶିଷ୍ଟ, ଅନେକାତ୍ମା-ଅନେକରୂପବିଶିଷ୍ଟ, ସାତ୍ତ୍ୱିକ-ସତ୍ତ୍ୱ ଗୁଣଧାରୀ, ଶୁଦ୍ଧବିଗ୍ରହ-ଶୁଦ୍ଧମୂର୍ତ୍ତି ଈଶ୍ୱର, ଶାଶ୍ୱତ-ନିତ୍ୟ ଅବସ୍ଥାନକାରୀ, ଖଣ୍ଡପର୍ଶୁ-ଭଗ୍ନ ଫାର୍‌ସାଧାରୀ, ଅଜ-ଜନ୍ମଠାରୁ ଉର୍ଦ୍ଧ୍ୱରେ, ପାଶବିମୋଚନ-ବନ୍ଧନରୁ ମୁକ୍ତ କରୁଥିବା ଈଶ୍ୱର, ମୃଡ-ସୁଖସ୍ୱରୂପୀ, ପଶୁପତି-ପଶୁମାନଙ୍କ ଈଶ୍ୱର, ଦେବ-ସ୍ୱୟଂପ୍ରକାଶରୂପୀ, ମହାଦେବ-ଦେବତା ମାନଙ୍କ ଦେବତା, ଅବ୍ୟୟ-ବ୍ୟୟ ହେଉନଥିବା ଦେବତା, ହରି-ବିଷ୍ଣୁସ୍ୱରୂପ, ପୁଷଦନ୍ତଭିତ୍-ପୁଷାର ଦନ୍ତ ଉପାଡିଥିବା ଦେବତା, ଅବ୍ୟଗ୍ର-କେବେହେଲେ ବ୍ୟଗ୍ର ହେଉନଥିବା ଈଶ୍ୱର, ଦକ୍ଷାଧ୍ୱରହର-ଦକ୍ଷଙ୍କ ଯଜ୍ଞ ନଷ୍ଟକାରୀ, ହର-ପାପସନ୍ତାପ ଦୂରକାରୀ, ଭଗନେତ୍ରଭିଦ୍-ଭଗ ଦେବଙ୍କ ଚକ୍ଷୁନଷ୍ଟକାରୀ, ଅବ୍ୟକ୍ତ-ଯାହାଙ୍କୁ ବ୍ୟକ୍ତ କରିବା ଅସମ୍ଭବ, ସହସ୍ରାକ୍ଷ-ଅସୀମ ଚକ୍ଷୁବିଶିଷ୍ଟ, ସହସ୍ରପାଦ-ଅନନ୍ତ ପାଦ ବିଶିଷ୍ଟ, ଅପବର୍ଗପ୍ରଦ-କୈବଲ୍ୟ ମୋକ୍ଷ ପ୍ରଦାନକାରୀ, ଅନନ୍ତ-ଦେଶକାଳବସ୍ତୁରୂପୀ ପରିଚ୍ଛେଦରୁ ମୁକ୍ତ, ତାରକ-ସମସ୍ତଙ୍କ ଉଦ୍ଧାରକାରୀ, ପରମେଶ୍ୱର-ସମସ୍ତଙ୍କଠାରୁ ଉର୍ଦ୍ଧ୍ୱରେ ଈଶ୍ୱର।

ମଣିଷ ଜୀବନ, ପଦାର୍ଥ, ସାରା ଜଗତ୍, ବିଶ୍ୱ ବ୍ରହ୍ମାଣ୍ଡ ବାବଦରେ ଯାହା ଜାଣେ, ତାହା କେବଳ ଏକ ଶକ୍ତି, ଯାହା ଲକ୍ଷାଧିକ ପ୍ରକାରେ ପ୍ରକଟିତ। ଏହା ଆଧୁନିକ ବିଜ୍ଞାନ ସମ୍ମତ ମଧ। ବିଜ୍ଞାନ ପାଇଁ ଯାହା ତଥ୍ୟ, ଜଣେ ଯୋଗୀ ପାଇଁ ତାହା ଅନୁଭବଶୀଳ ବାସ୍ତବତା। ଏକତ୍ୱକୁ ଅନୁଭବ କରୁଥିବା ମଣିଷ ହିଁ ଯୋଗୀ। ଯୋଗ ଭିନ୍ନ ଭିନ୍ନ ହୋଇପାରେ ତେବେ ଏକତ୍ୱକୁ ଅନୁଭବ କରିବା ସମସ୍ତ ଯୋଗର ମୁଖ୍ୟ ଲକ୍ଷ୍ୟ। ମହାଶିବରାତ୍ରିରେ ଏହା ଅନୁଭବ କରିବା ପାଇଁ ସୁଯୋଗ ମିଳେ। ସେଥିପାଇଁ ମହାଶିବରାତ୍ରିକୁ ନିଶ୍ଚଳତାର ଦିନ କୁହାଯାଇଥାଏ। ମହାଶିବରାତ୍ରି ଏକ ତପସ୍ୱୀ ଏବଂ ଜିଜ୍ଞାସୁ ସମ୍ମୁଖରେ ଅନେକ ସମ୍ଭାବନା ସୃଷ୍ଟି କରିଥାଏ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋବାଇଲ୍: ୮୯୧୭୩୭୭୯୮୭

# ଭଗବାନ ଶିବଙ୍କ ପୁଣ୍ୟ ବ୍ରତ ମହାଶିବରାତ୍ରି



**ଡକ୍ଟର ଲକ୍ଷ୍ମଣ ସାହୁ**

ମହା ଶିବରାତ୍ରି ଏକ ହିନ୍ଦୁ ପର୍ବ। ଏହି ଦିନ ଶିବଙ୍କ ପୂଜା କରଯାଏ। ଏହା ଫାଲ୍‌ଗୁନମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଦିନ ପାଳନ କରାଯାଏ।ଶିବ ଓ ଶକ୍ତିର ମିଳନରେ ଏ ବ୍ରହ୍ମାଣ୍ଡ। ଶିବ ଶାଶ୍ୱତ ସନାତନ। ତାଙ୍କର ଆକାର ନଥିବାରୁ ସେ ନିରାକାର, ଆଦି ନଥିବାରୁ ସେ ଅନାଦି, ଅନ୍ତ ନଥିବାରୁ ସେ ଅନନ୍ତ, ଜନ୍ମ ନଥିବାରୁ ସେ ସ୍ୱୟମ୍ଭୁ, ମୃତ୍ୟୁ ନଥିବାରୁ ସେ ମୃତ୍ୟୁଞ୍ଜୟ, ଶ୍ରେଷ୍ଠ ଦେବତା ନଥିବାରୁ ସେ ଦେବଶ୍ରେଷ୍ଠ ଦେବା ଦେବ ମହାଦେବ। ଶିବ ହେଉଛନ୍ତି ପ୍ରଥମ ଓ ଶିବ ହେଉଛନ୍ତି ଶେଷ। ଧର୍ମର ମୂଳ ହେଉଛନ୍ତି ଶିବ। ଶିବଙ୍କ ଠାରେ ହିଁ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଅନ୍ତର୍ନିହିତ ରହିଛି। ଭଗବାନ ଶିବ ହେଉଛନ୍ତି ପରା ପ୍ରକୃତି। ସେ ଦିବ୍ୟ, ସନାତନ, ବ୍ରହ୍ମ, ଅଶରୀର, ନିଷ୍କଳଙ୍କ, ମୁକ୍ତ ଓ ପବିତ୍ର। ସେ ଅପରିସୀମ ଆନନ୍ଦ। ସେ ମେଧାର ପ୍ରତୀକ। ଭଗବାନ ଶିବ ହେଉଛନ୍ତି ପରମାତ୍ମା ସର୍ବବ୍ୟାପକ। ସୃଷ୍ଟି ସର୍ଜନା ନିମିତ୍ତ ସେ ନିଜେ ନିଜ ବାମାଙ୍ଗରୁ ନାରୀ ସୃଷ୍ଟି କରିଥିବାରୁ ସେ ହେଉଛନ୍ତି ଅର୍ଦ୍ଧନାରୀଶ୍ୱର। ଶିବ ସର୍ବଦା ଧାନ ମଗ୍ନ ରହିଥାନ୍ତି। ଏଥିପାଇଁ ତାଙ୍କୁ ଧାନ କଲେ ମୋକ୍ଷ ପ୍ରାପ୍ତି ହୁଏ। ସେ ଭଗବାନ ବିଷ୍ଣୁଙ୍କୁ ଧାନ କରନ୍ତି ଓ ବିଷ୍ଣୁ ମଧ ଭଗବାନ ଶିବଙ୍କୁ ଧାନ କରନ୍ତି। ସେଥିପାଇଁ ଭଗବାନ ବିଷ୍ଣୁ ଓ ଶିବଙ୍କୁ ହରିହର ରୂପେ ସର୍ବେ ଜାଣନ୍ତି।

ମହାଦେବଙ୍କ ନଟରାଜ ମଧ କୁହାଯାଏ। ତ୍ରିଲୋଚନ ମହାବଳୀ ତ୍ରିପୁରାସୁରଙ୍କୁ ମାରିବା ପରେ ଅସୁରର ମର ଶରୀର ଉପରେ ନୃତ୍ୟାରମ୍ଭ କରିଥିଲେ। ଏହି ତାଣ୍ଡବ ନୃତ୍ୟ ଏତେ ଭୟଙ୍କର ହୋଇଥିଲା ଯେ ତିନିଲୋକ ଥର ହର ହେଲେ ଓ ଏହି ନୃତ୍ୟକୁ ବନ୍ଦ କରିବା ପାଇଁ ମହାମାୟାଙ୍କର ଶରଣାଗତ ହେଲେ। ମହାମାୟାଙ୍କର ଉପସ୍ଥିତି ହେତୁ ଶିବଙ୍କର ତାଣ୍ଡବ ନୃତ୍ୟ ପରିସମାପ୍ତି ଘଟିଥିଲା। ନଟରାଜଙ୍କର ଏହି ଆକର୍ଷଣୀୟ ରୂପ ଖୁବ୍ ମନୋଲୋଭା। ଶିବ ଅଥର୍ବ ବେଦର ରଚୟିତା ତଥା ନାଟ୍ୟ ଶାସ୍ତ୍ରର ଜନକ, ସ୍ୱୟଂ ନଟରାଜ। କୁହାଯାଏ ଶିବ କୋପ କଲେ ତାଣ୍ଡବ ନୃତ୍ୟ କରନ୍ତି। ଶିବ ସଂଘାର କର୍ତ୍ତା ମଧ ଏକଥା ସମସ୍ତେ ଜାଣନ୍ତି। ମହିଷାସୁର ବଧ କଲା ପରେ ଦେବୀ ଦୁର୍ଗା ଭୟଙ୍କର ରୂପ ଧାରଣ କରି ହେଲେ କାଳୀ। ତାଙ୍କୁ ଶାନ୍ତ କରିବାକୁ ସମସ୍ତ ଦେବଗଣ ଅସାମର୍ଥ୍ୟ ପ୍ରକାଶ କରିବାରୁ ଶିବ ଆଗେଇ ଆସିଲେ ଓ ରାସ୍ତା ଅବରୋଧ କରି ଶୋଇଲେ। କାଳୀଙ୍କ ପାଦ ଶିବଙ୍କ ଛାତି ଉପରେ ପଡିବାରୁ ତାଙ୍କର ଚେତନା ଜାଗ୍ରତ ହେଲା ଓ ସେ ସମ୍ବିତ୍ ଫେରି ପାଇଲେ, ଏପରି ମହାନ ଶିବଶକ୍ତି। ହରି ଓ ହର ଏକ ଏବଂ ଅଭିନ୍ନ। ହରି ଆତ୍ମା ହେଲେ ହର ଚେତନା। ଶିବରାତ୍ରିରେ ଉଜାଗର ରହି ଭିତରର ଚେତନାକୁ ଜାଗରିତ କରିବା "କର୍ପୁର ଗୌରଂ କରୁଣାବତାରଂ ସଂସାର ସାରଂ।"

ପୁରାଣ ଶାସ୍ତ୍ରରେ ଉଲ୍ଲେଖ ଅଛି ମୁନି ସନତ କୁମାରଙ୍କ ମତରେ ଶିବଙ୍କୁ ପ୍ରସନ୍ନ କରିବାର ଦଶଟି ବ୍ରତ ଅଛି। ସେ ମଧରୁ ଶିବରାତ୍ରି ବ୍ରତ ସର୍ବଶ୍ରେଷ୍ଠ ଓ ସର୍ବକାମପ୍ରଦ ଅଟେ। ଜାବାଳି ଶ୍ରୁତି ଅନୁସାରେ ଦଶ ଶୈବ ବ୍ରତ ମଧରେ ଏହି ଶିବରାତ୍ରି ବ୍ରତ ଅତ୍ୟନ୍ତ ସିଦ୍ଧିଦାୟକ। କେତେକ ଶ୍ରୁତି ଅନୁସାରେ ପୁଣ୍ୟ ମାସ ମାଘ ମାସର 'ମାଘସ୍ନାନ' ବ୍ରତ ମଧରେ କୃଷ୍ଣ ଚତୁର୍ଦ୍ଦଶୀ ତିଥିକୁ ଏକ ଶିବରାତ୍ରି ବ୍ରତ ପାଳନର ପବିତ୍ର

ଦିନ ବୋଲି କୁହାଯାଏ। ତେଣୁ ଫାଲଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ପାଳନ କରାଯାଉଥିବା ଶିବରାତ୍ରି ବ୍ରତକୁ ସର୍ବଶ୍ରେଷ୍ଠ ଭାବେ ଗ୍ରହଣ କରାଯାଏ। ଭାରତର ବିଭିନ୍ନ ସ୍ଥାନରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ରରେ ଏହି ପର୍ବ ବେଶ ଭକ୍ତି ଓ ଉଲ୍ଲାସର ସହ ପାଳିତ ହୋଇଥାଏ।

ଅନ୍ୟ ପକ୍ଷରେ ଦେବଦେବ ମହାଦେବଙ୍କ ଦ୍ୱାରା ଏଇ ଦିନ ସଂସାର ପ୍ରକଟ ହୋଇଥିଲା ବୋଲି ଲୋକ ବିଶ୍ୱାସ ରହିଛି। ପୁରାଣର ଅନ୍ୟଏକ ଆଖ୍ୟାନ ଅନୁସାରେ, ଦେବ ଓ ଅସୁରମାନଙ୍କଦ୍ୱାରା ସମୁଦ୍ର ମନ୍ଥନ ସମୟରେ ସେଥିରୁ ବାହାରିଥିବା ସମସ୍ତ ବିଷକୁ ଶିବ ପାନକରି ଧରିତ୍ରୀକୁ ମହାବିପଦରୁ ରକ୍ଷା କରିଥିଲେ। ଶିବ ବିଷକୁ ପାନ କରିବା ପରେ ବିଷର ଜ୍ୱାଳାରେ ସେ ମୂର୍ଚ୍ଛା ହୋଇଯାଇଥିଲେ। ତାଙ୍କର ସଂଜ୍ଞା ଫେରିବା ପର୍ଯ୍ୟନ୍ତ ଦେବଗଣ ଓ ଶୈବବୃନ୍ଦ ଅଖଣ୍ଡ ପ୍ରଦୀପ ଜାଳି ଉଜାଗରରେ ବସିଥିଲେ। ସେହିଦିନକୁ ମନେପକାଇ ଶ୍ରଦ୍ଧାଳୁମାନେ ମହାଶିବରାତ୍ରି ପାଳନ କରିଥାନ୍ତି। ଏହି ପବିତ୍ର ଦିବସରେ ଶିବ ଲିଙ୍ଗ ଭାବରେ ଆବିର୍ଭୂତ ହୋଇଥିବାରୁ ପ୍ରତିବର୍ଷ ଏହି ଦିନକୁ ମହାଶିବରାତ୍ରି ଭାବରେ ପାଳନ କରାଯାଏ।

ମହାଭାରତର ଶାନ୍ତି ପର୍ବରେ ଶିବରାତ୍ରର ମହିମା ସମ୍ପର୍କରେ କଥିତ ଅଛି ଯେ ପିତାମହ ଭୀଷ୍ମ ଶରଶଯ୍ୟାରେ ଥାଇ ଯୁଧିଷ୍ଠିରଙ୍କୁ ଧର୍ମୋପଦେଶ ଦେଲାବେଳେ ମହାଶିବରାତ୍ରି ପାଳନ ସମ୍ପର୍କରେ ଇକ୍ଷାକୁ ବଂଶର ରାଜା ଚିତ୍ରଭାନୁଙ୍କ କାହାଣୀ ଉଦ୍ଧାର କରିଥିଲେ। ଜମ୍ବୁଦ୍ୱୀପର ରାଜା ଚିତ୍ରଭାନୁଙ୍କ ସ୍ତ୍ରୀ ଥରେ ଶିବରାତ୍ରି ଉପବାସ ପାଳନ କରିଥିଲେ। ସେ ସମୟରେ ଋଷି ଅଷ୍ଟବକ୍ର ରାଜଦରବାରକୁ ଆସି ରାଜାଙ୍କୁ ଏହି ଦିବସ ପାଳନର କାରଣ ପୁଛାକରିଥିଲେ। ରାଜା ଜାତିସ୍ମର ଥିବାରୁ ନିଜ ପୂର୍ବଜନ୍ମର କାହାଣୀ ବର୍ଣ୍ଣନା କରି କହିଲେ ଯେ ସେ ପୂର୍ବଜନ୍ମରେ ସୁସ୍ୱର ନାମରେ ଜଣେ ଶିକାରୀ ଥିଲେ। ଦିନେ ବଣରେ ବୁଲୁବୁଲୁ ସନ୍ଧ୍ୟା ହେଲା। ନିଜ କୁଟୀରକୁ ଫେରି ନ ପାରି ରାତିରେ ହିଂସ୍ରଜନ୍ତୁଙ୍କ କବଳରୁ ରକ୍ଷାପାଇବା ପାଇଁ ସେ ନିକଟରେ ଥିବା ବେଲଗଛ ଉପରକୁ ଚଢ଼ିଗଲେ। ରାତିସାରା ବେଲପତ୍ର ଛିଡ଼ାଇ ତଳକୁ ପକାଇବା ସହ ନିଜ ପରିବାର କଥା ଭାବି ଲୁହ ଝରାଇବାକୁ ଲାଗିଲେ। ତାଙ୍କ ଅଜାଣତରେ ସେହି ଲୁହ ଓ ପତ୍ର ବିଲ୍ୱ ବୃକ୍ଷର



ପାଦଦେଶରେ ଥିବା ଶିବଲିଙ୍ଗ ଉପରେ ପଡୁଥିଲା। ସକାଳ ହେବାରୁ ସେ ଶିକାର ଧରି ଘରକୁ ଫେରିଲେ। ପ୍ରଥମେ ଜଣେ ଭିକ୍ଷୁକୁ କିଛି ଖାଦ୍ୟ ଦାନକରି ନିଜେ ଖାଦ୍ୟଗ୍ରହଣ କଲେ। କିଛି ବର୍ଷ ପରେ ତାଙ୍କ ମୃତ୍ୟୁ ହେବାରୁ ସେ ଶୈବଲୋକ ପ୍ରାପ୍ତ ହେଲେ। ସେ ଶିବରାତ୍ରି ଦିନ ଉପବାସ ରହି ଶିବଲିଙ୍ଗ ଉପରେ ବେଲପତ୍ର ଓ ଲୋତକ ସମର୍ପଣ କରିଥିବାରୁ ସେ ଶିବଙ୍କ ପାଖରେ ରହିବାର ସୁଯୋଗ ଲାଭ କରି ପରଜନ୍ମରେ ଚିତ୍ରଭାନୁ ରୂପରେ ରାଜଗାଦି ଭୋଗ କଲେ। ସେହି ଦିନଠାରୁ ଶିବଙ୍କର ବେଲ ଓ ବେଲପତ୍ର ଅତି ପ୍ରିୟ ପାଲଟି ଗଲା। ଶିବ ଭକ୍ତମାନେ ଏହି ପତ୍ର ଶିବଲିଙ୍ଗ ଉପରେ ରଖି ନିଜର ମନସ୍କାମନା ପୂରଣ କରିଥାନ୍ତି।

ଆଉ ଏକ ରହସ୍ୟମୟ ଗାଥା ଅନୁସାରେ କଳ୍ପର ପ୍ରାରମ୍ଭରେ ଭଗବାନ ବ୍ରହ୍ମା କ୍ଷୀରସାଗରରେ ପହଞ୍ଚି ସେ ଦେଖିଲେ ଭଗବାନ ନାରାୟଣ ଶେଷନାଗଙ୍କ ଉପରେ ବିଶ୍ରାମ କରୁଛନ୍ତି। ଭୂମିଦେବୀ, ଶ୍ରୀଦେବୀ, ମହାଲକ୍ଷ୍ମୀ ଭଗବାନଙ୍କ ଶ୍ରୀଚରଣ ସେବା କରୁଛନ୍ତି। ବ୍ରହ୍ମା ଏଭଳି ଦୃଶ୍ୟ ଦେଖି କ୍ରୋଧିତ ହୋଇ ନାରାୟଣଙ୍କ ଯାଇ ପଚାରିଲେ କିଏ ତୁମେ ? ଉଠ ଦେଖ ମୁଁ ତୁମର ସ୍ୱାମୀ, ଜଗତପିତା ସମ୍ମୁଖରେ ଉପସ୍ଥିତ ହୋଇଛି। ଭଗବାନ ନାରାୟଣ କହିଲେ, ତୁମେ ସ୍ୱୟଂ ମୋ ନାଭିକମଳରୁ ଜାତ ହୋଇଛ, ଏଣୁ ତୁମେ ମୋର ପୁତ୍ର। ଦୁହିଁଙ୍କ ମଧରେ ବାଦବିବାଦ ଘଟି ମହା ବିନାଶକାରୀ ଯୁଦ୍ଧରେ ପରିଣତ ହେଲା। ଫଳରେ ଦେବଗଣ ମହାଦେବଙ୍କ ନିକଟକୁ ଯାଇ ସୃଷ୍ଟି ରକ୍ଷା ନିମନ୍ତେ ପ୍ରାର୍ଥନା କରିଥିଲେ। ମହାଦେବ ସେହି ମୁହୂର୍ତ୍ତରେ ଉଭୟ ଯୁଦ୍ଧ କରୁଥିବା ସ୍ଥାନରେ ଜ୍ୟୋତିର୍ମୟ ସ୍ତମ୍ଭରୂପେ ପ୍ରକଟିତ ହେଲେ। ବ୍ରହ୍ମା ଓ ବିଷ୍ଣୁଙ୍କ ଦ୍ୱାରା ପ୍ରୟୋଗ ହୋଇଥିବା ମହେଶ୍ୱର ଓ ପାଶୁପତ ଅସ୍ତ୍ର ଧୀରେ ଧୀରେ ସେହି ଜ୍ୟୋତିର୍ମୟ ଲିଙ୍ଗରେ ଲୀନ ହୋଇଥିଲା। ଶେଷରେ ବ୍ରହ୍ମା ଓ ବିଷ୍ଣୁ ଉଭୟେ ସେହି ସ୍ତମ୍ଭ ବା ଲିଙ୍ଗର ପୂଜାର୍ଚ୍ଚନା ଆରମ୍ଭ କଲେ। ଏହି ଲିଙ୍ଗ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପ୍ରକଟ ହୋଇଥିବା ଯୋଗୁ ସେଦିନରୁ ଲିଙ୍ଗ ପୂଜା ହୋଇ ଆସୁଛି। ବ୍ରହ୍ମା ଓ ବିଷ୍ଣୁ ଉଭୟେ ପଚାରିଲେ ମହାଭାଗ ଆମେ ଲିଙ୍ଗର ଆଦିଅନ୍ତ ପ୍ରାପ୍ତ କରିପାରିଲୁ ନାହିଁ, ମନୁଷ୍ୟ କେମିତି ପୂଜାର୍ଚ୍ଚନା କରିବ। ତେଣୁ ମହାଦେବ ଏହି ଲିଙ୍ଗକୁ ଦ୍ୱାଦଶ ଜ୍ୟୋତି ଲିଙ୍ଗରେ ବିଭକ୍ତ କଲେ। ସେହି ଦିନକୁ ମହାଶିବରାତ୍ରି ଭାବରେ ପାଳନ କରାଯାଉଛି।

କୁହାଯାଏ ଶିବଙ୍କ ପୂଜା ଉପାସନା ନିମନ୍ତେ ସୋମବାର, ପ୍ରତ୍ୟେକ ପକ୍ଷର ଚତୁର୍ଦ୍ଦଶୀ ତିଥି ଓ ଶିବରାତ୍ରି ସର୍ବୋତ୍କୃଷ୍ଟ ଅଟେ। ଅନ୍ୟ ଦେବତାଙ୍କର ପୂଜା ଦିବସରେ ହେଉଥିବାବେଳେ ଏହି ପର୍ବରେ ଭଗବାନ ଶିବଙ୍କର ପୂଜା କେବଳ ରାତିରେ ହୁଏ। ଶିବ ବ୍ରତାଚାରୀମାନେ ସେହି ଦିନରେ ପୂର୍ଣ୍ଣ ଉପବାସ କରନ୍ତି। ସନ୍ଧ୍ୟାରେ ଶିବ ମନ୍ଦିର ଯାଇ ଅଖଣ୍ଡ ଦୀପ ଜାଳି ଉଜାଗର ରହନ୍ତି। ସେହି ରାତ୍ରିର ଚାରିପ୍ରହରରେ ଦୀପ ଜାଳିବା ସହିତ ଶିବଙ୍କର ପୂଜା ସହିତ ନାମ ଜପ କରାଯିବାର ବିଧି ରହିଛି। ଗୁରୁଦତ୍ତ ନାମ ଜପର ବିଧି ରହିଛି ଯିଏ ଗୁରୁ କରିନଥିବ ସେ ଶିବଙ୍କର ଅଷ୍ଟନାମ ଯଥା- ଭବ, ଶର୍ବ, ରୁଦ୍ର, ପଶୁପତି, ଉଗ୍ର, ମହାନ ଭୀମ, ଈଶାନ ମଧରୁ ଯେକୌଣସି ନାମ କିମ୍ବା 'ଓଁ ନମଃ ଶିବାୟ' ପଞ୍ଚାକ୍ଷର ମନ୍ତ୍ର ଜପ କରିପାରିବ।

ବିଧି ଅନୁସାରେ ଶିବରାତ୍ରିକୁ ଚାରୋଟି ପ୍ରହରରେ ସମ୍ପନ୍ନ କରାଯାଏ। ପ୍ରତ୍ୟେକ ପ୍ରହରର ସମୟ ତିନି ଘଟିକା। ପ୍ରଥମ ପ୍ରହର ବା ସନ୍ଧ୍ୟା ସମୟରେ ଶିବଲିଙ୍ଗକୁ ଦୁଗ୍ଧରେ ଅଭିଷେକ କରାଯାଏ। ଦ୍ୱିତୀୟ ପ୍ରହର ବା ସନ୍ଧ୍ୟାର ପରବର୍ତ୍ତୀ ସମୟରେ ଲିଙ୍ଗକୁ ଦହିରେ ଅଭିଷେକ କରାଯାଏ। ତୃତୀୟ ପ୍ରହର ବା ଘୋର ରାତ୍ର ସମୟରେ ଶିବଲିଙ୍ଗକୁ ମହୁରେ ଅଭିଷେକ କରାଯାଏ। ରାତ୍ରର ଶେଷ ପ୍ରହର ସମୟରେ ଶିବ ମନ୍ଦିରର ଚୂଡ଼ାଦେଶକୁ ମହାଦୀପ ଉଠାଯାଏ। ସାରା ସଂସାରରୁ ଅଜ୍ଞାନରୂପକ ଅନ୍ଧକାରକୁ ଦୂରକରି ଆଲୋକ ପ୍ରଦାନ କରିବା ହେଉଛି ମହାଦୀପ ଉଠାଣର ଉଦ୍ଦେଶ୍ୟ। ରାତ୍ରର ପ୍ରତ୍ୟେକ ପ୍ରହରରେ ଶିବଲିଙ୍ଗକୁ ପୁଷ୍ପ, ପତ୍ର ଓ ଫଳ ଆଦି ପ୍ରଦାନ କରାଯାଇ ଉପାସନା କରାଯାଏ। ଏହିଦିନ ଭଗବାନ ଶିବଙ୍କ ଉପରେ କେତକୀଫୁଲ ଚଢ଼ାଯିବାର ବିଧି ରହିଛି।

ଶିବ ପୁରାଣର କୋଟିରୁଦ୍ର ସଂହିତାରେ ଉଲ୍ଲେଖ ଅଛି ଶିବରାତ୍ରି ବ୍ରତ ଭକ୍ତ, ସାଧକ, ଉପାସକ ପୂଜା କରିବା ଦ୍ୱାରା ମୋକ୍ଷ ପ୍ରାପ୍ତିର ଅଧିକାରୀ ହୁଏ। ଏକଦା ବ୍ରହ୍ମା,ବିଷ୍ଣୁ ତଥା ପାର୍ବତୀ ମହାନ୍ ଶିବରାତ୍ରିର ପୁଣ୍ୟଫଳ ଜାଣିବାର ଆଗ୍ରହ ରଖି ମହାଦେବଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ମହାଦେବ କହିଥିଲେ, ମୋକ୍ଷାର୍ଥ ମୋକ୍ଷକୁ ପ୍ରାପ୍ତ ପାଇଁ ଚାରୋଟି ବ୍ରତ ନିୟମପୂର୍ବକ ପାଳନ କଲେ ମଙ୍ଗଳ ହୋଇଥାଏ। ଯଥା ଭଗବାନ ଶିବଙ୍କର ପୂଜା, ରୁଦ୍ର ମନ୍ତ୍ର ଜପ, ଶିବ ମନ୍ଦିରରେ ଜାଗର ଉପବାସ, କାଶୀ କ୍ଷେତ୍ରରେ ଶରୀର ତ୍ୟାଗ। ଶିବ ପୁରାଣରେ ମୋକ୍ଷାର୍ଥର ମୋକ୍ଷ ଏହି ଚାରୋଟି ସନାତନ ମାର୍ଗ ଭାବରେ କୁହାଯାଇଛି। ତନ୍ମଧ୍ୟରୁ ଶିବ ମନ୍ଦିରରେ ଜାଗର ଉପବାସର ବିଶେଷ ମହତ୍ତ୍ୱ ରହିଛି। ନିଷ୍କାମ ଓ ସକାମ ଭାବରେ ସମସ୍ତ ମନୁଷ୍ୟ ବର୍ଣ୍ଣ ଆଶ୍ରମ, ସ୍ତ୍ରୀ, ବାଳକ ତଥା ଦେବତାଙ୍କ ପାଇଁ ସର୍ବଶ୍ରେଷ୍ଠ ମଙ୍ଗଳମୟ ଭାବରେ ଗ୍ରହଣ କରାଯାଇଛି। ସବୁ ଦେବଦେବୀଙ୍କ ପୂଜା, ବ୍ରତ, ଅନୁଷ୍ଠାନ ଦିନରେ ହିଁ ଅନୁଷ୍ଠିତ ହେବା କ୍ଷେତ୍ରେ ଭଗବାନ ଶିବଙ୍କ ରାତ୍ରି ପୂଜା ପ୍ରିୟ। କାରଣ ମହାଦେବ ଶିବ ସଂହାର ଶକ୍ତି, ତମଗୁଣର ଅଧିଷ୍ଠାତା ଅଟନ୍ତି। ଅତଃ ତମୋମୟୀ ରାତ୍ରି ତାଙ୍କର ପ୍ରିୟ ହେବା ସ୍ୱାଭାବିକ। ରାତ୍ରି ସଂହାର କାଳର ପ୍ରତିନିଧି ଓ ରାତ୍ରିର ଆଗମନରେ ସର୍ବପ୍ରଥମେ ପ୍ରକାଶର ସଂହାର ଓ ଶେଷରେ ନିଦ୍ରା ଦ୍ୱାରା ଚେତନାର ସଂହାର ହୋଇ ସମ୍ପୂର୍ଣ୍ଣ ବିଶ୍ୱ ସଂହାରିଣୀ ରାତ୍ରିର କୋଳରେ ଅଚେତ ହୋଇଯାଆନ୍ତି। ଏହି ଦୃଷ୍ଟିରୁ ଶିବଙ୍କର ରାତ୍ରି ଅତିପ୍ରିୟ ହୋଇଥିବାରୁ ତାଙ୍କର ଆରାଧନା କେବଳ ରାତ୍ରିର ପ୍ରାରମ୍ଭରେ କରାଯାଏ।

ଏହି ଦିନ ହିନ୍ଦୁ ନରନାରୀ ଶୁଦ୍ଧପୂତ ଭାବରେ ଉପବାସ ପୂର୍ବକ ଅଖଣ୍ଡ ଦୀପ ଜାଳି ରାତ୍ରି ଉଜାଗରେ ରହି ବ୍ରତ ପାଳୁଥିବାରୁ ଏହାକୁ ଜାଗର ଓଷା ବା ଜାଗର ବ୍ରତ କୁହାଯାଇଥାଏ। ଆତ୍ମ କଲ୍ୟାଣର ରାସ୍ତାକୁ ପରିଷ୍କାର କରିବାପାଇଁ ଅଖଣ୍ଡ ସଜାଗତା ଓ ଜ୍ଞାନର ଆଲୋକ ଏ ଦୁଇଟିର ଆବଶ୍ୟକତା ରହିଛି ବୋଲି ଏହି ପର୍ବ ଶିକ୍ଷା ଦିଏ। ମଝିରାତିକୁ ମନ୍ଦିରର ଶିଖରକୁ ବିଶାଳ ମହାଦୀପ ନିଆଯାଏ। ତାହାକୁ ଦର୍ଶନ କରି ଭକ୍ତମାନେ ଭାବ ବିହ୍ୱଳ ହୁଅନ୍ତି। ପରଦିନ ସ୍ନାନାଦି ସମାପନ କରି ଭକ୍ତମାନେ ସେମାନଙ୍କ ଉପବାସ ଭଙ୍ଗ କରନ୍ତି।

ସମଗ୍ର ଓଡ଼ିଶାରେ ଥିବା ଶୈବପୀଠ, ବିଶେଷ କରି ଆଖଣ୍ଡଳମଣି ମନ୍ଦିର,ଆରଡ଼ି, କପିଳାସ ଶିବ ମନ୍ଦିର,କପିଳାସ, ଗୁପ୍ତେଶ୍ୱର ଗୁମ୍ଫା, ଗୁପ୍ତେଶ୍ୱର, ବେଦବ୍ୟାସ, ଲିଙ୍ଗରାଜ ମନ୍ଦିର, ପୁରୀ ଲୋକନାଥ ମନ୍ଦିର, ମହେନ୍ଦ୍ରଗିରି, ହରିଶଙ୍କର ମନ୍ଦିର, ବିମଳେଶ୍ୱର ଦେଉଳ, ହୁମା, କଟକ ଧବଳେଶ୍ୱର ମନ୍ଦିର, ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ବ୍ରତ ପାଳନ କରନ୍ତି। କେବଳ ଓଡିଶା ନୁହେଁ କି ଭାରତରେ ନୁହେଁ ଭାରତ ବାହାରେ ନେପାଳ, ପାକିସ୍ତାନ, ଦକ୍ଷିଣ ଏସିଆରେ ଥିବା ହିନ୍ଦୁମାନେ ପବିତ୍ର ମହାଶିବରାତ୍ରି ପାଳନ କରୁଥିବା ଦେଖାଯାଏ।

'ଶିବରାତ୍ରିବ୍ରତଂ ଦେବ ପୂଜାଜପପରାୟଣଃ
କରୋମି ବିଧିବଦ୍ଦତ୍ତଂ ଗୃହାଣାର୍ଘ୍ୟଂ ମହେଶ୍ୱର...!!!'

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪,
ମୋବାଇଲ୍: ୯୦୪୦୧୫୧୪୭୫

# ମହାଶିବରାତ୍ରୀ ବା ଜାଗର ଯାତ୍ରା

**ସନ୍ତୋଷ କୁମାର ଦାଶ।**



ଆମ ହିନ୍ଦୁ ଧର୍ମ ପରମ୍ପରା ରେ ଏକ ଲୋକ ପ୍ରିୟ ପର୍ବ ହେଉଛି ମହା ଶିବ ରାତ୍ରୀ ବା ଜାଗର ଯାତ୍ରା। ଫାଲଗୁନ ମାସ କୃଷ୍ଣ ପକ୍ଷର ଚତୁର୍ଦ୍ଦଶୀ ରାତ୍ର କୁ ମହା ଶିବ ରାତ୍ରୀ ବା ଜାଗର ଯାତ୍ରା କୁହାଯାଇଥାଏ। ଏହି ଦିନ ସଦାଶିବ ମହେଶ୍ୱର ଜ୍ୟୋତିର୍ଲିଙ୍ଗ ରୂପରେ ଆବିର୍ଭୁତ ହୋଇ ଧରାବତରଣ କରିଥିଲେ ବୋଲି ଶିବପୁରାଣ ରେ ବର୍ଣ୍ଣିତ ହୋଇଛି। ଆମ ଦେଶୀୟ ଗଣନା ଆନୁସାରେ ଫାଲଗୁନ ମାସ ହେଉଛି ବର୍ଷ ର ଅନ୍ତିମ ବା ଶେଷ ମାସ। ମହା ଶିବରାତ୍ରୀ ର ମହିମା ଅବର୍ଣ୍ଣନୀୟ। ମହା ଶିବରାତ୍ରି ର ଚାରି ପ୍ରହର ରେ ମହେଶ୍ୱର ଙ୍କୁ ଅଭିଷେକ କଲେ ଆଉ ପୁନଃଜନ୍ମ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି। ମହା ଶିବରାତ୍ରୀ ର ପ୍ରଥମ ପ୍ରହର ରେ ଖିର, ଦ୍ୱିତୀୟ ପ୍ରହର ରେ ଦହି, ତୃତୀୟ ପ୍ରହର ରେ ଘିଅ ଓ ଚତୁର୍ଥ ପ୍ରହର ରେ ମହୁ ରେ ଅଭିଷେକ କଲେ ଶିବ ଶମ୍ଭୁ ଅତ୍ୟନ୍ତ ପ୍ରୀତ ହୋଇଥାନ୍ତି। ମହା ଶିବରାତ୍ରୀ ପାଳନ ସମ୍ପର୍କରେ ଅନେକ ଲୋକକଥା ଓକିମ୍ବଦନ୍ତୀ ରହିଛି। ସମୁଦ୍ର ମନ୍ଥନ ସମୟ ରେ ବାହାରିଥିବା ସମସ୍ତ ଗରଳ (ବିଷ) କୁ ଶିବ ଶମ୍ଭୁ ପାନ କରି ଏ ପୃଥିବୀ କୁ ଆସନ୍ନ ବିପଦ ରୁ ରକ୍ଷା କରିଥିଲେ। ବିଷ ପାନ ପରେ ଏହାର ପ୍ରଭାବ ରେ ସେ ନିଜ ଚେତା ହରାଇ ଥିଲେ। ତାଙ୍କର ଚେତା ଫେରିବା ପର୍ଯ୍ୟନ୍ତ ଦେବଗଣ ଓ ଶୈବବୃନ୍ଦ ଅଖଣ୍ଡ ପ୍ରଦୀପ ଜାଳି ଉଜାଗର ରେ ବସିଥିଲେ। ସେହି ଦିନକୁ ମନେ ପକାଇ ରାତି ଉଜାଗର ରହି ଦୀପ ଜାଳିଲେ ଶିବ ଶମ୍ଭୁ ଅତ୍ୟନ୍ତ ପ୍ରୀତ ହୋଇଥାନ୍ତି। ମହା ଦେବ ଫୁଲ ଓ ବେଲ ପତ୍ର ପ୍ରିୟ ହୋଇ ଥିବାରୁ ଶିବ ରାତ୍ରି ଦିନ ନାଗେଶ୍ୱର, ଟଗର,ଅପରାଜିତା, ଚମ୍ପା, କେତକୀ ଫୁଲ ଓ ବେଲ ପତ୍ର ଶିବ ରାତ୍ରି ଦିନ ଲିଙ୍ଗ ଉପରେ ଚଢା ଯାଇଥାଏ। ଶିବ ରାତ୍ରି ଦିନ ଶିବ ଶମ୍ଭୁ ଙ୍କୁ ଅଭିଷେକ କଲେ ବିବାହ ସମସ୍ୟା, ଅଳ୍ପାୟୁ ଯୋଗ, କାଳ ସର୍ପ ଯୋଗ, ବିଭିନ୍ନ ଅସାଧ ରୋଗ, ଘରେ ଥିବା ବାସ୍ତୁ ଦୋଷ, ଭୂମି କ୍ରୟ ରେ ସମସ୍ୟା, ଜୀବନ ର ଦୁଃଖ କଷ୍ଟ ପ୍ରଭୃତି ସମସ୍ୟା ଦୂର ହୋଇଥାଏ ବୋଲି ଶିବ ପୁରାଣ ରେ ଉଲ୍ଲେଖ ରହିଛି। ଏହି ଦିନ ଶିବ ଶମ୍ଭୁ ଙ୍କୁ ଶମି ବୃକ୍ଷ ର ପତ୍ର ଅର୍ପଣ କଲେ ଜାତକ ରେ ରହିଥିବା ଶନି, ରାହୁ ଓ କେତୁ ଙ୍କ ଦୋଷ ଦୂର ହୋଇଥାଏ। ଚଳିତ ବର୍ଷ ମହା ଶିବରାତ୍ରୀ ରେ ଏକ ବିରଳ ଗ୍ରହ ସଂଯୋଗ ହେଉଥିବା ବିଭିନ୍ନ ଜ୍ୟୋତିର୍ବିଦ ମାନେ ସୂଚନା ଦେଇଛନ୍ତି। ଶିବରାତ୍ରୀ ଦିନ ସୂର୍ଯ୍ୟ, ବୁଧ, ଶନି ଏକତ୍ର କୁମ୍ଭ ରାଶି ରେ ଅବସ୍ଥାନ କରିବେ। ପ୍ରାୟ ୧୪୯ ବର୍ଷ ପରେ ଏପରି ତିନି ଗ୍ରହ ର ସଂଯୋଗ ହେଉଥିବା କୁହା ଯାଇଛି। ଏହି ଦିନ ଶୁକ୍ର ନିଜ ଉଚ୍ଚ ରାଶି ମୀନ ରାଶି ରେ ଅବସ୍ଥାନ କରିବେ। ରାହୁ ମଧ ମୀନ ରାଶି ରେ ଅବସ୍ଥାନ କରିବେ। ଏହା ଏକ ଶୁଭ ଯୋଗ ବୋଲି ବିଶ୍ୱାସ ରହିଛି। ସୂର୍ଯ୍ୟ ଆଉ ଶନି କୁମ୍ଭ ରାଶି ରେ ଅବସ୍ଥାନ କରିବେ। ସୂର୍ଯ୍ୟ ହେଉଛନ୍ତି ଶନି ଙ୍କ ପିତା ଆଉ କୁମ୍ଭ ହେଉଛି ଶନି ଦେବ ଙ୍କ ରାଶି। ଏହି ସମୟ ରେ ଶିବ ଶଙ୍କର ଙ୍କୁ ଅଭିଷେକ ଓ ପୂଜା କଲେ ମୋକ୍ଷ ପ୍ରାପ୍ତି ସହିତ ଶିବ ଲୋକ ରେ ସ୍ଥାନ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଆମ ରାଜ୍ୟ ର ପ୍ରାୟ ପ୍ରତ୍ୟେକ ଶିବ ମନ୍ଦିର ରେ ଜାଗରଯାତ୍ରା ଧୁମ୍ ଧାମରେ ପାଳିତ ହୋଇଥାଏ। ଶ୍ରଦ୍ଧାଳୁ ଭକ୍ତମାନେ ଉପବାସ ରହି ମନ୍ଦିର ପାଖରେ ଦୀପ ଜାଳି ଉଜାଗର ରହିଥାନ୍ତି।ବିଳମ୍ବିତ ରାତି ରେ ମନ୍ଦିର ଚୂଡା କୁ ମହାଦୀପ ଉଠି ସାରିବା ପରେ ନିଜ ବ୍ରତ ସମାପନ କରି ଶିବ ଶମ୍ଭୁ ଙ୍କ ଭୋଗ କୁ ଖାଇ ଥାନ୍ତି। ଶେଷ ହୋଇଥାଏ ମହା ଶିବରାତ୍ରୀ ବା ଜାଗର ଯାତ୍ରା। ଚଳିତ ବର୍ଷ ମହା ଶିବରାତ୍ରୀ ପାଳନ ପାଇଁ ଆମ ରାଜ୍ୟ ର ସମସ୍ତ ଶୈବ ପୀଠ ଉତ୍ସବ ମୁଖର ହୋଇପଡ଼ିଛି।ଓଁ ନମଃ ଶିବାୟଃ ॥

ତୁଳସୀପୁର, ପୁରୀ
ମୋବାଇଲ୍: ୯୪୩୯୩୬୧୮୮୮



## ପୁଲୱାମା ବଳିଦାନକୁ ପୂରିଲା ୭ ବର୍ଷ

# ସହିଦଙ୍କୁ ଝୁରୁଛି ସାରା ଦେଶ

ଶ୍ରୀନଗର, ୧୪।୨: ୧୪ ଫେବ୍ରୁଆରି, ୨୦୧୯ - ଏହି ତାରିଖଟି ଭାରତୀୟ ଇତିହାସର ପୃଷ୍ଠାରେ ଏକ କଳାଦିନ ଭାବେ ଲିପିବଦ୍ଧ ହୋଇ ରହିଛି। ସାରା ବିଶ୍ୱ ଯେତେବେଳେ ଭାଲେନଟାଇନ୍ ଡେ' ପାଳନ କରୁଥିଲା, ସେତେବେଳେ କାଶ୍ମୀରର ପୁଲୱାମା ମାଟି ଆମ ବୀର ଯବାନଙ୍କ ରକ୍ତରେ ଭିଜି ଯାଇଥିଲା। ଆଜି ସେହି ଭୟଙ୍କର ଆତଙ୍କବାଦୀ ଆକ୍ରମଣକୁ ୭ ବର୍ଷ ପୂରିଛି, କିନ୍ତୁ ସେହି କରାଳ ସ୍ମୃତି ଆଜି ବି ପ୍ରତିଟି ଭାରତୀୟଙ୍କ ଛାତିକୁ ଥରାଇ ଦିଏ।



ସେଦିନର ଘଟଣା ଥିଲା ଅତ୍ୟନ୍ତ ହୃଦୟବିଦାରକ। ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ସିଆରପିଏଫର ୭୮ଟି ଗାଡ଼ିର ଏକ ବିଶାଳ କାଫିଲା ଯାଉଥିଲା। ସେଥିରେ ପ୍ରାୟ ୨୫୦୦ ଯବାନ ଟ୍ରାଞ୍ଜିଟ କ୍ୟାମ୍ପରୁ ଫେରୁଥିଲେ। ସବୁକିଛି ସ୍ୱାଭାବିକ ଥିଲା, ହେଲେ ଅପରାହ୍ନ ପ୍ରାୟ ୩ଟା ୧୫ ମିନିଟରେ ହଠାତ ଶୁଭିଥିଲା ଏକ ପ୍ରଚଣ୍ଡ ବିସ୍ଫୋରଣର ଶବ୍ଦ। ଆତଙ୍କବାଦୀ ଆଦିଲ ଅହମ୍ମଦ ଡାର୍ ବିସ୍ଫୋରକ ଭର୍ତ୍ତି ଏକ କାର୍ ନେଇ ଯବାନଙ୍କ ବସକୁ ଧକ୍କା ଦେଇଥିଲା। ଏହି ଆତ୍ମଘାତୀ ଆକ୍ରମଣ ଏତେ ଭୟଙ୍କର ଥିଲା ଯେ, ବିସ୍ଫୋରଣର ଶବ୍ଦ ପାଖାପାଖି ୧୦ କିଲୋମିଟର ପର୍ଯ୍ୟନ୍ତ ଶୁଭିଥିଲା। ମାତ୍ର କିଛି ମିନିଟ୍ ମଧ୍ୟରେ ସେହି ସ୍ଥାନଟି ଏକ ଶ୍ମଶାନରେ ପରିଣତ ହୋଇଗଲା। ରାସ୍ତାରେ ଚାରିଆଡେ ଯବାନଙ୍କ ରକ୍ତ ଏବଂ ଶରୀରର ଅଂଶ ବିଛାଡି ହୋଇ ପଡିଥିଲା। ଏହି କାପୁରୁଷୋଚିତ ଆକ୍ରମଣରେ ଭାରତ ମା'ର ୪୦ ଜଣ ବୀର ସନ୍ତାନ ସହିଦ ହୋଇଗଲେ। ଓଡ଼ିଶାର ଦୁଇ ବୀର ସନ୍ତାନ ପ୍ରସନ୍ନ କୁମାର ସାହୁ ଏବଂ ମନୋଜ କୁମାର ବେହେରା ମଧ୍ୟ ଏହି ଆକ୍ରମଣରେ ସହୀଦ ହୋଇଥିଲେ।

ଏହି ଘଟଣା ପରେ ସାରା ଦେଶରେ କ୍ରୋଧ ଏବଂ ଶୋକର ଲହରୀ ଖେଳିଯାଇଥିଲା। ଶ୍ରୀନଗରରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଠି ଏକ ପ୍ରକାର ନୀରବତା ଛାଇ ଯାଇଥିଲା। କିଏ ନିଜର ପୁଅକୁ ହରାଇଥିଲା ତ କିଏ ନିଜ ସ୍ୱାମୀକୁ, ଆଉ କିଏ ନିଜ ବାପାର ଛାୟା ହରାଇ ସାରା ଜୀବନ ପାଇଁ ଅନାଥ ହୋଇଯାଇଥିଲା। ସେହି ପରିବାର ଗୁଡିକ ପାଇଁ ସମୟ ଯେମିତି ସେଇଠି ଅଟକି ଯାଇଛି। ଆମେ ବର୍ଷକୁ ଥରେ ସେମାନଙ୍କୁ ସମ୍ମାନ ଜଣାଇ ନିଜ କାମ ସାରିଦେଉ, କିନ୍ତୁ ସେହି ସ୍ତ୍ରୀ ଓ ବୃଦ୍ଧ ପିତାମାତାଙ୍କ ଆଖିରୁ ଲୁହ ଆଜି ବି ଶୁଖିନି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ ପୁଲୱାମା ଆତଙ୍କବାଦୀ ଆକ୍ରମଣର ବାର୍ଷିକୀରେ ପ୍ରାଣବଳି ଦେଇଥିବା ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୈନିକଙ୍କ ବଳିଦାନକୁ ମନେ ପକାଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ସେମାନଙ୍କର ଅଦମ୍ୟ ସାହସ, ଦେଶପ୍ରେମ ଏବଂ ସମର୍ପଣ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୨୦୧୯ ପୁଲୱାମା ଆକ୍ରମଣରେ ପ୍ରାଣବଳି ଦେଇଥିବା ସିଆରପିଏଫ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି, ସେମାନଙ୍କ ସାହସ, ସମର୍ପଣ ଏବଂ ଦେଶ ପ୍ରତି ସେବାକୁ ମନେ ପକାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, '୨୦୧୯ ମସିହାରେ ଏହି ଦିନରେ ପୁଲୱାମାରେ ପ୍ରାଣବଳି ଦେଇଥିବା ଆମର ସାହସୀ ସୈନିକମାନଙ୍କୁ ମୁଁ ମୋର ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଜଣାଉଛି।'

## ବଲୁଚି ବିଚ୍ଛିନ୍ନତାବାଦୀ ନେତାଙ୍କ ଆହ୍ୱାନ

# ସ୍ୱତନ୍ତ୍ର ବଲୁଚିସ୍ତାନ ଗଠନ ପାଇଁ ଲୋଡ଼ିଲେ ସହାୟତା

ନୂଆଦିଲ୍ଲୀ, ୧୪।୨: ପୁଲଓ୍ୱାମା ଆକ୍ରମଣକୁ ଆଜି ୭ ବର୍ଷ ପୂରୁଥିବା ବେଳେ ଆଜି ବଲୁଚିସ୍ତାନ ବିଚ୍ଛିନ୍ନତାବାଦୀ ନେତା ମୀର ୟାର ଭାରତର ସମର୍ଥନ ଲୋଡିଛନ୍ତି। ମୀର ୟାର ବଲୁଚ କହିଛନ୍ତି ଯେ ପାକିସ୍ତାନ ସେନା ଓ ତାର ପାଳିତ ଆତଙ୍କବାଦୀ ଗୋଷ୍ଠୀ ପୁଲଓ୍ୱାମା ଭଳି ଆକ୍ରମଣ କରୁଛନ୍ତି। ପାକିସ୍ତାନୀ ସେନା ଓ ସରକାର ହିଂସା ବଢ଼ାଇବା ପାଇଁ ବଲୁଚିସ୍ତାନର କୋଟି କୋଟି ଡଲାର ମୂଲ୍ୟର ଖଣିଜ ପଦାର୍ଥ ବ୍ୟବହାର କରୁଛନ୍ତି। ତେଣୁ, ପୁଲୱାମା ଭଳି ଆକ୍ରମଣକୁ ରୋକିବା ପାଇଁ, ବଲୁଚିସ୍ତାନକୁ ପାକିସ୍ତାନଠୁ ଅଲଗା ହେବାର ଆବଶ୍ୟକତା ରହିଛି।




ମୀର ୟାର ତାଙ୍କ ସୋସିଆଲ୍ ମିଡିଆ ଏକ୍ସରେ ଲେଖିଛନ୍ତି, "ବଲୁଚିସ୍ତାନ ଗଣରାଜ୍ୟ ଭାରତର ଜନସାଧାରଣ ଏବଂ ୧୪ ଫେବୃଆରୀ ପୁଲୱାମା ଆତଙ୍କବାଦୀ ଆକ୍ରମଣର ପୀଡିତଙ୍କ ସହିତ ଠିଆ ହୋଇଛି। ଆମେ ଏହି ହିଂସାକୁ ନିନ୍ଦା କରୁଛୁ ଯାହା ଅନେକ ନିର୍ଦ୍ଦୋଷ ଲୋକଙ୍କ ଜୀବନ ନେଇଛି ଓ ଯନ୍ତ୍ରଣା ଦେଇଛି। ଏପରି ଘଟଣା ପାଇଁ ଦାୟୀ ପାକିସ୍ତାନକୁ କାଠଗଡ଼ାରେ ଠିଆ କରିବାକୁ ପଡ଼ିବ। ଅପରେସନ ସିନ୍ଦୂର ବିଷୟରେ ଉଲ୍ଲେଖ କରି ମୀର କହିଛନ୍ତି, ଭାରତୀୟ ସେନାର ଆକ୍ରମଣ ପରେ ପାକିସ୍ତାନୀ ସେନା, ଲସ୍କର ଓ ଜୈଶ ମଧ୍ୟରେ ସମ୍ପର୍କ କେତେ ନିବିଡ଼ ତାହା ସାରା ବିଶ୍ୱ ଦେଖିଲା। ପାକିସ୍ତାନୀ ସାମରିକ ଅଧିକାରୀମାନେ ନିଜେ ଆତଙ୍କବାଦୀଙ୍କ ଶବଦାହରେ ଅଂଶଗ୍ରହଣ କରିଥିଲେ। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ସେମାନଙ୍କୁ ପାକିସ୍ତାନର ଆଗଧାଡ଼ିର ଯୋଦ୍ଧା ଭାବରେ ମଧ୍ୟ ବର୍ଣ୍ଣନା କରିଛନ୍ତି। ବଲୁଚିସ୍ତାନର ଲୁଟିତ ସମ୍ପତ୍ତି ପାକିସ୍ତାନର ମିସାଇଲ୍ କ୍ରୟ, ପ୍ରତିରକ୍ଷା ଖର୍ଚ୍ଚ ଓ ଆତଙ୍କବାଦକୁ ସହାୟତା ଯୋଗାଇଥାଏ। ଏହି ଟେରର୍ ଫ୍ୟାକ୍ଟ୍ରିଗୁଡ଼ିକୁ ନଷ୍ଟ କରିବା, ଆତଙ୍କବାଦୀ ସୋର୍ସକୁ ବନ୍ଦ କରିବା ଏବଂ ଦକ୍ଷିଣ ଏସିଆରେ ଶାନ୍ତି ଓ ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ଏକ ସ୍ୱାଧୀନ ବଲୁଚିସ୍ତାନ ଜରୁରୀ ବୋଲି ସେ କହିଛନ୍ତି। ବଲୁଚିସ୍ତାନର ସ୍ୱାଧୀନତା କେବଳ ସେଠାରେ ରହୁଥିବା ୬ କୋଟି ବେଲୁଚ ଲୋକଙ୍କ ଆବଶ୍ୟକତା ନୁହେଁ ବରଂ ବଲୁଚିସ୍ତାନର ସ୍ୱାଧୀନତା ପାକିସ୍ତାନର ଆତଙ୍କୀ କାରଖାନାଗୁଡ଼ିକୁ ନଷ୍ଟ କରିବାର ଏକ ସ୍ଥାୟୀ ସମାଧାନ ମଧ୍ୟ ପ୍ରଦାନ କରିବ।

## ଇଣ୍ଡିଗୋ ବିମାନରେ ପୁଣି ବୋମା ଆତଙ୍କ

କୋଲକାତା, ୧୪।୨: କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନବନ୍ଦରରୁ ମେଘାଳୟର ସିଲଂ ଅଭିମୁଖେ ଯିବାକୁ ଥିବା ଏକ ଇଣ୍ଡିଗୋ ଏୟାରଲାଇନ୍ସ ବିମାନରେ ବୋମା ଥିବା ଧମକପୂର୍ଣ୍ଣ ବାର୍ତ୍ତା ମିଳିଛି । ଶନିବାର ସକାଳେ ବିମାନ ଉଡ଼ାଣ ଆରମ୍ଭ ପୂର୍ବରୁ ଜଣେ କ୍ରୁ ସଦସ୍ୟ ଏହି ଧମକପୂର୍ଣ୍ଣ ବାର୍ତ୍ତା ଥିବା ଏକ କାଗଜ ବିମାନ ଶୌଚାଳୟରୁ ପାଇଥିଲେ ।

ଇଣ୍ଡିଗୋ ବିମାନ ୬ଇ-୩୦୪୭ ସକାଳ ୯ଟା ୧୫ରେ ସିଲଂ ଅଭିମୁଖେ ଉଡ଼ାଣ ଭରିବାର ଥିଲା। ଯାତ୍ରୀମାନେ ବିମାନରେ ବସିବା ସମୟରେ କ୍ରୁ ସଦସ୍ୟ ଧମକପୂର୍ଣ୍ଣ ବାର୍ତ୍ତା ଥିବା କାଗଜ ପାଇଥିଲେ। ତୁରନ୍ତ ବିମାନକୁ 'ଆଇସୋଲେସନ୍ ବେ'କୁ ନିଆଯାଇ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯାଇଥିଲା। ବିମାନରେ କଡ଼ା ଯାଞ୍ଚ କରାଯାଇଥିବା ବିମାନବନ୍ଦର ନିର୍ଦ୍ଦେଶକଙ୍କ ପକ୍ଷରୁ କୁହାଯାଇଛି। ଇଣ୍ଡିଗୋ ଏୟାରଲାଇନ୍ସ ପ୍ରବକ୍ତା ମଧ୍ୟ ଏହି ଘଟଣାକୁ ସ୍ୱୀକାର କରିଛନ୍ତି। ଯାତ୍ରୀମାନଙ୍କୁ ଏଥିପାଇଁ ହୋଇଥିବା ଅସୁବିଧା ପାଇଁ ଦୁଃଖି ପ୍ରକାଶ କରିଛନ୍ତି। ଯାତ୍ରୀ, କର୍ମଚାରୀ ଓ ବିମାନର ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ଏୟାରଲାଇନ୍ସ ପକ୍ଷରୁ ଏକ ବାର୍ତ୍ତାରେ କୁହଯାଇଛି। ଏହାପୂର୍ବରୁ ଗତ ମାସରେ ଦିଲ୍ଲୀରୁ ପୁଣେ ଯାଉଥିବା ଇଣ୍ଡିଗୋ ବିମାନ ୬ଇ-୨୬୦୮ରେ ବୋମା ଥିବା ଧମକ ମିଳିଥିଲା। କଡ଼ା ଯାଞ୍ଚ ପରେ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା।

## ପ୍ରେମ ଦିବସରେ ପ୍ରେମିକର ନାରକୀୟ କାଣ୍ଡ

# ପ୍ରେମିକାକୁ ମାରି ଆତ୍ମହତ୍ୟା କଲା



ନୂଆଦିଲ୍ଲୀ, ୧୪।୨: ଭାଲେଣ୍ଟାଇନରେ ଡେ' ବା ପ୍ରେମ ଦିବସରେ ନୋଏଡାରେ ଜଣେ ପ୍ରେମିକ ନିଜ ପ୍ରେମିକାଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଶନିବାର ସକାଳେ ରାସ୍ତା କଡ଼ରେ ପାର୍କିଂ ହୋଇଥିବା ଏକ କାର୍ ଭିତରୁ ଦୁଇଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ସୁମିତ ଓ ରେଖା ବୋଲି ଜଣାପଡ଼ିଛି। ଉଭୟଙ୍କ ବୟସ ୨୦ ରୁ ୩୦ ବର୍ଷ ମଧ୍ୟରେ। ନୋଏଡା ସେକ୍ଟର ୩୯ରେ ଏକ ଟାଟା ଅଲଟ୍ରୋଜ କାର୍ ଭିତରୁ ଦୁଇଜଣଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର ହୋଇଥିଲା। ଦୁଇଜଣଙ୍କ ମୁଣ୍ଡରେ ଗୁଳି ଯୋଗୁ ସୃଷ୍ଟି ହୋଇଥିବା କ୍ଷତ ଦେଖିବାକୁ ମିଳିଛି ।

ପୁଲିସ ସୂଚନା ଅନୁଯାୟୀ ଡ୍ରାଇଭର ସିଟ୍‌ରେ ବସିଥିବା ସୁମିତଙ୍କ ହାତରେ ପିସ୍ତଲ ଥିବାବେଳେ ଗାଡ଼ିରୁ ଗୁଳି ଜବତ ହୋଇଛି। ଗାଡ଼ି ଭିତରୁ ବନ୍ଦ ଥିବାରୁ ସୁମିତ ପ୍ରଥମେ ରେଖାଙ୍କୁ ଗୁଳି କରିବା ପରେ ନିଜକୁ ଗୁଳି କରିଥିବା ପୁଲିସ ଅନୁମାନ କରୁଛି। ରେଖା ନୋଏଡା ସେକ୍ଟର ୫୮ର ବାସିନ୍ଦା ଓ ସୁମିତଙ୍କ ଘର ଦିଲ୍ଲୀର ତ୍ରିଲୋକପୁରୀରେ ବୋଲି ଜଣାପଡ଼ିଛି। ଶୁକ୍ରବାରରୁ ଦୁହେଁ ଘରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ପୁଲିସରେ ଅଭିଯୋଗ ହୋଇଥିଲା। ସୁମିତଙ୍କ ନିକଟରୁ ଏକ ନୋଟ୍ ମିଳିଛି, ଯେଉଁଥିରେ ଉଭୟଙ୍କ ମଧ୍ୟରେ ୧୫ ବର୍ଷ ହେଲା ପ୍ରେମ ସମ୍ପର୍କ ଥିବା ଉଲ୍ଲେଖ ହୋଇଛି। ରେଖା ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ସୁମିତ ଲେଖିଛନ୍ତି । କିନ୍ତୁ ରେଖା ଅନ୍ୟ କାହାକୁ ବିବାହ କରିବାକୁ ଯାଉଥିବା ନିକଟରେ ସୁମିତ ଜାଣିବାକୁ ପାଇଥିଲେ। ଏହା ପ୍ରଥମେ ଆତ୍ମହତ୍ୟା ମାମଲା ବୋଲି ଜଣାପଡୁଥିବାବେଳେ ପରେ ଏହା ତିକ୍ତତା ଯୋଗୁଁ ଘଟିଥିବା ପୁଲିସ କହିଛି। ପୁଲିସ ମୃତକଙ୍କ ପରିବାରକୁ ସୂଚନା ଦେଇଥିବାବେଳେ ଘଟଣାର ତଦନ୍ତ କରୁଛି। ଫୋରେନସିକ୍ ଟିମ୍ ଘଟଣାସ୍ଥଳର ସ୍ଥିତି ଯାଞ୍ଚ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଚୀନ ସୀମାରେ ଭାରତର ସାମରିକ ପ୍ରସ୍ତୁତି

# ୧୬ ଲଢୁଆ ବିମାନର ଅବତରଣ

ଡିବ୍ରୁଗଡ, ୧୪।୨: ଚୀନ୍ ସୀମା ନିକଟରେ ଭାରତ ଏହାର ପ୍ରତିରକ୍ଷା ପ୍ରସ୍ତୁତିକୁ ଏକ ନୂତନ ସ୍ତରକୁ ଉନ୍ନୀତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡିବ୍ରୁଗଡ଼ରେ ଉତ୍ତର-ପୂର୍ବାଞ୍ଚଳର ପ୍ରଥମ ରାଜପଥ-ଭିତ୍ତିକ ଜରୁରୀକାଳୀନ ଅବତରଣ ସୁବିଧାର ଉଦ୍‌ଘାଟନ କରିଛନ୍ତି। ଗସ୍ତ ସମୟରେ ୧୬ ଯୁଦ୍ଧ ବିମାନ ଏୟାରଷ୍ଟ୍ରିପ୍‌ରେ ଅବତରଣ କରିବା ଦର୍ଶାଇଛି ଯେ, ଭାରତୀୟ ବାୟୁସେନା ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ। ଜାତୀୟ ରାଜପଥ ଉପରେ ନିର୍ମିତ ଏହି ୪.୨ କିଲୋମିଟର ଲମ୍ବା ଏୟାରଷ୍ଟ୍ରିପ୍ ଯୁଦ୍ଧ କିମ୍ବା ଜରୁରୀକାଳୀନ ପରିସ୍ଥିତିରେ ଭାରତୀୟ ବାୟୁସେନାୀ ଲଢୁଆ ବିମାନ ଏବଂ ମାଲବାହୀ ବିମାନ ପାଇଁ ଏକ ବିକଳ୍ପ ରନୱେ ଭାବରେ କାର୍ଯ୍ୟ କରିବ। ଏୟାରଷ୍ଟ୍ରିପ୍‌ର ଗୁରୁତ୍ୱ ଏହାର ଅବସ୍ଥିତିରୁ ସ୍ପଷ୍ଟ ହେଉଛି ଯେ, ମୋରାନ ବାଇପାସ୍ ଚୀନ୍ ସୀମାରୁ ପ୍ରାୟ ୩୦୦ କିଲୋମିଟର ଓ ମିଆଁମାର ସୀମାରୁ ମାତ୍ର ୨୦୦ କିଲୋମିଟର ଦୂରରେ ଅବସ୍ଥିତ। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ପାଖରେ ଏପରି ସୁବିଧା ରହିବା ଭାରତୀୟ ସେନା ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ। ଅଧିକାରୀଙ୍କ ଅନୁଯାୟୀ, ଏହି ହାଇୱେଷ୍ଟ୍ରିପ୍ କୌଣସି ଯାନ୍ତ୍ରିକ ସମସ୍ୟା କିମ୍ବା ଚାବୁଆ ଭଳି ମୁଖ୍ୟ ଏୟାରବେସ୍ ଉପଲବ୍ଧ ନ ହେଲେ ଶତ୍ରୁକୁ ଜବାବ ଦେବା ପାଇଁ ଏକ ଗତିଶୀଳ କେନ୍ଦ୍ର ଭାବରେ କାର୍ଯ୍ୟ କରିବ।



ଉଦ୍‌ଘାଟନୀ ସମାରୋହରେ ଭାରତୀୟ ବାୟୁସେନା ନିଜର ଅପୂର୍ବ ପରାକ୍ରମ ପ୍ରଦର୍ଶନ କରିଥିଲା। ପ୍ରାୟ ୪୦ ମିନିଟ୍ ଧରି ଚାଲିଥିବା ଏହି ଏୟାର ଶୋ'ରେ ରାଫେଲ, ସୁଖୋଇ-୩୦ ଏମ୍‌କେଆଇ , ଡୋର୍ନିୟର ଏବଂ ଏଏନ୍-୩୨ଭଳି ବିମାନ ପ୍ରଦର୍ଶିତ ହୋଇଥିଲା। ରେକର୍ଡ ୩୦ ମିନିଟ୍ ମଧ୍ୟରେ, ୧୬ ଲଢୁଆ ବିମାନ ରାଜପଥ ଉପରେ ସଫଳତାର ସହ ଟଚଡାଉନ୍ ଓ ଫ୍ଲାଏ-ବାଇ ସମାପ୍ତ କରିଥିଲେ। ରାଜପଥରେ ଲଢୁଆ ବିମାନଗୁଡ଼ିକର ଗର୍ଜନ ଓ ଅବତରଣ ଦେଖିବା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା।

ଏହି ଏୟାରଷ୍ଟ୍ରିପ୍ କେବଳ ଛୋଟ ଲଢୁଆ ବିମାନ ମଧ୍ୟରେ ସୀମିତ ନୁହେଁ। ଏହା ୪୦ ଟନ୍ ପର୍ଯ୍ୟନ୍ତ ଓଜନର ଲଢୁଆ ବିମାନକୁ ସୁରକ୍ଷିତ ଭାବରେ ଅବତରଣ କରିପାରିବ ଓ ୭୪ ଟନ୍ ପର୍ଯ୍ୟନ୍ତ ଓଜନର ବିମାନ ପରିବହନ କରିପାରିବ। ଏହି କ୍ଷମତା ଏହାକୁ କେବଳ ଯୁଦ୍ଧ ସମୟରେ ନୁହେଁ ବରଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ।

# ତାରିକ୍ ରହମାନଙ୍କ ଶପଥ ଉତ୍ସବକୁ ଯିବେ ମୋଦି!

ନୂଆଦିଲ୍ଲୀ, ୧୪।୨:ପଡ଼ୋଶୀ ବାଂଲାଦେଶ ସହିତ ଗତ କିଛି ମାସ ହେଲା ଭାରତର କୂଟନୈତିକ ସମ୍ପର୍କ ପ୍ରଭାବିତ ହୋଇଛି। ତେବେ ବାଂଲାଦେଶ ସଂସଦୀୟ ନିର୍ବାଚନରେ ତାରିକ୍ ରହମାନଙ୍କ ବାଂଲାଦେଶ ନ୍ୟାସନାଲଷ୍ଟ ପାର୍ଟି (ବିଏନ୍‌ପି) ର ବିଜୟ ପରେ ଦୁଇ ଦେଶ ସମ୍ପର୍କରେ ବ୍ୟାପକ ପରିବର୍ତ୍ତନ ହେବା ନେଇ ଆଶା ପ୍ରକାଶ ପାଇଛି। ବିଏନ୍‌ପି ତାରିକ ରହମାନଙ୍କ ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ବିଭିନ୍ନ ଦେଶ ସହିତ କୂଟନୈତିକ ସମ୍ପର୍କ ବୃଦ୍ଧି କରିବାକୁ ବିଏନ୍‌ପି ସମସ୍ତ ପ୍ରମୁଖ ଦେଶର ଶାସନ ମୁଖ୍ୟଙ୍କୁ ନିମନ୍ତ୍ରଣ କରିବାକୁ ଯୋଜନା ରଖିଛି। ସୂତ୍ର ଅନୁଯାୟୀ, ରହମାନଙ୍କ ଶପଥ ଗ୍ରହଣ ଉତ୍ସବରେ ଆଞ୍ଚଳିକ ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରାଯିବ, ଏଥିରେ ପ୍ରଧାନମନ୍ତ୍ରୀ ମୋଦୀ ଜଣେ ପ୍ରମୁଖ ଅତିଥି ରହିପାରନ୍ତି।



ପ୍ରଧାନମନ୍ତ୍ରୀ ମୋଦୀ ତାରିକ ରହମାନଙ୍କ ସହ କଥା ହୋଇଥିବା ନେଇ ସୂଚନା ସାର୍ବଜନୀନ କରିବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପୁଣି ଥରେ ସୁଦୃଢ଼ ହେବା ନେଇ ଆଶା ରହିଛି। ମୋଦୀ 'ଏକ୍ସ'ରେ ଏକ ପୋଷ୍ଟ କରି ସେ ତାରିକ୍ ରହମାନଙ୍କ ସହିତ କଥା ହେବା ସହିତ ତାଙ୍କର ଚମତ୍କାର ବିଜୟ ପାଇଁ ଅଭିନନ୍ଦନ ଜଣାଇଥିବା ସୂଚନା ଦେଇଥିଲେ। ଯଦି ରହମାନଙ୍କ ଶପଥ ଗ୍ରହଣ ଉତ୍ସବକୁ ମୋଦୀଙ୍କୁ ନିମନ୍ତ୍ରଣ ମିଳେ ଓ ସେ ଏହାକୁ ଗ୍ରହଣ କରନ୍ତି ତାହା ହେଲେ ବାଂଲାଦେଶର ନୂଆ ନେତୃତ୍ୱରେ ଦୁଇ ଦେଶ ସମ୍ପର୍କରେ ଉନ୍ନତି ଆସିବ ବୋଲି ଅନୁମାନ କରାଯାଉଛି। ତେବେ ରହମାନଙ୍କ ଶପଥ ଗ୍ରହଣ ଉତ୍ସବ ତାରିଖ ତଥା ନିମନ୍ତ୍ରିତ ଅତିଥିଙ୍କ ସମ୍ପର୍କରେ କୌଣସି ଆଧିକାରିକ ଘୋଷଣା କରାଯାଇନାହିଁ।

## ୧୮ ପ୍ରତିଶତ ବନାମ ଶୂନ ପ୍ରତିଶତ

ନୂଆଦିଲ୍ଲୀ, ୧୪।୨: କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁ ଦେଶର କପା ଚାଷୀ ଓ ବୟନ ଶିଳ୍ପ କ୍ଷେତ୍ର ବ୍ୟାପକ ଭାବେ ପ୍ରଭାବିତ ହେବ। କେନ୍ଦ୍ର ସରକାର ବାଣିଜ୍ୟ ଚୁକ୍ତିନାମାର ଏହି ଦିଗଗୁଡ଼ିକୁ ଲୁଚାଇ ରଖିଛନ୍ତି ବୋଲି ମଧ୍ୟ ରାହୁଲ ଅଭିଯୋଗ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ରାହୁଲ ଗାନ୍ଧୀ ଏକ ଭିଡିଓ ଜାରି କରି କହିଛନ୍ତି, ୧୮ ପ୍ରତିଶତ ବନାମ ଶୂନ୍ ପ୍ରତିଶତ ଶୁଳ୍କ। ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟ୍ ଏହି ପ୍ରସଙ୍ଗରେ ଦେଶରେ ଭ୍ରମ ସୃଷ୍ଟି କରୁଛନ୍ତି। ବାଂଲାଦେଶକୁ ଆମେରିକା ପୋଷାକ ରପ୍ତାନି ଉପରେ ଶୂନ୍ୟ ପ୍ରତିଶତ ଶୁଳ୍କର ସୁବିଧା ଦେଉଛି। ଏଥିପାଇଁ ସେମାନଙ୍କୁ ଆମେରିକୀୟ କପା ଆମଦାନୀ କରିବାକୁ ପଡ଼ିବ। ଭାରତୀୟ ପୋଷାକ ଉପରେ ୧୮ ପ୍ରତିଶତ ଶୁଳ୍କର ଘୋଷଣା ପରେ, ଯେତେବେଳେ ମୁଁ ସଂସଦରେ ବାଂଲାଦେଶକୁ ଦିଆଯାଉଥିବା ସ୍ୱତନ୍ତ୍ର ରିହାତି ଉପରେ ପ୍ରଶ୍ନ ଉଠାଇଥିଲି, ସେତେବେଳେ ମୋଦୀ ସରକାରଙ୍କ ଜଣେ ମନ୍ତ୍ରୀ ଉତ୍ତର ଦେଇଥିଲେ ଯେ ଯଦି ଆମେ ମଧ୍ୟ ଏହି ଲାଭ ଚାହୁଁ, ତେବେ ଆମକୁ ଆମେରିକାରୁ କପା ଆମଦାନୀ କରିବାକୁ ପଡିବ। ସେ ପ୍ରଶ୍ନ କରିଥିଲେ ଯେ, ଏହାକୁ ଦେଶବାସୀଙ୍କଠାରୁ କାହିଁକି ଲୁଚାଇ ରଖାଯାଇଛି। ଯଦି ଆମେ ଆମେରିକା କପା ଆମଦାନୀ କରୁ, ତେବେ ଆମ ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ଯଦି ଆମେ ଏପରି ନ କରୁ ତେବେ ଆମର ବୟନ ଶିଳ୍ପ ପଛରେ ପଡ଼ିଯିବ। ବାଂଲାଦେଶ ମଧ୍ୟ ଭାରତରୁ କପା ଆମଦାନୀ ହ୍ରାସ କିମ୍ବା ବନ୍ଦ କରିପାରେ। ରାହୁଲ ଗାନ୍ଧୀ ଉଲ୍ଲେଖ କରିଛନ୍ତି ଯେ, ଭାରତର ବୟନ ଶିଳ୍ପ ଏବଂ କପା ଚାଷ ଉପରେ ଲକ୍ଷ ଲକ୍ଷ ଲୋକ ଜୀବିକା ପାଇଁ ନିର୍ଭର କରନ୍ତି।

### ଆମେରିକାରୁ କପା ଆମଦାନୀ ଚକ୍ରାନ୍ତ: ରାହୁଲ

# କେନ୍ଦ୍ର ପ୍ରଶାସନିକ କାର୍ଯ୍ୟାଳୟ ସ୍ଥାନାନ୍ତରଣକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ, ୧୪।୨: ଗତକାଲି 'ସେବାତୀର୍ଥ' ନାମରେ ପରିଚିତ ପ୍ରଧାନମନ୍ତ୍ରୀଙ୍କ ନୂତନ କାର୍ଯ୍ୟାଳୟକୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଭାରତକୁ ଗୋଲାମ କରି ରଖିବା ପାଇଁ ବ୍ରିଟିଶମାନେ ସାଉଥ ଏବଂ ନର୍ଥ ବ୍ଲକ ନିର୍ମାଣ କରିଥିଲେ। ଭାରତ ୧୯୪୭ରେ ସ୍ୱାଧୀନତା ପାଇଥିଲା, କିନ୍ତୁ ତତ୍କାଳୀନ ସରକାର ଏହି କୋଠାଗୁଡ଼ିକରେ ସରକାରୀ କାର୍ଯ୍ୟକ୍ରମ କରିବା ବଜାୟ ରଖିଥିଲେ। ସ୍ୱାଧୀନତା ପରଠାରୁ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସାଉଥ ବ୍ଲକରେ ଥିବା ଏହି କୋଠାରୁ କାର୍ଯ୍ୟ କରିଆସୁଛି। ସାଉଥ୍ ବ୍ଲକର ଏହି କୋଠରୀଗୁଡ଼ିକରେ ବିଭାଜନର ଭୟାବହତା, ଯୁଦ୍ଧ ଓ ଜରୁରୀକାଳୀନ ଆହ୍ୱାନ ଏବଂ ଶାନ୍ତିକାଳୀନ ନୀତିଗୁଡ଼ିକର ଚିନ୍ତନ ଓ ବିଚାରବିମର୍ଶ ହୋଇଛି । ଏଗୁଡ଼ିକ ଟାଇପ୍ ରାଇଟରରୁ ଡିଜିଟାଲ୍ ଶାସନ ପର୍ଯ୍ୟନ୍ତ ପ୍ରଯୁକ୍ତିର ବ୍ୟାପକ ଲମ୍ଫ ଦେଖିଛନ୍ତି। ଏଠାରେ ବସି ବିଭିନ୍ନ ପିଢ଼ିର ଅଧିକାରୀମାନେ ଏପରି ନିଷ୍ପତ୍ତି ନେଇଥିଲେ ଯାହା ଭାରତକୁ ସ୍ୱାଧୀନତା ପରବର୍ତ୍ତୀ ତତ୍କାଳୀନ ଅନିଶ୍ଚିତତାରୁ ସ୍ଥିରତା ଆଡ଼କୁ ନେଇଥିଲା। ଗତ ଏକ ଦଶନ୍ଧି ଧରି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ସାଉଥ୍ ବ୍ଲକ୍ ଦେଶ ପାଇଁ ଅନେକ ଐତିହାସିକ ନିଷ୍ପତ୍ତିର କେନ୍ଦ୍ରବିନ୍ଦୁ ହୋଇଛି। ଏହି ସ୍ଥାନ ସର୍ବନିମ୍ନ ସରକାର, ସର୍ବାଧିକ ପ୍ରଶାସନ ପାଇଁ ପ୍ରେରଣାର ସ୍ଥାନ ପାଲଟିଛି। ଏହି ସ୍ଥାନରୁ, ସାରା ଦେଶରେ ସଂସ୍କାର ଏକ୍ସପ୍ରେସକୁ ପ୍ରୋତ୍ସାହିତ କରାଯାଇଛି। ଏହି ଭାବନା ସହିତ, ସାଉଥ୍ ବ୍ଲକ୍ ଉଦଘାଟନର ପ୍ରାୟ ୯୫ ବର୍ଷ ପରେ ୧୩ ଫେବୃଆରୀ ୨୦୨୬ରେ, ଭାରତ ସରକାର ଏହି ସୌଧଗୁଡ଼ିକୁ ଖାଲି କରି "ସେବାତୀର୍ଥ" ଏବଂ "କର୍ତ୍ତବ୍ୟ ଭବନ"କୁ ସ୍ଥାନାନ୍ତରିତ କରୁଛନ୍ତି। ଏହା ପ୍ରତୀକାତ୍ମକ ଭାବରେ ଦେଶର ଗୋଲାମୀ ଅତୀତରୁ "ବିକଶିତ ଭାରତର ଭବିଷ୍ୟତ" ଆଡ଼କୁ ପରିବର୍ତ୍ତନର ଆଉ ଏକ ପଦକ୍ଷେପକୁ ଦର୍ଶାଇଥାଏ। ବିଗତ ବର୍ଷ ଗୁଡ଼ିକରେ ଦେଶରେ 'କ୍ଷମତା' ଅପେକ୍ଷା 'ସେବା'ର ସଂସ୍କୃତି ଦୃଢ଼ ହୋଇଛି। ଆଜିର ସ୍ଥାନାନ୍ତର ଏହି ସଂସ୍କାରଗୁଡ଼ିକୁ ଆହୁରି ମଜବୁତ କରିବ। ଆଜି, କ୍ୟାବିନେଟ୍ ନର୍ଥ ଏବଂ ସାଉଥ ବ୍ଲକଗୁଡ଼ିକୁ 'ଯୁଗେ ଯୁଗୀନ ଭାରତ ଜାତୀୟ ସଂଗ୍ରହାଳୟ'ର ଅଂଶବିଶେଷ କରିବାକୁ ମଧ୍ୟ ସଂକଳ୍ପ ନେଇଛନ୍ତି, ଯାହା ଆମର ଶହ ଶହ ବର୍ଷ ପୁରୁଣା ସଭ୍ୟତା ସହିତ ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିବ। ଏହି ସଂଗ୍ରହାଳୟ ଆମର କାଳଜୟୀ ଏବଂ ଶାଶ୍ୱତ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିବ ଏବଂ ଆମର ଗୌରବମୟ ଅତୀତକୁ ଏକ ସମୃଦ୍ଧ ଭବିଷ୍ୟତ ସହିତ ଯୋଡ଼ିବ।




### ଗୋଲାମୀ ଅତୀତରୁ ବିକଶିତ ଭାରତର ଭବିଷ୍ୟତ

### 'ଯୁଗେ ଯୁଗୀନ ଭାରତ' ଜାତୀୟ ସଂଗ୍ରହାଳୟ ପାଇଁ ମାର୍ଗ ପ୍ରଶସ୍ତ

## ଇଚ୍ଛାଧାରୀ ନାଗିନ୍ ରହସ୍ୟର ହେଲା ପର୍ଦ୍ଦାଫାସ

# ପ୍ରେମିକ ସହ ଫେରାର ପାଇଁ ସବୁ ନାଟକ

ଉତ୍ତରପ୍ରଦେଶ, ୧୪।୨: ନିଜ ପ୍ରେମକୁ ପାଇବାକୁ ଜଣେ ଝିଅ ସାପ ପାଲଟିଯାଇଛି। କଥାଟା ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଗତ ରବିବାର ସକାଳେ ଗାଁରେ ଚହଳ ପଡ଼ିଗଲା। ସମସ୍ତେ ଦୌଡ଼ାଦୌଡି ହୋଇ ରାକେଶ ଘର ଦୌଡୁଥିଲେ। ସେ ଶୋଇଥିବା ଘରର ଖଟକୁ ଦେଖି କିଛି ଲୋକ ଅଚେତା ହୋଇଯାଇନ୍ତି। କିଛି ଲୋକ ଭୟରେ ଥରୁଥାନ୍ତି। କାରଣ ଖଟିଆ ଉପରେ ଶୋଇଥିବା ରାନୀ, ସକାଳକୁ ନାଗସାପ ପାଲଟିଯାଇଥିଲା। ଆଉ ଖଟ ଉପରେ ପଡିରହିଥିଲା କାତି।

ସତ ସକାଳର ଅଦ୍ଭୁତ ଦୃଶ୍ୟ ସମସ୍ତଙ୍କୁ ହତବାକ୍ କରିଥିଲା। ଘର ଲୋକ ଆଶ୍ଚର୍ଯ୍ୟ ହୋଇଥିଲେ ଯେ, ରାତିରେ ଘୋଡି ଘାଡି ହୋଇ ଶୋଇଥିବା ରୀନା କେମିତି ସାପ ପାଲଟିଗଲା ? ଯଦି ବି ସାପ ପାଲଟିଲା କୁଆଡେ ଗଲା ସେ ? ଉତ୍ତରପ୍ରଦେଶର ଔରିୟା ଜିଲ୍ଲାର ସିଂହନପୁର ଗାଁରେ ଏହି ଘଟଣା ସାରା ଦେଶରେ ଚହଳ ସୃଷ୍ଟି କରିଥିଲା। କିଏ କିଏ ଏହାକୁ ଅନ୍ଧ ବିଶ୍ୱାସ କହି ଏଡ଼େଇ ଗଲେ। ଅଧିକାଂଶ ଲୋକ କିନ୍ତୁ ପୂଜାର୍ଚ୍ଚନା ପାଇଁ ଯୋଜନା କଲେ।



ସକାଳୁ ସକାଳୁ ରୀନାଙ୍କ ବିଛଣାରୁ ମିଳିଥିବା ସାପ କାତିର ଲମ୍ବ ପ୍ରାୟ ୫ ଫୁଟ୍। ଝିଅର ଗହଣା ଓ ଡ୍ରେସ୍ ବିଛଣାରେ ପଡ଼ିଥିଲା। ଏହା ଦେଖି ଗାଁ ଲୋକମାନଙ୍କ ଧାରଣା ସ୍ପଷ୍ଟ ହୋଇଗଲା ଯେ, ଝିଅଟି ରାତାରାତି ସାପ ପାଲଟି ଯାଇଛି।

ଶେଷରେ ଗାଁରେ ପୁଲିସ ପହଞ୍ଚିଲା ଆଉ ଆଜି ଅସଲ କାହାଣୀ ପଦାକୁ ଆସିଛି। ରୀନାର ମୋବାଇଲ ଟ୍ରାକ କରି ପୁଲିସ ତା ପାଖରେ ପହଁଚିଥିଲା। ପଚରାଉଚରା ପରେ ଏହା କୌଣସି ଅଲୌକିକ ଘଟଣା ନୁହେଁ ବୋଲି ସ୍ପଷ୍ଟ ହୋଇଛି। ସୂଚନା ଅନୁଯାୟୀ ରୀନାଙ୍କର ଜଣେ ସ୍ଥାନୀୟ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିଲା। ସେ ସେହି ଯୁବକଙ୍କୁ ବିବାହ କରିବାକୁ ଚାହୁଁଥିଲେ। କିନ୍ତୁ ପରିବାର ଲୋକ ଏଥିରେ ରାଜି ନଥିଲେ। ବାହାଘର ଚାପରୁ ମୁକୁଳିବା ପାଇଁ ରୀନା ଏକ ନୂଆ ଉପାୟ ପାଞ୍ଚିଥିଲେ। ଦିନରୁ କିଛି ସାପକାତି ଆଣି ଲୁଚାଇ ରଖିଥିଲେ। ରାତିରେ ତାକୁ ନିଜ ଗହଣା ଓ ଡ୍ରେସ୍ ସହିତ ବିଛଣାରେ ଏମିତି ପକାଇ ପ୍ରେମିକ ସହ ଛୁ ମାରିଥିଲେ।

## ବିଚାରପତିଙ୍କୁ ଲାଞ୍ଚ ମାମଲା

# ତଦନ୍ତ ନିର୍ଦ୍ଦେଶ ଦେଲେ ମାଡ୍ରାସ ହାଇକୋର୍ଟ

ଚେନ୍ନାଇ, ୧୪।୨: ଏକ ଅପରାଧିକ ମାମଲାରେ ନିଜ ସପକ୍ଷରେ ରାୟ ପ୍ରକାଶ କରିବାକୁ ବିଚାରପତିଙ୍କୁ ଲାଞ୍ଚ ଦେବାକୁ ଜଣେ ମହକିଲଙ୍କଠାରୁ ଜଣେ ବରିଷ୍ଠ ଓକିଲ ୫୦ ଲକ୍ଷ ଟଙ୍କା ସଂଗ୍ରହ କରୁଥିବା ଅଭିଯୋଗ ଆସିବା ପରେ ମାଡ୍ରାସ ହାଇକୋର୍ଟ ଏହି ମାମଲାକୁ ତା'ର ଭିଜିଲାନ୍ସ ଶାଖାକୁ ପଠାଇ ଦେଇଛନ୍ତି। ମାଡ୍ରାସ ହାଇକୋର୍ଟ ବିଚାରପତି ଏମ୍ ନିର୍ମଳ କୁମାର ଅଲ୍ ଇଣ୍ଡିଆ ଲୟର୍ସ ଆସୋସିଏସନ୍ ଫର୍ ଜଷ୍ଟିସ୍ (ଏଆଇଏଲଏଜେ) ଚେନ୍ନାଇର ଲାଞ୍ଚ ସମ୍ପର୍କିତ ଅଭିଯୋଗ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟଠାରୁ ପାଇବା ପରେ ଏହି ମାମଲାର ଶୁଣାଣି କରିବାକୁ ମନା କରିଦେଇଛନ୍ତି। କୋର୍ଟ ସିବିଆଇ ଦ୍ୱାରା ପଞ୍ଜିକୃତ ମାମଲାରେ ଏକ ଫୌଜଦାରୀ ସଂଶୋଧନ ଏବଂ ସଂଲଗ୍ନ ରଦ୍ଦ ଆବେଦନର ଶୁଣାଣି କରୁଥିଲେ। କୋର୍ଟ ଲୟର୍ସ ଆସୋସିଏସନ୍ ଅଭିଯୋଗର ଦ୍ୱାହି ଦେଇ ମାମଲାର ଶୁଣାଣି କରିବାକୁ ମନା କରିଦେଇଥିଲେ। କୋର୍ଟ ମାମଲାକୁ ଏକ ଉପଯୁକ୍ତ ଖଣ୍ଡପୀଠ ସମ୍ମୁଖରେ ରଖାଯିବା ପାଇଁ ମୁଖ୍ୟ ବିଚାରପତିଙ୍କ ନିକଟରେ ମାମଲାକୁ ରଖାଯାଉ ଏବଂ ଏ ସମ୍ପର୍କରେ ତଦନ୍ତ କରିବା ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭିଜିଲାନ୍ସ ସେଲ୍‌କୁ ଉପଯୁକ୍ତ ନିର୍ଦ୍ଦେଶ ଜାରି କରାଯାଉ ବୋଲି କହିଥିଲେ।

କୋର୍ଟ ସିବିଆଇର ସ୍ୱତନ୍ତ୍ର ସରକାରୀ ଓକିଲ କେ ଶ୍ରୀନିବାସନ ଏବଂ ଆର ଗୋପୀନାଥଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଓକିଲ ଏମ୍ ମୁରଲୀ କୁମାରନଙ୍କ ସହ ମଧ୍ୟ ଏହି ସୂଚନାକୁ ସେୟାର କରିଥିଲେ। ଅନ୍ୟପକ୍ଷରେ ମୁରଲୀ କୁମାରନ୍ ଅଭିଯୋଗକୁ ମିଥ୍ୟା କହିବା ସହିତ ସେ ଯେକୌଣସି ପ୍ରକାରର ତଦନ୍ତର ସହଯୋଗ କରିବେ ବୋଲି କହିଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ କେ ଶ୍ରୀନିବାସନ କହିଛନ୍ତି, କୋର୍ଟ ଏପରି ପ୍ରସ୍ତାବକୁ ଗ୍ରହଣ କରିବା କଥା ନୁହେଁ, ଏହାଦ୍ୱାରା କୋର୍ଟର ସମ୍ମାନ ହାନି ହେଉଛି। ଏପରି ମିଥ୍ୟା ଅଭିଯୋଗ ଆଣିଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ।

● ଓଡ଼ିଶା ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ

## ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ନିବେଦନ



**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ଓଡ଼ିଶା ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ଅମଲା ସଂଘର ରାଜ୍ୟ ସଭାପତି ଜ୍ଞାନ ରଞ୍ଜନ ଦାସ ସଭାପତିତ୍ୱ କରିଥିବା ବେଳେ ଏଥିରେ ସଂଘର ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ, ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ, ଅଧକ୍ଷ ହୃଦୟ ବିହାରୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ର ସହ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ସଂଗଠନ ସମ୍ପାଦକ ଅରୁଣ କୁମାର ବଳିଆର୍‌ସିଂହ, ସଂଯୋଜନା କମିଟି ଅଧକ୍ଷ ଅଶୋକ କୁମାର ପଣ୍ଡାଙ୍କ ସହ ରାଜ୍ୟ ସଂଘର ସମସ୍ତ ଜିଲ୍ଲାର ପ୍ରତିନିଧି ଯୋଗ ଦେଇଥିଲେ।

ବୈଠକରେ ସଂଘ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ୩ଟି ପ୍ରସ୍ତାବ ଦିଆଯାଇଥିଲା। ପ୍ରଥମତଃ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗରେ କାର୍ଯ୍ୟରତ ଅମଲାଙ୍କର ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହ କମ୍ପ୍ୟୁଟର୍ ଜ୍ଞାନ ଭିତ୍ତିରେ ଦରମା ଓ ଲେବୁଲ୍-୯, ୨୦୧୭ରୁ ବେନିଫିଟ୍ ପ୍ରଦାନ। ଦ୍ୱିତୀୟତଃ ୨୦୧୯ର କ୍ୟାଡର ନିୟମ ଅନୁଯାୟୀ ଜିଲ୍ଲାସ୍ତରୀୟ ଅମଲାଙ୍କର ପଦୋନ୍ନତି ନିମନ୍ତେ ରାଜ୍ୟ ସରକାର ଗତ ଜାନୁଆରୀ ୨ରେ ଆଦେଶ ଦେଇଛନ୍ତି। ଏବେ ଅନେକ ଜିଲ୍ଲାସ୍ତରୀୟ ଅମଲା ପଦୋନ୍ନତି ନପାଇ ଅବସର ଗ୍ରହଣ କରୁଛନ୍ତି। ଅଦ୍ୟାବଧି କୌଣସି ଜିଲ୍ଲାରେ ପ୍ରତିଷ୍ଠାନ ଅଧିକାରୀ ଓ ବରିଷ୍ଠ ପ୍ରତିଷ୍ଠାନ ଅଧିକାରୀ ପ୍ରମୋସନ ଦିଆଯାଇନାହିଁ। ଏଣୁ ସଚିବାଳୟ, ମୁଖ୍ୟ ଦପ୍ତର କାର୍ଯ୍ୟାଳୟ ଭଳି ଜିଲ୍ଲା ସ୍ତରରେ ଗୋଟିଏ କ୍ୟାଡର ନିୟମ ପ୍ରଣୟନ କରାଯାଉ। ସେହିପରି ତୃତୀୟତଃ ଭୁବନେଶ୍ୱର ମୁଖ୍ୟାଳୟଠାରେ ସଂଘ କାର୍ଯ୍ୟ ନିମନ୍ତେ ଗୋଟିଏ ଘର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉ। ଏହିସବୁ ଦାବି ପୂରଣ ନିମନ୍ତେ ଚଳିତ ବର୍ଷ ରାଜ୍ୟପାଳ, ମୁଖ୍ୟ ସଚେତକ, ବାଚସ୍ପତି, ଉପବାଚସ୍ପତି, ହାଉସ୍ କମିଟି ଅଧକ୍ଷ ରାଜ୍ୟ ସରକାରଙ୍କୁ ସୁପାରିସ୍ କରିଛନ୍ତି। ତା'ଛଡ଼ା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଛି।

ବିଜେଡି ରାଜ୍ୟସଭା ଦ୍ୱନ୍ଦ୍ୱରେ ଅଶୋକଙ୍କ ପେଞ୍ଚ

# ପୁରୁଖା ନେତାଙ୍କୁ ପ୍ରାର୍ଥୀ କଲେ ଭଲ ହେବ



**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ରାଜ୍ୟସଭା ନିର୍ବାଚନକୁ ନେଇ ବରିଷ୍ଠ ବିଜେଡି ନେତା ଅଶୋକ ପଣ୍ଡାଙ୍କ ବୟାନ ଏବେ ଚର୍ଚ୍ଚାର ନୂଆ ଖୋରାକ ସୃଷ୍ଟି କରିଛି । ରାଜ୍ୟସଭା ପ୍ରାର୍ଥୀ ନେଇ ପୁରୁଖା ନେତାଙ୍କୁ ସମର୍ଥନ କରିଛନ୍ତି ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା। ସାଙ୍ଗଠନିକ ଦକ୍ଷତା, ଅଭିଜ୍ଞତା, ଦଳ ପ୍ରତି ଆନୁଗତ୍ୟ ଓ ଅବଦାନ ଥିବା ନେତାଙ୍କୁ ରାଜ୍ୟସଭା ପ୍ରାର୍ଥୀ ପାଇଁ ବିଚାର କଲେ ଭଲ ହେବ ବୋଲି ସେ କହିଛନ୍ତି। ସବୁଠୁ ବଡ଼ ହେଲା ଦଳ ଆଉ ଦଳ ସଭାପତି। ଏସବୁକୁ ସଭାପତି ବିଚାରକୁ ନେଇ ପ୍ରାର୍ଥୀ ଚୟନ କଲେ ଭଲ ହେବ ବୋଲି ସେ କହିଛନ୍ତି। ବିଭିନ୍ନ ଫୋରମରେ ଏନେଇ ଆଲୋଚନା ହେଉଥିବ, କିନ୍ତୁ କେଉଁ ପାରାମିଟରରେ କିଏ ଆସୁଛି ତାହା ସଭାପତି ଚିନ୍ତା କରିବେ। ଜାତୀୟ ସ୍ତରରେ ଆଞ୍ଚଳିକ ଦଳ ବି ପୁରୁଖା ନେତାଙ୍କୁ ପ୍ରାଧାନ୍ୟ ଦିଅନ୍ତି । ଆମେ ବି ପୁରୁଖା ନେତାଙ୍କୁ ସଂସଦକୁ ପଠାଇଲେ ଭଲ ହେବ ବୋଲି ଅଶୋକ ପଣ୍ଡା କହିଛନ୍ତି । ସୂଚନାଯୋଗ୍ୟ ଯେ, ରାଜ୍ୟସଭା ପାଇଁ ଓଡ଼ିଶାରୁ ୪ଟି ସିଟ୍ ଖାଲି ହେବ । ୪ଟି ଆସନ ଭିତରୁ ବିଜେପି ୨ଟି ଏବଂ ବିଜେଡି ଗୋଟିଏ ଆସନ ଜିତିବା ଥୟ । କିନ୍ତୁ କିଏ ଏହି ଆସନରେ ପ୍ରାର୍ଥୀ ହେବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

## ଶ୍ମଶାନରୁ ଚୋରି ହୋଇଯାଉଛି ଶବ

● ଏକାସାଙ୍ଗେ ୫ ଶବ ଉଭାନ



**ଭଣ୍ଡାରିପୋଖରୀ, ୧୪।୨ (ସଂଚାର ବ୍ୟୁରୋ):** ପୁଣି ଥରେ ଚର୍ଚ୍ଚାରେ ଭଦ୍ରକର ଶ୍ମଶାନରୁ ଶବ ଗାଏବ ହେବା ଘଟଣା । ଗତ ବର୍ଷ ଜୁଲାଇ ମାସରେ ମଶାଣିରୁ ଶବ ଗାଏବ ହେବାକୁ ନେଇ ସାରା ରାଜ୍ୟରେ ଚହଳ ପଡିଥିଲା। ଏବେ ପୁଣି ସାମନାକୁ ଆସିଛି ସମାନ ଅଭିଯୋଗ। ହେଲେ, କିଏ ଓ କାହିଁ ଶବ ନେଉଛି କାହା ପାଖରେ ସଠିକ୍ ଉତ୍ତର ନାହିଁ। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକରୁ ଆସିଛି ଏହି ଚାଞ୍ଚଲ୍ୟକର ଖବର। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବୈତରଣୀ ନଦୀ କୂଳରେ ଥିବା ମଶାଣିରୁ ଏକାଥରରେ ପାଞ୍ଚଟି ମୃତଦେହ ଉଭାନ ହୋଇଯାଇଛି। ସ୍ଥାନୀୟ ଅଂଚଳରେ କାହାର ମୃତ୍ୟୁ ହେଲେ, ଏଠାରେ ପୋତିବାର ପରମ୍ପରା ରହିଛି। ହେଲେ, ଏହି ସବୁ ମୃତଦେହ ପୋତିବାର କିଛି ଦିନ ପରେ ମାଟି ଖୋଳି କେହି ଶବ ନେଇ ଯାଉଛନ୍ତି। ଗତ କିଛି ଦିନ ଭିତରେ ମଣିନାଥପୁର ଗାଁର ଖଗେଶ୍ୱର ସାମଲ, ହାଡ଼ିବନ୍ଧୁ ବେହୁରିଆ, କାର୍ତ୍ତିକ ନାୟକ, ସରସ୍ୱତୀ ବେହେରା ଓ କାଳନ୍ଦୀ ବେହେରାଙ୍କ ମୃତ୍ୟୁ ହୋଇଥିଲା। ପରମ୍ପରା ଅନୁସାରେ ଶ୍ମଶାନରେ ସେମାନଙ୍କ ଶବକୁ ପୋତି ସଂସ୍କାର କରାଯାଇଥିଲା। କିନ୍ତୁ, ୨ ଦିନ ତଳେ ଏସବୁ ଶବ ଗାଏବ ହେବା ନେଇ ଚର୍ଚ୍ଚା ଜୋର ଧରିଛି। ଭଦ୍ରକରୁ ଶବ ଚୋରି ହେବା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ୨୦୨୫ ଜୁଲାଇ ମାସରେ ୪ଟି ମୃତଦେହ ଉଭାନ୍ ହୋଇଥିଲା। ପ୍ରଥମେ ୨୦୧୭ରେ ମୃତଦେହ ଚୋରି ହେଉଥିବା ଘଟଣା ସାମ୍ନାକୁ ଆସିଥିଲା। ଆଦର୍ଶ ପ୍ରଧାନଶିକ୍ଷକ ବାସୁଦେବ ଦାସଙ୍କ ମୃତଦେହ ସେହି ବର୍ଷ ଚୋରି ହୋଇଥିଲା। ଏ ନେଇ ମାମଲା ରୁଜୁ ହୋଇଥିଲା। ୨୦୨୩ରେ ବି ମାଟି ଖୋଳି ୩ଟି ଶବ ନେଇଯିବା ଅଭିଯୋଗ ହୋଇଥିଲା। ସେତେବେଳେ ଏହାକୁ ନେଇ ରାଜ୍ୟରେ ତମ୍ବିତୋଫାନ ହୋଇଥିଲା। କିନ୍ତୁ ରହସ୍ୟ ଉପରୁ ପରଦା ଉଠାଇପାରିନଥିଲା ପୁଲିସ୍। ସେ ନେଇ ରହସ୍ୟ ବଢୁଛି। ଶବ ଚୋରି ପଛରେ କୌଣସି ରାକେଟ କାମ କରୁଥିବା ସନ୍ଦେହ ବଢୁଛି।

# ପୁଣି ଇରାନକୁ ଆମେରିକାର ଧମକ

● ଶାସନ ପରିବର୍ତ୍ତନ ହେବ ସର୍ବୋତ୍ତମ ପଦକ୍ଷେପ



**ନ୍ୟୁୟର୍କ, ୧୪।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନରେ ଶାସନ ପରିବର୍ତ୍ତନ ସର୍ବୋତ୍ତମ ପଦକ୍ଷେପ ହେବ। ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ପ୍ରଶାସନ ତେହେରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନର ବିକଳ୍ପ ଉପରେ ଗମ୍ଭୀରତାର ସହିତ ବିଚାର କରୁଛି । ଉତ୍ତର କାରୋଲିନାର ଫୋର୍ଟ ବ୍ରାଗରେ ସୈନ୍ୟମାନଙ୍କୁ ସାକ୍ଷାତ କରିବା ପରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ଟ୍ରମ୍ପ କହିଛନ୍ତି, ଇସଲାମିକ ଧର୍ମତାନ୍ତ୍ରିକ ଶାସନକୁ ହଟାଇବାର ଧାରଣା ଅତ୍ୟନ୍ତ ସକାରାତ୍ମକ ହେବ। ୪୭ ବର୍ଷ ଧରି, ଇରାନ ସହ ସମ୍ପର୍କ କେବଳ କଥାବାର୍ତ୍ତାରେ ସୀମିତ ରହିଛି। ଏପରି ମନେ ହେଉଛି ଶାସନ ପରିବର୍ତ୍ତନ ହେଉଛି ସର୍ବୋତ୍ତମ ପଦକ୍ଷେପ, ଯାହା ଆଗକୁ ହୋଇପାରେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ସର୍ବୋଚ୍ଚ ଶାସକ ଆୟୋତୋଲ୍ଲା ଅଲ୍ଲୀ ଖେମିନିଙ୍କୁ ଏକ ଧମକ ଭାବେ ଦେଖାଯାଉଛି। ଟ୍ରମ୍ପ କହିଛନ୍ତି, ଆମେରିକା ମଧ୍ୟପ୍ରାଚ୍ୟରେ ଦ୍ୱିତୀୟ ବିମାନ ବାହକ ଦଳ ମୁତୟନ କରାଯିବାକୁ ଚିନ୍ତା କରୁଛି। ବିଶ୍ୱର ସର୍ବବୃହତ ବିମାନ ବାହକ ୟୁଏସ୍ଏସ୍ ଜେରାଲ୍ଡ ଆର. ଫୋର୍ଡ କାରିବିଆନରୁ ବାହାରି ମଧ୍ୟପ୍ରାଚ୍ୟକୁ ଯିବ, ଯେଉଁଠାରେ ଏହା ପୂର୍ବରୁ ଉପସ୍ଥିତ ଥିବା ଆମେରିକୀୟ ଯୁଦ୍ଧଜାହାଜ ଓ ସାମରିକ ଦଳ ସହିତ ଯୋଗଦେବ। ଯଦି ଆମେ ଏକ ଚୁକ୍ତି କରିପାରିବା ନାହିଁ, ତେବେ ଆମକୁ ଏଭଳି ଆବଶ୍ୟକତା ପଡ଼ିବ। ଦ୍ୱିତୀୟ ବିମାନ ବାହକ ଖୁବ୍ ଶୀଘ୍ର ଗନ୍ତବ୍ୟ ପଥରେ ଯାତ୍ରା ଆରମ୍ଭ କରିବ।

ଉପସାଗରୀୟ ଦେଶଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ, ଇରାନ ଉପରେ ଯେକୌଣସି ଆକ୍ରମଣ ମଧ୍ୟପ୍ରାଚ୍ୟରେ ଆଉ ଏକ ଆଞ୍ଚଳିକ ସଂଘର୍ଷ ସୃଷ୍ଟି କରିପାରେ। ମଧ୍ୟପ୍ରାଚ୍ୟ ପୂର୍ବରୁ ଗାଜା ଷ୍ଟ୍ରିପରେ ଇସ୍ରାଏଲ-ହମାସ ଯୁଦ୍ଧରୁ ମୁକୁଳିବା ପାଇଁ ସଂଘର୍ଷ କରୁଛି । ଏହି ସମୟରେ, ଇରାନରେ ଗତ ମାସରେ ଦେଶବ୍ୟାପୀ ପ୍ରତିବାଦ ଯୋଗୁ ସ୍ଥିତି ଅଧିକ ଖରାପ ହୋଇଯାଇଥିବା ଉପସାଗରୀୟ ଦେଶଗୁଡ଼ିକ କହିଛନ୍ତି ।

ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ୟୁଏସଏସ ଫୋର୍ଡ ପୂର୍ବରୁ ମଧ୍ୟପ୍ରାଚ୍ୟରେ ମୁତୟନ ଥିବା ୟୁଏସଏସ ଆବ୍ରାହମ ଲିଙ୍କନ ସହ ଗାଇଡେଡ ମିସାଇଲ ବିଧ୍ୱଂସକ ସହିତ ନିୟୋଜିତ ହେବ। ଗତ ସପ୍ତାହରେ ଆମେରିକୀୟ ସେନା ଲିଙ୍କନ ନିକଟରେ ପହଞ୍ଚିଥିବା ଏକ ଇରାନୀ ଡ୍ରୋନ୍‌କୁ ଗୁଳି କରି ଖସାଇ ଦେଇଥିଲା । ସେହି ଦିନ, ଇରାନ ହର୍ମୁଜ୍ ପ୍ରଣାଳୀରେ ଏକ ଆମେରିକୀୟ ପତାକା ଜାହାଜକୁ ଅଟକାଇବାକୁ ଚେଷ୍ଟା କରିଥିଲା।

## ସ୍କାଉଟ୍ ଗାଇଡ୍ ଛାତ୍ରଛାତ୍ରୀଙ୍କ ଦୀକ୍ଷା ଗ୍ରହଣ ଉତ୍ସବ



**କଟକ,୧୪।୨(ସଂଚାର ବ୍ୟୁରୋ):** ଶନିବାର ଯୋବ୍ରାସ୍ଥିତ ପୌର ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ଦୀକ୍ଷା ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ କଟକ ଜିଲ୍ଲା ସ୍କାଉଟ୍ କମିଶନର ଅଶୋକ କୁମାର ମହାପାତ୍ର, କଟକ ଜିଲ୍ଲା ଗାଇଡ୍ କମିଶନର ନିରୁପମା ମଲ୍ଲିକ, କଟକ ଜିଲ୍ଲା ରୋଭର ଲିଡର ଶ୍ରୀମନ୍ତ ପଣ୍ଡା, ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ତ୍ରିପାଠୀ, ସ୍କାଉଟ୍ ମାଷ୍ଟର ନିର୍ମଳ ଚନ୍ଦ୍ର ନାୟକ, ଗାଇଡ୍ କ୍ୟାପ୍ଟେନ୍ ମୀରରାଣୀ ନାୟକ, ବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀ ପରିଷଦ ସମ୍ପାଦକ ଶୁଭେନ୍ଦୁ ମହାନ୍ତି ଯୋଗଦେଇ ସ୍କାଉଟ୍ ଗାଇଡ୍ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ, ଶୃଙ୍ଖଳା ଓ କର୍ତ୍ତବ୍ୟ ବିଷୟରେ ସୂଚନା ଦେଇଥିଲେ। ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ଡ. ରାଜଶ୍ରୀ ସାହୁ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଅଲେଖ ଚନ୍ଦ୍ର ବେଜ, ପୀତବାସ ବିନ୍ଧାଣୀ, ସ୍କାଉଟ ମାଷ୍ଟର ବିଭୁତି ପରିଡ଼ା, ଶ୍ରଦ୍ଧାମୟୀ ଦାସ, ଅରୁଣା ଶୁକ୍ଳା, ମାଣିକେଶ୍ୱରୀ ଜେନା ଓ ଅରୁଣ କୁମାର ପରିଡ଼ା ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ 'ଓଡ଼ିଆ ଅସ୍ମିତା ଶିବିର' ଉଦ୍‌ଯାପିତ




**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ 'ଓଡ଼ିଆ ଅସ୍ମିତା ଶିବିର-୨୦୨୬'ର ଉଦ୍‌ଯାପନୀ ସମାରୋହ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଶ୍ରୀଯୁକ୍ତ କାଳୀପ୍ରସନ୍ନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାର ସାଂସ୍କୃତିକ ବିଭାଗର ପ୍ରଚାର ଓ ପ୍ରସାର ନିମନ୍ତେ ସମସାମୟିକ ଯୁବପିଢ଼ି ସଂକଳ୍ପବଦ୍ଧ ହୋଇ ଉଦ୍ୟମକଲେ ଆମ ଅସ୍ମିତାର ଗୁରୁତ୍ୱ ବଜାୟ ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ । ରାଜ୍ୟର ୨୧ଟି ବିଶ୍ୱବିଦ୍ୟାଳୟର ଯୁବ ପ୍ରତିନିଧିଙ୍କ ଜରିଆରେ ଏହି ଶିବିରର ସାଂସ୍କୃତିକ ଓ ସାମାଜିକ ବାର୍ତ୍ତା ରାଜ୍ୟବ୍ୟାପୀ ପ୍ରସାରିତ ହେବ ବୋଲି ସେ କହିଥିଲେ । ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସରିତା ପଟେଲ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜ୍ୟର ୨୧ଟି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କୁ ନେଇ ଆୟୋଜିତ ଏହି ଶିବିରର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହ ଓଡ଼ିଆ ଅସ୍ମିତାର ମହନୀୟତା ବିଷୟରେ ଆଲୋଚନା କରିଥିଲେ । କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଓଡ଼ିଶାର ସାଂସ୍କୃତିକ ମୂଲ୍ୟବୋଧ ସଂପର୍କରେ ସଚେତନ ହୋଇ ଯୁବ ସ୍ୱେଚ୍ଛାସେବୀ ସାଂସ୍କୃତିକ ରାଷ୍ଟ୍ରଦୂତର ଭୂମିକା ନିର୍ବାହ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡ ଚକ୍ରଧର ବେହେରା, ବରିଷ୍ଠ ଅଧାପକ ଦୀନବନ୍ଧୁ ମହାନ୍ତି ଓ ଅଧାପକ କିଶୋର ଚନ୍ଦ୍ର ବେହେରା ଓଡ଼ିଆ ଅସ୍ମିତା ଓ ଯୁବ ସ୍ୱେଚ୍ଛାସେବୀଙ୍କ ସାମାଜିକ ଦାୟିତ୍ୱ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ଶିବିରର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ସମ୍ବାଦ ପୁସ୍ତିକା 'ଅସ୍ମିତା' ଲୋକାର୍ପିତ ହୋଇଥିଲା । ରାଜ୍ୟର ୨୧ ବିଶ୍ୱବିଦ୍ୟାଳୟର ପ୍ରତିନିଧିଙ୍କୁ ନେଇ ଆୟୋଜିତ ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟଭିତ୍ତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜାତୀୟ ସେବା ଯୋଜନା ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପ୍ରଫେସର ସମ୍ପୂର୍ଣ୍ଣ ଶୋଭରା, ଡ. ଧୀରଜ କୁମାର ମହାପାତ୍ର, ଡ. ଆଶିଷ ମହାପାତ୍ର, ଡ. ସାରଦା ପ୍ରସନ୍ନ ଦାସ, ଡ. ସସ୍ମିତା କାମିଲା ଓ ଡ. ମୋନାଲିସା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩ ଲକ୍ଷ...

କରାଯାଇଥିବା କାର୍ଯ୍ୟକ୍ରମ ପାଇଁ ମଧ ବଜେଟରେ ବ୍ୟୟ ବରାଦ କରାଯିବ। କ୍ୟାପିଟାଲ ରିଜନ ରିଙ୍ଗ ରୋଡ ସହ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏଲିଭେଟେଡ କରିଡର, ଭୁବନେଶ୍ୱର-କଟକ-ପାରାଦ୍ୱୀପ-ପୁରୀକୁ ନେଇ ଗଠିତ ହୋଇଥିବା ଅର୍ଥନୈତିକ କରିଡରର ବିକାଶ ଭଳି ମହତ୍ତ୍ୱାକାଂକ୍ଷୀ ଯୋଜନା ପାଇଁ ମଧ ବଜେଟରେ ବ୍ୟୟବରାଦ କରାଯିବ। ଆଗାମୀ ୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାକୁ ପୂରଣ କରିବାକୁ ଥିବାରୁ ଏଥର ବଜେଟର ଆକାର ବଢ଼ିବା ସ୍ୱାଭାବିକ।

ତେବେ ବଜେଟରେ ବିଭିନ୍ନ ବିଭାଗ ପାଇଁ ହେଉଥିବା ବ୍ୟୟବରାଦ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇପାରୁ ନ ଥିବା ନେଇ ମୁଖ୍ୟମନ୍ତ୍ରୀ ଉଦବେଗ ପ୍ରକାଶ କରିଥିଲେ। ନିକଟରେ ପ୍ରକାଶ ପାଇଥିବା କିଛି ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଡିସେମ୍ବର ସୁଦ୍ଧା ମୋଟ ବଜେଟ୍‌ର ୫୦ ପ୍ରତିଶତ ଅର୍ଥ ବି ଖର୍ଚ୍ଚ ହୋଇନଥିଲା। ଏ କ୍ଷେତ୍ରରେ କେତେକ ବିଭାଗର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଥିଲା। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସବୁ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ ବଜେଟ୍ ଅର୍ଥ ଖର୍ଚ୍ଚ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କେବଳ ଖର୍ଚ୍ଚ ନୁହେଁ, ଅଧିକାରୀଙ୍କ ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରିବାକୁ ମଧ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

### ବହୁବିଧ...

ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ପାଇଁ ମଧ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ।

ଏହି ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ତଥ୍ୟର ଯୁଗ। ଆମର ସରକାର ଅନଲାଇନରେ ୪୦୦ରୁ ଅଧିକ ସେବା ପ୍ରଦାନ କରେ। ନାଗରିକଙ୍କ ତଥ୍ୟ ସର୍ବଦା ସୁରକ୍ଷିତ, ସୁଗମ ଏବଂ ଆମ ନିୟନ୍ତ୍ରଣରେ ରହିବା ଉଚିତ। କେନ୍ଦ୍ର ଡାଟା ସ୍ଥାନୀୟକରଣ ପ୍ରୟାସକୁ ସମର୍ଥନ କରିବ ଏବଂ ରାଜ୍ୟର ଡିଜିଟାଲ ଶାସନ ଢାଞ୍ଚାର ସ୍ଥିରତାକୁ ବୃଦ୍ଧି କରିବ। କେନ୍ଦୁଝର କମ ଭୂମିକମ୍ପ-ବିପଦ ପ୍ରବଣ (ଜୋନ୍ ଦୁଇ) ହୋଇଥିବା ଯୋଗୁଁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି। ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ କେନ୍ଦୁଝର କରିଥାଏ ବୋଲି ଅଗ୍ରାଧିକାର ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଜିଲ୍ଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି ଏବଂ ମକର ପର୍ବ ସମୟରେ ୧୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା। ଏକ ସମୃଦ୍ଧ ଓଡ଼ିଶା ଏହାର ଜିଲ୍ଲାଗୁଡ଼ିକର ସମୃଦ୍ଧି ମାଧମରେ ଗଢ଼ି ଉଠିବ। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ ଶକ୍ତି ଏକ ବିକଶିତ ଭାରତ ଆଡକୁ ଆମର ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ବିଧାୟକ ଅଖିଳ ନାଏକ, ଜିଲ୍ଲାପାଳ ଡଃ ଫକୀର ମୋହନ ନାଏକ, ଓକାକ ସିଇଓ ବିଶାଳ ସିଂହ, ହିଣ୍ଡାଲକୋସଭାପତି ପ୍ରଦୀପ କୁମାର ରାଉତ, ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ ନାଗରିକ ଯୋଗ ଦେଇଥିଲେ।

### ବିଳମ୍ବ...

କରାଯିବ ବୋଲି କୁହାଯାଇଛି। ଉପଜିଲ୍ଲାପାଳମାନେ ନିୟମିତ ନିରୀକ୍ଷଣ ପାଇଁ ଉତ୍ତରଦାୟୀ ରହିବା ସହ ବଳକା ମାମଲା ଶୀଘ୍ର ସାରିବା ପ୍ରକ୍ରିୟାର ପର୍ଯ୍ୟବେକ୍ଷଣ ପାଇଁ ଡ୍ୟାସବୋର୍ଡ ବ୍ୟବସ୍ଥା ଆରମ୍ଭ ହେବ। ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କିତ ସଂଯୁକ୍ତ ରିପୋର୍ଟ ନିୟମିତ ଭାବେ ଦାଖଲ କରିବା ସହ ସମସ୍ୟାଗୁଡ଼ିକୁ ବିଭାଗକୁ ଅବଗତ କରାଇବା ପାଇଁ କୁହାଯାଇଛି ।

ଏହାକୁ ପ୍ରାଥମିକତା ଭାବେ ଗ୍ରହଣ କରି ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ କରିବାକୁ ପୂର୍ବରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସମସ୍ତ ଆରଡିସିଙ୍କୁ ବ୍ୟକ୍ତିଗତ ଭାବେ ସମସ୍ତ କାର୍ଯ୍ୟ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ସ୍ପେଶାଲ୍...

ପୁଲିସ୍ ପାଟଣାରୁ ନୋଇଡା, ପୁଣି ନାଗାଲାଣ୍ଡ ଯାଏଁ ଜାଲ ବିଛାଇଥିଲା। ଇତିମଧ୍ୟରେ ଏହି ୨୬ଜଣିଆ ଟିମ୍ ବା ସ୍ପେଶାଲ୍-୨୬ ମଧୁକାନ୍ତର ସ୍ଥିତି ବିଷୟରେ ସୁରାଗ୍ ପାଇଥିଲା। ସେ ବିହାରରୁ ଉତ୍ତରପ୍ରଦେଶର ବୃନ୍ଦାବନକୁ ଖସି ପଳାଇଥିବା ବେଳେ ସେଠାକାର ଏକ ମଠ ଗେଷ୍ଟ ହାଉସରେ କର୍ମଚାରୀ ଭାବେ ରହୁଥିବା ଜଣାପଡ଼ିଥିଲା। ତୁରନ୍ତ ଉକ୍ତ ଟିମ୍‌ର କେତେକ ଅଧିକାରୀ ଅଣ୍ଡରକଭର୍ ଏଜେଣ୍ଟ ସାଜି ଉକ୍ତ ଗେଷ୍ଟହାଉସରେ ରହିବା ସକାଶେ ଫୋନ କରିଥିଲେ। ଫୋନ କଲ୍ ପାଇ ଗ୍ରାହକ ବୋଲି ଭାବିବା ସହ ମଧୁକାନ୍ତ ନିଜେ ବାଇକ୍ ଧରି ସେମାନଙ୍କୁ ସଙ୍ଖୋଳିବାକୁ ଯାଇଥିଲା। ଶେଷରେ ସେ ସଙ୍ଖୋଳିବାକୁ ଯାଇଥିବା ଅଧିକାରୀମାନେ ତାକୁ ଗିରଫ କରି ତା'ର ୫ ମାସର ଲୁଚକାଳି ଖେଳରେ ପୂର୍ଣ୍ଣଚ୍ଛେଦ ପକାଇବାରେ ସକ୍ଷମ ହୋଇଛି।

ସୂଚନାଯୋଗ୍ୟ ଯେ ଉଭୟ କଏଦୀ ପୂରାପୂରି ଫିଲ୍ମ ଷ୍ଟାଇଲ୍‌ରେ ଫେରାର୍ ହୋଇଯାଇଥିଲେ। ଗତ ବର୍ଷ ଅକ୍ଟୋବର ୨ରେ ଦଶହରା ପାଇଁ ଜେଲ୍ ପରିବେଶ ଉଚ୍ଛୁଳୁଥିଲା। ରାତିରେ ମଧ ସେଠାରେ ପୂଜା ସେଲିବ୍ରେସନ୍ ହୋଇଥିଲା। ଏହାର ସୁଯୋଗ ନେଇ ଚୌଦ୍ୱାର ମଣ୍ଡଳ କାରାଗାରରେ ସେମାନେ ରହୁଥିବା ସେଲ୍‌ର ଲୁହା ଗ୍ରିଲ୍ କାଟିବା ପରେ ପାଚେରୀ ଡେଇଁ ସୀମା ପାର୍ ହୋଇଯାଇଥିଲେ। ପାଚେରୀ ଡେଇଁବା ପାଇଁ ସେମାନେ ବ୍ୟବହାର କରିଥିଲେ ନିଜ ନିଜର ପିନ୍ଧା ପୋଷାକ, କମ୍ବଳ ଓ ଏକ ଦଉଡ଼ି। ପୂରା ଫିଲ୍ମ ଷ୍ଟାଇଲରେ ସୁରକ୍ଷା ବଳୟ ଭେଦ କରି ପୁଲିସ ଜେଲ୍ କର୍ମଚାରୀଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ସେମାନେ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ଏହାପରେ ଜେଲରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଥିଲା ନାନା ପ୍ରଶ୍ନ। କର୍ତ୍ତବ୍ୟରେ ଅବହେଳା ପାଇଁ ୱାର୍ଡର ଓ ଚିଫ୍ ୱାର୍ଡରଙ୍କୁ ନିଲମ୍ବନ କରିବା ସହ କଟକ ରେଞ୍ଜ୍ ଡିଆଇଜିଙ୍କୁ ତଦନ୍ତ ଭାର ଦେଇଥିଲେ ଜେଲ୍ ବିଭାଗ ଡିଜି। ରିପୋର୍ଟ ଆସିବା ପରେ ଜେଲର୍ ସନ୍ତୋଷିନୀ ଦାସଙ୍କୁ ଚୌଦ୍ୱାର ଜେଲରୁ କଣ୍ଟାବାଞ୍ଜି ପଠାଯାଇଥିଲା। ମଧୁ ଓ ରାଜାର ଫଟୋ ଜାରି କରି ୫୦ ହଜାର ଟଙ୍କାର ପୁରସ୍କାର ରାଶି ବି ଘୋଷଣା କରିଥିଲା କମିଶନରେଟ୍ ପୁଲିସ୍। ତେବେ ମଧୁକାନ୍ତକୁ ପଚରାଉଚରା କରି ପୁଲିସ୍ ଖୁବ୍‌ଶୀଘ୍ର ରାଜାକୁ ବି ଧରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି।

### ଆନନ୍ଦପୁର...

ଜମି ଜଳସେଚିତ ହେବ। ତିନୋଟିଯାକ ପ୍ରକଳ୍ପ କାମ ୨୪ ମାସ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହିତ ରାଜ୍ୟର ଇଏସଆଇ ହସ୍ପିଟାଲ ଓ ଡିସପେନସାରିରେ ସେବା କରିବା ପାଇଁ ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓଗ୍ରାଫର ସେବା ନିଯୁକ୍ତ ବ୍ୟକ୍ତିଙ୍କ ନିଯୁକ୍ତି ଓ ପଦୋନ୍ନତି ପାଇଁ ଏକ ନୂଆ କ୍ୟାଡର ନିୟମକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି।

### ଏଥର...

କେଉଁସବୁ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗ ଉଠାଇବ, ସେନେଇ ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ କରାଯିବ ବୋଲି ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି । ଆସନ୍ତା ୧୬ତାରିଖ ଅପରାହ୍ଣରେ ଶଙ୍ଖ ଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ବସି ରଣନୀତି ପ୍ରସ୍ତୁତ କରାଯିବ ।

କଂଗ୍ରେସ ମଧ ବିଜେପି ସରକାରକୁ ଘେରିବାକୁ ସଜବାଜ ଆରମ୍ଭ କରିଛି। ସୋମବାର ବସିବ କଂଗ୍ରେସ ବିଧାୟକ ଦଳ ବୈଠକ। ଓଡ଼ିଶା ଜନମାନସର ଯେଉଁ ସମସ୍ୟା ହେଉଛି, ତାହାକୁ ସରକାର ଅଣଦେଖା କରୁଛନ୍ତି, ସେହି ପ୍ରସଙ୍ଗରେ କଂଗ୍ରେସ ସରକାରଙ୍କୁ ଘେରିବ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ଚାଷୀ ସମସ୍ୟା ଓ ମିଲରଙ୍କ ସହ ଅଫିସରଙ୍କ ମଧୁଚନ୍ଦ୍ରିକାକୁ ନେଇ କଂଗ୍ରେସ ସରକାରଙ୍କୁ ଘେରିବ ବୋଲି ସେ କହିଛନ୍ତି। ସେପଟେ ବିଜେପି ବିଧାୟକମାନେ ବିରୋଧୀଙ୍କ ଜବାବ ଦେବା ସହ ୨୪ ବର୍ଷର ବିଫଳତାର ତାଲିକା ଦେବେ ବୋଲି କହିଛନ୍ତି। ବଜେଟ ଅଧିବେସନ ପୂର୍ବରୁ ୧୬ ତାରିଖରେ ବାଚସ୍ପତିଙ୍କ ଅଧକ୍ଷତାରେ ବସିବ ସର୍ବଦଳୀୟ ବୈଠକ।

### ଲିଙ୍ଗରାଜ...

ଆଖପାଖ ଅଞ୍ଚଳରେ ରଙ୍ଗିନ ଆଲୋକ ଓ ଦୀପରେ ସଜାଯାଇଛି। ଏହାଛଡ଼ା ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ସକାଶେ ବ୍ୟାରିକେଡ୍‌ମାନ କରାଯାଇଛି। ସେହିପରି କମିଶନରେଟ୍ ପୁଲିସ୍ ପକ୍ଷରୁ ମଧ ନକଲି ସେବାୟତଙ୍କୁ ରୋକିବା ସକାଶେ ନିର୍ଦ୍ଦେଶ ଜାରି କରାଯାଇଛି। ନିକଟରେ ଅନଲାଇନ୍‌ରେ ସେବାୟତଙ୍କ ପାଇଁ ଉଦ୍ଦିଷ୍ଟ ପାସ୍ ବିକ୍ରି ହେବାର ଖବର ସାମ୍ନାକୁ ଆସିବା ପରେ ଏ ଦିଗରେ ପୁଲିସ୍ ଏପରି ପଦକ୍ଷେପ ନେଇଛି। ଅନଲାଇନ୍‌ରେ ୧୮୦୦ ଟଙ୍କାରେ ପାସ୍ ମିଳୁଛି ଓ ଏହା ମାଧମରେ କେହି ବି ସହଜରେ ମନ୍ଦିର ଭିତରେ ଦର୍ଶନ କରିପାରିବେ ବୋଲି ଖବର ଜଣାପଡ଼ିବା ପରେ କମିଶନରେଟ୍ ପକ୍ଷରୁ କୁହାଯାଇଛି ଯେ କୌଣସି ସେବାୟତଙ୍କ ପାସ୍ ନକଲି ସାବ୍ୟସ୍ତ ହେଲେ, ତାଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବ।

ଏହାଛଡ଼ା ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଭକ୍ତମାନଙ୍କ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁମ୍ବାଇର ଜଣାଶୁଣା ବଲିଉଡ୍ ଗାୟକ ନୀତିନ୍ ମୁକେଶ ଓ ଆହୁରି କେତେକ ରାଜ୍ୟର କଣ୍ଠଶିଳ୍ପୀ ଯୋଗଦେବେ। ସେମାନଙ୍କୁ ଓଡ଼ିଶାର ୩୦ ଜଣ କଣ୍ଠଶିଳ୍ପୀ ସହଯୋଗ କରିବେ। ତା'ଛଡ଼ା କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବହୁ କେନ୍ଦ୍ରମନ୍ତ୍ରୀ, ବିଧାୟକ, ସାଂସଦଙ୍କ ପରି ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବେ। ଏହାଛଡ଼ା ରାତି ୧୦ଟା ସମୟରେ ମହାଦୀପ ଉଠିବ। ସମସ୍ତ ପ୍ରକାର ରୀତିନୀତି ସୁରୁଖୁରୁରେ ସମ୍ପନ୍ନ କରିବା ସକାଶେ ସମସ୍ତ ନିଯୋଗ ପ୍ରତିଶ୍ରୁତି ଦେଇଥିବା ବ୍ରାହ୍ମଣ ନିଯୋଗ ସଭାପତି କହିଛନ୍ତି। ସେହିପରି ଆଜି ବିଏମ୍‌ସି ମେୟର୍ ସୁଲୋଚନା ଦାସ ମଧ ମନ୍ଦିରରେ ସଫେଇ କାର୍ଯ୍ୟର ତଦାରଖ କରିଛନ୍ତି।

### ଆଜି...

ମ୍ୟାଚ୍‌ରେ ପାକିସ୍ତାନ ଏହି ଏକମାତ୍ର ବିଜୟ ହାସଲ କରିଛି। ତେଣୁ ପାକିସ୍ତାନ ଟିମ୍ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ବିଜୟ ରେକର୍ଡକୁ ସୁଧାରିବା ସକାଶେ ଉଦ୍ୟମ କରିବ। କିନ୍ତୁ ଭାରତ ତା'ର ପ୍ରଥମ ଦୁଇ ମ୍ୟାଚ୍‌ରେ ଯେପରି ଦବ୍‌ଦବା ଦେଖାଇଛି, ତାକୁ ଦେଖିଲେ ପାକିସ୍ତାନ ପାଇଁ ଏହା କଡ଼ା ଚ୍ୟାଲେଞ୍ଜ୍ ହେବ ବୋଲି କୁହାଯାଇପାରେ। ଅବଶ୍ୟ ପାକିସ୍ତାନ ବି ଭାରତ ପରି ଦୁଇଟିଯାକ ମ୍ୟାଚ୍ ଜିତିଛି। କିନ୍ତୁ ଭାରତ ଉନ୍ନତ ରନ୍ ରେଟ୍ ଆଧାରରେ ଗ୍ରୁପ୍-ଏ'ର ଶୀର୍ଷରେ ରହିଛି। ସେହିପରି ଆଜି ଏଠାରେ ଅନୁଷ୍ଠିତ ପ୍ରାକ୍-ମ୍ୟାଚ୍ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି ଯେ ଆମେରିକା ବିପକ୍ଷରେ ପାକିସ୍ତାନ ଭଲ ପ୍ରଦର୍ଶନ କରିଛି। ବିଶେଷକରି ଦଳର ତାରକା ବୋଲର୍ ଉସମାନ ତାରିକ୍ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଛନ୍ତି। ଉକ୍ତ ମ୍ୟାଚ୍‌ରେ ସେ ମାତ୍ର ୫ ରନ୍ ଦେଇ ୪ଟି ୱିକେଟ୍ ନେଇଥିଲେ। ଯଦିଓ ସେ ଜଣେ ଭିନ୍ନ ଧରଣର ବୋଲର, ତଥାପି ଆମେ ଆତ୍ମସମର୍ପଣ କରିବୁ ନାହିଁ। ଆମେ ନିଜର ବ୍ୟାଟିଂରେ ପରିବର୍ତ୍ତନ କରିବୁ। ଆମେ ଟି-୨୦ରେ ଆକ୍ରମଣାତ୍ମକ ଢଙ୍ଗରେ ଖେଳିବା ପାଇଁ ଉଦ୍ୟମ କରିବୁ ବୋଲି ସୂର୍ଯ୍ୟ କହିଛନ୍ତି। ଅବଶ୍ୟ ସେ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନୀ ବୋଲରମାନେ ତାଙ୍କ ଦଳର ବ୍ୟାଟର୍‌ଙ୍କ ସକାଶେ ଚ୍ୟାଲେଞ୍ଜ ସୃଷ୍ଟି କରିବେ। କିନ୍ତୁ ଦଳର ବ୍ୟାଟର୍‌ମାନେ କଦାପି ଆତ୍ମସମର୍ପଣ କରିବେ ନାହିଁ ବୋଲି ସୂର୍ଯ୍ୟ କହିଛନ୍ତି। ତା'ଛଡ଼ା ଆଗାମୀ କାଲିର ମ୍ୟାଚ୍‌ରେ ବ୍ୟବହାର ହେବାକୁ ଥିବା ପିଚ୍‌ରେ ଦଳ ଅନେକ ମ୍ୟାଚ୍ ଖେଳିଛି। ତେଣୁ ଏହାର ଫାଇଦା ଦଳକୁ ମିଳିବ ବୋଲି ଭାରତୀୟ ଅଧିନାୟକ କହିଛନ୍ତି।

## ତୁଟିଲା ଜାତି ବିବାଦ, ସୋମବାରଠୁ ଅଙ୍ଗନବାଡ଼ି ଆସିବେ ପିଲା



**ଭୁବନେଶ୍ୱର,୧୪।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ରାଜନଗରର ଜାତିପ୍ରଥାକୁ ନେଇ ସୃଷ୍ଟି ହୋଇଥିବା ବିବାଦରେ ଆଜି ପଡିଛି ପୂର୍ଣ୍ଣଚ୍ଛେଦ। ସୋମବାର ଠାରୁ ଛାତ୍ରଛାତ୍ରୀ ଅଙ୍ଗନବାଡି ଯିବେ ବୋଲି ନିଷ୍ପତ୍ତି ହୋଇଛି। ଜିଲ୍ଲା ପ୍ରଶାସନ ଓ ମହିଳା କମିଶନଙ୍କ ହସ୍ତକ୍ଷେପ ପରେ ବିବାଦର ସମାଧାନ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଘଡିଆମାଳ ପଞ୍ଚାୟତ ନୂଆଗାଁର ଏହି ଜାତିପ୍ରଥା ବିବାଦକୁ ନେଇ ସାରା ଦେଶରେ ଚର୍ଚ୍ଚା ହୋଇଥିଲା। ସଂସଦରେ ବି କଥା ଉଠିଲା। । ଜିଲ୍ଲା ପ୍ରଶାସନଠୁ ମହିଳା କମିଶନ ପର୍ଯ୍ୟନ୍ତ, ଗାଁରେ ପହଞ୍ଚି ବୁଝାସୁଝା ସହିତ ପାଲା ମାଧ୍ୟମରେ ଜାତିଗତ ଭେଦଭାବ ବିରୋଧରେ ଲୋକଙ୍କୁ ସଚେତନ କରାଗଲା। ଯେଉଁ ଅଙ୍ଗନବାଡ଼ି ସହାୟିକାଙ୍କୁ ନେଇ ଭେଦଭାବର ମଞ୍ଜି ପୋତା ହୋଇଥିଲା, ଶେଷରେ ସେହି ଶର୍ମିଷ୍ଠାଙ୍କ ହାତରନ୍ଧା ଖାଦ୍ୟକୁ ଏକାଠି ବସି ଖାଇଥିଲେ ଗ୍ରାମବାସୀ ଓ ପ୍ରଶାସନିକ ଅଧିକାରୀ। ପିଲାଙ୍କୁ ଆସନ୍ତା ସୋମବାରରୁ ଅଙ୍ଗନବାଡ଼ି ପଠାଇବାକୁ ମଧ ମିଳିତଭାବେ ଭାବେ ଶପଥ ନେଇଥିଲେ। ସେପଟେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଖୁବଶୀଘ୍ର ଅଙ୍ଗନାବାଡ଼ି ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛି ପ୍ରଶାସନ। ଜଣେ ଅନୁସୂଚିତ ଜାତିର ଯୁବତୀ ସହାୟିକା ଭାବେ ନିଯୁକ୍ତ ହେବାପରେ ଅଭିଭାବକମାନେ ପିଲାଙ୍କୁ ଅଙ୍ଗନବାଡ଼ି ଛାଡୁନଥିବା ଅଭିଯୋଗ ହୋଇଥିଲା। ପ୍ରଶାସନର ବାରମ୍ବାର ବୁଝାସୁଝା ପରେ ମଧ କୌଣସି ସୁଫଳ ମିଳିନଥିଲା। ପ୍ରାୟ ତିନି ମାସ ଧରି ପିଲା ଆସୁନଥିବାରୁ କାନ୍ଦକାନ୍ଦ ହୋଇପଡ଼ିଥିଲେ ସହାୟିକା। ଘଟଣାକୁ ନେଇ କେନ୍ଦ୍ରାପଡ଼ାରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରକାଶ ପାଇଥିବା ଉଦବେଗ। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ଏହି ପ୍ରସଙ୍ଗ ଉଠାଇ କ୍ଷୋଭ ପ୍ରକାଶ କରିଥିଲେ ।

## ୬ ଶହ ହାଇସ୍କୁଲରେ ପହଞ୍ଚିଲାଣି ଇଣ୍ଟରନେଟ୍

**ଭୁବନେଶ୍ୱର,୧୪।୨:** ଓଡିଶାର ଗ୍ରାମାଞ୍ଚଳରେ ଥିବା ୬ଶହରୁ ଅଧିକ ହାଇସ୍କୁଲରେ ବିଏସଏନଏଲ୍‌ର ଭାରତନେଟ୍ ଇଣ୍ଟରନେଟ୍ ସଂଯୋଗ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ସେହିସବୁ ବିଦ୍ୟାଳୟରେ ୱାଇ-ଫାଇ ଜରିଆରେ ପାଠପଢ଼ା ହୋଇପାରିବ। ବିଜେଡି ବିଧାୟିକା ସୁଲତା ଦେଓଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ। କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ରୀୟ ବଜେଟ୍ ୨୦୨୫ରେ ଗ୍ରାମାଞ୍ଚଳରେ ଥିବା ସମସ୍ତ ହାଇସ୍କୁଲକୁ ଭାରତ ନେଟ୍ ଯୋଜନାରେ ଇଣ୍ଟରନେଟ୍ ସଂଯୋଗ ପାଇଁ ଘୋଷଣା କରାଯାଇଛି। ଏହିସବୁ ବିଦ୍ୟାଳୟକୁ ପର୍ଯ୍ୟାୟ କ୍ରମେ ସଂଯୋଗ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୬୧୬ଟି ହାଇସ୍କୁଲରେ ଭାରତ ନେଟ୍ ଯୋଜନାରେ ବିଏସ୍ଏନ୍ଏଲ୍‌ର ଇଣ୍ଟରନେଟ୍ ସେବା ଉପଲବ୍ଧ ହୋଇଛି। ଏହାଦ୍ୱାରା ବିଦ୍ୟାଳୟର ଶ୍ରେଣୀଗୃହଗୁଡ଼ିକୁ ୱାଇଫାଇ ସେବା ମିଳିପାରିବ। ସେହିଭଳି ୨୦୨୦ ମସିହାରେ ଆତ୍ମନିର୍ଭର ଭାରତ ଯୋଜନା ଅଧିନରେ ପିଏମ୍ ଇ-ବିଦ୍ୟାର ଶୁଭାରମ୍ଭ ହୋଇଛି। ଏହା ଜରିଆରେ ଓଡିଶା ସମେତ ସମଗ୍ର ଦେଶରେ ଡିଜିଟାଲ, ଅନ୍‌ଲାଇନ୍, ଅନ-ଏୟାର ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏଥିପାଇଁ ଥିବା ମୋଟ୍ ୨୦୦ଟି ପିଏମ ଇ-ବିଦ୍ୟା ଡିଟିଏଚ୍ ଟିଭି ଚ୍ୟାନେଲ ମଧ ଓଡିଶା ଭାଗରେ ୫ଟି ଚ୍ୟାନେଲ ପଡିଛି। ଏହା ଡିଟିଏଚ୍‌ର ୧୩୮ରୁ ୧୪୨ ନମ୍ବର ମଧ୍ୟରେ ରହିଛି। ଏଥିରେ ଓଡିଆ ଭାଷାରେ ଗୁଣାତ୍ମକ ଶିକ୍ଷା ଯୋଗାଇ ଦିଆଯାଇ ପାରିବ। ସେହିଭଳି ଦୀକ୍ଷା ଯୋଜନାରେ ଓଡିଶା ସାମିଲ ଥିବାବେଳେ ଏଥିରେ ୫.୮୯ ଲକ୍ଷ ପଞ୍ଜିକରଣ ହୋଇଛି। ଏଥିରେ ୨୪.୨୮ କୋଟି ଶୈକ୍ଷିକ ଅଧିବେଶନ ଆୟୋଜିତ ହୋଇଥିବାବେଳେ ୨୭୧ କୋଟି ଶୈକ୍ଷିକ ମିନିଟ୍ କାର୍ଯ୍ୟକାରୀ ହୋଇସାରିଲାଣି। ଏଠାରେ ଉଲ୍ଲେଖନୀୟ ଯେ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ଘରୋଇ ବିଦ୍ୟାଳୟଗୁଡିକରେ ଇ-ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ସ୍ମାର୍ଟ କ୍ଲାସରୁମ୍ ଜରିଆରେ ପିଲାମାନଙ୍କୁ ସ୍ମାର୍ଟ ଶିକ୍ଷା ପ୍ରଦାନ କରାଯାଉଛି। ଅତୀତରେ ରାଜ୍ୟର ସରକାରୀ ହାଇସ୍କୁଲଗୁଡିକରେ ୫-ଟି ଯୋଜନାରେ ସ୍ମାର୍ଟ କ୍ଲାସ ରୁମ୍ ପ୍ରତିଷ୍ଠା ହୋଇଥିଲେ ମଧ ଗାଁ ଗହଳର ହାଇସ୍କୁଲ ପାଇଁ ଇଣ୍ଟରନେଟ୍ ବାଧକ ସାଜିଛି। ବର୍ତ୍ତମାନ କେନ୍ଦ୍ର ସରକାର ଗ୍ରାମାଞ୍ଚଳରେ ଥିବା ସମସ୍ତ ହାଇସ୍କୁଲକୁ ପର୍ଯ୍ୟାୟ କ୍ରମେ ବିଏସଏନଏଲ୍‌ର ଭାରତ ନେଟ୍ ସେବା ଯୋଗାଣ ପାଇଁ ଲକ୍ଷ୍ୟ ରଖି କାର୍ଯ୍ୟ ଚଳାଇଥିବାରୁ ରାଜ୍ୟର ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ମାର୍ଟ ଶିକ୍ଷା ତାଲିକାରେ ସାମିଲ ହେବା ସହ ସ୍ମାର୍ଟ ଶ୍ରେଣୀଗୃହରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇପାରିବେ। (ତଥ୍ୟ)

## ଆଜି ଶିବରାତ୍ରୀ: ପୀଠ ଚଳଚଞ୍ଚଳ



**ହିଞ୍ଜିଳିକାଟୁ,୧୪।୨(ସଂଚାର ବ୍ୟୁରୋ):** ଆଜି ମହାଶିବରାତ୍ରି ଏଥିପାଇଁ ହିଞ୍ଜିଳିକାଟୁ ନୂଆଗଡ ସ୍ଥିତ ବାଲୁଙ୍କେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଛି। ପ୍ରତିବର୍ଷ ଭଳି ଏହି ଶୈବ ମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥାଏ । ଶ୍ରଦ୍ଧାଳୁ ମାନେ ବ୍ୟାରିକେଡରେ ଯାଇ ମହାଦେବଙ୍କ ଦର୍ଶନ କରୁଥିବା ଦେଖିବାକୁ ମିଳୁଥାଏ। ସେପଟେ ମନ୍ଦିର ପରିସରରେ ଭୋରରୁ ଆରମ୍ଭ ହୋଇଯାଏ ନାମସଂକୀର୍ତ୍ତନ। ସନ୍ଧ୍ୟାରେ ମନ୍ଦିରରେ ଭିଡ଼ ବୃଦ୍ଧି ପାଇଥାଏ। ଶିବରାତ୍ରି ପାଇଁ ନୀତି ଚୂଡ଼ାନ୍ତ କରାଯାଇଥିବା ବେଳେ ରାତି ସାଢେ ୧୨ଟାରେ ଦ୍ୱାର ଖୋଲିବା ସହ ରାତି ୪ଟାରୁ ସର୍ବସାଧାରଣଙ୍କ ପାଇଁ ଦର୍ଶନ ରଖାଯାଇଛି । ଏହି ଉପଲକ୍ଷେ ମନ୍ଦିରକୁ ବିଭିନ୍ନ ତୋରଣ ଓ ରଙ୍ଗବେରଙ୍ଗୀ ଆଲୋକମାଳାରେ ସଜ୍ଜିତ କରାଯାଉଛି। ରାତି ୧୨ଟାରେ ମହାଦୀପ ଉଠିବା ନେଇ ଶୈବ ପୀଠରେ ନୀତି ଚୂଡ଼ାନ୍ତ ହୋଇଛି । ମହାଦୀପ ଉଠିବା ପରେ ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କୁ ପଣା ବିତରଣ କରାଯାଇଥାଏ । ସେଇପରି ଲକ୍ଷ୍ମୀବଜାର ସ୍ଥିତ ଚନ୍ଦ୍ରକଲ୍ଲେଶ୍ୱର, ହିଂଜିଳିସ୍ଥିତ ସ୍ୱପ୍ନେଶ୍ୱର ଓ ଆଙ୍ଗରୋଡା ସ୍ଥିତ କପିଳେଶ୍ୱର ମହାଦେବଙ୍କ ମନ୍ଦିରରେ ଭକ୍ତ ମାନଙ୍କ ସମାଗମ ଦେଖିବାକୁ ମିଳିଥାଏ । ଆସନ୍ତାକାଲି ନୂଆଗଡ ସ୍ଥିତ ବାଲୁଙ୍କେଶ୍ୱର ପୀଠକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି ।

## ଯାଜପୁରରେ ବିଜେଡି ଦୁର୍ଗ ପତନର ସଙ୍କେତ

# ରହସ୍ୟରେ ବବିଙ୍କ ନିରବତା, କର୍ମୀ ମହଲରେ ଚର୍ଚ୍ଚା ତୀବ୍ର



**ଯାଜପୁର,୧୪।୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଦୀର୍ଘଦିନ ଧରି ଶକ୍ତିଶାଳୀ ସଂଗଠନ ରଖିଆସୁଥିବା ବିଜୁ ଜନତା ଦଳ (ବିଜେଡି) ଏବେ ଏକ ଅସ୍ଥିର ପରିସ୍ଥିତି ମଧ୍ୟକୁ ଯାଉଥିବା ଚର୍ଚ୍ଚା ରାଜନୈତିକ ମହଲରେ ଜୋରଦାର ହୋଇଛି। ଜିଲ୍ଲାରେ ଦଳର ସର୍ବମାନ୍ୟ ନେତା ଭାବେ ପରିଚିତ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ନିଜ ଗଡ଼ ବୋଲି ପରିଚିତ ଅଞ୍ଚଳରେ ମଧ୍ୟ ସଂଗଠନ ଟଳମଳ କରୁଥିବା ଘଟଣା ଦଳ ପାଇଁ ଚିନ୍ତାର କାରଣ ହୋଇଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ସମିତି ସଭ୍ୟରୁ ଆରମ୍ଭ କରି ଜିଲ୍ଲା ପରିଷଦ ସଦସ୍ୟ ପର୍ଯ୍ୟନ୍ତ ଅନେକ ନେତାଙ୍କ ଦଳ ଛାଡ଼ିବା ଘଟଣା ବିଜେଡି ଶିବିରରେ ନୈରାଶ୍ୟ ସୃଷ୍ଟି କରିଛି।ରାଜନୈତିକ ବିଶ୍ଳେଷକମାନଙ୍କ ମତାନୁସାରେ ଭାରତୀୟ ଜନତା ପାର୍ଟି (ବିଜେପି) ଯାଜପୁରକୁ ଲକ୍ଷ୍ୟ କରି "ଦୁର୍ଗ ପତନ ଅଭିଯାନ" ଆରମ୍ଭ କରିଥିବା ସଙ୍କେତ ମିଳୁଛି। ବଡଚଣା, ସୁକିନ୍ଦା, କୋରାଇ ଓ ଧର୍ମଶାଳା ଭଳି ନିର୍ବାଚନମଣ୍ଡଳୀରେ ଦଳୀୟ ସ୍ଥିତି ଦୁର୍ବଳ ହେବା ଓ ନେତାମାନଙ୍କ ଦଳବଦଳ ଘଟଣା ଏହି ଆଶଙ୍କାକୁ ଆହୁରି ଶକ୍ତିଶାଳୀ କରୁଛି। କିଛିଦିନ ତଳେ ୧୮ ଜଣ ଜିଲ୍ଲା ପରିଷଦ ସଦସ୍ୟଙ୍କ ଦଳ ଛାଡ଼ିବା ଘଟଣା ଜିଲ୍ଲାର ରାଜନୈତିକ ସମୀକରଣକୁ ଦୋହଲାଇଦେଇଥିଲା।ସବୁଠୁ ଆଶ୍ଚର୍ଯ୍ୟର କଥା ଏପରି ସଙ୍କଟ ସମୟରେ ବବିଙ୍କ ନିରବତା। ଦଳୀୟ କର୍ମୀମାନଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି, ଜିଲ୍ଲାରେ ଏତେ ବଡ଼ ପରିବର୍ତ୍ତନ ଘଟୁଥିବା ସତ୍ତ୍ୱେ ସେ କାହିଁକି ସାମ୍ନାକୁ ଆସୁନାହାନ୍ତି? କେହି କହୁଛନ୍ତି ଦଳରେ ତାଙ୍କ ଭୂମିକାକୁ ଗୌଣ କରାଯାଉଥିବାରୁ ସେ ଏଭଳି ନିରବ ରହି ଏକ ରାଜନୈତିକ ବାର୍ତ୍ତା ଦେଉଛନ୍ତି।ଏହି ପରିସ୍ଥିତିରେ ପ୍ରୀତିରଞ୍ଜନ ଘଡାଇ (ଡାନି)ଙ୍କ ଗୁରୁତ୍ୱ ବଢ଼ିବା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ସେ ଗଣମାଧ୍ୟମରେ ସଂଗଠନକୁ ନେଇ ମତ ରଖୁଥିବା ସହ ଦଳ ଛାଡ଼ିଥିବା ଜଣେ ସଦସ୍ୟଙ୍କୁ ଫେରାଇ ଆଣିବାରେ ସଫଳ ହୋଇଥିବା କୁହାଯାଉଛି। ଏହା ବିଜେଡି ଭିତରେ ନୂତନ ଶକ୍ତି ସମୀକରଣ ସୃଷ୍ଟି ହେଉଥିବା ସଙ୍କେତ ବୋଲି ମନ୍ତବ୍ୟ ହେଉଛି। କୋରାଇ ନିର୍ବାଚନମଣ୍ଡଳୀରେ ମଧ୍ୟ ସଂଗଠନ ଦୋହଲିଯିବା ଘଟଣା ବବିଙ୍କ ସାଂଗଠନିକ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ତାଙ୍କ ସୁପାରିସରେ ଉଚ୍ଚ ପଦବୀରେ ପହଞ୍ଚିଥିବା ନେତାମାନେ ଯଦି ଦଳ ଛାଡ଼ିଦେଉଛନ୍ତି, ତେବେ ଦଳର ଭିତରୁ ଅସନ୍ତୋଷ ବଢୁଥିବା ସଙ୍କେତ ମିଳୁଛି ବୋଲି ରାଜନୈତିକ ମହଲର ମତ। ଅନ୍ୟପଟେ ଧର୍ମଶାଳା ଅଞ୍ଚଳରେ ଦଳୀୟ ଭିତ୍ତି ଦୁର୍ବଳ ହେବା ଓ ବିପକ୍ଷ ଶକ୍ତି ମଜବୁତ ହେବାରୁ ବିଜେଡି ପାଇଁ ଆଗାମୀ ଦିନ ଚ୍ୟାଲେଞ୍ଜ ଭରା ହେବା ସମ୍ଭାବନା ରହିଛି। ଦଳର ସର୍ବୋଚ୍ଚ ସ୍ତରରେ ଥିବା ନେତାଙ୍କ ନିରବତା କର୍ମୀମାନଙ୍କ ମନୋବଳ ଉପରେ ପ୍ରଭାବ ପକାଇପାରେ ବୋଲି ବିଶ୍ଳେଷକମାନେ ମନେ କରୁଛନ୍ତି।ସମ୍ପ୍ରତିକ ପରିସ୍ଥିତି ଦେଖି ଏକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଯାଜପୁରରେ ବିଜେଡିର ଦୁର୍ଗ ସତରେ ଦୋହଲିଗଲା କି?ନାକି ଏହା କେବଳ ରାଜନୈତିକ ରଣନୀତିର ଅଂଶ?ଆଗାମୀ ରାଜନୈତିକ ଘଟଣାବଳୀ ଏହାର ସ୍ପଷ୍ଟ ଉତ୍ତର ଦେବ।

## ମୂଲ୍ୟବାନ ଗଛ କାଟିବାରୁ ୩ ଗିରଫ

**ଫୁଲବାଣୀ,୧୪।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର ତୁମୁଡ଼ିବନ୍ଧ ରେଞ୍ଜ ହରିପୁର ସଂରକ୍ଷିତ ଜଙ୍ଗଲରୁ ମୁଲ୍ୟବାନ ଗଛ କାଟିବା ବେଳେ ବନ ବିଭାଗ ଚଢ଼ାଉ କରି ଘଟଣାରେ ସଂଶ୍ଳିଷ୍ଟ ଥିବା ଅଭିଯୋଗ ରେ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବନବିଭାଗ। ଘଟଣା ସମ୍ପର୍କରେ ସୂଚନା ପାଇ ବନରକ୍ଷୀ ରୂପଶ୍ରୀ ଦିଗାଳ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କ ସହଯୋଗରେ ୩ ଜଣ ଅଭିଯୁକ୍ତ ମାଦାଗୁଡ଼ା ଗ୍ରାମର ସାଜି ମଲ୍ଲିକ, ମିନାକ୍ଷୀ ମଲ୍ଲିକ ଓ ଡିମାସ୍ ମଲ୍ଲିକ ହୋଇଥିବା ବେଳେ ଘଟଣାସ୍ଥଳରୁ ୨୯ ଟି ମୁଲ୍ୟବାନ ଗଛର ଗଣ୍ଡିକୁ ମଧ୍ୟ ଜବତ କରିଛି ବନବିଭାଗ। ଗିରଫ ତିନି ଅଭିଯୁକ୍ତ ମାନେ ସଂରକ୍ଷିତ ଜଙ୍ଗଲ କାଟି ସଫା କରି ଜବରଦଖଲ କରିବା ପାଇଁ ଚେଷ୍ଟା କରୁଥିବା ବିଷୟ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ବନ୍ୟ ସଂରକ୍ଷଣ ଆଇନ୍ ଅନୁଯାୟୀ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହ ଘଟଣାର ଅଧିକ ତଦନ୍ତ କରୁଛି ବୋଲି ତୁମୁଡ଼ିବନ୍ଧ ରେଞ୍ଜର ରଜନୀକାନ୍ତ ମେହେର ପ୍ରକାଶ କରିଛନ୍ତି।



## ଉମାପଦା ହାଉସିଂବୋର୍ଡ କଲୋନୀରେ ଚୋରଙ୍କ ଆତଙ୍କ



**ଯାଜପୁର ରୋଡ଼,୧୪।୨(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଂଚଳ ସହରର ୱାର୍ଡ ନମ୍ବର - ୧୬ ଅନ୍ତର୍ଗତ ଉମାପଦା ହାଉସିଂବୋର୍ଡ କଲୋନୀରେ ଗତକାଲି ବିଳମ୍ବିତ ରାତିରେ ଚାଲାଖ'ଚୋର' ଶ୍ରୀମତୀ ପ୍ରଜ୍ଞାପରମିତା ମିଶ୍ର'ଙ୍କ ଘରର ଝରକା ଗ୍ରିଲକୁ ତାଡି ଘର ଭିତରେ ଥିବା ଆଲମିରାରୁ ସୁନା ଚେନ, ମୁଦି ସହ ଗୋଟିଏ ମୋବାଇଲ ଚୋରି କରି ନେଇଛନ୍ତି । ଶ୍ରୀମତୀ ମିଶ୍ର ଯାଜପୁର ରୋଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତିକରି ଥାନା ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁ'ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଘଟଣା ସ୍ଥଳକରେ ଥାନା ଏସଆଇ କେ.ସି. ସାହୁ, ପୋଲିସ ବାସୁଦେବ ମହୋଦୟ ପ୍ରମୁଖ ପହଂଚି ତଦନ୍ତ ଆରମ୍ଭ କରିଥିବା ନେଇ ପ୍ରାର୍ଥମିକ କ୍ଷେତ୍ରରେ ଦେଖିବାକୁ ମିଳିଛି।

## ନକଲି ୟୋନୋ ଲିଙ୍କ୍‌ରେ ୧.୯୫ ଲକ୍ଷ ହାରିଲେ ଦମ୍ପତି



**ଧାମନଗର,୧୪।୨(ସଂଚାର ବ୍ୟୁରୋ):** ଧାମନଗର ଥାନା ଅନ୍ତର୍ଗତ ଖଡିପଦା ପଞ୍ଚାୟତ ଛତିଶ ବେଦପୁର ଗ୍ରାମର ଅଶୋକ କୁମାର ପତି ସାଇବର ଠକେଇର ଶିକାର ହୋଇଛନ୍ତି। ଠକେଇରେ ତାଙ୍କ ଆକାଉଣ୍ଟରୁ ମୋଟ ୧ ଲକ୍ଷ ୯୫ ହଜାର ଟଙ୍କା କଟିଯାଇଥିବା ଅଭିଯୋଗ ହୋଇଛି।

ଏନେଇ ଅଶୋକ ଓ ତାଙ୍କ ପତ୍ନୀ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତକାଲି ରାତିରେ ଅଶୋକଙ୍କ ନିକଟକୁ ଏକ ଅଜଣା ଫୋନ କଲ୍ ଆସିଥିଲା। କଲ୍ କରୁଥିବା ବ୍ୟକ୍ତି ନିଜକୁ ବ୍ୟାଙ୍କ କର୍ମଚାରୀ ବୋଲି ପରିଚୟ ଦେଇ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ର ଏସବିଆଇ ୟୋନୋ ଆପ୍ ଡାଉନଲୋଡ କରିବାକୁ କହିଥିଲେ ସନ୍ଦେହ ହେବାରୁ ଅଶୋକ ଏହାକୁ ମନା କରିଦେଇଥିଲେ। ପରେ ୱାଟସଆପ୍ ମାଧ୍ୟମରେ ଏକ ଲିଙ୍କ୍ ପଠାଯାଇଥିଲା।

ଲିଙ୍କ୍ ଖୋଲିବା ସହିତ ତାଙ୍କ ମୋବାଇଲ୍ ହେଙ୍ଗ ହୋଇଯାଇଥିଲା। ଏହାପରେ ତାଙ୍କ ବନ୍ଧନ ବ୍ୟାଙ୍କ୍ ଆକାଉଣ୍ଟରୁ ପ୍ରଥମେ ୯୦ ହଜାର ଟଙ୍କା ଏବଂ ପରେ ୫ ହଜାର ଟଙ୍କା କଟିଯାଇଥିବା ଜଣାପଡ଼ିଥିଲା।

ଏହି ମୋବାଇଲ୍ ନମ୍ବର ତାଙ୍କ ପତ୍ନୀ ମଧୁସ୍ମିତା ପତିଙ୍କ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଆକାଉଣ୍ଟ ସହ ଯୋଡ଼ା ଥିବାରୁ, ତାଙ୍କ ଆକାଉଣ୍ଟରୁ ମଧ୍ୟ ୧ ଲକ୍ଷ ଟଙ୍କା କଟାଯାଇଥିବା ମେସେଜ୍ ମାଧ୍ୟମରେ ଜଣାପଡ଼ିଥିଲା। ଅଶୋକଙ୍କ ଘର ଖଡିପଦା ହୋଇଥିଲା ବେଳେ ସେ ବର୍ତ୍ତମାନ ଯାଜପୁରରେ ବସବାସ କରୁଛନ୍ତି। ଘଟଣା ସମ୍ବନ୍ଧରେ ଆଜି ଧାମନଗର ଥାନାରେ ପହଞ୍ଚି ଦମ୍ପତି ଲିଖିତ ଅଭିଯୋଗ କରିଥିଲେ।

ଭଦ୍ରକରେ ନୂତନ ସାଇବର ଥାନା ଆରମ୍ଭ ହୋଇଥିବାରୁ ପୋଲିସ୍ ପକ୍ଷରୁ ତାଙ୍କୁ ଭଦ୍ରକ ସାଇବର ଥାନାକୁ ପଠାଯାଇଥିବା ସୂଚନା ମିଳିଛି। ଘଟଣାରେ ପୋଲିସ୍ ତଦନ୍ତ ଜାରି ରଖିଛି।

## ଟ୍ରେନ ଭିତରେ ମହିଳାଙ୍କୁ ଅସଦାଚରଣ ଓ ଛିନ୍ତାଇ କରି ବନ୍ଧା ହେଲେ ଦୁଇ ଯୁବକ



**ବାଲିଆପାଳ,୧୪।୨(ସଂଚାର ବ୍ୟୁରୋ):** ଟ୍ରେନ ଭିତରେ ମହିଳା ଙ୍କୁ ଅସଦାଚରଣ ଓ ଛିନ୍ତାଇ କରି ବନ୍ଧା ହେଲେ ଦୁଇ ଯୁବକ. ସୂଚନା ଅନୁସାରେ ସକାଳ ନଅ ଟା ସମୟରେ ହଠାତ୍ ବସ୍ତା ଷ୍ଟେସନ ଅନତି ଦୂରରେ ଅଟକିଥିଲା ଆନନ୍ଦବିହାର ଭୁବନେଶ୍ୱର ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ। କିଛି ବୁଝିବା ଆଗରୁ ପ୍ରଥମେ ଟ୍ରେନ ରୁ ବଳ ପୂର୍ବକ ଦୁଇ ଯୁବକଙ୍କୁ ଟ୍ରେନରେ ଥିବା ଯାତ୍ରୀ ବଳ ପୂର୍ବକ ଓହ୍ଲାଇ ଦେଇଥିଲେ। ପରେ ଦୁଇ ଯୁବକ ଙ୍କ ପଛରେ ସ୍ୱାମୀ ସ୍ତ୍ରୀ ଦୁହେଁ ଓହ୍ଲାଇ ଯୁବକ ଦୁଇଜଣଙ୍କୁ ଗୋଡ଼ାଇ ଗୋଡ଼ାଇ କାବୁ କରିଥିଲେ। ସ୍ଥାନୀୟ ଲୋକ ମଧ୍ୟ ଯୁବକ ଦୁହିଁଙ୍କୁ ଧରିବାରେ ଦମ୍ପତିଙ୍କୁ ସାହାଯ୍ୟ କରିବା ସହିତ ଘଟଣା ସମ୍ପର୍କରେ ବୁଝିଲା ବେଳକୁ ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ ରେ ଆସୁଥିବା ବସ୍ତା ଥାନା ଶିତାପୁର୍ ଅଞ୍ଚଳର ରୋହନ ସାମଲ ଓ ତାଙ୍କ ପତ୍ନୀ ସନ୍ଧ୍ୟାମଣୀ ଜେନା ଦିଲ୍ଲୀ ଆନନ୍ଦବିହାର ରୁ ବାଲେଶ୍ୱର ଆସିବାକୁ ଟିକେଟ କାଟିଥିଲେ। ପରେ ଉକ୍ତ ଟ୍ରେନ ରେ ଉତ୍ତର ପ୍ରଦେଶ କାନପୁର ଷ୍ଟେସନରୁ ୧୪ ଜଣ ଯୁବକ ଚଢିଥଲେ। ସଂପୃକ୍ତ ଯୁବକ ମାନେ ରୋହନ ଓ ସନ୍ଧ୍ୟାଙ୍କୁ ବିଭିନ୍ନ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ନିକଟରୁ ଟଙ୍କା ଓ ମୋବାଇଲ ଛଡାଇଥିଲେ।

## ପୁଲୱାମା ଆକ୍ରମଣରେ ସହିଦ ୪୦ ବୀର ଯବାନଙ୍କ ଆତ୍ମାର ସଦଗଦି ନିମନ୍ତେ କଳା ଦିବସ ପାଳିତ



**ନୀଳଗିରି,୧୪।୨(ସଂଚାର ବ୍ୟୁରୋ):** ନୀଳଗିରି ସହର ରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡିଭାଇନ ଟ୍ୟୁଟୋରିଆଲ ପ୍ରାଙ୍ଗଣରେ ସାତ ବର୍ଷ ପୂର୍ବରୁ ପୁଲୱାମା ଆକ୍ରମଣରେ ସହିଦ ହୋଇଥିବା ୪୦ ଜଣ ବୀର ଯବାନଙ୍କ ଆତ୍ମାର ସଦଗଦି କାମନା କରି ଆଜି କଳା ଦିବସ ପାଳନ କରାଯାଇଛି। ଯେତେ ବେଳେ ଭାରତବର୍ଷର ଆଜିର ନାଗରିକ ପାଶ୍ଚାତ୍ୟ ସମାଜର ପରମ୍ପରା (ପ୍ରେମର ଦିବସ) ପାଳନ କରୁ ଥିବା ବେଳେ, ଆମ୍ଭ ଟ୍ରଷ୍ଟ ପକ୍ଷରୁ ଏକ ନିଆରା ପରମ୍ପରା ପାଳନ କରାଯାଇଛି। ଯାହାକି ମାତୃଭୂମି ପ୍ରତି ଥିବା ଆମର ଆନ୍ତରିକତା ର ପରିଚୟ ସୃଷ୍ଟି କରି ପାରିବ। ଉକ୍ତ ଦିବସ ରେ ଡିଭାଇନ ଟ୍ୟୁଟୋରିଆଲ ର ପ୍ରତିଷ୍ଠାତା ସୁଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟ କ୍ରମରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟ ରେ ୧୦୦ ଗୋଟି ଦୀପ ପ୍ରଜ୍ୱଳନ କରିବା ସହିତ ଜାତୀୟ ସଂଗୀତ ଗାନ ଓ ନୀରବ ପାର୍ଥନା କରାଯାଇଥିଲା। ପରେ ଶିକ୍ଷାନୁଷ୍ଠାନ ର ଦେବବିତା ଶତପଥୀ, ପୁଷ୍ପଲତା ବେହେରା, ବୃତିରଞ୍ଜନ ମହାପାତ୍ର, ଅଙ୍କିତା ଧୀର, ପରେଶ ପୁହାଣ ପ୍ରମୁଖ ଛାତ୍ର ଛାତ୍ରୀ ଉକ୍ତ ଦିବସ ପାଳନ କରିବାର ମହତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ନିଜର ମତ ବ୍ୟକ୍ତ କରି ଥିଲେ।

## ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ

# ୧୩ ଶହ ଚାଷୀଙ୍କୁ ଧାନ ଚାଷ ପାଇଁ ପ୍ରୋତ୍ସାହନ




**ପାରାଦୀପ,୧୪।୨(ସଂଚାର ବ୍ୟୁରୋ):** ପାରାଦୀପ ରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ର ଜୀବିକା କାର୍ଯ୍ୟକ୍ରମ ହିତାଧିକାରୀଙ୍କ ମଧ୍ୟରେ ପ୍ରଭାବ ସୃଷ୍ଟି କରିଛି।ଜଗତସିଂହପୁର ଜିଲ୍ଲାରେ, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ସିଏସଆର କାର୍ଯ୍ୟକଳାପ ଆଇଏସପି ପ୍ରକଳ୍ପର ଡିଆଇଜେଡ୍ ଗ୍ରାମ, ମୁଖ୍ୟତଃ ଗଡ଼କୁଜଙ୍ଗ, ନୂଆଗାଁ, ଢିଙ୍କିଆ ଏବଂ ଅନ୍ୟ କେତେକ ନିକଟବର୍ତ୍ତୀ ଗ୍ରାମ ଉପରେ ଧ୍ୟାନ ଦେଇଛି। ବିଶେଷ କରି କୃଷକ ମାନଙ୍କୁ ଶସକ୍ତ କରିବା ଉଦ୍ଦେଶ୍ୟ ରଖି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିଶେଷଜ୍ଞଙ୍କ ସହଯୋଗରେ ଗ୍ରାମ ସ୍ତରରେ ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ କୃଷକ ଏବଂ ମହିଳା ହିତାଧିକାରୀଙ୍କ ଉତ୍ପାଦର ଉତ୍ପାଦନ ଏବଂ ବିପଣନ ସମ୍ବନ୍ଧରେ ଜ୍ଞାନ ଆଧାରରେ ଉଲ୍ଲେଖନୀୟ ଉନ୍ନତି ଆଣିବାରେ ସାହାଯ୍ୟ କରିଛି।ଉଲ୍ଲେଖଯୋଗ୍ୟ, ସମସ୍ତ କାର୍ଯ୍ୟକଳାପ ମଧ୍ୟରେ ଧାନ ଚାଷ ପାଇଁ ପ୍ରାୟ ୧୩୦୦ ଚାଷୀଙ୍କୁ ବିହନ /ସାର ଯୋଗାଇ ଦିଆଯାଇଛି।ଜିଲ୍ଲାରେ, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ୨୦୨୨ ମସିହାରୁ ଜୀବିକା ପ୍ରୋତ୍ସାହନ ପ୍ରକଳ୍ପ କାର୍ଯ୍ୟକାରୀ କରିଛି ଯାହା ଏରାସାମା ବ୍ଲକର ଢିଙ୍କିଆ ଚରିଦେଶରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ସମନ୍ୱିତ ଇସ୍ପାତ କାରଖାନା ପ୍ରକଳ୍ପ ହେତୁ ପରୋକ୍ଷରେ ପ୍ରଭାବିତ ପରିବାରକୁ ବିକଳ୍ପ ଜୀବିକା ଯୋଗାଇବା ପାଇଁ କାର୍ଯ୍ୟକାରୀ କରିଛି।

## ସୋଆ କମ୍ୟୁନିଟି ରେଡିଓ ପକ୍ଷରୁ ବିଶ୍ୱ ରେଡିଓ ଦିବସ ପାଳିତ



**ଭୁବନେଶ୍ୱର,୧୪।୨(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ପକ୍ଷରୁ ଗୁରୁବାର ବିଶ୍ୱ ରେଡ଼ିଓ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ରେଡ଼ିଓ ଦିବସର ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ରେଡ଼ିଓ ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ'। ଏହି ଅବସରରେ କେକ୍ କଟାଯାଇ ଉତ୍ସବ ପାଳନ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଜଏଂଟ ରେଜିଷ୍ଟ୍ରାର ପ୍ରଫେସର ମଧୁବ୍ରତା ମହାନ୍ତି ଏବଂ ଅଫିସିଆଲ୍ ଧାରାଶ୍ରୀ ମହାନ୍ତି ଉପସ୍ଥିତ ଥିଲେ। କମ୍ୟୁନିଟି ରେଡ଼ିଓର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କମ୍ୟୁନିଟି ରେଡ଼ିଓର ଇନ୍‌ଚାର୍ଜ ଶ୍ରୀମତି ହନୀ ପଟ୍ଟନାୟକ ଚଳିତ ବର୍ଷର ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ଅବୈଧ ନିର୍ମାଣକୁ ନେଇ ଆଇନଜୀବୀଙ୍କୁ ନୋଟିସ

**ସାକ୍ଷୀଗୋପାଳ,୧୪।୨(ସଂଚାର ବ୍ୟୁରୋ):** ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଲିଖିତ ଅଭିଯୋଗର ଶୁଣାଣି କରି ପ୍ରତିପକ୍ଷ ଆଇନଜୀବୀ ବିନାୟକ ପ୍ରସାଦ ମହାନ୍ତି ସାର୍ବଜନୀନ ଶାନ୍ତି ଭଙ୍ଗ କରିବା ସହ ଓ ସର୍ବସାଧାରଣ ସ୍ଥାନରେ ବେଆଇନ ନିର୍ମାଣ କରି ଶୃଙ୍ଖଳାଭଙ୍ଗ କରୁଥିବା ସତ୍ୟବାଦୀ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଦର୍ଶାଇଛନ୍ତି। ଅଭିଯୁକ୍ତ ସାକ୍ଷୀଗୋପାଳ ବିଦ୍ୟୁତ କାର୍ଯ୍ୟାଳୟ ପାସେଜ୍ କୁ ଲାଗି ବେଆଇନ ଭାବେ ପାଇଖାନା ଟାଙ୍କି ନିର୍ମାଣ କରି ସାର୍ବଜନୀନ ସୁବିଧା ଓ ଆପାତକାଳୀନ ସେବାରେ ବାଧା ସୃଷ୍ଟି କରୁଥିବା ସେ ଉଲ୍ଲେଖ କରିଛନ୍ତି। ଏହି ଅବୈଧ ନିର୍ମାଣ ଯୋଗୁଁ ସାଧାରଣ ଜନତାଙ୍କ ସମେତ ବିଦ୍ୟୁତ ଉପଭୋକ୍ତାମାନେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ବିଦ୍ୟୁତ ଉପକରଣ ନେଇ ଆସୁଥିବା ଭାରୀ ଯାନ ଗୁଡିକ କାର୍ଯ୍ୟାଳୟକୁ ଯିବାରେ ବିଶେଷ ଅସୁବିଧା ହେଉଛି। ତେଣୁ ଶାନ୍ତିଭଙ୍ଗ ହେବାର ବେଶ ସମ୍ଭାବନା ରହିଥିବା ସେ ରାୟରେ କହିଛନ୍ତି। ତେବେ ସରକାରୀ ଓକିଲଙ୍କ ଶୁଣାଣି ଏବଂ ସଂଯୁକ୍ତ ତଦନ୍ତ ଆଧାରରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ସନ୍ତୋଷ କୁମାର ପାଣିଗ୍ରାହୀ ଏହି ଘଟଣାରେ ସାର୍ବଜନୀନ ଶାନ୍ତିଭଙ୍ଗର ଆଶଙ୍କା ପ୍ରକଟ କରି ଧାରା ୧୨୬ ବିଏନ୍‌ଏସ୍ ଅନୁସାରେ ଅଭିଯୁକ୍ତଙ୍କୁ ଆସନ୍ତା ୨୧ ତାରିଖରେ ବ୍ୟକ୍ତିଗତ ହାଜିରା ଦେଇ କାରଣ ଦର୍ଶାଇବାକୁ ଆଦେଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ପାଞ୍ଚ ହଜାର ଟଙ୍କାର ବନ୍ଧପତ୍ର ସହିତ ଏକ ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ ସ୍ଥାନରେ କୌଣସି ନିର୍ମାଣ ନକରିବାକୁ ପ୍ରତିଶ୍ରୁତି ଦେବେ। ନଚେତ ଅଭିଯୁକ୍ତଙ୍କ ବିରୋଧରେ ଜାମିନ ବିହୀନ ୱାରେଣ୍ଟ ଜାରି କରି ଗିରଫ କରାଯିବ ବୋଲି ସତ୍ୟବାଦୀ ଥାନା ଅଧିକାରୀଙ୍କୁ ସୂଚିତ କରାଯାଇଛି।

## ନଦୀବନ୍ଧର ଉନ୍ନତି କରଣ ନିମନ୍ତେ ଭିତ୍ତପ୍ରସ୍ତର ସ୍ଥାପନ



**ଖୋର୍ଦ୍ଧା,୧୪।୨(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜଳ ସେଚନ ବିଭାଗ ଅଧିନ ଗୋଳବାଇ ଠାରୁ ଅଠର ବାଟିଆ ପର୍ଯ୍ୟନ୍ତ ମଲାଗୁଣି ବାମପାର୍ଶ୍ୱ ଦୀର୍ଘ ୩.୨୫ କିଲୋମିଟର ନଦୀବନ୍ଧ ର ଉନ୍ନତି କରଣ କରାଯିବ। ଏଥିପାଇଁ ଓଡ଼ିଶା ସରକାରଙ୍କର ଜଳ ସମ୍ପଦ ବିଭାଗ ପକ୍ଷରୁ ୪ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ବରାଦ ରେ ଏହି ପ୍ରକଳ୍ପ ର ନିର୍ମାଣ କାର୍ଯ୍ୟ କରାଯିବ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଆନୁଷ୍ଠାନିକ ଭାବରେ ଏହି ପ୍ରକଳ୍ପ କାର୍ଯ୍ୟ ର ଉଦଘାଟନ କରିବା ସହିତ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହିତ ତାଙ୍କ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମ ରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ବରିଷ୍ଠ ବିଜେପିନେତ୍ରି ବାସନ୍ତୀ ମହାପାତ୍ର, ବରିଷ୍ଠ ବିଜେପି ନେତା ନିକୁଞ୍ଜ କିଶୋର ପଟ୍ଟନାୟକ, କିଶୋର ବରାଳ, ପୂର୍ବତନ ଜିଲ୍ଲପରିଷଦ ସଭ୍ୟ ରୁଦ୍ର ଭାନୁ ନରେନ୍ଦ୍ରଜିତ ସିଂହ, ଖୋର୍ଦ୍ଧା ଜଳ ସେଚନ ଉପ ବିଭାଜନ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ପାକିଜା ହୁସେନ, କନିଷ୍ଟ ଯନ୍ତ୍ରୀ ସନତ କୁମାର ମଲ୍ଲିକ, ସମାଜସେବୀ ପ୍ରତାପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରେମ ଦିବସରେ ମାତୃପିତୃ ଦିବସ ପାଳନ

**ଧାମନଗର,୧୪।୨(ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅନ୍ତର୍ଗତ କୋଠାର ପଞ୍ଚାୟତ ମା ମଙ୍ଗଳା ପ୍ରାଙ୍ଗଣର ଠାରେ ଆଜି ଯାଦବ ସଂଘ ତରଫରୁ ପ୍ରତିବର୍ଷ ଭଳି ଏଇ ବର୍ଷ ମାତୃ ପିତୃ ଦିବସ ପାଳନ ହୋଇଯାଇଛି.ଏଇ ଆୟୋଜିତ ସଭାରେ ଯାଦବ ସଂଘର ସମ୍ପାଦକ ମାଧବ ଖଟୁଆଙ୍କ ସଭାପତିତ୍ୱ ରେ ମାତୃ ପିତୃ ଦିବସ ଶୁଭାରମ୍ଭ ହୋଇଥିଲା। ଆଜି ଯଉଠି ପାଶ୍ଚାୟତ ସଭ୍ୟତାର ଆଜିର ଯୁବ ପିଢୀ ଫେବୃୟାରି ୧୪ କୁ ପ୍ରେମ ଦିବସ ଭାବରେ ପାଳନ କରୁଛି ସେଠି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଯାଦବ ସଂଘ ମାତୃ ପିତୃ ଦିବସ ପାଳନ କରୁଛି। ଯାଦବ ସଂଘ ବହୁ ସମୟରେ ବୃକ୍ଷ ରୂପଣ ଠାରୁ ଆରମ୍ଭ କରି ବହୁ ଅସହାୟ ପରିବାରକୁ ସାହାଯ୍ୟର ହାତ ବଢ଼ାଇ ଥାଏ। ଆଜିର ଯୁବ ପିଢୀ କୁ ଏକ ଦିଗଦର୍ଶନ ଦବାରେ ଯାଦବ ସଙ୍ଗ ବହୁ କାର୍ଯ୍ୟ କର୍ମ କରି ଆସୁଛି।

## ତୈଳିକ ବୈଶ୍ୟ ଯୁବ ସମାଜର ବୈଠକ



**ଫୁଲବାଣୀ,୧୪।୨(ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବାରିହା ଗୁଡା ଠାରେ ଜିଲ୍ଲା ସ୍ତରୀୟ ତୈଳିକ ବୈଶ୍ୟ ଯୁବ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି।ଏହି ବୈଠକ ରେ ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ବିଭୀଷଣ ସାହୁ, କୋଷାଧକ୍ଷ ସଞ୍ଜୟ ସାହୁ ଉପସ୍ଥିତ ରହି ଆଗାମୀ ଦିନରେ ସମସ୍ତ ବ୍ଲକର କର୍ମକର୍ତ୍ତା ଏବଂ ସଦସ୍ୟ ମାନଙ୍କୁ ନେଇ ମହାସମାରୋହ ଆୟୋଜନ କରାଯିବ ବୋଲି କହିଛନ୍ତି।ସେହି ପରି କମିଟିରେ ମହିଳା ମାନଙ୍କୁ ଅଗ୍ରାଧିକାର ଦିଆଯିବା ସହିତ ସମାଜରେ ଥିବା ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦିଆ ଯିବ ବୋଲି କହିଛନ୍ତି।ଏହି ପରିପ୍ରେକ୍ଷୀରେ କିଡନୀ ରୋଗରେ ପୀଡିତ ଥିବା ବାରିହା ଗୁଡା ଗ୍ରାମର ନବ କିଶୋର ସାହୁ ଙ୍କୁ କମିଟି ତରଫରୁ ୧୫୦୦ ଟଙ୍କା ପ୍ରଦାନ କରାଯାଇଛି। ତୈଳିକ ବୈଶ୍ୟ ଯୁବ ସମାଜର କୌଣସି ବ୍ୟକ୍ତିର ଦେହାନ୍ତ ହେଲେ କମିଟି ପକ୍ଷରୁ ମୃତ କାଳୀନ ସହାୟତା ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି ଏବଂ ଏହା ଲାଘୁ ରହିବ ବୋଲି କହିଛନ୍ତି।

# ଉର୍ନ୍ନତିକରଣ ନାଁରେ କାଟିଦେଲେ ମୂଲ୍ୟବାନ ଗଛ

- ଅନୁମତି ଦେଲା କିଏ, ପ୍ରଶାସନିକ ଅଧିକାରୀଙ୍କ ବୟାନରେ ତାଳମେଳ ରହୁନି
- କାହିଁକି ନିକଟସ୍ଥ ବେଆଇନ କରତକଳ ଯାଞ୍ଚ ହେଉନାହିଁ ?



**କାକଟପୁର/ଅସ୍ତରଙ୍ଗ,୧୪।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଅଞ୍ଚଳରେ ଉର୍ନ୍ନତି କରଣ ହେଉ ଅବା ରାସ୍ତା ନିର୍ମାଣ ନାଁରେ ବଳି ପଡ଼ିଛି ୫୦ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ଅସ୍ତରଙ୍ଗ ନିକଟବର୍ତ୍ତୀ ବାଲିଆପଟା ସ୍ଥିତ ବିରଞ୍ଚି ନାରାୟଣି ଙ୍କ ପୀଠନିକଟରେ ଦାମୀ ଆକାଶିଆ ଗଛ କଟା ହେବାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି। ଗଛ କାଟିବା ପୂର୍ବରୁ କାର୍ଯ୍ୟାଳୟ ଅଧିକାରୀ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ବନ ବିଭାଗ ଅଧିକାରୀଙ୍କ ଅନୁମତି ନେଇ ନଥିବା ଜଣାପଡ଼ିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ଅସ୍ତରଙ୍ଗ ପଞ୍ଚାୟତ ଅନ୍ତର୍ଗତ ବାଲିଆପଟା ସ୍ଥିତ ବିରଞ୍ଚି ନାରାୟଣୀ ଙ୍କ ପୀଠ ନିକଟରେ ଶହ ଶହ ମୂଲ୍ୟବାନ ଗଛ ଲଗାଯାଇଥିଲା। ଏବେ ସେହି ଗଛ ଗୁଡିକ ବିଶାଳ ରୂପ ଧାରଣ କରିଥିବା ବେଳେ ଚତୁପାର୍ଶ୍ୱ ପରିବେଶ ସବୁଜିମା ରେ ଭରି ଦେଇଥିଲା। କିନ୍ତୁ କିଛି ମୁଷ୍ଟିମେୟ ବ୍ୟକ୍ତି ପ୍ରଶାସନ କୁ ନଜଣାଇ ଆକାଶିଆ ଭଳି ମୂଲ୍ୟବାନ ଗଛକୁ କାଟି ସଫା କରିଦେଇଛନ୍ତି। ଏପରିକି ଗଛର ଗଣ୍ଡି ଗୁଡିକୁ ବିକିବାକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଶହ କୁହୁଡି ଅଞ୍ଚଳରେ ଗଢି ଉଠିଥିବା ବେଆଇନି କରତ କଳ ମାଲିକ ଙ୍କ ଶହ ସଲାସୁତୁରା ହୋଇ ବିକ୍ରି କରିବାକୁ ମସୁଧା ହୋଇଥିବା ଚର୍ଚ୍ଚା। ଯାହାକି ରାତି ରାତି କିଛି ମୂଲ୍ୟବାନ କାଠ ହେରଫେର ହୋଇଯାଇଥିବା ଚର୍ଚ୍ଚା ହେଉଛି।ହେରଫେର କାଠଗଣ୍ଡି ଗୁଡିକ ଅସ୍ତରଙ୍ଗ କଲେଜ ଛକ ରୁ କୁହୁଡି ହାଇସ୍କୁଲ ମଧ୍ୟରେ ଥିବା ରାସ୍ତା ନିକଟରେ ଆକାଶିଆ ଗଛ ଲକ ପଡ଼ି ରହିଛି। ଖୁଲମ ଖୁଲ୍ଲା ଚାଲୁଥିବା ବେଆଇନି କରତକଳ ବନ ବିଭାଗ ଆଖି ସାମ୍ନାରେ ଚାଲୁଥିବା ବେଳେ କାହିଁକି ସବୁ ଜାଣି ନିରବ ଦ୍ରଷ୍ଟା ପାଲଟିଛି ଅସ୍ତରଙ୍ଗ ବନ ବିଭାଗ। ତାହା ସମସ୍ତ ଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ଏହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଷ୍ଟିମେୟ ଙ୍କ ମଧ୍ୟରେ କଳହ ହେବାରୁ ମୂଲ୍ୟବାନ ଗଛକଟା ଘଟଣା ଶନିବାର ସର୍ବ ସମ୍ମୁଖ ଆସିଥିଲା।

ବିଶେଷ ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ଥାନା ପୁଲିସ କର୍ମଚାରୀ, ବନ ବିଭାଗ ଓ ରାଜ୍ୱସ କର୍ମଚାରୀ ଅନୁଧ୍ୟାନ କରିଥିଲେ। ବିରଞ୍ଚି ନାରାୟଣୀ ପୀଠରୁ ମୂଲ୍ୟବାନ ଗଛ କଟାଯାଇଛି। ଏ ସମ୍ପର୍କ ରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି କହିଛନ୍ତି, ମୂଲ୍ୟବାନ କାଠ ଗୁଡିକ ଜବତ କରାଯାଇଛି। ପୁଲିସ କୁ ନିର୍ଦ୍ଦେଶ ଦିଆଯାଇଛି ଗଛ କଟା ଘଟଣା ରେ କେଉଁ ମାନେ ସମ୍ପୃକ୍ତ ଚିହ୍ନଟ କରିବା ଶହ ଅବଶିଷ୍ଟ କାଠ କେଉଁ ବେଆଇନି କରତ କଳ ରେ ରହିଛି ଯାଞ୍ଚ ପାଇଁ ସୂଚନା ଦେବାକୁ। ଅନ୍ୟ ପକ୍ଷରେ ଗଛକଟା କୁ ନେଇ ବନ ବିଭାଗ କର୍ମଚାରୀ କହିଛନ୍ତି ଗଛକଟା କୁ ନେଇ ଖବର ନଥିଲା।

ଏନ୍‌ଆଇଟି ରାଉରକେଲା-ଓଏମସି ଏମଓୟୁ

# ଖଣି କ୍ଷେତ୍ରରେ ଦକ୍ଷତା ବିକାଶକୁ ପ୍ରୋତ୍ସାହନ




**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ):** ଏନଆଇଟି ରାଉରକେଲା ଓ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଓମସିର ବୈଷୟିକ କ୍ଷେତ୍ରରେ ଦକ୍ଷତା ବିକାଶ ଓ ପରିଚାଳନାଗତ ବିକାଶରେ ସହଯୋଗ କରିବ। ତା'ଛଡ଼ା ଏହା ମିଳିତ ଗବେଷଣା, ନବସୃଜନ, ଡିଜିଟାଇଜେସନ୍ ପଦକ୍ଷେପକୁ ବି ସହାୟତା ଯୋଗାଇ ଦେବ। ଏନ୍‌ଆଇଟି ରାଉରକେଲା ପକ୍ଷରୁ ପ୍ରଫେସର କେ. ଉମା ମହେଶ୍ୱର ରାଓ, ନିର୍ଦ୍ଦେଶକ (ମାନବସମ୍ପଦ) ଏବଂ ଓମସି ପକ୍ଷରୁ ଆଲୋକ କୁମାର ପାଲ, ନିର୍ଦ୍ଦେଶକ (ମାନବସମ୍ପଦ) ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ପ୍ରଫେସର ହିମାଂଶୁ ଭୂଷଣ ସାହୁ, ଡିନ୍ (ଏନ୍‌ଆଇଟିଆର୍ର ପ୍ରାକ୍ତନ ଛାତ୍ର, ଶିଳ୍ପ ଏବଂ ଆନ୍ତର୍ଜାତୀୟ ସମ୍ପର୍କ) ଏହି ସହଯୋଗର ସମନ୍ୱୟ କରିଥିଲେ। ଏନେଇ ପ୍ରଫେସର ଶ୍ରୀ ସାହୁ କହିଛନ୍ତି ଯେ ଏହି ସହଭାଗୀତା ଖଣି କ୍ଷେତ୍ରର ବଢୁଥିବା ଚାହିଦା ପୂରଣ କରିବା ପାଇଁ ଓଏମସି ବୃତ୍ତିଗତଙ୍କ ବୈଷୟିକ ବିଶେଷଜ୍ଞତା ଏବଂ ପରିଚାଳନାଗତ ଦକ୍ଷତାକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖିଛି। ଏହା ସହଯୋଗପୂର୍ଣ୍ଣ ଗବେଷଣା ଏବଂ ନବସୃଜନ, ଉନ୍ନତ ଖଣି ପ୍ରଯୁକ୍ତିର ଜ୍ଞାନ ବଣ୍ଟନ, ସ୍ଥାୟୀ ଏବଂ ନିରାପଦ ଅଭ୍ୟାସ, ପରିବେଶଗତ ପରିଚାଳନା, ନିୟାମକ ଅନୁପାଳନ ଏବଂ ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ପାଇଁ ଉଦୀୟମାନ ଡିଜିଟାଲ୍ ଉପକରଣଗୁଡ଼ିକର ପ୍ରଭାବଶାଳୀ ବ୍ୟବହାର ଉପରେ ମଧ୍ୟ ଧ୍ୟାନ ଦିଏ।

ନିର୍ଦ୍ଦେଶକ (ଏଚ୍‌ଆର୍) ଆଲୋକ କୁମାର ପାଲ କହିଛନ୍ତି ଯେ ଓଏମ୍‌ସି ଲୁହା ଖଣିଜ ପଦାର୍ଥ, ବକ୍ସାଇଟ୍, କ୍ରୋମ୍ ଏବଂ ଫେରୋକ୍ରୋମ୍ ଭଳି ପ୍ରମୁଖ ଖଣିଜ ପଦାର୍ଥ ନିଷ୍କାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଯାହା ଭାରତର ମୁଖ୍ୟ ଖଣିଜ-ଭିତ୍ତିକ ଶିଳ୍ପଗୁଡ଼ିକୁ ସମର୍ଥନ କରେ। ଆମେ ଆମର ସ୍ଥାୟୀ ଖଣି ଲକ୍ଷ୍ୟ ହାସଲ କରିବା ପାଇଁ ପାରମ୍ପରିକ ଖଣି ପଦ୍ଧତିରୁ ଅଧିକ ଯାନ୍ତ୍ରିକ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ କାର୍ଯ୍ୟକୁ ସ୍ଥିର ଭାବରେ ପରିବର୍ତ୍ତନ କରୁଛୁ। ଏନ୍‌ଆଇଟି ରାଉରକେଲା ସହିତ ଏହି ଜ୍ଞାନ ସହଭାଗୀତା ମାଧ୍ୟମରେ, ଆମେ ଓଡ଼ିଶାର ଶିଳ୍ପ ଏବଂ ଆର୍ଥିକ ବିକାଶରେ ମିଳିତ ଭାବରେ ଯୋଗଦାନ ଦେବା ସହିତ ଏକ ଉଚ୍ଚ-ପ୍ରଦର୍ଶିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ଗଠନ କରିବାକୁ ଲକ୍ଷ୍ୟ ରଖିଛୁ।

"ଖଣିଜ ସମ୍ବଳ ପରିଚାଳନା, ବୈଷୟିକ, ନିୟାମକ ଏବଂ ରଣନୈତିକ ଅନ୍ତର୍ଦୃଷ୍ଟି ଉପରେ ଏକ ତିନି ଦିନିଆ ନିରନ୍ତର ବୃତ୍ତିଗତ ବିକାଶ କାର୍ଯ୍ୟକ୍ରମ ଏନ୍‌ଆଇଟି ରାଉରକେଲାରେ ଅନୁଷ୍ଠିତ ହୋଇଥିଲା। ଖଣିଜ ସମ୍ପଦ ପରିଚାଳନାର ବୈଷୟିକ, ନିୟାମକ ଏବଂ ରଣନୈତିକ ଦିଗ ଉପରେ ସମନ୍ୱିତ କରୁଥିବା ତାଲିମ ପାଇଁ ଡିଜାଇନ୍ କରାଯାଇଥିଲା। ପ୍ରଫେସର ଏସ୍. ଏମ୍. ... ପ୍ରଫେସର ଏଚ୍. ବି. ସାହୁ, ଡିନ୍ ଏହି ପାଠ୍ୟକ୍ରମର ସଂଯୋଜନା କରିଥିଲେ।

ପୀତବାସ ପଣ୍ଡା ହତ୍ୟା ମାମଲା | ଚିକିତ୍ସା ଦାୟିତ୍ୱରେ ୭ଜଣିଆ ଡାକ୍ତରୀ ଟିମ୍

# ହୋଇପାରେ ବିକ୍ରମଙ୍କ ଅସ୍ତ୍ରୋପଚାର



**ବ୍ରହ୍ମପୁର, ୧୪।୨ (ସଂଚାର ବ୍ୟୁରୋ):** ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଗଞ୍ଜାମ ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ତାଙ୍କୁ ସ୍ଥାନୀୟ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ସର୍ଜରୀ ବିଭାଗରେ ୧୦ ତାରିଖରେ ଭର୍ତ୍ତି କରାଯାଇଛି। ତାଙ୍କଠାରେ ପାଇଲସ୍, ଗଲ୍ ବ୍ଲାଡର୍ ଷ୍ଟୋନ୍ ସହ ପ୍ରୋଷ୍ଟେଟୋମେଗାଲି ଭଳି ରୋଗ ଚିହ୍ନଟ ହୋଇଥିବା ବେଳେ ଏବେ ଗୋଡ଼ରେ ଯନ୍ତ୍ରଣା କାରଣରୁ ସେ ଚାଲିବାରେ ସମସ୍ୟା ଭୋଗୁଛନ୍ତି। ତେବେ ସେ ଡାକ୍ତରଖାନାରେ ଥିବା ସତ୍ତ୍ୱେ ସେଠାରେ ତାଙ୍କୁ ଜେଲ୍ ଖାଦ୍ୟ ହିଁ ଦିଆଯାଉଛି ବୋଲି ତାଙ୍କ ଓକିଲ ଦୀପକ କୁମାର ପଟ୍ଟନାୟକ ଅଭିଯୋଗ କରାଯାଇଛି। ସେ କହିଛନ୍ତି, ଡାକ୍ତରଖାନାକୁ ରୋଗୀ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଆସେ। ସେ କ'ଣ ଖାଇବ ଡାକ୍ତରଖାନା ଡାଏଟେସିଆନ୍ ନିର୍ଦ୍ଧାରଣ କରିବେ କିନ୍ତୁ ତାଙ୍କୁ ଏଠାରେ ବି ଜେଲ୍ ଖାଦ୍ୟ ଦିଆଯାଉଛି। ଦୀପକ ପଟ୍ଟନାୟକ ମେଡିକାଲରେ ଭେଟି ତାଙ୍କ ଅସୁବିଧା ସମ୍ପର୍କରେ ପଚାରିଥିଲେ। ଚିକିତ୍ସା ସମୟରେ ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ଜଣାଇଥିଲେ। ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥି କହିଛନ୍ତି ଡାକ୍ତରଖାନା ପକ୍ଷରୁ ମଧ୍ୟ ସଂପୃକ୍ତ ରୋଗୀଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। ଜେଲ କର୍ତ୍ତୃପକ୍ଷ ତାଙ୍କର ଖାଦ୍ୟ ଦେଉଛନ୍ତି।

ଆଇନଜୀବୀ ପଟ୍ଟନାୟକ କହିଛନ୍ତି ଯେ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ପୂର୍ବାହ୍ନ ୧୦ଟାରୁ ୫ଟା ମଧ୍ୟରେ ତାଙ୍କ ସ୍ତ୍ରୀ ଘଣ୍ଟାଏ ରହିପାରିବେ ଏବଂ ଆଇନଜୀବୀ ଦେଖା କରିପାରିବେ। ବିକ୍ରମ ବର୍ତ୍ତମାନ ଅସୁସ୍ଥ ଥିବାବେଳେ ତାଙ୍କ ପାଖରେ ଜଣେ ଆଟେଣ୍ଡାଣ୍ଟର ଆବଶ୍ୟକ ରହିଛି। କିନ୍ତୁ ହସ୍ପିଟାଲରେ ତାଙ୍କ ଦେଖାଶୁଣା କରିବାକୁ ପାଖରେ କେହି ରହୁନଥିବା କହିଛନ୍ତି।

ବିକ୍ରମ ପଣ୍ଡାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବଢୁଥିବାରୁ ଅନୁଧ୍ୟାନ ପାଇଁ ସାତ ଜଣିଆ କମିଟି କରାଯାଇଛି। ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡା.ଦୁର୍ଗାମାଧବ ଶତପଥିଙ୍କ ଅଧକ୍ଷତାରେ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡା. ଶିବ ପ୍ରସାଦ ପଟ୍ଟନାୟକ, ସର୍ଜରୀ ବିଭାଗ ପ୍ରଫେସର ମନୋଜ କୁମାର ସେଠୀ, ଗ୍ୟାଷ୍ଟ୍ରୋ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ସତ୍ୟ ପ୍ରସାଦ ସାମନ୍ତରାୟ, ଅର୍ଥୋପେଡିକ୍ ବିଭାଗ ମୁଖ୍ୟ ସୁଧୀର ମହାପାତ୍ର, ମେଡିସନ୍ ବିଭାଗ ମୁଖ୍ୟ ସରିତା ବେହେରାଙ୍କୁ ନେଇ ଟିମ୍ ଗଠନ ହୋଇଛି। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପରେ ଏହି ଟିମ୍ କଲନୋଗ୍ରାଫି ଏବଂ ସିଟି ସ୍କାନ୍ କରିବାକୁ ପରାମର୍ଶ ଦେଇଛି।

## ଜଳୁଛି କୁଆଖାଇ ନଦୀପଠା



**କଟକ, ୧୪।୨ (ସଂଚାର ବ୍ୟୁରୋ):** କଟକ ସଦର ଥାନା ଅନ୍ତର୍ଗତ ପୁରୁଣାକାଚରାମାଳ ସ୍ଥିତ କୁଆଖାଇ ନଦୀ ପଠାରେ ଅଗ୍ନିକାଣ୍ଡ। ସୂଚନାଯୋଗ୍ୟ କେହି ଦୁର୍ବୃତ୍ତ କୁଆଖାଇ ନଦୀ ପଠାରେ ନିଆଁ ଲଗାଇ ଦେଇଥିବାରୁ ବନ ବିଭାଗ ପକ୍ଷରୁ ଏକର ଏକର ଜାଗାରେ ରୋପଣ କରାଯାଇଥିବା ଗଛ ଗୁଡିକ ମଧ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏହି ଗଛ ମଧ୍ୟରେ ଆକାଶୀ,ଶାଗୁଆନ,ଆମ୍ବ, ପଣସ, ଚାକୁଣ୍ଡା, ପଟାସ, ଅର୍ଜୁନ ଭଳି ମୂଲ୍ୟବାନ ଗଛ ଚାରା କିଛି ବର୍ଷ ତଳେ ଫୁଲନଖରା ଡିଭିଜନ ବନାଞ୍ଚଳ ବନ ବିଭାଗ ପକ୍ଷରୁ ରୋପଣ କରାଯାଇଥିଲା। ଚାରା ଲଗାଯାଇଥିବା ନଦୀ ପଠାର କିଛି ଅଞ୍ଚଳକୁ ଗୋରୁଗାଈ କବଳରୁ ରକ୍ଷା କରିବା ପାଇଁ ତାର ବାଡ଼ ବୁଲା ଯାଇଥିଲା। କିନ୍ତୁ କେହି ଦୁର୍ବୃତ୍ତ ଶନିବାର ମଧ୍ୟାହ୍ନରେ ନିଆଁ ଲଗାଇ ଦେବାରୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଅଭିଯୋଗ ହେଉଛି କି ଏହି ନଦୀ ପଠାରୁ ଦିନରାତି ବେଆଇନ ଭାବେ ବାଲି ଚାଲାଣ ହେଉଛି। ତେଣୁ ବାଲି ଚୋରା ଚାଲାଣ ପାଇଁ କିଛି ଦୁର୍ବୃତ୍ତ ଏହି ଭଳି କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ପାହାଳ ଦମକଳ କେନ୍ଦ୍ରରୁ ଦୁଇଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଥିଲେବି ସମ୍ପୃକ୍ତ ସ୍ଥାନକୁ ଯିବାକୁ ଅଣଓସାରିଆ ରାସ୍ତା ଥିବାରୁ ଖବର ଲେଖାଯିବା ପର୍ଯ୍ୟନ୍ତ ନିଆଁକୁ ଆୟତ୍ତ କରିପାରିନଥିଲେ।

## ସାର୍ଥକଙ୍କୁ ଖୋଜିବାକୁ ଗଲେ ମା' ଓ ମାମୁ



**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ) :** ନିଖୋଜ ଓଡ଼ିଆ ନାବିକ ସାର୍ଥକ ମହାପାତ୍ରଙ୍କୁ ଖୋଜିବାକୁ ଗଲେ ମାଆ ଓ ମାମୁ। ଆଜି ସିଙ୍ଗାପୁର ଅଭିମୁଖେ ଯାଇଛନ୍ତି ମାମୁ ଓ ମାଆ ରଶ୍ମିତା ମହାପାତ୍ର। ସାର୍ଥକ ନେଇଥିବା ଜାହାଜ ଆସନ୍ତାକାଲି ସିଙ୍ଗାପୁର କୂଳରେ ଲାଗିବ। ଏହାପରେ ମାଆ ଓ ମାମୁ ନିଜେ ଜାହାଜ ଭିତରକୁ ଯାଇ ପୁଅକୁ ଖୋଜିବେ। ଉଭୟଙ୍କ ସମସ୍ତ ଗସ୍ତ ଖର୍ଚ୍ଚ ବହନ କରିଛି ଜାହାଜ କମ୍ପାନୀ। ଭିସା ଓ ଅନ୍ୟାନ୍ୟ ବ୍ୟବସ୍ଥା ସିଙ୍ଗାପୁର ଓ ଭାରତ ସରକାର କରଛନ୍ତି। ମରିସସ୍ ନିକଟରେ ଗଭୀର ସମୁଦ୍ରରୁ ନିଖୋଜ ପରେ ସାର୍ଥକଙ୍କ ମିଳୁନି ପତ୍ତା। ମଝି ସମୁଦ୍ରରେ ରହସ୍ୟଜନକ ଭାବେ ମର୍ଚାଣ୍ଟ ନେଭି କାଡେଟ ସାର୍ଥକ ମହାପାତ୍ର ଗାୟବ ଘଟଣାକୁ ୧୦ ଦିନରୁ ଅଧିକ ଦିନ ବିତିଗଲାଣି। କିନ୍ତୁ ତାଙ୍କର କୌଣସି ଖୋଜଖବର ନମିଳିବା ଅନେକ ପ୍ରଶ୍ନବାଚୀ ଠିଆ କରିଛି।

## ଲୁଲୁ ମହାପାତ୍ରଙ୍କ ଜନ୍ମ ଦିବସରେ ବାଇକ୍ ରାଲି



**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ):** ଲୁଲୁ ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଆଜି ସ୍ୱର୍ଗତଃ ଲଲାଟେନ୍ଦୁ ମହାପାତ୍ର (ଲୁଲୁ)ଙ୍କର ୬୨ତମ ଜନ୍ମ ଦିବସ କଂଗ୍ରେସ ଭବନ ସମ୍ମୁଖରେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଏକ ବିଶାଳ ବାଇକ୍ ରାଲି ବାଣୀବିହାରଠାରୁ ବାହାରି ରୁପାଲି ଛକ, ସତ୍ୟନଗର, ରାମମନ୍ଦିର ଛକ, ମାଷ୍ଟରକ୍ୟାଣ୍ଟିନ ଛକ, ରାଜମହଲ ଛକ ପର୍ଯ୍ୟନ୍ତ ଯାଇ ସେଠାରେ ଶ୍ରୀ ମହପାତ୍ରଙ୍କ ୨୦ ଫୁଟର ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେଠାରୁ ଯୁବକମାନେ ବାଇକ୍ ରାଲିରେ କଂଗ୍ରେସ ଭବନ ସମ୍ମୁଖରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମସ୍ଥଳରେ ବରିଷ୍ଠ ନେତୃ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଶରତ ରାଉତ, ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ଛେନାପୋଡ଼ କଟାଯାଇଥିଲା। ଏହି ଅବସରରେ ଲୁଲୁଙ୍କ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଲୁଲୁ ମହାପାତ୍ରଙ୍କ ଭାଇ ଲଲାଟେନ୍ଦୁ ମହାପାତ୍ର, ପ୍ରକାଶ ଜେନା, ସମୀର ରାଉତରାୟ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଚିନ୍ମୟ ପ୍ରସାଦ ବେହୁରା, ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ଅସିତ କୁମାର ପଟ୍ଟନାୟକ ପ୍ରମୁଖଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଭୂଷଣ ଦାସ, ସୁବ୍ରତ ମହାପାତ୍ର, ସୂର୍ଯ୍ୟକାନ୍ତ ଜେନା, ସଂଗ୍ରାମ ଦାସ, ମିହିର ଆଚାର୍ଯ୍ୟ, ମାନସ କର, ଜୟକୃଷ୍ଣ ସୁବୁଦ୍ଧି ପରିଚାଳନା କରିଥିଲେ।

# ରାଜ୍ୟ ପ୍ରଗତିକୁ ସହିପାରୁନି ବିଜେଡି




ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବା ଦଳର ଚରିତ୍ର
ସଂକଳ୍ପପତ୍ର ଆମ ପାଇଁ 'ଗୀତା'

**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ):** ବିଜେପି ପାଇଁ ସଂକଳ୍ପପତ୍ର ହେଉଛି 'ଗୀତା' ସଦୃଶ। ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଦଳ ଜାରି କରିଥିବା ସଂକଳ୍ପପତ୍ରର ସମସ୍ତ ପ୍ରତିଶ୍ରୁତି ପାଳନ କରାଯିବା ନିଶ୍ଚିତ। ମାତ୍ର ୧୯ ମାସର ସରକାର ଅର୍ଦ୍ଧାଧିକ ପ୍ରତିଶ୍ରୁତି ପୂରଣ କରିସାରିଛି ଓ ଅବଶିଷ୍ଟ ପ୍ରତିଶ୍ରୁତି ମଧ୍ୟ ଯଥା ସମୟରେ ପୂରଣ ହେବ। ବିଜେପିକୁ ରାଜ୍ୟବାସୀଙ୍କ ସେବା କରିବାର ସୁଯୋଗ ମିଳିଥିବା ବେଳେ ରାଜ୍ୟକୁ ଆସନ୍ତା ୨୦୩୬ ସୁଦ୍ଧା ସମୃଦ୍ଧ କରିବା ପାଇଁ ବିକାଶମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଆରମ୍ଭ ହୋଇଛି। ତେବେ ରାଜ୍ୟର ଏହି ପ୍ରଗତିକୁ ସହି ନ ପାରି ବିଜେଡି ଏବେ ନିନ୍ଦୁକ ସାଜିଛି। ବିରୋଧୀ ଦଳ ଦୀର୍ଘ ୨୪ ବର୍ଷ ଧରି କ୍ଷମତାସୀନ ଥିଲେ ମଧ୍ୟ ରାଜ୍ୟର ବିକାଶ ପ୍ରତି ଏହାର ଆଦୌ ଆନ୍ତରିକତା ନଥିଲା। ସେମାନେ କେବଳ ରାଜ୍ୟବାସୀଙ୍କୁ ପ୍ରତାରଣା କରିଚାଲିଥିଲେ। କିନ୍ତୁ ଏବେ ସେମାନେ ତାହାକୁ ଭୁଲିଯାଇଛନ୍ତି, କିନ୍ତୁ ଓଡ଼ିଶାବାସୀ ଏହାକୁ ଭୁଲିନାହାନ୍ତି ବୋଲି ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଆଜି ଏଠାରେ ବିଜେଡିର ଏକ ଅଭିଯୋଗ ଉପରେ ପ୍ରତିକ୍ରିୟା ଦେବାକୁ ଯାଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବା ବିଜେଡିର ଚରିତ୍ର। ବକ୍ତବ୍ୟ ଦେବା ପୂର୍ବରୁ ବିଜେଡି ନେତାଏ ଅତୀତକୁ ଭୁଲିଯାଉଛନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗରେ ଗତ ୨୦୧୮ ଏପ୍ରିଲ ୧୨ରେ ଓଡ଼ିଶା ବିଧାନସଭାରେ ତତ୍କାଳୀନ କଂଗ୍ରେସ ବିଧାୟକ କୈଳାସ ଚନ୍ଦ୍ର କୁଲେସିକାଙ୍କ ପ୍ରଶ୍ନର ଉତ୍ତରକୁ ବିଜେଡି ସାଂସଦ କେମିତି ଭୁଲିଗଲେ? ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇବାକୁ ଯେଉଁ ମାନଦଣ୍ଡ ଆବଶ୍ୟକ, ଓଡ଼ିଶା ତାହା ପୂରଣ କରୁନାହିଁ ବୋଲି ସେତେବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସେତେବେଳର ଯୋଜନା ଓ ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଉତ୍ତର ରଖିଥିଲେ। ଏପରି କ୍ଷେତ୍ରରେ ବିଜେଡି ସାଂସଦଙ୍କ ବକ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ ଓ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

● ଓଡ଼ିଶା ପୁଲିସର ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ

# 'ଅପରେସନ୍ ସାଇବର କବଚ'

## ୫ କୋଟିରୁ ଉର୍ଦ୍ଧ୍ୱ ଠକେଇ ମାମଲାରେ ୨ ଗିରଫ



**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ):** ଓଡ଼ିଶାରେ ସାଇବର ସୁରକ୍ଷାକୁ ଆହୁରି ସୁଦୃଢ଼ ଓ ସଂଗଠିତ କରାଯିବା ସହ ସାଇବର ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଓଡ଼ିଶା ପୁଲିସ ପକ୍ଷରୁ ଆଜିଠାରୁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ସାଇବର କବଚ' ଆରମ୍ଭ ହୋଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗତ ୧୧ ତାରିଖରେ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ଅଭିଯାନ ସମ୍ପର୍କରେ ଘୋଷଣା କରିଥିଲେ। ବେନାମୀ ବ୍ୟାଙ୍କ ଆକାଉଣ୍ଟ, ଜାଲ୍ ସିମ୍ କାର୍ଡ ଓ ସାଇବର ଅପରାଧ ନେଟୱାର୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିର୍ଦ୍ଦେଶ ଜାରି କରିଥିଲେ।

ସେହି ଅନୁସାରେ, ବଲାଙ୍ଗୀର ଜିଲ୍ଲା ପୁଲିସ ଏକ ବଡ଼ ସାଇବର ଅପରାଧର ପର୍ଦ୍ଦାଫାସ କରିଛି। ବିଭିନ୍ନ ଲୋକଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ୫ କୋଟିରୁ ଅଧିକ ଟଙ୍କା ଠକେଇ ମାମଲାରେ ୨ ଜଣ ସାଇବର ଅପରାଧୀଙ୍କୁ ପୁଲିସ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ୨୯ଟି ପାସ ବୁକ, ୧୫ଟି ଚେକ ବହି, ସ୍ୱାଇପ ମେସିନ, ମୋବାଇଲ ଫୋନ୍ ଆଦି ମଧ ଜବତ କରାଯାଇଛି। ଏହାଛଡ଼ା ମୟୂରଭଞ୍ଜ ଜିଲ୍ଲାରେ ସାଇବର ଠକେଇ ସମ୍ପର୍କିତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର ନେଇ ଏକ ମାମଲା ବି ରୁଜୁ କରାଯାଇଛି। ଏହି ଘଟଣା ସହ ଅଦ୍ୟାବଧି ୪ ଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ବେଳେ ଜଣାପଡ଼ିବା ପରେ ସେମାନଙ୍କ ବିରୋଧରେ ନୋଟିସ୍ ଜାରି କରାଯାଇଛି। ମାମଲାର ତଦନ୍ତ ଚାଲିଥିବା ସମୟରେ ସମ୍ପୃକ୍ତ ଘଟଣାରେ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଭୂମିକାର ମଧ ଯାଞ୍ଚ ହେଉଛି। ସୂଚନାଯୋଗ୍ୟଯେ ଏହି ଅଭିଯାନ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଇବର ଠକେଇ ପାଇଁ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଓ ଜାଲ୍ ସିମ୍ କାର୍ଡ କାରବାରକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ।



## କେନ୍ଦୁଝରରେ ଜଣ୍ଡିସ ନେଲା ଶିଶୁ ଜୀବନ



**ବଞ୍ଝୋ, ୧୪।୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅଧୀନସ୍ଥ ବଞ୍ଝୋ ପଞ୍ଚାୟତ ନାଇକସାହିରେ ଜଣ୍ଡିସ ରୋଗ ବ୍ୟାପିଛି। ଏହି ଜଣ୍ଡିସ୍ ବ୍ୟାପିବା ନେଇ ଗ୍ରାମବାସୀ ବି ଭୟଭୀତ ହୋଇପଡ଼ିଛନ୍ତି। ଏହି ରୋଗ ମଧ ଜଣେ ୯ ବର୍ଷୀୟ ଶିଶୁର ଜୀବନ ନେଇଥିବା ଅଭଯୋଗ ହୋଇଛି। ମୃତ ଶିଶୁର ନାମ ଅନୀଲ ଧନଞ୍ଜୟ ନାଇକ ବୋଲି ଜଣାପଡ଼ିଛି। ଏପରିକି ଗ୍ରାମର ଅନେକ ଶିଶୁ

● ପରୀକ୍ଷା ପାଇଁ ଗଲା ପିଇବା ପାଣି ନମୁନା

● ନଳକୂପ ଯୋଗୁଁ ରୋଗ ବ୍ୟାପୁଥିବା ଅଭିଯୋଗ

ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇ ଏବେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ପ୍ରକାଶ ଯେ ସାହିର ୱାର୍ଡ ସଭ୍ୟ ମାଗୁଣି ନାଇକଙ୍କ ପୁଅ ଅନୀଲ ପ୍ରାୟ ୨୦ ଦିନ ଧରି ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲା। କିନ୍ତୁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେ ଗତକାଲି ଅପରାହ୍ନରେ ମୃତ୍ୟୁବରଣ କରିଥିବା ପରିବାର ଲୋକେ କହିଛନ୍ତି। ଗ୍ରାମରେ ଥିବା ନଳକୂଅର ଦୂଷିତ ପାଣି ପିଇ ଶିଶୁମାନେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ ସରକାରଙ୍କ ପକ୍ଷରୁ ବସୁଧା ଯୋଜନା ଅଧୀନରେ ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପିଇବା ପାଣି ଯୋଗାଇଦେବାକୁ ଘୋଷଣା ହୋଇଥିଲା। କିନ୍ତୁ ବଞ୍ଝୋ ପଞ୍ଚାୟତର ନାଇକସାହିରେ ଏହି ଯୋଜନା ଠିକ ଭାବେ କାର୍ଯ୍ୟକାରୀ ହୋଇ ନ ଥିବାରୁ ଜନସାଧାରଣ ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଅନୀଲର ମୃତ୍ୟୁ ଖବର ପାଇବା ପରେ ହାଟଡିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ରାଜସ୍ୱ ନିରୀକ୍ଷକ ଦୀପ୍ତିମୟୀ ସାହୁ, ସମାଜସେବୀ ରଶ୍ମିରଞ୍ଜନ ଜେନା ପ୍ରମୁଖ ପିତାମାତାଙ୍କୁ ସମବେଦନା ଜଣାଇଛନ୍ତି। ଏଥିସହ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ବି ସସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ତା'ଛଡ଼ା ଶ୍ରୀ ରାଉତ ତୁରନ୍ତ ଡାକ୍ତରୀ ଟିମ୍ ପଠାଇ ଚିକିତ୍ସା ବ୍ୟବସ୍ଥା ବି ଆରମ୍ଭ କରିଛନ୍ତି। ସେହିପରି ଗ୍ରାମର ସମସ୍ତ ନଳକୂଅ ପାଣିକୁ ଶୁଦ୍ଧ କରିବା ଏବଂ ବସୁଧା ଯୋଜନାକୁ ସଠିକ ଭାବେ କାର୍ଯ୍ୟକରୀ କରିବା ସକାଶେ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏଥିସହ ଗ୍ରାମରେ ପହଞ୍ଚିଥିବରା ଡାକ୍ତରୀ ଟିମ୍ ଓ ଜଳ ବିଭାଗ କର୍ମଚାରୀ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ନଳକୂଅ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିବା ଜଣାପଡ଼ିଛି। ରିପୋର୍ଟ ଆସିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ବି କୁହାଯାଇଛି।

## ମହୁମାଛି ଆକ୍ରମଣରେ ଜଣେ ମୃତ ଓ ୬ ଆହତ

**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ):** ମହୁମାଛି ନେଲା ଜୀବନ। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଜାଗୁଳାଇପଡ଼ା ଗାଁରେ ଅଘଟଣ ଘଟିଛି। ମୃତକ ହେଲେ ବୈଲୋଚନ ବିଶ୍ୱାଳ। ଗତକାଲି ମହୁମାଛି ଆକ୍ରମଣରେ ୬ ଜଣ ଆହତ ହୋଇଥିଲେ। ସେମାନଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗୁରୁତର ଅବସ୍ଥାରେ ଥିବା ବୈଲୋଚନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି।

● ରେଡିଓ ପ୍ରସାରକଙ୍କ ପାଇଁ ନିର୍ବାଚନ ସଚେତନତା କର୍ମଶାଳା

# ଯୋଗ୍ୟ ଭୋଟରଙ୍କୁ ସାମିଲ ପାଇଁ ସିଇଓଙ୍କ ପରାମର୍ଶ




**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଗଠନ କରିବା ଲକ୍ଷ୍ୟରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ 'ରେଡିଓ ପ୍ରସାରକମାନଙ୍କ ପାଇଁ ଏକ ରାଜ୍ୟ ସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ଭୋଟର ସୂଚୀର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସଆଇଆର) ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟର ତାଲିକାରେ ରହିବା ଅପରିହାର୍ଯ୍ୟ।

୧୮ ବର୍ଷ ବୟସ ହୋଇଥିବା ପ୍ରତ୍ୟେକ ଭାରତୀୟ ନାଗରିକ କିଭଳି ନିଜ ନାମ ପଞ୍ଜିକୃତ କରିପାରିବେ, ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଆପତ୍ତି ଅଭିଯୋଗ ଦାଖଲ କରିବାର ପ୍ରକ୍ରିୟା ବିଷୟରେ ଆଲୋଚନା କରାଯାଇଥିଲା ଏବଂ କୌଣସି ଜଣେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି ସେଥିପ୍ରତି ସତର୍କ ରହିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଥିଲେ।

ଜନସାଧାରଣଙ୍କ ପାଖରେ ସଠିକ୍ ସୂଚନା ପହଞ୍ଚାଇବା ଏବଂ ସଚେତନତା ବୃଦ୍ଧି କରିବାରେ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ।

# କନଜର୍ଭେନ୍ସି ମୁକ୍ତିଃ ଦୁଇ ବିଭାଗ ଅଡୁଆ

**ଭୁବନେଶ୍ୱର, ୧୪।୨:** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରରେ ଥିବା ୪୮୨ଟି କନ୍‌ଜର୍ଭେନ୍ସି ଲେନ୍‌କୁ ଜବରଦଖଲମୁକ୍ତ ଓ ସଫାସୁତରା ରଖିବାକୁ ଅଭିଯାନ ଆରମ୍ଭ କରିଥିବାବେଳେ କେତେକ ସ୍ଥାନରେ ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବିଭାଗ ଏଥିରେ ବାଧକ ସାଜିଛି। କାରଣ କନ୍‌ଜର୍ଭେନ୍ସି ଲେନ୍‌କୁ ଜବରଦଖଲ କରୁଥିବା ଲୋକଙ୍କୁ ଏହି ଦୁଇ ବିଭାଗ ସଂଯୋଗ ଯୋଗାଇ ଦେଉଥିବାରୁ ସେମାନଙ୍କୁ ଉଚ୍ଛେଦ କରିବା ବିଏମ୍‌ସି ପକ୍ଷରେ ସହଜ ହେଉନାହିଁ।

ରାଜଧାନୀର କନ୍‌ଜର୍ଭେନ୍ସି ଲେନ୍‌ରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପେଭର ବ୍ଲକ ପକାଇବା ପରେ ଏବେ ସେଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଜବରଦଖଲମୁକ୍ତ କରିବା, ବସନ୍ତ ଋତୁରେ ପଡୁଥିବା ପତ୍ରକୁ ସଫା କରିବା, ଏପରିକି କନ୍‌ଜର୍ଭେନ୍ସି ଲେନ୍‌ରେ ଯେଭଳି ଲୋକେ ପରିସ୍ରା ନ କରନ୍ତି, ସେ ଦିଗରେ ପଦକ୍ଷେପ ନେବାକୁ ସ୍ୱଚ୍ଛ ସୁପରଭାଇଜର ଓ ଦାୟିତ୍ୱରେ ଥିବା ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।




ହେଲେ ଏବେ ଲକ୍ଷ୍ୟ କରାଯାଇଛି ଯେ ଜବରଦଖଲ ହୋଇଥିବା କନ୍‌ଜର୍ଭେନ୍ସି ଲେନ୍‌ରୁ ଜବରଦଖଲ ହଟାଇବା ଏମାନଙ୍କ ପାଇଁ ଏତେଟା ସହଜ ହେଉନାହିଁ। କାରଣ ସେଠାରେ ବସବାସ କରୁଥିବା ଲୋକଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଥିବା ବେଳେ ବିଦ୍ୟୁତ୍ ବିଭାଗ ମଧ ବିଜୁଳି ଯୋଗାଇ ଦେଉଛନ୍ତି। ଯେଉଁଠାରେ ବିଦ୍ୟୁତ୍ ଚୋରି ହୋଇ ଏଠାକୁ ସଂଯୋଗ ଦିଆଯାଇଛି, ସେଥିପ୍ରତି ବିଭାଗ ବି ଆଖିବୁଜି ଦେଇଛି। ସେହିଭଳି କନ୍‌ଜର୍ଭେନ୍ସିରେ ଥିବା ସ୍ୱେରେଜ ଲାଇନ୍‌ରେ ଜବରଦଖଲକାରୀମାନେ ସିଧାସଳଖ ଶୌଚାଳୟ କରିଥିଲେ ମଧ ସ୍ଥାନୀୟ ଜନସ୍ୱାସ୍ଥ୍ୟ ଦପ୍ତରଗୁଡ଼ିକ ଏହାକୁ ଅଣଦେଖା କରୁଛନ୍ତି।

ସବୁଠାରୁ ବଡ଼ କଥା ହେଲା, ଯେତେବେଳେ ଉଚ୍ଛେଦକାରୀ ଟିମ୍ ଏଠାରେ ହାଜର ହେଉଛନ୍ତି ସେତେବେଳେ ବିଦ୍ୟୁତ୍ ଓ ପାଣି ସଂଯୋଗ ଦେଖି ଫେରି ଆସୁଛନ୍ତି। ସ୍ଥାନୀୟ ନେତା ମଧ ଏଥିରେ ହସ୍ତକ୍ଷେପ କରିବାରେ ଲାଗିଛନ୍ତି। ବିଏମ୍‌ସି ପକ୍ଷରୁ ରାଜଧାନୀର ପ୍ରତ୍ୟେକ ୱାର୍ଡରେ ଜଣେ ଲେଖାଏଁ ୱାର୍ଡ ଅଫିସର, ସାନିଟାରୀ ଇନ୍ସପେକ୍ଟର ନିୟୋଜିତ ହୋଇଛନ୍ତି। ଏମାନେ କିଭଳି କନ୍‌ଜର୍ଭେନ୍ସି ଜବରଦଖଲକୁ ଦେଖିପାରୁନାହାନ୍ତି, ତାହା ବଡ଼ ପ୍ରଶ୍ନ ହୋଇଛି। କନ୍‌ଜର୍ଭେନ୍ସି ଜବରଦଖଲ ପାଇଁ ଏମାନଙ୍କୁ ପ୍ରଥମେ ଦାୟୀ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି। ସେହିଭଳି କନ୍‌ଜର୍ଭେନ୍ସି ସଫା ଦାୟିତ୍ୱରେ ଥିବା ଏଜେନ୍ସି ମଧ ବହୁ ସ୍ଥାନରେ ଅବହେଳା ପ୍ରଦର୍ଶନ କରୁଛନ୍ତି। (ତଥ୍ୟ)

## ୮ ମନ୍ଦିରରୁ ସିରିଜ ଲୁଟ୍




**ବାଲୁଗାଁ, ୧୪।୨ (ସଂଚାର ବ୍ୟୁରୋ) :** ବାଲୁଗାଁରେ ବଜାରରେ ୫ଟି ସ୍ଥାନରେ ୮ ମନ୍ଦିରରୁ ସିରିଜ ଲୁଟ। ଲୁଟି ନେଲେ ମନ୍ଦିରର ଦେବଦେବୀଙ୍କ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର। ଦାନ ବାକ୍ସ ମଧ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ସାନ୍ତରାପୁର ଗ୍ରାମ ମନ୍ଦିର ରୁ ଦାନ ବାକ୍ସ ଭାଙ୍ଗି ଲକ୍ଷାଧିକ ଦାନ ଟଙ୍କା ମଧ ଲୁଟି ନେଇଛନ୍ତି। ବାଲୁଗାଁ ମୁଖ୍ୟ ରାସ୍ତାରେ ଥିବା ସରଳାପଦର ସ୍ଥିତ ଉତ୍ତରାୟଣୀ ମନ୍ଦିର ଓ ମାଛ ମାର୍କେଟ ସ୍ଥିତ କାଳିଜାଈ ମନ୍ଦିର, ସାନ୍ତରାପୁର ଗ୍ରାମରେ ଥିବା ଦଧିବାବନ ମନ୍ଦିର, ଲକ୍ଷ୍ମୀ ମନ୍ଦିର, ହନୁମାନ ମନ୍ଦିର, ଗୁପ୍ତେଶ୍ୱର ଦେବ ମନ୍ଦିରରୁ ଚୋରି ହୋଇଛି। ଗାନ୍ଧୀନଗର ସ୍ଥିତ ମା' ଭଗବତୀ ଗିରି ଦୁର୍ଗା ମନ୍ଦିର ଓ ବିଦ୍ୟାଧରପୁର ସାହି ଥିବା ମା ଖିଲାମୁଣ୍ଡା ମନ୍ଦିରରୁ ସମାନ ଢଙ୍ଗରେ ତାଲା ଭାଙ୍ଗି ଲୁଟିନେଇଛନ୍ତି ଦୁର୍ବୃତ୍ତ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭେନେଜୁଏଲାରୁ ତୈଳ କିଣିବାକୁ ରିଲାଏନ୍ସକୁ ମଞ୍ଜୁରୀ



## ଆମେରିକା ଦେଲା ଲାଇସେନ୍ସ

ଜାମନଗର ୧୪।୨: ଏସିୟାର ସବୁଠୁ ଧନୀ ବ୍ୟବସାୟୀ ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଭେନେଜୁଏଲାରୁ ତୈଳ କ୍ରୟ ନିମନ୍ତେ ମଞ୍ଜୁରୀ ହାସଲ କରିନେଇଛି। ଏଥି ପାଇଁ ଆମେରିକା ଜେନେରାଲ ଲାଇସେନ୍ସ ମଧ ଦେଇଛି। ଏହାର ଅର୍ଥ ହେଉଛି ରିଲାଏନ୍ସ ଏବେ ବିନା କୌଣସି ଆଇନଗତ କଟକଣାରେ ସିଧା ଭେନେଜୁଏଲାର ବିଶାଳ ତୈଳ ଭଣ୍ଡାରରୁ ତୈଳ ଆମଦାନୀ କରିପାରିବ। ଏ ପର୍ଯ୍ୟନ୍ତ ଆମେରିକା କଟକଣା ଯୋଗୁ ଭେନେଜୁଏଲାରୁ ତୈଳ କ୍ରୟରେ ଅସୁବିଧା ହେଉଥିଲା। ଗତ ବର୍ଷ ପରିସ୍ଥିତି ଏପରି ଥିଲା ରିଲାଏନ୍ସ ତାର ତୈଳ କ୍ରୟ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବାଧ ହୋଇଥିଲା। ଏବେ ଲାଇସେନ୍ସ ମିଳିବା ପରେ ରିଲାଏନ୍ସ ନା କେବଳ ତୈଳ କ୍ରୟ କରିପାରିବ ବରଂ ପରେ ତାକୁ ବିକ୍ରି ମଧ କରିବ। ରିଲାଏନ୍ସର ଗୁଜରାଟସ୍ଥିତ ରିଫାଇନିଂ କମ୍ପ୍ଲେକ୍ସ ବିଶ୍ୱର ସବୁଠୁ ଅତ୍ୟାଧୁନିକ ପ୍ଲାଣ୍ଟ, ଯାହା ଭେନେଜୁଏଲାର ଅଶୋଧିତ ତୈଳକୁ ସହଜରେ ପ୍ରୋସେସ କରିପାରିବ। ବଜାର ବିଶେଷଜ୍ଞଙ୍କ ଅନୁସାରେ ଭେନେଜୁଏଲାରୁ ସିଧା କିଣାଯିବା ଯୋଗୁ ରିଲାଏନ୍ସର ସଞ୍ଚୟ ମଧ ହେବ। ଉଲ୍ଲେଖଯୋଗ୍ୟଯେ ଋଷିଆ ତୈଳ ଅପେକ୍ଷା ଭେନେଜୁଏଲାର ଅଶୋଧିତ ତୈଳ ଅନେକ ଶସ୍ତା। ଚଳିତବର୍ଷ ପ୍ରାରମ୍ଭରେ ଏଥି ପାଇଁ ରିଲାଏନ୍ସ ଆବେଦନ କରିଥିଲା। ନିକଟରେ କମ୍ପାନୀ ଭିଟୋଲ ନାମକ ଫାର୍ମ ମାଧ୍ୟମରେ ୨୦ଲକ୍ଷ ବ୍ୟାରଲ ତୈଳ ମଗାଇଥିଲା। ହେଲେ ଏବେ ସିଧା ଲାଇସେନ୍ସ ମିଳିଯିବା ଯୋଗୁ ବ୍ରୋକରେଜ ଖର୍ଚ୍ଚ ମଧ କମିଯିବ।

ଭେନେଜୁଏଲାରେ ସବୁଠୁ ବଡ଼ ତୈଳ ସମ୍ପଦ ରହିଛି। ନିକଟରେ ଆମେରିକା ସେଠାକାର ଏନର୍ଜୀ ଇଣ୍ଡଷ୍ଟ୍ରି ଉପରେ ଜାରି କଟକଣା କୋହଳ କରିବାକୁ ନିଷ୍ପତ୍ତି ନେଇଛି। ଏହା ଦ୍ୱାରା ୨ବିଲିୟନ ଡଲାରର ତୈଳ ଯୋଗାଣ ଡିଲ ପୁରା କରାଯାଇ ପାରିବ। ଏହା ସହିତ ଆମେରିକା ସେଠାକାର ତୈଳ ଭିତ୍ତିଭୂମିର ବିକାଶ ନିମନ୍ତେ ୧୦୦ ବିଲିୟନ ଡଲାରର ମେଗା ପ୍ଲାନ ମଧ ପ୍ରସ୍ତୁତ କରିଛି। ଭାରତ ଦୃଷ୍ଟିରେ ଏହାକୁ ଦେଖିଲେ ନିକଟରେ ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଅତିରିକ୍ତ ୨୫% ଟ୍ୟାକ୍ସ ହଟାଇ ଦେଇଛନ୍ତି। ଏଣୁ ଏବେ ବାଣିଜ୍ୟ ଆହୁରି ସହଜ ହେବ।

କେନ୍ଦ୍ର ସରକାରଙ୍କ ମଞ୍ଜୁରି



# ଗହମ, ଚିନି ରପ୍ତାନିକୁ ଅନୁମତି

ନୂଆଦିଲ୍ଲୀ, ୧୪।୨: ଘରୋଇ ବଜାରରେ ସ୍ଥିରତା ବଜାୟ ରଖିବା ଓ ଚାଷୀମାନଙ୍କ ଆୟ ବଢ଼ାଇବା ଲକ୍ଷ୍ୟ ନେଇ ଶୁକ୍ରବାର କେନ୍ଦ୍ର ସରକାର ୨୫ ଲକ୍ଷ ଟନ୍ ଗହମ ରପ୍ତାନି ଲାଗି ଅନୁମତି ଦେଇଛନ୍ତି। ଦେଶର ଆବଶ୍ୟକତା ପୂରଣ ଲାଗି ଯଥେଷ୍ଟ ଗହମ ଗଚ୍ଛିତ ଥିବାରୁ ରପ୍ତାନି ଅନୁମତି ଦିଆଯାଇଛି। ଏଥି ସହିତ ଅତିରିକ୍ତ ୫ ଲକ୍ଷ ଟନ୍ ଚିନି ରପ୍ତାନି କରିବାକୁ ଅନୁମତି ଦିଆଯାଇଛି। ରପ୍ତାନି କରିବାକୁ ଚାହୁଁଥିବା ଚିନିକଳଗୁଡ଼ିକ ଏହି ସୁବିଧାର ଲାଭ ଉଠାଇପାରିବେ। ଏହାପୂର୍ବରୁ ୧୫ ଲକ୍ଷ ଟନ୍ ଚିନି ରପ୍ତାନି ପାଇଁ ଅନୁମତି ଦିଆଯାଇଥିଲା। ସରକାର ମହଜୁଦ ଗହମ ସ୍ଥିତିର ସମୀକ୍ଷାରୁ ଜାଣିବାକୁ ପାଇଛନ୍ତି ଯେ ୨୦୨୫-୨୬ରେ ଘରୋଇ ସଂସ୍ଥାଗୁଡ଼ିକ ପାଖରେ ୭୫ ଲକ୍ଷ ଟନ୍ ଗହମ ରହିଛି ଯାହା ଗତବର୍ଷର ଷ୍ଟକ୍ ତୁଳନାରେ ୩୨ ଲକ୍ଷ ଟନ୍ ଅଧିକ। ୨୦୨୬ ଏପ୍ରିଲ୍ ୧ ସୁଦ୍ଧା ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)ର ଭଣ୍ଡାରରେ ୧୮୨ ଲକ୍ଷ ଟନ୍ ଗହମ ଗଚ୍ଛିତ ଥିବ ବୋଲି ଆକଳନ କରାଯାଇଛି। ତେଣୁ ରପ୍ତାନି ଅନୁମତି କୌଣସି ପ୍ରକାରରେ ସ୍ଥାନୀୟ ବଜାରକୁ ପ୍ରଭାବିତ କରିବ ନାହିଁ ବୋଲି ଖାଦ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# କାର୍, ୨ ଚକିଆ, ୩ ଚକିଆ ଯାନ ବିକ୍ରିରେ ରେକର୍ଡ



ନୂଆଦିଲ୍ଲୀ, ୧୪।୨: ଦୁଇ ଚକିଆ, ତିନି ଚକିଆ ଯାନ ସମେତ କାର୍ ବିକ୍ରିରେ ଚଳିତ ବର୍ଷ ଜାନୁଆରିରେ ରେକର୍ଡ ଅଭିବୃଦ୍ଧି ହୋଇଛି। ଭାରତୀୟ ଅଟୋମୋବାଇଲ୍ ଉତ୍ପାଦକ ସମିତି (ସିଆମ୍) ପକ୍ଷରୁ ଏହି ତଥ୍ୟ ଉପସ୍ଥାପନ କରାଯାଇଛି। ଏହି ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜାନୁଆରିରେ ଘରୋଇ ଯାତ୍ରୀବାହୀ ଯାନ ବିକ୍ରି ଗତ ବର୍ଷ ତୁଳନାରେ ୧୨.୬ ପ୍ରତିଶତ ବୃଦ୍ଧି ପାଇଛି। ଜାନୁଆରିରେ କେବଳ ୪,୪୯,୬୧୬ଟି ଯାନ ବିକ୍ରି ହୋଇଛି, ଯାହାକି ଏହି ମାସର ବିକ୍ରି କ୍ଷେତ୍ରରେ ସର୍ବକାଳୀନ ରେକର୍ଡ। ଅନ୍ୟପକ୍ଷରେ ୨୦୨୫ରେ ୩,୩୯,୩୮୬ଟି ଘରୋଇ ଯାତ୍ରୀବହୀ ଯାନ ବିକ୍ରି ହୋଇଥିଲା। ଏହି ସମୟରେ ୧୯,୨୫,୬୦୩ଟି ଦୁଇ ଚକିଆଯାନ ବିକ୍ରି ହୋଇଛି, ଯାହାକି ଗତ ବର୍ଷ ଜାନୁଆରିରେ ୧୫,୨୬,୨୧୮ ଥିଲା। ଜାନୁଆରିରେ ୫୮,୧୬୭ଟି ତିନି ଚକିଆ ଯାନ ବିକ୍ରି ହୋଇଛି। ଗତ ବର୍ଷ ଜାନୁଆରି ତୁଳନାରେ ଏଥିରେ ୩୦.୨ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇପାରିଛି। ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ହାର ହ୍ରାସ ଅଟୋମୋବାଇଲ୍ ଚାହିଦା ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି ସିଆମ୍ ବିବେଚନା କରୁଥିବା ନିର୍ଦ୍ଦେଶକ ରାଜେଶ ମେନନ୍ କହିଛନ୍ତି। ଚଳିତ ବର୍ଷ ଜାନୁଆରିରେ ଯାତ୍ରୀବାହୀ ଯାନ ରପ୍ତାନିରେ ୩୩ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇଛି। ଦୁଇ ଚକିଆ ରପ୍ତାନି ଚଳିତ ବର୍ଷ ଜାନୁଆରିରେ ୨୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ତିନି ଚକିଆ ରପ୍ତାନି ୫୪.୬ ପ୍ରତିଶତ ବୃଦ୍ଧି ପାଇଛି।

## ଓଡ଼ିଶାରେ ଜିଓ ଏୟାରଫାଇବରର ବଡ଼ ସଫଳତା

# ୨୦୨୫ରେ ଦୁଇ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଡ଼ିଛି: ଟ୍ରାଇ




ଭୁବନେଶ୍ୱର, ୧୪।୨: ଓଡ଼ିଶାର ଅଗ୍ରଣୀ ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ୨୦୨୫ ବର୍ଷରେ ଦୁଇ ଲକ୍ଷରୁ ଅଧିକ ନୂତନ ଜିଓଏୟାରଫାଇବର ଗ୍ରାହକ ଯୋଡିବା ସହିତ ହୋମ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଏହାର ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଡିସେମ୍ବର ୩୧, ୨୦୨୫ ସୁଦ୍ଧା ଜିଓର ଫିକ୍ସଡ଼ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ସେବା ଜିଓଏୟାରଫାଇବରର ଓଡିଶାରେ ମୋଟ ଗ୍ରାହକ ସଂଖ୍ୟା ୩.୩୪ ଲକ୍ଷ ଅତିକ୍ରମ କରିଛି। ଏଥିରେ ୨.୮୭ ଲକ୍ଷରୁ ଅଧିକ ୫ଜି ଏଫଡବ୍ଲ୍ୟୁଏ ଗ୍ରାହକ ଏବଂ ୪୬୦୦୦ରୁ ଅଧିକ ୟୁବିଆର ଏଫଡବ୍ଲ୍ୟୁଏ ଗ୍ରାହକ ରହିଛନ୍ତି। ଜିଓଏୟାରଫାଇବର ୨୦୨୫ ବର୍ଷରେ ଓଡ଼ିଶାରେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ଚାରି ଗୁଣ ଅଧିକ ଫିକ୍ସଡ଼ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ଗ୍ରାହକ ଯୋଡ଼ିଛି। ତଥ୍ୟ ଅନୁଯାୟୀ, ଓଡ଼ିଶାରେ ମୋଟ ଏଫଡବ୍ଲୁଏ ଗ୍ରାହକ ସଂଖ୍ୟା ଜାନୁଆରୀ ୨୦୨୫ରେ ପ୍ରାୟ ୧.୫ ଲକ୍ଷ ଥିଲା, ଯାହା ଡିସେମ୍ବର ୨୦୨୫ରେ ୪ ଲକ୍ଷ ଅତିକ୍ରମ କରିଛି।

ଏହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଦୃଢ଼ ଭିତ୍ତିଭୂମି ଏବଂ ଗ୍ରାହକ-ସର୍ବପ୍ରଥମ ନୀତି ସହିତ, ଜିଓ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ୍ ପରିବର୍ତ୍ତନକୁ ଆଗେଇ ନେଇ ଚାଲିଛି। ଜିଓଏୟାରଫାଇବର ଡିଜିଟାଲ୍ ବୈଷମ୍ୟକୁ ଦୂର କରିବା ସହ ଶେଷ ମାଇଲ୍ ଫାଇବର କନେକ୍ଟିଭିଟି ଚ୍ୟାଲେଞ୍ଜକୁ ଦୂର କରିବା ଏବଂ ସହର, ଉପକଣ୍ଠ ତଥା ଗ୍ରାମାଞ୍ଚଳରେ ଘର ଏବଂ ଛୋଟ ବ୍ୟବସାୟଗୁଡିକୁ ନିର୍ଭରଯୋଗ୍ୟ ବ୍ରଡ଼ବ୍ୟାଣ୍ଡ ଇଣ୍ଟରନେଟ ସଂଯୋଗ ପ୍ରଦାନ କରିବାରେ ସଫଳ ହୋଇଛି। ଏହା ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ, ୮୦୦ ରୁ ଅଧିକ ଟିଭି ଚ୍ୟାନେଲ୍, ୧୧ରୁ ଅଧିକ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ ସୁବିଧା ପ୍ରଦାନ ଜରିଆରେ ଡିଜିଟାଲ୍ ଯୁଗରେ ଛାତ୍ରଛାତ୍ରୀ, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରଗୁଡିକୁ ଉନ୍ନତି କରିବା ପାଇଁ ସଶକ୍ତ କରୁଛି। ଡିସେମ୍ବର ୨୦୨୫ ରେ ୨୬୦୦୦ ରୁ ଅଧିକ ନୂତନ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକଙ୍କୁ ଯୋଡିବା ସହିତ, ଜିଓ ଓଡ଼ିଶାରେ ହୋମ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ମଧ ପ୍ରାଧାନ୍ୟ ବିସ୍ତାର କରିଛି। ଡିସେମ୍ବର ୩୧, ୨୦୨୫ ସୁଦ୍ଧା ରାଜ୍ୟରେ ଜିଓ ନେଟୱାର୍କରେ ମୋଟ ହୋମ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ୬.୯୨ ଲକ୍ଷ ଅତିକ୍ରମ କରିଛି। କେବଳ ଜିଓଏୟାରଫାଇବର ରାଜ୍ୟରେ ଡିସେମ୍ବରରେ ପ୍ରାୟ ୨୦୦୦୦ ନୂତନ ଗ୍ରାହକ ଯୋଡିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଜାତୀୟ ସ୍ତରରେ, ଜିଓ ସର୍ବାଧିକ ୮.୭ ଲକ୍ଷ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି, ଯାହା ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ଦୁଇଗୁଣ ରହିଛି। ଡିସେମ୍ବର ୩୧, ୨୦୨୫ ସୁଦ୍ଧା ଜିଓ ରାଜ୍ୟର ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ ସେବା କ୍ଷେତ୍ରରେ ଓଡ଼ିଶାର ସର୍ବାଧିକ ପସନ୍ଦର ତଥା ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ହୋଇଛି। ଏହାର ରାଜ୍ୟରେ ଏକ କୋଟି ୭୨ ଲକ୍ଷରୁ ଅଧିକ ମୋବାଇଲ୍ ଗ୍ରାହକ, ୩.୮୫ ଲକ୍ଷରୁ ଅଧିକ ଜିଓଫାଇବର ଗ୍ରାହକ ଏବଂ ୩.୩୪ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଛନ୍ତି, ଯାହା ସାରା ଓଡ଼ିଶାରେ ଜିଓର ବ୍ୟାପକ ୪ଜି ଏବଂ ୫ଜି ନେଟୱାର୍କ ଉପସ୍ଥିତି ଦ୍ୱାରା ସମ୍ଭବ ହୋଇଛି।

## ଦେଶର ପ୍ରଥମ ପୁରୁଷ ସେଲିବ୍ରିଟି

# ଟିରା ବିୟୁଟି ବ୍ରାଣ୍ଡ୍‌ର ଆମ୍ବାସାଡର ଆହାନ ପାଣ୍ଡେ

ମୁମ୍ବାଇ, ୧୪।୨: ରିଲାଏନ୍ସର ବିୟୁଟି ବ୍ରାଣ୍ଡ୍ ଟିରା ସେଲିବ୍ରିଟି ଆହାନ ପାଣ୍ଡେଙ୍କୁ ଏହାର ବ୍ରାଣ୍ଡ୍ ଆମ୍ବାସଡର କରିଛି। ଏହା ସହ କମ୍ପାନି ଭାରତର ପ୍ରଥମ ବିୟୁଟି ବ୍ରାଣ୍ଡ୍ ହୋଇଛି ଯାହା ଜଣେ ପୁରୁଷ ସେଲିବ୍ରିଟିକୁ ଆମ୍ବାସଣ୍ଡର କରିଛି। ଆହାନ, କରୀନା କପୁର ଖାନ ଏବଂ ସୁହାନା ଖାନଙ୍କ ପରେ ବ୍ରାଣ୍ଡ୍ ସହ ଯୋଡ଼ି ହୋଇଛନ୍ତି। ଏହା ଟିରା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରସାରଣ । କମ୍ପାନି ଯୁବବର୍ଗଙ୍କୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍କିନ୍, ମେକଅପ୍, କେଶର ଯତ୍ନ, ଫରଫ୍ୟୁମ ଏବଂ ଅନ୍ୟାନ୍ୟ ବିୟୁଟି ପ୍ରଡକ୍ଟ ସହ ବଜାରରେ ନିଜର ସ୍ଥିତି ଜାହିର କରିଛି। ଆହାନଙ୍କୁ ବ୍ରାଣ୍ଡ୍ ଆମ୍ବାସଡର ଭାବେ ଯୋଡ଼ି କମ୍ପାନି ଏହି ପ୍ରତିବଦ୍ଧତାକୁ ବଜାୟ ରଖିବାକୁ ଚେଷ୍ଟା କରିଛି।

ଏହା ସହିତ ବ୍ରାଣ୍ଡ 'ଟିରା: ଫର୍ ଏଭ୍ରି ୟୁ' କ୍ୟାମ୍ପେନ ଅଭିଯାନ ମଧ ଆରମ୍ଭ କରିଛି। ଏହି ଅଭିଯାନ ଏକ ଅନ୍ତର୍ଭୁକ୍ତ ସୌନ୍ଦର୍ଯ୍ୟ ଇକୋସିଷ୍ଟମ ଗଠନ ପାଇଁ ପ୍ଲାଟଫର୍ମର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଏ। ନୂଆ କ୍ୟାମ୍ପେନ ମାଧ୍ୟମରେ ପ୍ଲାଟଫର୍ମ ସୌନ୍ଦର୍ଯ୍ୟକୁ ଏକ ବ୍ୟକ୍ତିଗତ, ଦୈନନ୍ଦିନ ଅନୁଭବ ଭାବରେ ପ୍ରସ୍ତୁତ କରିଛି। ଯାହା ବ୍ୟକ୍ତିଙ୍କ ଇଚ୍ଛା, ସମୟ ଏବଂ ପରିଚୟର ଆକାର ନେଇଥାଏ। ଏହି କ୍ୟାମ୍ପେନ ସୌନ୍ଦର୍ଯ୍ୟକୁ ସହଜ ଏବଂ ବାସ୍ତବିକ ଜୀବନର ପ୍ରତିବିମ୍ବ ଭାବରେ ଦର୍ଶାଇଛି।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

## ସମ୍ବିଧାନର ବିଜୟ, ପୁଲିସର ପରାଜୟ: ପ୍ରଶଂସା ସାଉଁଟିଲେ ଯୁବ ଆଇନଜୀବୀ



**ଧାମନଗର,୧୪।୨(ସଂଚାର ବ୍ୟୁରୋ):** ପୁଲିସର ମନମୁଖୀ କାର୍ଯ୍ୟାନୁଷ୍ଠାନ ଓ ଗିରଫ ପ୍ରକ୍ରିୟାରେ ଥିବା ଗୁରୁତର ତ୍ରୁଟିକୁ ନେଇ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଜଣେ ଅଭିଯୁକ୍ତଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେଇ କୋର୍ଟ ଜାମିନ ପ୍ରଦାନ କରିଥିବା ବେଳେ, ଏହି ମାମଲାକୁ ସଫଳତାର ସହ ପରିଚାଳନା କରି ଧାମନଗର ର ଯୁବ ଆଇନଜୀବୀ ସତ୍ୟନାରାୟଣ ମିଶ୍ର ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଜାଜପୁର ଜିଲ୍ଲା ଜୟପାଟଣା ଥାନାରେ ରୁଜୁ ହୋଇଥିବା ଅପହରଣ ଓ ଦୁଷ୍କର୍ମ ଭଳି ଏକ ସଙ୍ଗୀନ ମାମଲାରେ ପୁଲିସ ଦୁଷ୍ମନ୍ତ ଶବର ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଏହି ଗିରଫ ପ୍ରକ୍ରିୟାରେ ଆଇନର ଉଲ୍ଲଂଘନ ହୋଇଥିବା ଦର୍ଶାଇ ଆଇନଜୀବୀ ସତ୍ୟନାରାୟଣ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କ ଅଦାଲତରେ ମାମଲାର ଶୁଣାଣି ବେଳେ ସତ୍ୟନାରାୟଣ ମିଶ୍ର ନିଜର ବଳିଷ୍ଠ ଯୁକ୍ତି ରଖିଥିଲେ। ସେ ଦର୍ଶାଇଥିଲେ ଯେ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨(୧) ଏବଂ ଛଅଷଷ୍ଠ ର ଧାରା ୪୭ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସମୟରେ ତାର କାରଣ ଲିଖିତ ଭାବେ ଜଣାଇବା ବାଧ୍ୟତାମୂଳକ, ଯାହା ପୁଲିସ କରିନଥିଲା। ଗିରଫ ମେମୋରେ ଅଭିଯୁକ୍ତଙ୍କ ସ୍ୱାକ୍ଷରରେ ଅସଙ୍ଗତି ଥିବା ବେଳେ ତଦନ୍ତକାରୀ ଅଧିକାରୀଙ୍କ ସ୍ୱାକ୍ଷର ମଧ ନଥିଲା। ଶ୍ରୀ ମିଶ୍ରଙ୍କ ଏହି ତୀକ୍ଷ୍ଣ ଆଇନଗତ ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟ ଅଭିଯୁକ୍ତଙ୍କୁ ୨୫, ୦୦୦ ଟଙ୍କାର ବେଲ ବଣ୍ଡରେ ଜାମିନ ମଞ୍ଜୁର କରିଛନ୍ତି।

# ଅପରାଧକୁ ପ୍ରୋତ୍ସାହିତ କରୁଛି ନିଶା କାରବାର

### ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ଶୂନ



**କଳାହାଣ୍ଡି, ୧୪।୨(ସଂଚାର ବ୍ୟୁରୋ):** ଧର୍ମଗଡ଼ ସହରରେ ବଢ଼ୁଛି ନିଶା କାରବାର। ଏହାର ପ୍ରଭାବରେ ବୃଦ୍ଧି ପାଉଛି ଅପରାଧ। ଦିଗହରା ହେବାରେ ଲାଗିଛନ୍ତି ଦେଶର ଭବିଷ୍ୟତ ପିଢ଼ି। ବିଶେଷ କରି ସହରର ବସ୍ତି ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଫଳରେ ବସ୍ତି ବାସିନ୍ଦା ନିଜକୁ ଅସୁରକ୍ଷିତ ମଣିଲେଣି। ନିଶା କାରବାର ଅପରାଧୀଙ୍କୁ ପ୍ରୋତ୍ସାହିତ କରୁଥିବା ବେଳେ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି।

ଏହି ନିଶା କାରବାର ସହରର ବିଭିନ୍ନ ବସ୍ତି ଅଞ୍ଚଳରେ ବହୁଳ ଭାବେ ଚାଲିଥିବା ଅଭିଯୋଗ ହେଉଛି। ଦେଶୀ ମଦଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବିଦେଶୀ ମଦ ଓ ଗଞ୍ଜେଇ କାରବାର ମଧ ବହୁଳ ମାତ୍ରାରେ ଚାଲିଛି। ଏଭଳିକି ଗଞ୍ଜେଇ ସହରର ହନୁମାନ ମନ୍ଦିର ନିକଟରେ ଥିବା ବିଭିନ୍ନ ପାନ ଦୋକାନ ରେ ବିକ୍ରି ହେଉଛି। ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉଛି କିନ୍ତୁ ଏକ ସପ୍ତାହ ପରେ ମାଫିଆମାନେ ସେମାନଙ୍କ କଳାକାରନାମାର କାୟା ବିସ୍ତାର କରିବାରେ ଲାଗିଛନ୍ତି। ତେଣୁ ଏ ବ୍ୟବସ୍ଥାରେ ସ୍ଥାୟୀ ରୋକ୍ ଲଗାଯିବାର ଆବଶ୍ୟକତା ରହିଛି। ଅପରାହ୍ନ ୩ ଟାରୁ ଠାରୁ ଆରମ୍ଭ ହୋଇଯାଉଛି ଏସବୁ କାରବାର। ଫଳରେ ଅସାମାଜିକ ତତ୍ତ୍ୱ ଓ ନିଶାସକ୍ତଙ୍କ ଚରାଭୂଇଁରେ ପରିଣତ ହେଉଛି ଏସବୁ ଅଞ୍ଚଳ। ଏହାଦ୍ୱାରା ପୁଲିସକୁ ବେଖାତିର କରି ଚୋରି ଡକାୟତି ବଢ଼ିବାରେ ଲାଗିଛି।

ସହର ର ଆଖ ପାଖ ଅଞ୍ଚଳରେ ନିୟମିତ ଚଢଉ କରି ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଆଲୋଚନା ହେଉଛି। ସେହିଭଳି ଗୋଡଭଞ୍ଜା ଓ କେବେଡି ଅଞ୍ଚଳରେ ଛୋଟ ଛୋଟ ପାନ ଦୋକାନରେ ନିଶାଦ୍ରବ୍ୟ କାରବାର ବ୍ୟାପକ ଭାବେ ହେଉଛି। ନିଶା କାରବାର ରୋକିବାକୁ ହେଲେ ନିଶା ଦ୍ରବ୍ୟ କାରବାର ଉପରେ ଅଙ୍କୁଶ ଲଗାଯିବା ଆବଶ୍ୟକ। କାରଣ ଏହି କାରବାର ଯୁବଗୋଷ୍ଠୀଙ୍କୁ କବଳିତ କରିସାରିଲାଣି। ଏହାଦ୍ୱାରା ପରିବାରରେ ଅଶାନ୍ତିର ବାତାବରଣ ବୃଦ୍ଧି ହେବାରେ ଲାଗିଛି। ତେଣୁ ନିଶା କବଳିତ ଯୁବଗୋଷ୍ଠୀଙ୍କୁ ବିକଳ୍ପ ଜୀବିକା ଯୋଗାଇ ଦିଆଗଲେ ନିଶା ସେବନର ମାତ୍ରା ହ୍ରାସ ପାଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ରାସ୍ତା ଆଢୁଆଳରେ ନଳକୂପ: ପିଇବା ପାଣି ପାଇଁ ହଟହଟା

**ଲୋଇସିଂହା,୧୪।୨(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟାରୁ ବାଦିବାହାଲ ଆରଡି ରାସ୍ତା ପ୍ରଶସ୍ତ ଓ ଉନ୍ନତୀକରଣ କାମ ଚାଲିଛି । ଏହାଦ୍ୱାର ରାସ୍ତା ପାର୍ଶ୍ୱରେ ଥିବା କେତେକ ନଳକୂପ ଗୁଡିକ ରାସ୍ତାରୁ ତଳେ ରହିଯାଇଛି। ରାସ୍ତା ତଳେ ରହିଯାଇଥିବାରୁ ନଳକୂପ ଗୁଡିକ ପଥଚାରୀଙ୍କୁ ଦେଖାଯାଉନାହିଁ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀମାନେ ପିଇବା ପାଣି ପାଇଁ ହଟହଟା ହେଉଛନ୍ତି। ରାସ୍ତା ତଳେ ନଳକୂପ ଥିବାରୁ ସ୍ଥାନୀୟ ଲୋକେ ବ୍ୟବହାର କରୁଥିବାରୁ ଚାନ୍ଦିନି ଉପରେ ପାଣି ଜମି ରହୁଛି । ସେହି ନଳକୂପ ଗୁଡିକର ପାଣି ବ୍ୟବହାର ହେଉଥିବାରୁ ନାନାଦି ରୋଗ ଆଶଙ୍କା ରହିଛି । ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ସମାନତାରେ ନଳକୂପ ଗୁଡିକର ଚାନ୍ଦିନି ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ସୂଚନା ଅନୁଯାୟୀନ୍, ଉକ୍ତ ରାସ୍ତାର ଯୋଗୀସର୍ଡ କଲେଜ ନିକଟସ୍ଥ ଚାରିଛକ କୋଣରେ ଏକ ନଳକୂପ ରହିଛି। ଉକ୍ତ ଚାରିଛକର ପୂର୍ବରୁ ଭାଲୁପାଲି ରାସ୍ତା ଉଚ୍ଚତାରେ ରହିଥିବାବେଳେ ଗୁର୍ଜିଭାଟ-ବାଦିବାହାଲ ନୂତନ ରାସ୍ତା ନିର୍ମାଣ ପରେ ଉକ୍ତ ରାସ୍ତାର ଉଚ୍ଚତା ମଧ ବୃଦ୍ଧି ପାଇଛି। ସୂଚନା ଅନୁଯାୟୀନ୍, ଉକ୍ତ ରାସ୍ତାର ଯୋଗୀସର୍ଡ କଲେଜ ନିକଟସ୍ଥ ଚାରିଛକ କୋଣରେ ଏକ ନଳକୂପ ରହିଛି। ଉକ୍ତ ଚାରିଛକର ପୂର୍ବରୁ ଭାଲୁପାଲି ରାସ୍ତା ଉଚ୍ଚତାରେ ରହିଥିବାବେଳେ ଗୁର୍ଜିଭାଟ-ବାଦିବାହାଲ ନୂତନ ରାସ୍ତା ନିର୍ମାଣ ପରେ ଉକ୍ତ ରାସ୍ତାର ଉଚ୍ଚତା ମଧ ବୃଦ୍ଧି ପାଇଛି। ଏଣୁ ଉକ୍ତ କୋଣରେ ଥିବା ନଳକୂପ ରାସ୍ତା ତଳେ ରହିଯାଇଥିବାରୁ ଆଉ ଯାତ୍ରୀଙ୍କୁ ଦୃଶ୍ୟମାନ ହେଉନାହିଁ ଏହାଛଡା ରାସ୍ତା ଉଚ୍ଚତା ପରେ ପାଣି ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ନଳକୂପ ଚାନ୍ଦିନିରେ ପାଣି ଜମି ରହୁଛି । କଲେଜ ଛାତ୍ରୀଛାତ୍ର ସମେତ ସେହି ଅଞ୍ଚଳରେ ରହିଥିବା ହୋଟେଲ ବ୍ୟବସାୟୀମାନେ ଉକ୍ତ ନଳକୂପ ପାଣି ଲୋକଙ୍କୁ ପିଉଥିବାରୁ ଜଳବାହିତ ରୋଗ ହେବା ନେଇ ଆଶଙ୍କା ଦେଖାଦେଇଛି।

# ଅଙ୍ଗନବାଡ଼ିରେ ମିଳୁନି ରନ୍ଧା ଖାଦ୍ୟ

**କଳାହାଣ୍ଡି,୧୪।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡରେ ତୃତୀୟ ପର୍ଯ୍ୟାୟ ଅନୁଦାନ ପହଞ୍ଚିବାରେ ବିଳମ୍ବ ଯୋଗୁଁ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଗରମ ରନ୍ଧା ଖାଦ୍ୟ ଠପ୍ ହେବାରେ ଲାଗିଛି।ଗହମ ଟାର୍ଗେଟ ଲାପ୍ସ ହୋଇଯାଇଥିବା ବେଳେ ୩ ମାସ ହେଲା ସବଳା ଛତୁଆ ଯୋଗାଣ ବି ବନ୍ଦ ରହିଛି। ଏପରିକି ୬ ମାସ ହେଲା ଏସଏନପି ଟଙ୍କା ପଡ଼ିନଥିବା ଯୋଗୁଁ ଅଗଷ୍ଟ ମାସରୁ ଧର୍ମଗଡ ଉପଖଣ୍ଡରେ କେନ୍ଦ୍ରମାନଙ୍କୁ ଚାଉଳ ଆଜି ପର୍ଯ୍ୟନ୍ତ ଯାଇନି। ଏନେଇ ଧର୍ମଗଡ ଉପଜିଲ୍ଲାପାଳ ଗତ ଜାନୁଆରି ଶେଷ ସପ୍ତାହରେ ତଦନ୍ତ କରି ରିପୋର୍ଟ ଦେବା ପରେ ସାଧାରଣରେ ଆଲୋଚନ ସୃଷ୍ଟି ହୋଇଛି।କିନ୍ତୁ ରିପୋର୍ଟରେ କ'ଣ ରହିଛି ତାହା ପ୍ରଶାସନ ପକ୍ଷରୁ ସାର୍ବଜନୀନ କରାଯାଉନି କି କୌଣସି କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ ହୋଇନି।କଳାହାଣ୍ଡି ଜିଲ୍ଲାର ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକରେ କିଶୋରୀ ବାଳିକାଙ୍କ ପାଇଁ ସବଳା ଛତୁଆ ଗତ ଡିସେମ୍ବର ମାସରୁ ବନ୍ଦ ରହିଛି। ଅନୁଦାନ ବିଳମ୍ବ ଯୋଗୁଁ ଗହମ ଟାର୍ଗେଟ ଲାପ୍ସ ହୋଇଥିବା ଯୋଗୁଁ ସବଳା ହିତାଧିକାରୀ ଛତୁଆ ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିଭଳି ୩ରୁ ୫ବର୍ଷ ଶିଶୁଙ୍କ ପାଇଁ ରନ୍ଧା ଖାଦ୍ୟ ବାବଦକୁ ଆସୁଥିବା ଚାଉଳ ଗତ ୬ ମାସ ଧରି ଧର୍ମଗତ ଉପଖଣ୍ଡରେ ହଡ଼ପ ହୋଇଥିବା ବି ଅଭିଯୋଗ ହେଉଛି। ଏହି ଘଟଣା ନେଇ ଅଭିଯୋଗ ପରେ ଧର୍ମଗଡ ଉପଜିଲ୍ଲାପାଳ ତଦନ୍ତ କରିଥିଲେ। ଏହି ତଦନ୍ତ ରିପୋର୍ଟ ସେ ଦାଖଲ ମଧ କରି ସାରିଲେଣି କିନ୍ତୁ ଆଜି ଯାଏ କାର୍ଯ୍ୟାନୁଷ୍ଠାନ ହେବାତ ଦୂରର କଥା ରାଜନୈତିକ ଚାପ ଯୋଗୁଁ ମାମଲାକୁ ରଫାଦଫା କରି ଦିଆଯାଇଥିବା ଅଭିଯୋଗ ହୋଇଛି। ଗତ ଅଗଷ୍ଟ ମାସରୁ ପ୍ରାକ ବିଦ୍ୟାଳୟ ଶିଶୁଙ୍କ ଏସଏନପି ଯୋଜନାରେ ରନ୍ଧା ଖାଦ୍ୟ ବାବଦକୁ ଆସୁଥିବା ଅନୁଦାନ ମିଳିନଥିବା ଯୋଗୁଁ କେନ୍ଦ୍ରଗୁଡିକ ଠପ ହୋଇପଡ଼ିଛି।

### ୭୫ ଚାଷୀଙ୍କ ଟୋକନ୍ ମିଆଦୀ ଶେଷ

## ତିନି ଦିନ ପରେ ସବୁ ଧାନ ଲିଫ୍ଟିଂ ପ୍ରଶାସନର ପ୍ରତିଶ୍ରୁତି



**କଳାହାଣ୍ଡି,୧୪।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ଧାନ ମଣ୍ଡିରେ ଧାନ ଉଠାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲିଫ୍ଟିଂ ବିଳମ୍ବ ହେବାରୁ ୭୫ ଜଣ ଚାଷୀଙ୍କ ଟୋକନ୍ ମିଆଦୀ ଶେଷ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୯୩୦ ଜଣ ଚାଷୀଙ୍କ ମୋଟ ୧୪, ୬୯୮ କ୍ୱିଣ୍ଟାଲ ଧାନ ଉଠାଣ କରାଯାଇପାରିଛି। କିନ୍ତୁ ଅନେକ ଚାଷୀଙ୍କ ଧାନ ମଣ୍ଡି ପ୍ରାଙ୍ଗଣରେ ପଡ଼ି ରହିଥିବାରୁ ସେମାନେ ଚିନ୍ତାଗ୍ରସ୍ତ ଅବସ୍ଥାରେ ଅଛନ୍ତି। ଅସମୟରେ ବର୍ଷା ଓ ଅନ୍ୟାନ୍ୟ ପରିସ୍ଥିତିକୁ ନେଇ ଧାନ ନଷ୍ଟ ହେବା ଭୟ ମଧ ଦେଖାଦେଇଛି। ଏହି ପରିସ୍ଥିତିକୁ ନଜରରେ ରଖି ଏ ସି ଏସ ଓ ଓ ଡେପୁଟି କଲେକ୍ଟର ମଣ୍ଡି ପରିଦର୍ଶନ କରିଥିଲେ। ସେମାନେ ଚାଷୀମାନଙ୍କ ସହ ଆଲୋଚନା କରି ତିନି ଦିନ ମଧରେ ସମସ୍ତ ଧାନ ଉଠାଣ ସମ୍ପୂର୍ଣ୍ଣ କରାଯିବ ବୋଲି ଆଶ୍ୱାସନ ଦେଇଥିବା ସୂଚନା ମିଳିଛି। ଏ ବିଷୟରେ ଧର୍ମଗଡ଼ ଉପ ଜିଲ୍ଲାପାଳ ପ୍ରତିକ୍ଷା ଅଗ୍ରୱାଲ ଙ୍କୁ ଜଣାଇବା ପରେ ଏହାର ସନ୍ଧାନ ନେଇ ବିଭାଗୀୟ ଅଧିକାରୀ ଙ୍କ ସହ ଆଲୋଚନା କରୁଛି ବୋଲି କହିଥିଲେ। ଚାଷୀମାନେ ଶୀଘ୍ର ଲିଫ୍ଟିଂ ବ୍ୟବସ୍ଥା ସୁଚାରୁ ଭାବେ କରାଯିବା ସହିତ ଟୋକନ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ସୁବର୍ଣ୍ଣପୁର,୧୪।୨(ସଂଚାର ବ୍ୟୁରୋ):** ସୋନପୁର ମହାବିଦ୍ୟାଳୟରେ ଅଧକ୍ଷ ପ୍ରଫେସର ରାଧାକାନ୍ତ ନାଏକଙ୍କ ଅଧକ୍ଷତାରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। ଫେବୃଆରୀ ୦୬ ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ତାଲିମ୍ ଶିବିରର ଉଦଯାପନୀ ସଭାରେ ସଂଯୋଜିକା ଶ୍ରୀମତୀ ରାଜଲତା ଅଲିଭା ଏହି ତାଲିମ୍ ଶିବିରର ସଫଳତା ବିଷୟରେ ବକ୍ତବ୍ୟ ରଖିଥିଲେ। ମାଷ୍ଟର ଟ୍ରେନର ଶୁଭସ୍ମିତା ଦାଶ ଏବଂ+୩ ପ୍ରଥମ ବର୍ଷର ଛାତ୍ରୀମାନେ ଆତ୍ମସୁରକ୍ଷା ପାଇଁ ଶିଖିଥିବା କିଛି କୌଶଳ ର ନମୁନା ପ୍ରଦର୍ଶନ କରିଥିଲେ। ଅଧାପିକା ଶ୍ରୀମତୀ ନିରୋଜା ଗୁରୁ ଏ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧାପିକା ଶ୍ରୀମତୀ ଚନ୍ଦ୍ରକାନ୍ତି ବିଶ୍ୱାଳ, ପ୍ରାୟୋଜିତା ବିଶି, ଜନନୀ ମେହେର ଯୋଗଦେଇଥିଲେ। ଆତ୍ମସୁରକ୍ଷା କ୍ଲବ୍ ସଦସ୍ୟା ଡଃ ଇତିଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୁସେନା ପକ୍ଷରୁ ରକ୍ତଦାନ ଶିବିର

**ନିଶ୍ଚିନ୍ତକୋଇଲି,୧୪।୨(ସଂଚାର ବ୍ୟୁରୋ):** ହିନ୍ଦୁସେନା ନିଶ୍ଚିନ୍ତକୋଇଲି ପ୍ରଖଣ୍ଡ ପକ୍ଷରୁ ଏକ ରକ୍ତଦାନ ଶିବିର ନିଶ୍ଚିନ୍ତକୋଇଲି ଗ୍ରାମପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୦୧୯ ମସିହା ଫେବୃୟାରୀ ୧୪ତାରିଖରେ ଜାମ୍ମୁକାଶ୍ମୀରର ଫୁଲୱାମା ଠାରେ ଆତଙ୍କବାଦୀ ଆକ୍ରମଣରେ ଭାରତମାତାର ୪୦ଜଣ ବୀର ସହିଦ୍ ହୋଇଥିଲେ। ସହିଦ୍ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଉକ୍ତ ରକ୍ତଦାନ ଶିବିରରେ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଶିବିରରେ ୪୩ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ହିନ୍ଦୁ ସେନାର ରାଜ୍ୟ ସଭାପତି ଦେବାଶିଷ ରାଉତ, ରାଜ୍ୟ ସମ୍ପାଦକ ସୁମିତ୍ର ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଶିବିରରେ ନିଶ୍ଚିନ୍ତକୋଇଲି ତହସିଲଦାର ଦମୟିନ୍ତୀ ସାହୁ, ନିଶ୍ଚିନ୍ତକୋଇଲି ଥାନା ଅଧିକାରିଣୀ ଅନିତା ସାହୁ, ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ନିଶ୍ଚିନ୍ତକୋଇଲି ସରପଞ୍ଚ ମଧୁସ୍ମିତା ରାଉତ, ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ ପଣ୍ଡା, ସମ୍ପାଦକ ଜୀବନାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ହିନ୍ଦୁସେନାର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଶିବିରକୁ ହିନ୍ଦୁସେନା ନିଶ୍ଚିନ୍ତକୋଇଲି ପ୍ରଖଣ୍ଡର କାର୍ଯ୍ୟକର୍ତ୍ତା ଆଇନଜୀବୀ ସ୍ମୃତିରଞ୍ଜନ ରାଉତ, ବିଷ୍ଣୁପ୍ରସାଦ ଦାଶ, ଶିବପ୍ରସାଦ ଦାଶ, ଶବିପ୍ରସାଦ ଦାଶ, ରାକେଶ ସେଠୀ, ସାମ୍ବାଦିକ ପ୍ରକାଶଚନ୍ଦ୍ର ରାଉଳ, ସପ୍ତଜ୍ୟୋତି ରାଉଳ, ଭାବଗ୍ରାହୀ ମିଶ୍ର, ପ୍ରସନ୍ନ କୁମାର ମହାପାତ୍ର, ସତ୍ୟଜିତ୍ ମହାପାତ୍ର, ନାରୀନେତ୍ରୀ କଲ୍ୟାଣୀ ସେଠୀ, ସବିତା ଶତପଥୀ, ଦେବୀପ୍ରସାଦ ଦାଶ ପ୍ରମୁଖ ଶିବିର ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

# 'ପ୍ରବୋଧନ' ପ୍ରଶିକ୍ଷଣ ଶିବିର ଆୟୋଜିତ



**ଲାଞ୍ଜିଗଡ଼,୧୪।୨(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସ୍ଥିତ ପିଭିଟିଜି ବାଳକ ଆଶ୍ରମ ସ୍କୁଲରେ ଲାଞ୍ଜିଗଡ଼ ବ୍ଲକ୍ ସ୍ତରୀୟ ପଞ୍ଚଦିବସୀୟ "ଓଡ଼ିଶା ପାଠ୍ୟକ୍ରମ ରୂପରେଖା–୨୦୨୬" ଓ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର "ପ୍ରବୋଧନ" ସଫଳତାର ସହିତ ଆୟୋଜିତ ହୋଇଛି।ଏହି ପ୍ରଶିକ୍ଷଣ ଶିବିରରେ ଲାଞ୍ଜିଗଡ଼ ଓ ହରେକୃଷ୍ଣପୁର କ୍ଲଷ୍ଟର ର ମୋଟ ୫୦ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ପ୍ରଶିକ୍ଷଣର ଇନ୍ଚାର୍ଜ ଭାବେ ଶ୍ରୀ ଜଳନ୍ଧର ମାଝୀ ଦାୟିତ୍ୱ ନିଭାଇଥିବା ବେଳେ ପ୍ରଶିକ୍ଷଣର ମୁଖ୍ୟ ଆଲୋଚନାରେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଶିକ୍ଷା ସହିତ ସମନ୍ୱୟ କରିବା ଉପରେ ଜୋର ଦିଆଯାଇଥିଲା। ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟପୁସ୍ତକର ନାମ ପରିବର୍ତ୍ତନ ତଥା ନୂତନ ପାଠ୍ୟକ୍ରମ ସଂଯୋଗ କରାଯାଇଥିବା ସହ, ଆଗାମୀ ଶିକ୍ଷା ବର୍ଷରୁ ଏହି ନୂତନ ପୁସ୍ତକଗୁଡ଼ିକ ପାଠଦାନରେ ଅନୁପ୍ରବେଶ କରାଯିବ ବୋଲି ସୂଚନା ମିଳିଥିଲା।ଶିବିରର ତୃତୀୟ ଦିବସରେ ମନିଟରିଂ ପାଇଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଭୂଷଣ ସାହୁ ଯୋଗଦେଇଥିବା ବେଳେ ଚତୁର୍ଥ ଦିବସରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ଶୁଦ୍ଧଳ ଦେବ ମୁଣ୍ଡ ଉପସ୍ଥିତ ଥିଲେ।ସେହିପରି ଶେଷ ତଥା ପଞ୍ଚମ ଦିବସରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଋଷିଆ ମେହେର ଶିବିରକୁ ପରିଦର୍ଶନ କରିବା ସହ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟି ଫିକେଟ ପ୍ରଦାନ କରିଥିଲେ।ଏହି ପ୍ରଶିକ୍ଷଣ ଶିବିରକୁ ପ୍ରଶିକ୍ଷକ ଭାବେ ପ୍ରଭାତ ପାଠୀ, ସନ୍ତୋଷ ସେଠୀ, ମୋନାଲିସା ଜେନା ଓ ବିନୋଦ ମହାରଣା ସଫଳତାର ସହିତ ପରିଚାଳନା କରିଥିଲେ।

## ସହିଦ ସ୍ମୃତି ଦିବସ ପାଳନ

**ବାଲିପାଟଣା,୧୪।୨(ସଂଚାର ବ୍ୟୁରୋ):** ସାରା ଦୁନିଆ ଆଜି ଭାଲେଣ୍ଟାଇଁନସ୍ ଡେ ପାଳନ କରିଥିବା ବେଳେ ସମାଜସେବୀ କିନ୍ତୁ ଭିନ୍ନ ଏକ ପ୍ରୟାସ କରିଛନ୍ତି।ରାଜଧାନୀ ଉପକଣ୍ଠ ବାଲିପାଟଣା କଇଫଙ୍ଗା ଅଞ୍ଜିରା ଲୁଣା ଗ୍ରାମରେ ଯୁବ ସମାଜସେବୀ ଅରବିନ୍ଦ ବେହେରା ନୂଆ ପ୍ରୟାସ କରିଛନ୍ତି। ଗ୍ରାମର ସମସ୍ତ ସଦସ୍ୟ ମାନଙ୍କୁ ଏକାଠି କରି ମହମବତୀ ଲଗାଇ ଏକ ଶାନ୍ତି ପୂର୍ଣ୍ଣ ଶୋଭାଯାତ୍ରା କରିଥିଲେ ! ସହିଦ ମାନଙ୍କ ସ୍ମୃତି ରେ ନୀରବ ପ୍ରାର୍ଥନା କରିବା ସହିତ ସେମାନଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅରବିନ୍ଦ ଙ୍କ ର ଏଭଳି ପ୍ରୟାସ କୁ ଗ୍ରାମର ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧରେ ଚନ୍ଦନ ନାୟକ, ରାଧେଶ୍ୟାମ, ମନମୋହନ, ଓ ପୀତବାସ ପ୍ରମୁଖ ସହଯୋଗ କରିଥିଲେ।

## ଶିବରାତ୍ରୀ ପାଇଁ ବୈଶିଙ୍ଗା ବଜାର ଓ ଶୈବପୀଠ ଚଳଚଞ୍ଚଳ



**ବୈଶିଙ୍ଗା,୧୪।୨(ସଂଚାର ବ୍ୟୁରୋ):** ବାବା ଭୋଳାନାଥ ଶିବ ଙ୍କର ମୂଖ୍ୟ ପର୍ବ ମହାଶିବରାତ୍ରୀ ପାଇଁ ବୈଶିଙ୍ଗା ବଜାର ଓ ଏହାର ଆଖ ପାଖ ଜୁଗୁପୁରା, ଗଡ଼ଦେଉଳିଆ, କଜମା, ପଣସିଆ, ଅଁଳା ଆଜି ଛୋଟ ବଜାର ଗୁଡ଼ିକରେ ଶ୍ରଦ୍ଧାଳୁ ମାନେ ଭିଡ ଜମାଇ ଥିବାର ଦେଖିବାକୁ ମିଳିଛି। ପ୍ରାତଃ ରୁ ଅଖଣ୍ଡ ଦୀପ ଜାଳିବା ପାଇଁ ଶ୍ରଦ୍ଧାଳୁ ମାନେ ବିଶିଷ୍ଟ ଶୈବ ପୀଠ ମାଣତ୍ରୀ ସ୍ଥିତ ବାବା କଖାରୁଆ ବୈଦ୍ୟନାଥ ଙ୍କ ନିକଟକୁ ଯିବା ପାଇଁ ବୈଶିଙ୍ଗା ବସଷ୍ଟାଣ୍ଡ୍ ରେ ଅପେକ୍ଷାରତ ଶ୍ରଦ୍ଧାଳୁ ମାନଙ୍କୁ ଦେଖିବାକୁ ମିଳିଥିଲା। ବୈଶିଙ୍ଗୀ ଶିବ ମନ୍ଦିର ସହିତ ନିକଟସ୍ଥ କେନ୍ଦୁଆ, ମହୁରୀ, ନଛିପୁରିଆ, ରଙ୍ଗାମାଟିଆ, ଦାମୋଦରପୁର, ଜୁଗୁପୁରା, ଜାମନଣ୍ଡା ଏବଂ ହାତିଝୁରୀ ସମେତ ଅନେକ ଶିବ ମନ୍ଦିରରେ ଗ୍ରାମବାସୀ ଙ୍କ ସହାୟତାରେ ରଙ୍ଗ ବେରଙ୍ଗ ଆଲୋକମାଳା ରେ ସାଜସଜ୍ଜା କରାଯାଇଥିବାର ଦେଖିବାକୁ ମିଳିଛି। ପ୍ରାତଃ ମଙ୍ଗଳ ଆରତୀ ପରେ ପୂଜା କାର୍ଯ୍ୟ ଆରମ୍ଭ ସହିତ ମହିଳାମାନେ ଅଖଣ୍ଡ ଦୀପ ଜାଳିବା ପାଇଁ ବ୍ୟବସ୍ଥା କରାଯାଇଛି।

# ୪୫ ଘଣ୍ଟା ଆନ୍ଦୋଳନ ପରେ କ୍ୟାଲ୍ସିନର ଶ୍ରମିକଙ୍କୁ ସଫଳତା



**ପାରାଦ୍ୱୀପ,୧୪।୨(ସଂଚାର ବ୍ୟୁରୋ):** ପାରାଦୀପ ପୋର୍ଟ ଏଣ୍ଡ ଡକ୍ ମଜଦୁର ୟୁନିୟନ ବ୍ୟାନର ରେ ପାରାଦୀପ କ୍ୟାଲ୍ସିନର ଆଗରେ ଚାଲିଥିବା ଶ୍ରମିକ ମାନଙ୍କ ଧାରଣା ଦୀର୍ଘ ୪୫ ଘଣ୍ଟା ପରେ ଅବସାନ ଘଟିଛି। ଶ୍ରମିକମାନଙ୍କ ବିଭିନ୍ନ ଦାବି ନେଇ କମ୍ପାନୀ କର୍ତ୍ତୃପକ୍ଷ ଶେଷରେ ଶ୍ରମିକ ସଂଘ ସହ ଆଲୋଚନା କରି ଦାବି ଗୁଡିକ ମାନିନେବା ସହିତ ଏକ ଚୁକ୍ତିନାମାର ପୁନଃ ନବୀକରଣ କରିଛନ୍ତିକୁ ଏହି ଚୁକ୍ତିନାମା ଅନୁଯାୟୀ ଶ୍ରମିକ ମାନଙ୍କର ବେତନ ରେ ୪୫ ଶତକଡା ବୃଦ୍ଧି ହୋଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟକି ପାରାଦୀପ କ୍ୟାଲ୍ସିନର କମ୍ପାନୀରେ ୩୦୦ ରୁ ଉର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟରତ ଥିବା ବେଳେ ସେମାନଙ୍କୁ ଉଚିତ ସମୟରେ ଦରମା ନ ଦେବା, ଶ୍ରମକ ମାନଙ୍କୁ ୬୦ ବର୍ଷ ପରିବର୍ତେ ୫୮ ବର୍ଷ ବୟସରେ ଅବସର ଦେବା, ଅବସର ସମୟରେ ଅବସରକାଳୀନ ଭତ୍ତା ପ୍ରଦାନ ନ କରିବା, ପୂର୍ବ ଚୁକ୍ତିନାମା କୁ ନବୀକରଣ ନକରିବା ସହ ବିଭିନ୍ନ ଆନୁସଙ୍ଗିକ ଭତ୍ତା ପ୍ରଦାନ ନ କରିବା ଆଦି ଦାବି ଗୁଡିକୁ ନେଇ ଶ୍ରମିକ ମାନେ ପାରାଦୀପ ପୋର୍ଟ ଏଣ୍ଡ ଡକ୍ ମଜଦୁର ୟୁନିୟନ ମାଧମରେ କମ୍ପାନୀ କୁ ବାରମ୍ବାର ଦାବି ଜଣାଇଆସୁଥିଲେ ମଧ କମ୍ପାନୀ ଦିନ ପରେ ଦିନ ଗଡ଼ାଇ ଚାଲିଥିଲା। ଯାହାର ପ୍ରତିବାଦ ସ୍ୱରୂପ ଶ୍ରମିକମାନେ କାର୍ଯ୍ୟବନ୍ଦ କରି କମ୍ପାନୀ ଫାଟକ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଗତ ୧୨.୦୨.୨୦୨୬ ରିଖ ରାତି ୩ ଘଟିକା ରୁ ଆରମ୍ଭ କରିଥିଲେ। ଶେଷରେ କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକ ସଂଘ ନେତୃମଣ୍ଡଳୀ ସହ ଶ୍ରମିକ ମାନଙ୍କୁ ନେଇ ଦୀର୍ଘ ସମୟ ଆଲୋଚନା ପରେ ସମାଧାନ ର ସୂତ୍ର ବାହାର କରିଥିଲେ। ମୁଖ୍ୟତ ଶ୍ରମିକ ମାନଙ୍କ ବେତନରେ ୪୫ ଶତକଡା ଅଭିବୃଦ୍ଧି ଓ ଅନେକ ଆନୁସଙ୍ଗିକ ଭତ୍ତା ବାବଦକୁ କମ୍ପାନୀ କର୍ତ୍ତୃପକ୍ଷ ଚୁକ୍ତିନାମା ନବୀକରଣରେ ଦସ୍ତଖତ କରିବା ପରେ କମ୍ପାନୀ ଫାଟକ ଆଗରେ ଚାଲିଥିବା ଧାରଣା ଉଠିଯାଇଛି। ଶ୍ରମିକ ମାନଙ୍କ ଏହି ବିଜୟକୁ ନେଇ ଶ୍ରମିକ ମାନେ ସର୍ବ ଭାରତୀୟ ଶ୍ରମିକ ନେତା ତଥା ପାରାଦୀପ ପୋର୍ଟ ଏଣ୍ଡ ଡକ୍ ମଜଦୁର ୟୁନିୟନ ର ସଭାପତି ଶ୍ରୀଯୁକ୍ତ ତନ୍ମୟ କୁମାର ଜେନା, ଉପସଭାପତି ଶ୍ରୀଯୁକ୍ତ ରବିନାରାୟଣ ଦାସ, ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ସନାତନ ବେହେରା ଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ଶ୍ରୀ ଅଭିଷେକ ନାୟକ, ଶ୍ରୀ ବିନୟ ସେନାପତି, ଶ୍ରୀ ସୁବାଷ ଚନ୍ଦ୍ର ବେହେରା, ଶ୍ରୀ ସୁଜିତ ମଣ୍ଡଳ ପ୍ରମୁଖ ପ୍ରକାଶ କରିଛନ୍ତି।

● ତିନି ଦିନର ବ୍ୟବଧାନରେ ପୁଣି ବୁଲିଲା ଖଣ୍ଡା ଭୁଜାଲି

## ଅସାମାଜିକଙ୍କ ଦୌରାତ୍ମ୍ୟ, ପୁଲିସକୁ ଖୋଲା ଚ୍ୟାଲେଞ୍ଜ



**ବୈଶିଙ୍ଗା,୧୪।୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଞ୍ଚଳ ହୋଇଉଠିଛି ଅଶାନ୍ତ। ଶୁକ୍ରବାର ଆଠ ଜଣ କୁଖ୍ୟାତ ଆନ୍ତଃରାଜ୍ୟ ଡ଼କାୟତଙ୍କୁ ବିଭିନ୍ନ ମାରଣାସ୍ତ୍ର ସହ ଧରି କୋର୍ଟ ଚାଲାଣ କରିବାର ମାତ୍ର ଚବିଶ ଘଣ୍ଟା ଭିତରେ ପୁଣି ଆଠ ଜଣ କୁଖ୍ୟାତ ଅପରାଧୀ ଢାବାରେ ସୃଷ୍ଟି କରିଛନ୍ତି ଦୌରାତ୍ମ୍ୟ। ମିଳିଥିବା ସୂଚନା ମୁତାବକ ଶୁକ୍ରବାର ରାତି ଗୋଟାଏ ସମୟରେ ୧୮ ନଂ ଜାତୀୟ ରାଜପଥର ଖଇରବଣି ନିକଟରେ 'ରୟାଲ ଢ଼ାବା' ରେ ଡକାୟତି ଉଦ୍ଦେଶ୍ୟରେ ୩ଟି ବାଇକ ଓ ୨ଟି ସ୍କର୍ପିଓ ଗାଡ଼ିରେ ପହଞ୍ଚିଥିଲେ ଆଠ ଜଣ ଅଜ୍ଞାତ ଯୁବକ। ତେବେ ପ୍ରଥମେ ସେମାନେ ଖାଇଥିଲେ। ସେତିକିବେଳେ ପୁଲିସ ପାଟ୍ରୋଲିଂ ଟିମ୍ ସହ ପହଞ୍ଚିଥିଲେ ଏସ୍ ଆଇ ଇତିଶ୍ରୀ ସାହୁ ଏବଂ ଯୁବକଙ୍କୁ ପଚରାଉଚରା କରିବାରୁ ସେମାନେ ବାଲେଶ୍ୱର ଟାଉନ ରୁ ଆସିଛନ୍ତି ଓ ଖାଇସାରି ଫେରିଯିବେ କହିଥିଲେ। ପୁଲିସ ଟିମ ଚାଲିଥିବା ପରେ ହଠାତ୍ ହୋଟେଲ ମାଲିକ ରାଜେନ୍ଦ୍ର ହାତୀ ଓ କର୍ମଚାରୀଙ୍କୁ ତେଲେଙ୍ଗା କଟୁରୀ, ଖଣ୍ଡା, ଭୁଜାଲି ଓ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ ଏବଂ ଟଙ୍କା ନଦେବାରୁ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏହାପରେ କ୍ୟାସ ବାକ୍ସରେ ଥିବା ନଗଦ ୧୮୦୦୦ ଟଙ୍କା, ତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଥିଲେ। ଯନ୍ତ୍ରଣାରେ ସେମାନଙ୍କ ଚିତ୍କାର ଶୁଣି ପାଖଆଖ ଦୋକାନୀ ମାନେ ଧାଇଁ ଆସିଥିଲେ। ସେମାନଙ୍କୁ ଗୋଡ଼ାଇ ଜଣଙ୍କୁ ମାଡ଼ି ବସିଥିଲେ ହେଁ ଅନ୍ୟ ମାନେ ଅନ୍ଧାରରେ ଖସି ଯାଇଥିଲେ।

## ସହିଦଙ୍କୁ ଶ୍ରଦ୍ଧାଞ୍ଜଳୀ-ମାହାଙ୍ଗା ବିଜେପି

**ନିଶ୍ଚିନ୍ତକୋଇଲି,୧୪।୨(ସଂଚାର ବ୍ୟୁରୋ):** ୧୪ତାରିଖ ଶନିବାର ଅପରାହ୍ନରେ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ପରିସରରେ ଫୁଲୱାମା ଆକ୍ରମଣରେ ସହିଦ୍ ହୋଇଥିବା ୪୦ଜଣ ଯବାନଙ୍କ ଉଦ୍ଦେଶ୍ୟରେ ମାହାଙ୍ଗା ବିଜେପି ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ଏହି ଅବସରରେ ମହାନ ଜନନାୟକ ତଥା ଏକାତ୍ମ ମାନବବାଦ ଦର୍ଶନର ପ୍ରଣେତା ସ୍ୱର୍ଗତ ଦୀନଦୟାଲ ଉପାଧାୟଙ୍କ ତିରୋଧାନ ଦିବସକୁ ଭାଜପା ପକ୍ଷରୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ମୀନକେତନ ଦାସ, କୋଷାଧକ୍ଷ ସ୍ମୃତିରଞ୍ଜନ ମହାନ୍ତି, ଉପସଭାପତି ସୁଶାନ୍ତ କୁମାର ମହାନ୍ତି, ସମ୍ପାଦିକା ବେବିନା ମହାପାତ୍ର, ସାମାଜିକ ଗଣମାଧମ ସଂଯୋଜକ ଶାରଦାପ୍ରସାଦ ନନ୍ଦ, ବିଜେପି ନାରୀ ନେତ୍ରୀ ପଙ୍କୋଜିନୀ ନାୟକ, ବିଜେପି କାର୍ଯ୍ୟକର୍ତ୍ତା ଧ୍ରୁବଚରଣ ବେହେରା, ଦିବାକର ଦାସ, କୁଳମଣି ରାଉତ, ସଶଧର ମିଶ୍ର, ଗୋଲଖଚନ୍ଦ୍ର ସିଂହ, ଅକ୍ଷୟ କୁମାର ସିଂହ, ଭକ୍ତବନ୍ଧୁ ପଣ୍ଡା, ରାଜେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମଳୟ କୁମାର ଘଡ଼େଇ ଓ ହରପ୍ରସାଦ ପୃଷ୍ଟି ଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଜେପି ମଣ୍ଡଳ ସଭାପତି, ପଞ୍ଚାୟତ ପ୍ରମୁଖ ସକ୍ରିୟ କାର୍ଯ୍ୟକର୍ତ୍ତା ଓ ବୁଥ୍ ସ୍ତରୀୟ କାର୍ଯ୍ୟକର୍ତ୍ତା ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ବୃଦ୍ଧାଙ୍କୁ ମିଳୁନି ସରକାରୀ ସହାୟତା



**ଥୁଆମୂଳ ରାମପୁର,୧୪।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଅଡ୍ରି ପଞ୍ଚାୟତସ୍ଥିତ ଦୋଲଗୁଡ଼ା (ଟଟା ପଡ଼ା) ଗ୍ରାମରେ ଯେଉଁ ଦୃଶ୍ୟ ଦେଖିବାକୁ ମିଳିଛି, ତାହା ବିକାଶର ନଗ୍ନଚିତ୍ରକୁ ପଦାରେ ପକାଇଛି। ଜଣେ ଜୀବିତ ବୃଦ୍ଧାଙ୍କୁ କାଗଜପତ୍ରରେ ମୃତ ସଜାଇ ଦୀର୍ଘ ୪ ବର୍ଷ ହେଲା ତାଙ୍କ ମୁହଁରୁ ଦାନା ଛଡ଼ାଇ ନିଆଯାଇଥିବା ବେଳେ ପ୍ରଶାସନ ଚୁପ୍ ବସିଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ସାବିତ୍ରୀ ନାୟକଙ୍କୁ ପାଖାପାଖି ୮୦ ବର୍ଷ ହୋଇଥିଲେ ସୁଦ୍ଧା ସରକାରୀ ସହାୟତା କହିଲେ ଶୂନ। ଭତ୍ତା କଥା ଛାଡ଼ନ୍ତୁ। ତାଙ୍କୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଖଣ୍ଡେ ଘର ମଧ ମିଳିପାରିଲା ନାହିଁ। ଏହି ବୟସରେ ସେ ନିଜକୁ ଜୀବିତ ବୋଲି ପ୍ରମାଣ କରିବାକୁ ସଂଘର୍ଷ କରୁଥିବା ବେଳେ ତାଙ୍କ ସ୍ୱାମୀ ପ୍ରସାଦ ନାୟକଙ୍କୁ ମଧ ଗତ ୪ ମାସ ହେଲା ଭତ୍ତା ମିଳୁନାହିଁ। ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି, ଗରିବ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଟଙ୍କା କୁଆଡ଼େ ଯାଉଛି? ଲୋକେ ଭୋଟ ଦେଇ ଜନପ୍ରତିନିଧି ବାଛିଛନ୍ତି ସେମାନଙ୍କ ସୁଖଦୁଃଖ ବୁଝିବା ପାଇଁ। କିନ୍ତୁ ଜଣେ ଅସହାୟ ବୃଦ୍ଧାଙ୍କୁ ତାଙ୍କର ହକ୍ ଭତ୍ତା ଓ ଘର ଖଣ୍ଡେ କରାଇ ଦେବାରେ ଏହି ନେତାମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଠାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ କରୁଛନ୍ତି କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି? ଜୀବିତ ହିତାଧିକାରୀଙ୍କୁ ମୃତ ଘୋଷଣା କରିବା ପଛରେ କୌଣସି ବଡ଼ ଘୋଟାଲା ରହିଥିବା ଅନୁମାନ କରାଯାଉଛି।

## ବିଜେପିରେ ମିଶିଲେ ସରପଞ୍ଚ ଓ କର୍ମୀ



**ନିଶ୍ଚିନ୍ତକୋଇଲି,୧୪।୨ (ସଂଚାର ବ୍ୟୁରୋ):** ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ କଟକସଦର ବିଜେପି ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀଙ୍କ ସାଙ୍ଗଠନିକ ଦକ୍ଷତାକୁ ସମ୍ମାନ ଜଣାଇ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟକସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବାବୁଜଙ୍ଗ ସରପଞ୍ଚ ସ୍ୱାଧୀନ ଭୂୟାଁ, ମଣିଜଙ୍ଗ ସରପଞ୍ଚ ଶାରଦା ମହାନ୍ତି, ମହମ୍ମଦପୁର ସରପଞ୍ଚ ପ୍ରତିଭା ବେହେରା, ନେମାଳ ସରପଞ୍ଚ ସସ୍ମିତା ମହାନ୍ତି, ପାଳଦା ସରପଞ୍ଚ ଚିନ୍ମୟୀ ବେହେରା, ମଣିଜଙ୍ଗ ପଞ୍ଚାୟତ ନାଏବ ସରପଞ୍ଚ ସୁଲୋଚନା ସେଠୀ ପ୍ରମୁଖଙ୍କ ସମେତ ଅନେକ ଜନପ୍ରତିନିଧି ବିଜେଡ଼ି ଛାଡ଼ି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ କଟକ ସଦର ବିଧାୟକ ଇଂ.ପ୍ରକାଶଚନ୍ଦ୍ର ସେଠୀ ବିଜେଡ଼ି ଛାଡ଼ି ବିଜେପିରେ ଯୋଗ ଦେଇଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଜେପି ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଦଳକୁ ସ୍ୱାଗତ କରିଥିଲେ।

ସଂଚାର SANCHAR ରବିବାର ୧୫ ଫେବୃଆରୀ ୨୦୨୬






# ଖରାଦିନେ ତ୍ୱଚା ପାଇଁ ଆଲୋଭେରା ଉପକାରୀ

ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ସୂର୍ଯ୍ୟକିରଣ, ଗରମ, ଧୂଳି ଏବଂ ଝାଳ ଯୋଗୁଁ ଅନେକ ଚର୍ମ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇଥାଏ। ଲୋକମାନେ ବ୍ରଣ, ସନବର୍ଣ୍ଣ, ରାସେସ୍ ଏବଂ ଟ୍ୟାନିଂ ଭଳି ଚର୍ମ ସମ୍ବନ୍ଧୀୟ ସମସ୍ୟାରେ କଷ୍ଟ ପାଆନ୍ତି। ଏପରି ପରିସ୍ଥିତିରେ ଲୋକମାନେ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ପ୍ରକାରର ସ୍କିନ କେୟାର୍ ଏବଂ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତି। କିନ୍ତୁ ଏଥିରେ କ୍ଷତିକାରକ କେମିକାଲ୍ ଥାଏ, ଯାହା ତ୍ୱଚାକୁ କ୍ଷତି ପହଞ୍ଚାଇପାରେ। ତେଣୁ ଗ୍ରୀଷ୍ମ ଋତୁରେ ତ୍ୱଚାକୁ ସୁସ୍ଥ ଏବଂ ଚମକଦାର ରଖିବା ପାଇଁ ଆପଣ କିଛି ପ୍ରାକୃତିକ ଜିନିଷ ବ୍ୟବହାର କରିପାରିବେ।

ଆଲୋଭେରା ଆମ ସ୍କିନକୁ ଥଣ୍ଡା ଏବଂ ମଇଷ୍ଟରାଇଜ୍ ରଖିଥାଏ। ଏହା ସ୍କିନକୁ ଜ୍ୱଳନ ଏବଂ ସନବର୍ଣ୍ଣରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ। ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି ଯାହା ବ୍ରଣ, ଦାଗ, ପିଗ୍ମେଣ୍ଟେସନ୍ ଏବଂ ଟ୍ୟାନିଂ ଦୂର କରିବାରେ ସାହାଯ୍ୟ କରିପାରେ। ନିୟମିତ ଭାବରେ ମୁହଁରେ ଆଲୋଭେରା ଲଗାଇବା ଦ୍ୱାରା ତ୍ୱଚା କୋମଳ ଏବଂ ଉଜ୍ଜ୍ୱଳ ହୋଇଥାଏ। ତେବେ ଆସନ୍ତୁ ଜାଣିବା କିପରି ବ୍ୟବହାର କରିବେ ଆଲୋଭେରା। ଆଲୋଭେରା ଏବଂ ମୁଲତାନି ମିଟି: ଆପଣ ଆଲୋଭେରାକୁ ମୁଲତାନି ମିଟି ସହ ମିଶାଇ ମୁହଁରେ ଲଗାଇପାରିବେ। ଏକ ପାତ୍ରରେ ୨ ଚାମଚ ମୁଲତାନି ମିଟି ନିଅନ୍ତୁ। ଏଥିରେ ୨ ଚାମଚ ତାଜା ଆଲୋଭେରା ଜେଲ୍ ଭଲ ଭାବରେ ମିଶାଇଦିଅନ୍ତୁ। ଏବେ ଏହି ପେଷ୍ଟକୁ ମୁହଁରେ ଲଗାନ୍ତୁ ଏବଂ ଶୁଖିବା ପାଇଁ ଛାଡି ଦିଅନ୍ତୁ। ପ୍ରାୟ ୧୫ ମିନିଟ୍ ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ବ୍ରଣ, ଦାଗ, ସନବର୍ଣ୍ଣ ଏବଂ ଟ୍ୟାନିଂ ସମସ୍ୟାରୁ ମୁକ୍ତି ଦିଏ।

ଆଲୋଭେରା ଏବଂ ଗୋଲାପ ଜଳ: ଆପଣ ଆଲୋଭେରାକୁ ଗୋଲାପ ଜଳ ସହିତ ମିଶାଇ ଆପଣଙ୍କ ମୁହଁରେ ଲଗାଇପାରିବେ। ଏକ ପାତ୍ରରେ ଗୋଟିଏ ଚାମଚ ତାଜା ଆଲୋଭେରା ଜେଲ୍ ନିଅନ୍ତୁ। ଏଥିରେ କିଛି ବୁନ୍ଦା ଗୋଲାପ ଜଳ ମିଶାଇ ଭଲ ଭାବରେ ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ କିଛି ସମୟ ପାଇଁ ଛାଡି ଦିଅନ୍ତୁ। ପ୍ରାୟ ୧୫ ମିନିଟ୍ ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ଚର୍ମକୁ ନରମ ଏବଂ ଚମକଦାର କରିବ।

ଆଲୋଭେରା ଏବଂ ଲେମ୍ବୁ: ଗ୍ରୀଷ୍ମ ଋତୁରେ ସତେଜ ଏବଂ ଚମକଦାର ତ୍ୱଚା ପାଇବା ପାଇଁ ଆପଣ ଆଲୋଭେରାରେ ଲେମ୍ବୁ ମିଶାଇ ଆପଣଙ୍କ ମୁହଁରେ ଲଗାଇପାରିବେ। ଲେମ୍ବୁରେ ସାଇଟ୍ରିକ୍ ଏସିଡ୍ ଥାଏ, ଯାହା ଚର୍ମରୁ ଦାଗ ଦୂର କରିବାରେ ସାହାଯ୍ୟ କରେ। ଏହା ବ୍ୟତୀତ ଏହା ଚର୍ମର ରଙ୍ଗ ଉନ୍ନତ କରିବାରେ ମଧ୍ୟ ସାହାଯ୍ୟ କରେ। ଏକ ପାତ୍ରରେ ୨ ଚାମଚ ତାଜା ଆଲୋଭେରା ଜେଲ୍ ନିଅନ୍ତୁ। ଏଥିରେ ଗୋଟିଏ ଚାମଚ ଲେମ୍ବୁ ରସ ମିଶାନ୍ତୁ। ଏବେ ଏହି ମିଶ୍ରଣକୁ ଆପଣଙ୍କ ମୁହଁରେ ଲଗାନ୍ତୁ ଏବଂ ପ୍ରାୟ ୧୦ ମିନିଟ୍ ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ମୁହଁରେ ଏକ ନ୍ୟାଚୁରାଲ୍ ଗ୍ଲୋ ଆଣିବ।

ଆଲୋଭେରା ଏବଂ କାକୁଡି: ଆପଣ ଗ୍ରୀଷ୍ମ ଋତୁରେ କାକୁଡି ସହିତ ଆଲୋଭେରା ମଧ୍ୟ ଲଗାଇପାରିବେ। କାକୁଡି ତ୍ୱଚାକୁ ଶୀତଳତା ଏବଂ ସତେଜତା ପ୍ରଦାନ କରେ। ଏହା ବ୍ୟତୀତ ଏହା ଟ୍ୟାନିଂ ଏବଂ ଦାଗ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରେ। ଏଥିପାଇଁ ଏକ ପାତ୍ରରେ ଏକ ଚାମଚ ଆଲୋଭେରା ଜେଲ୍ ନିଅନ୍ତୁ। ଏଥିରେ ଗୋଟିଏ ଚାମଚ କାକୁଡି ରସ ମିଶାଇଦିଅନ୍ତୁ। ଏବେ ଏହାକୁ ଆପଣଙ୍କ ମୁହଁରେ ଲଗାନ୍ତୁ ଏବଂ କିଛି ସମୟ ପାଇଁ ଛାଡିଦିଅନ୍ତୁ। ପ୍ରାୟ ୧୫ ମିନିଟ୍ ପରେ, ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ଚର୍ମକୁ ନରମ ଏବଂ ଚମକଦାର କରିବ।




# ଲିଭର ସମସ୍ୟାରେ ପୀଡ଼ିତ କି ?

ଆଜିକାଲିର ଖରାପ ଜୀବନ ଶୈଳୀ ପାଇଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ କରିବାକୁ ପଡିଥାଏ। ଅନହେଲଦି ଖାଦ୍ୟ ପାଇଁ ଲୋକେ ବିଶେଷ କରି ଲିଭର ସମସ୍ୟାକୁ ସାମ୍ନା କରିଥାନ୍ତି। ଲିଭର ସମସ୍ୟା ଦିନକୁ ଦିନ ଦ୍ରୁତ ଗତିରେ ମାଡି ଚାଲିଛି। ବର୍ତ୍ତମାନ ଜେନେରେସନର ପିଲାମାନେ ଅଧିକାଂଶ ଅଏଲି ଫୁଡ୍ ନଚେତ୍ ଫାଷ୍ଟଫୁଡ୍ ଖାଇ ସେହକୁ ଅସୁସ୍ଥ ବନାଉଛନ୍ତି। ଖରାପ ଖାଦ୍ୟପେୟ ହିଁ ଲିଭର ସମସ୍ୟାର କାରଣ।

ଯୁଗର ପରିବର୍ତ୍ତନ ହେବା ପରେ ଶିକ୍ଷିତ ହୋଇ ମଧ୍ୟ ଏବେ ବି କିଛି ପିଲା ରହିଛନ୍ତି ଯେଉଁମାନେ ମଦ୍ୟପାନ କରୁଛନ୍ତି। ଯାହା ଲିଭର ସମସ୍ୟାର ଆଉ ଏକ ମୁଖ୍ୟ କାରଣ। ନିଜ ଜୀବନକୁ ବାଜି ଲଗାଇ ଦେଉଛନ୍ତି। ସବୁ ଜାଣିବା ପରେ ବି ସେମାନେ ମଦ୍ୟପାନକୁ ଛାଡିନଥାନ୍ତି। ଏହି କାରଣ ଯୋଗୁଁ ଲିଭର ସମସ୍ୟା ବଢ଼ିବାର ଆଶଙ୍କା କରାଯାଏ। ସୁସ୍ଥ ଜୀବନ ପାଇଁ ଏହି ସବୁଠାରୁ ଦୂରରେ ରହିବା ଆବଶ୍ୟକ। ଏହା ଛଡା ଖରାପ ଖାଦ୍ୟକୁ ମଧ୍ୟ ଏଡାଇବା ନିହାତି ଜରୁରୀ। ଯଦି ଲିଭର ସମସ୍ୟାଠାରୁ ଦୂରରେ ରହିବାକୁ ଚାହୁଁଛନ୍ତି ତେବେ ସପ୍ତାହରେ ଏହି ୪ଟି ଜିନିଷ ଆପଣଙ୍କୁ ସୁସ୍ଥ ରଖିପାରିବ। ତେଣୁ ସେହି ୪ଟି ଜିନିଷକୁ ଆପଣଙ୍କ ଖାଦ୍ୟରେ ସାମିଲ କରନ୍ତୁ। ତେବେ ଆସନ୍ତୁ ସେହି ୪ଟି ଜିନିଷ ସମ୍ପର୍କରେ ଜାଣିବା। ଖଜୁରୀ ସୁସ୍ଥ ଶରୀର ପାଇଁ ବେଶ୍ ଉପଯୋଗୀ। ଯାହାକୁ ଲିଭର ଜନିତ ସମସ୍ୟା ପାଇଁ ଭଲ ବୋଲି ବିବେଚନା କରାଯାଇଥାଏ। ଖଜୁରୀକୁ ଆଣ୍ଟିଅକ୍ସିଡାଣ୍ଟର ପାୱାରହାଉସ୍ ମଧ୍ୟ କୁହାଯାଏ। ଏଥିରେ ଅଖରୋଟ ମିଶାଇ ଖାଇବା ଦ୍ୱାରା ଏହା ଶରୀରକୁ ଦ୍ୱିଗୁଣିତ ଲାଭ ଦେଇଥାଏ। ଯାହା ଶରୀରକୁ ଓମେଗା-୩ ଫ୍ୟାଟି ଏସିଡ୍ ଯୋଗାଇବ। ଆପଣ ଏହି ଦୁଇଟି ଜିନିଷକୁ ଏକ ସ୍ନାକ୍ସ ଭାବରେ ମଧ୍ୟ ମିଶାଇ ଖାଇପାରିବେ। ଯାହା ଆପଣଙ୍କ ସୁସ୍ଥ ଲିଭର ଗଠନ କରିବାରେ ସାହାଯ୍ୟ କରିବ।

ମିଶ୍ରିତ ବାଦାମ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। ବାଦାମ ଖାଇବା ଦ୍ୱାରା ଭିଟାମିନ୍ ଇ ଭରପୁର ମାତ୍ରାରେ ରହିଥାଏ। ଯାହା ଶରୀରକୁ ଆବଶ୍ୟକୀୟ ଭିଟାମିନ୍ ଏବଂ ଚର୍ବି ଯୋଗାଇଥାଏ। ଏହା ସୁସ୍ଥ ଲିଭର ପାଇଁ ଭଲ କାର୍ଯ୍ୟକାରୀ କରିଥାଏ। ଯଦି ଆପଣ ଏଥିରେ ଡାର୍କ ଚକୋଲେଟ୍ ମିଶାଇ ଖାଉଛନ୍ତି ତେବେ ଏହା ସୁସ୍ଥ ଉପହାର ସଦୃଶ ହୋଇଥାଏ।

ଏହା ବ୍ୟତୀତ ଏହି ତିନୋଟି ଜିନିଷ ମଧ୍ୟ ଆଣ୍ଟିଅକ୍ସିଡାଣ୍ଟର ପାୱାରହାଉସ୍ ଭଳି ହୋଇଥାଏ। ଯେମିତିକି ସେଓକୁ ଗୁଣ୍ଡ କରି ମହୁ ସହିତ ମିଶାଇ ଖାଆନ୍ତୁ। ଏଥିରେ କିଛି ଡାଲଚିନି ମିଶାନ୍ତୁ। ଯାହା ସୁସ୍ଥ ଲିଭର ଗଠନ କରିବାରେ ସହାୟକ ହୋଇଥାଏ। ଏତିକି ନୁହେଁ ବରଂ ଦହି ମଧ୍ୟ ଲିଭର ପାଇଁ ଲାଭଦାୟକ ହୋଇଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ମାତ୍ରାରେ ଥିବାରୁ ସକାଳ ଜଳଖିଆରେ ନିହାତି ଖାଇବା ଆବଶ୍ୟକ। ଯାହା ଖାଇବା ଦ୍ୱାରା ଲିଭର ସମସ୍ୟାଠାରୁ ମୁକ୍ତି ଦେଇଥାଏ।

# ୪୦ ପରେ ୫ ସପ୍ଲିମେଣ୍ଟସ୍ ଜରୁରୀ

୪୦ ବର୍ଷ ଅତିକ୍ରମ କରିବା ସହ ଶରୀରରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ମେଟାବଲିଜିମ୍ ଧୀମା ହେବା ସହ ଶରୀର ପ୍ରତି ଅଧିକ ଯତ୍ନଶୀଳ ହେବାକୁ ପଡିଥାଏ। ୪୦ ପରେ ଶରୀର ଏକ ନୂଆ ଇନିଂସ୍ ପାଇଁ ପ୍ରସ୍ତୁତ ହୋଇଥାଏ। ମହିଳାଙ୍କ କଥା କହିଲେ, ସେମାନେ କ୍ୟାରିଅର ଓ ପରିବାରକୁ ଗୁରୁତ୍ୱ ଦେବା ଭିତରେ ନିଜକୁ ପଛରେ ପକାଇ ଦେଇଥାନ୍ତି। ବୟସର ଏହି ପାହାଚରେ ପହଞ୍ଚିବା ପରେ ଅଚାନକ୍ ଥକ୍କାପଣ ଆସିବା ସହ ତ୍ୱଚା ଫିକା ପଡିବା ଆରମ୍ଭ କରିଥାଏ। ବାସ୍ତବରେ ଦେଖିବାକୁ ଗଲେ ୪୦ ପରେ ନିଜକୁ ନୂଆ ଢଙ୍ଗରେ ସଜାଇବା ଜରୁରି ହୋଇଥାଏ। ଡର୍ମାଟୋଲୋଜିଷ୍ଟଙ୍କ ମତରେ ଏହି ବୟସ ପରେ ୫ ସପ୍ଲିମେଣ୍ଟସ ନେବା ଜରୁରି, ଯାହା ଦ୍ୱାରା ଆପଣଙ୍କ ଭିତରେ ୨୫ ବର୍ଷ ବୟସ ପରି ଶକ୍ତି ଭରି ଦେଇଥାଏ।

ମ୍ୟାଗ୍ନେସିୟମ୍ ଗ୍ଲାଇସିନେଟ୍: ରାତିରେ ଶୋଇବା ପରିବର୍ତ୍ତେ କଡ଼ ଲେଉଟାଇବାରେ ବ୍ୟସ୍ତ ରହୁଛନ୍ତି। ୪୦ ବର୍ଷ ପରେ ପ୍ରାୟ ଲୋକ ନିଦ ସମସ୍ୟା ସହ ଲଢୁଥାନ୍ତି। ସେଥିପାଇଁ ମ୍ୟାଗ୍ନେସିୟମ୍ ଗ୍ଲାଇସିନେଟ୍ ଏକ ଭଲ ବିକଳ୍ପ। ଏହା ଶରୀର ଓ ମାଂସପେଶୀକୁ ରିଲାକ୍ସ କରିଥାଏ। ଫଳରେ ରାତିରେ ଗଭୀର ଓ ଶାନ୍ତିର ନିଦ ହୋଇଥାଏ।

ଓମେଗା-୩: ବିଶେଷଜ୍ଞଙ୍କ ମତରେ ଏହା ଅଲରାଉଣ୍ଡର ଭାବେ କାମ କରିଥାଏ। ଓମେଗା-୩ କେବଳ ହୃଦୟ ଓ ମସ୍ତିଷ୍କ




ପାଇଁ କାମ କରି ନଥାଏ, ବରଂ ତ୍ୱଚା ପାଇଁ ମଧ୍ୟ ଲାଭଦାୟକ। ଏହା ତ୍ୱଚାକୁ ଭିତରୁ ଆର୍ଦ୍ର ରଖିବା ସହ ବୟସର ଛାପକୁ କମ୍ କରିଥାଏ।

କ୍ୟାଲସିୟମ୍ ଓ ଭିଟାମିନ୍-ଡି: ଏହି ବୟସରେ ହାଡ଼କୁ ମଜଭୁତ ରଖିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ସେଥିପାଇଁ କ୍ୟାଲସିୟମ୍ ସାଙ୍ଗକୁ ଭିଟାମିନ୍‌ଡି' ସପ୍ଲିମେଣ୍ଟ ଜରୁରି। ଭିଟାମିନ୍-ଡି' ହାଡ଼କୁ ମଜଭୁତ କରିବା ସହ ଭବିଷ୍ୟତରେ ଗଣ୍ଠି ଯନ୍ତ୍ରଣା ସମସ୍ୟାକୁ କମ୍ କରିଥାଏ।

ଗ୍ଲୁଟାଥିୟୋନ ଓ ଭିଟାମିନ୍-ସି: ଗ୍ଲୁଟାଥିୟୋନ୍ ଓ ଭିଟାମିନ୍-ସି'ର ମିଶ୍ରଣ ୪୦ ବର୍ଷ ପରେ ଖୁବ୍ ଜରୁରି। ପ୍ରାୟ ଲୋକ ଏହାକୁ ତ୍ୱଚାର ଚମକ୍ ସହ ଯୋଡ଼ିଥାନ୍ତି। କିନ୍ତୁ ଏହା ସତ ନୁହେଁ। ଗ୍ଲୁଟାଥିୟୋନ୍ ଏକ ସୁପର ଆଣ୍ଟିଅକ୍ସିଡାଣ୍ଟ, ଯାହା ଶରୀରରେ ହେଉଥିବା ଚିନ୍ତା ଓ ପ୍ରଦୂଷଣଜନିତ କ୍ଷତିକୁ କମ୍ କରିଥାଏ। ଫଳରେ ଶରିର ସୁସ୍ଥ ଓ ସତେଜ ଦେଖାଯାଇଥାଏ।

ପ୍ଲାଣ୍ଟ୍ ପ୍ରୋଟିନ୍: ଶରୀରର ଶକ୍ତିକୁ ବଜାୟ ରଖିବା ପାଇଁ ପ୍ଲାଣ୍ଟ ପ୍ରୋଟିନ୍‌କୁ ଡାଏଟ୍‌ରେ ସାମିଲ୍ କରିବା ଆବଶ୍ୟକ। ବୟସ ବଢ଼ିବା ସହ ମାଂସପେଶୀ ଦୁର୍ବଳ ହୋଇଚାଲେ। ପ୍ରୋଟିନ୍ ସପ୍ଲିମେଣ୍ଟ ଏହାକୁ ବଜାୟ ରଖିବା ସହ ସାରାଦିନ ସତେଜ ଅନୁଭବ ଦେଇଥାଏ।

# ଶରୀର ପାଇଁ 'ଜିରୋ ଅଏଲ୍' କେତେ ସ୍ୱାସ୍ଥ୍ୟକର

ଆଜିକାଲି, ଫିଟ ଦେଖାଯିବା ଏବଂ ଶୀଘ୍ର ଓଜନ ହ୍ରାସ କରିବା ପାଇଁ ଅନେକ ଲୋକ ନିଜ ଖାଦ୍ୟରୁ ଘିଅ ଏବଂ ତେଲକୁ ସମ୍ପୂର୍ଣ୍ଣ ଭାବରେ ବାଦ ଦେଉଛନ୍ତି। ସାଧାରଣ ବିଶ୍ୱାସ ହେଉଛି ଯେ ସେମାନେ ଚର୍ବି ଛାଡିବା ମାତ୍ରେ ଓଜନ ହ୍ରାସ ଆରମ୍ଭ ହୋଇଯିବ, କିନ୍ତୁ ଏହା କ'ଣ ପ୍ରକୃତରେ ସ୍ୱାସ୍ଥ୍ୟ ପାଇଁ ଭଲ ? ପ୍ରକୃତରେ, ଚର୍ବି କେବଳ ସ୍ଥୂଳତାରେ ଯୋଗଦାନ କରେ ନାହିଁ ବରଂ ଶରୀରର ହରମୋନ ସନ୍ତୁଳନ, ରୋଗ ପ୍ରତିରୋଧକ ଶକ୍ତି ଏବଂ ମସ୍ତିଷ୍କ ସ୍ୱାସ୍ଥ୍ୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତେଣୁ, 'ଜିରୋ ଅଏଲ' ଡାଏଟ ଗ୍ରହଣ କରିବା ପୂର୍ବରୁ ଏହାର ଅସୁବିଧାଗୁଡ଼ିକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଆମେ ଦୀର୍ଘ ସମୟ ଧରି ସମ୍ପୂର୍ଣ୍ଣ ଚର୍ବିମୁକ୍ତ ଖାଦ୍ୟ ଗ୍ରହଣ କରୁ, ସେତେବେଳେ ଶରୀରରେ କିଛି ଆବଶ୍ୟକୀୟ ଭିଟାମିନର ଅଭାବ ଥାଏ। ଏଥିରେ ଭିଟାମିନ ଏ, ଡି, ଇ ଏବଂ 'କେ' ଅନ୍ତର୍ଭୁକ୍ତ, ଯାହା କେବଳ ଚର୍ବି ମାଧ୍ୟମରେ ଶରୀର ଦ୍ୱାରା ସଠିକ ଭାବରେ ଶୋଷିତ ହୁଏ।

ଏହି ଭିଟାମିନର ଅଭାବ ଦୃଷ୍ଟିଶକ୍ତି ଦୁର୍ବଳ, ଶୁଷ୍କ ଚର୍ମ, ଦୁର୍ବଳ ହାଡ଼ ଏବଂ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୋଇପାରେ। ଏହା ବ୍ୟତୀତ, ସୁସ୍ଥ ଚର୍ବିରୁ ପ୍ରାପ୍ତ ଓମେଗା-3 ଏବଂ ଓମେଗା-6 ଫ୍ୟାଟି ଏସିଡ ମସ୍ତିଷ୍କ ଏବଂ ହରମୋନ ପାଇଁ ଅତ୍ୟାବଶ୍ୟକ। ଶରୀର ଏଗୁଡ଼ିକୁ ନିଜେ ଉତ୍ପାଦନ କରିପାରିବ ନାହିଁ, ତେଣୁ ଏଗୁଡ଼ିକୁ ଖାଦ୍ୟରୁ ପାଇବା ଆବଶ୍ୟକ। ଘିଅ କିମ୍ବା ତେଲ ବିନା ସମ୍ପୂର୍ଣ୍ଣ ଖାଦ୍ୟ ଦୀର୍ଘ ସମୟ ଧରି ଖାଇବା ଦ୍ୱାରା ଶରୀରର ପ୍ରାକୃତିକ ସନ୍ତୁଳନ ବିପର୍ଯ୍ୟସ୍ତ ହୋଇପାରେ। ହରମୋନଗୁଡ଼ିକ ଠିକ ଭାବରେ କାର୍ଯ୍ୟ କରିପାରେ ନାହିଁ, ଯାହା ଫଳରେ ମହିଳାମାନଙ୍କର ଅନିୟମିତ ମାସିକ ଋତୁସ୍ରାବ ହୋଇପାରେ। ଚର୍ବି ଅଭାବରୁ ଭୋକ ବଢ଼ିପାରେ, ମିଠା ପାଇଁ ଲାଳସା, ଥକ୍କାପଣ ଏବଂ ଦୁର୍ବଳତା ମଧ୍ୟ ହୋଇପାରେ। ଏହା ବ୍ୟତୀତ, ଧୀର ମେଟାବୋଲିଜିମ, ଶୁଷ୍କ ଚର୍ମ, କେଶ ଝଡ଼ିବା ଏବଂ ଗଣ୍ଠି ଯନ୍ତ୍ରଣା ଭଳି ସମସ୍ୟା ମଧ୍ୟ ଦେଖାଯାଇପାରେ।



# ପାଦରେ ଲୁଚି ରହିଛି ରୋଗର ରହସ୍ୟ

ଆଖି, ମସ୍ତିଷ୍କ, କାନ, ଥାଇରଏଡ୍, ପେଟ,ଫୁସଫୁସ, ଅଗ୍ନାଶୟ, ହାଡ଼-ବୃକକ୍, ଅନ୍ତନଳୀ ସମସ୍ତ ତଳିପାଦ ସହିତ ସଂଯୁକ୍ତ। ଏହାର ଅର୍ଥ ହେଉଛି ତଳିପାଦରେ ବିଭିନ୍ନ ଅଙ୍ଗର ଆକ୍ୟୁପ୍ରେସର ପଏଣ୍ଟ ଅଛି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ତଳିପାଦ ଦେଖି ରୋଗ ବିଷୟରେ ଅନୁମାନ କରାଯାଇ ପାରିବ। ପାଦ ତଳ ଅଂଶରେ ବିଭିନ୍ନ ଅଙ୍ଗର ଆକ୍ୟୁପ୍ରେସର ପଏଣ୍ଟ ଅଛି। ପାଦ ତଳ ଅଂଶରେ ଏକ ଘନ ରବର ବ୍ୟାଣ୍ଡ ସହିତ ଏହା ଏକ ନମନୀୟ ଗଠନ। ଯାହା ଚାଲିବା କିମ୍ବା ଦୌଡ଼ିବା ସମୟରେ ଶରୀରର ଚାପ ବହନ କରିଥାଏ। ଚାପ ବୃଦ୍ଧି ପାଇଲେ କିମ୍ବା ଫୁଲିଗଲେ, ପାଦ ତଳ ଅଂଶରେ ପ୍ରବଳ ଯନ୍ତ୍ରଣା ଅନୁଭବ ହୁଏ। ଅଧିକ ୟୁରିକ୍ ଏସିଡ୍, ମଧୁମେହ, ହାଇପୋଥାଇରଏଡ, ମେଦବହୁଳତା କିମ୍ବା ଯେକୌଣସି ପ୍ରକାରର ଫ୍ରାକ୍ଚର ଥିବା ଲୋକମାନେ ମଧ୍ୟ ଏହି ଯନ୍ତ୍ରଣାରେ ପୀଡିତ ହୁଅନ୍ତି। ଏହା ବ୍ୟତୀତ, କେତେକ ସମୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସମାନ ସ୍ଥିତିରେ ବସିବା କିମ୍ବା ଗୋଡ ଝୁଲାଇ ରଖିବା ମଧ୍ୟ ସେମାନଙ୍କୁ ମୂର୍ଚ୍ଛା କରିଦିଏ। ଏହା ସ୍ନାୟୁ ଦୁର୍ବଳତା ହେତୁ ହୋଇପାରେ। ଯାହା ଫଳରେ ଶରୀରର ଯେଉଁ ଅଂଶରେ ରକ୍ତ ଯୋଗାଣ କମିଯାଏ ତାହା ମୂର୍ଚ୍ଛା ହୋଇଯାଏ। କିନ୍ତୁ ଯଦି ଏହା ବାରମ୍ବାର ଘଟୁଛି, ତେବେ ଏହା ଶରୀରରେ ଆଇରନର ଅଭାବର ସଙ୍କେତ ମଧ୍ୟ ହୋଇପାରେ।

ଭାରତରେ ପ୍ରାୟ ୩୫ ପ୍ରତିଶତ ରୋଗରେ ପୀଡିତ। ଏଥିମଧ୍ୟରୁ ୧୦ ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କର ହାଇପୋଥାଇରଏଡିଜମ୍ ଅଛି। ୩ ଜଣ ମଧୁମେହ ରୋଗୀଙ୍କ ମଧ୍ୟରୁ ଜଣଙ୍କର ଥାଇରଏଡ୍ ସମସ୍ୟା ଅଛି। ୨ ୩ ପ୍ରତିଶତ ଭାରତୀୟ ମେଦବହୁଳ ଏବଂ ୪୦ ପ୍ରତିଶତ ଲୋକଙ୍କ ପେଟରେ ଅଧିକ ଚର୍ବି ଜମା ହୋଇଛି। ଖରାପ ଜୀବନଶୈଳୀ ଯୋଗୁଁ ରକ୍ତଚାପ, ସୁଗାର, ଉଚ୍ଚ କୋଲେଷ୍ଟ୍ରଲ୍, ଥାଇରଏଡ୍, ଫୁସଫୁସ ସମସ୍ୟା, ନିଦ୍ରାହୀନତା, ଗଣ୍ଠି ଯନ୍ତ୍ରଣା ଏବଂ ଅଭାବ ଜନିତ ସମସ୍ୟା ସୃଷ୍ଟି କରୁଛି। ପ୍ରତିଦିନ ଯୋଗ ଅଭ୍ୟାସ କରିବା ଦ୍ୱାରା ରୋଗର ଆଶଙ୍କା ବହୁତ କମ୍ ହୋଇପାରେ। ଯୋଗ ଶକ୍ତି ବୃଦ୍ଧି କରିବ, ରକ୍ତଚାପ ନିୟନ୍ତ୍ରଣ କରିବ, ଓଜନ ନିୟନ୍ତ୍ରଣ କରିବ, ଶର୍କରା ନିୟନ୍ତ୍ରଣ କରିବ, ନିଦ ଉନ୍ନତ କରିବ ଏବଂ ମନୋଭାବ ଉନ୍ନତ କରିବ।



## ନବନିଯୁକ୍ତ କର୍ମକର୍ତ୍ତା ସମ୍ବର୍ଦ୍ଧିତ



**କର୍ଲାମୁଣ୍ଡା, ୧୪।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ା ପଞ୍ଚାୟତ ବିଜାପାଟିଠାରେ କଂଗ୍ରେସ ଦଳର ନବ ନିଯୁକ୍ତ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ସଭାପତି ଜଲନ୍ଧର ନାଏକ, ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ମ.ରାମପୁର ବ୍ଲକ ସଭାପତି ରୁଦ୍ର ପ୍ରତାପ ସିଂହ, କଂଗ୍ରେସ ନାରୀ ନେତ୍ରୀ ମାଣିକ୍ୟ ସୁନା, ମାହେନ୍ଦ୍ରି ସାହୁ, ରାଜକୁମାରୀ ସରାଫଙ୍କ ସମେତ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ନବ ନିଯୁକ୍ତ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ସଭାପତି ସୁରେଶ ଚୌଧୁରୀ, ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ରାଜକିଶୋର ମିଶ୍ର, ଜିଲ୍ଲା ସମ୍ପାଦକ ଅରବିନ୍ଦ ଚୌଧୁରୀଙ୍କୁ କର୍ଲାମୁଣ୍ଡା କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷେ ଭାଜପା ସରକାର ଜନସାଧାରଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଥିବା କଂଗ୍ରେସ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି।

## ୧୬ରୁ ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



**ସୁବର୍ଣ୍ଣପୁର, ୧୪।୨(ସଂଚାର ବ୍ୟୁରୋ):** ଆସନ୍ତା ଫେବୃୟାରୀ ୧୬ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗାନ୍ଧୀ ପଡ଼ିଆ ଠାରେ ସର୍ବଭାରତୀୟ ସ୍ତରରେ ୧୭ତମ ରାମଧୁନ କପ୍ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଚଳିତ ବର୍ଷ ସୁଦୂର ନାଇଜେରିଆ ଓ ନେପାଳ ଭଳି ଦେଶର ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ଯୋଗୁଁ ଉଭୟ ଆୟୋଜକ ଓ ଦର୍ଶକ ମହଲରେ ବେଶ୍ ଉତ୍ସାହ ପ୍ରକାଶ ପାଉଛି। ନକ୍ ଆଉଟ୍ ପର୍ଯ୍ୟାୟରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ କଲିକତା ଓ କନ୍ଧମାଳ ମଧ୍ୟରେ ଖେଳାଯିବାକୁ ଥିବାବେଳେ ଦ୍ୱିତୀୟ ମ୍ୟାଚ ବରଗଡ଼ ଓ ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ। ଉଭୟ ଦିନର ବିଜୟୀ ଦଳ ପ୍ରଥମ ସେମିଫାଇନାଲ ପର୍ଯ୍ୟାୟ କୁ ଉନ୍ନିତ ହେବେ। ସେହିପରି ପୁଣ ବିରେ (କଲିକତା) ନାଇଜେରିଆ ଓ ଜଗା ଇଲେଭେନ୍ସ ଭୁବନେଶ୍ୱର ମଧ୍ୟରେ ଓ ପରବର୍ତ୍ତୀ ଦିନରେ ଆୟୋଜକ ରାମଧୁନ କ୍ଲବ ସୁବର୍ଣ୍ଣପୁର ଓ କେବିଏମ୍ ୟୁନାଇଟେଡ ଏଫ୍ସି ନେପାଳ ମଧ୍ୟରେ ଅନୁଷ୍ଠିତ ହୋଇ ଉଭୟ ଦିନର ବିଜୟୀ ଦଳ ସେମିଫାଇନାଲ ମ୍ୟାଚ ଖେଳିବେ। ଏହି ଟୁର୍ଣ୍ଣାମେଣ୍ଟ ର ଗ୍ରାଣ୍ଡ ଫାଇନାଲ ଖେଳ ୨୨ତାରିଖରେ ଖେଳାଯିବା ନେଇ ଆଜି ଏକ ସ୍ଥାନୀୟ ଗାନ୍ଧୀ ପଡ଼ିଆ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆୟୋଜକ ମଣ୍ଡଳୀ। ପ୍ରଥମଥର ପାଇଁ ରାମଧୁନ କ୍ଲବ ଓ ଜିଲ୍ଲା କ୍ରୀଡ଼ାସଂଘ ମିଳିତ ଭାବରେ ଏହି ରାମଧୁନ କପ୍ ୨୦୨୬ ଆୟୋଜକ ରହିଥିବା ହେତୁ ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟ ଟି ବିଭାଗୀକରଣ ରହିଥିବା ଜଣାପଡ଼ିଛି।

## ଇଣ୍ଡିଆବୁକ ଅଫ ରେକର୍ଡ୍ସ ଆଚିଭରଙ୍କୁ ଶିଳ୍ପ ମହୋତ୍ସବରେ ସମ୍ବର୍ଦ୍ଧିତ

**କଳିଙ୍ଗନଗର, ୧୪।୨(ସଂଚାର ବ୍ୟୁରୋ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ହେଉଥିବା ସୁକିନ୍ଦା ଶିଳ୍ପ ମହୋତ୍ସବ ରେ ଜଣେ କୁନି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଜିର ଶିଶୁ କାଲିର ଭବିଷ୍ୟତ। ରାଷ୍ଟ୍ର ନିର୍ମାଣ ପାଇଁ ପିତା ମାତା ନିଜ ଶିଶୁ ମାନଙ୍କୁ ଦାୟିତ୍ୱବାନ ହୋଇ ଗଢି ତୋଳିବା ର ଆବଶ୍ୟକ ତା ଅଛି.. ସେହିପରି ଦାନଗଡି ବ୍ଲକ ଗୋବର୍ଦ୍ଧନ ପୁର ପଞ୍ଚାୟତ ର ଜଣେ ବିସ୍ମୟ କୁନି ଶିଶୁ ଙ୍କୁ ସୁକିନ୍ଦା ଶିଳ୍ପ ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଦାନଗଡି ବ୍ଲକ ମାନପୁର ଗ୍ରାମର ଇଞ୍ଜିନିୟର ସ୍ୱରାଜ ଚୌଧୁରୀ ଓ ମାତା ଶକ୍ତିମୟୀଙ୍କର ସୁକନ୍ୟା କୁମାରୀ ପୂର୍ବିକା ଚୌଧୁରୀ ଇଣ୍ଡିଆ ବୁକ ଅଫ ରେକର୍ଡସ ଆଚିଭର ରୁ ଉତ୍ତରୀୟ। ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଏହି ବିସ୍ମୟ କୁନି ଝିଅ ପାଇଁ ଦାନଗଡି ଅଞ୍ଚଳ ସୁନାମ ରଖିଥିବାରୁ ଉପସ୍ଥିତ ସମସ୍ତ ମାନ୍ୟ ଗଣ୍ୟ ଅତିଥି ବ୍ୟକ୍ତିବିଶେଷ ପ୍ରଶଂସା କରି ତାଙ୍କର ଉତ୍ତରୋତ୍ତର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଥାନାରେ ଯୋଗଦେଲେ ନୂତନ ଆଇଆଇସି ପ୍ରମୋଦିନୀ



**ଯାଜପୁର ରୋଡ଼, ୧୩।୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟମକା ଥାନା ଅଧିକାରୀ ପ୍ରମୋଦିନୀ ସାହୁ ଏବେ କଳିଙ୍ଗନଗର ଶିଳ୍ପାଞ୍ଚଳର ଚଳଚଂଚଳ ଏରିଆରେ ରହିଥିବା ଜଖପୁରା ଥାନାର ନୂତନ ଆଇଆଇସି ଭାବେ ଯୋଗଦେଇଛନ୍ତି। ଥାନାରେ କାର୍ଯ୍ୟଭାର ଗ୍ରହଣ ପରେ ଥାନା ପକ୍ଷରୁ ସହକାରୀ ଅଧିକାରୀ ଓ କର୍ମଚାରୀମାନେ ନୂତନ ଅଧିକାରୀଣିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ତେବେ ବେଆଇନ ମଦ, ବାଲି ଓ ମୋରମ ମାଟି ପରିବହନ କରୁଥିବା ମାଫିଆ ମାନଙ୍କ ବେଆଇନ କାରବାରକୁ ରୋକିବା ଦିଗରେ ନୂତନ ଆଇଆଇସି କଡ଼ା ପଦକ୍ଷେପ ନେବେ ବୋଲି ଜନସାଧାରଣ ମାନେ ଆଶା ରଖିଥିବା କଥା ଏବେ ବିଶେଷ ସୂତ୍ରରୁ ଶୁଣିବାକୁ ମିଳୁଛି।

**ମହିଳା ଶିଶୁବିକାଶ ଯୋଜନା ବାଟବଣା**

# ୩ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ ନିଜସ୍ୱ ଘର



**ନୀଳଗିରି, ୧୩।୨(ସଂଚାର ବ୍ୟୁରୋ):** ଗୋଟିଏ ରାଜସ୍ୱଗ୍ରାମର ୩ ଗୋଟି ଅଙ୍ଗନବାଡ଼ି କେନ୍ଦ୍ରରେ ଦୀର୍ଘ୨୮ବର୍ଷ ପରେ ସ୍ଥାୟୀ ଘର ନଥିବାରୁ ବିପଦ ସଂକୁଳ ଅବସ୍ଥାରେ କୋମଳମତି ଶିଶୁଙ୍କୁ ନେଇ ଚାଲିଛି ପାଠପଢା, ହେଲେ ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ନୂତନ ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ଟଙ୍କାଟିଏ ବି ଅନୁଦାନ ରାଶି ଆସିପାରିନାହିଁ। ଗ୍ରାମବାସୀଙ୍କ ପକ୍ଷରୁ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ପାଇଁ ବାରମ୍ବାର ରାଜନେତା ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗୁହାରି କରି ଥିଲେ ମଧ ଫଳ ଶୁନ ହୋଇଛି। ବର୍ଷା ଦିନେ ପିଲା ମାନେ ଓଦା, ଶୀତ ଦିନେ ଥରୁ ଥିବାବେଳେ ଖରା ଦିନେ ଟାଣ ଖରାର ଝାଞ୍ଜି ପବନରେ କୋମଳ ମତି ଶିଶୁ ପାଠ ପଢୁଛନ୍ତି। ହେଲେ ପ୍ରଶାସନ ର ନିଦ ଭାଙ୍ଗୁ ନାହିଁ?। ଏଭଳି ଏକ ଅଭାବନୀୟ ଚିତ୍ର ତରତୁଆ ଗ୍ରାମରେ ଦେଖିବାକୁ ମିଳିଛି।ସୂଚନାଯୋଗ୍ୟ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ତଥା ଔପଦା ବ୍ଲକ ଈଶ୍ୱରପୁର ଗ୍ରାମ ପଞ୍ଚାୟତ ତରତୁଆ ହେଉଛି ରାଜସ୍ୱ ଗ୍ରାମ। ତରତୁଆ ଗ୍ରାମର ୧୨ ନମ୍ବର ୱାଡ଼ ତରତେଇ ପୋଖରୀ ଆଡ଼ିରେ ଏକ ଚାଳ ଛପର ତଳେ ଗାଁ ଲୋକଙ୍କ ପ୍ରବଞ୍ଚନ ଚାଲେ। ୧୯୯୮ ମସିହାରେ ପ୍ରଥମେ ଅଙ୍ଗନବାଡ଼ି କେନ୍ଦ୍ର ଆରମ୍ଭ କରାଯାଇଥିଲା।ତେବେ କିଛିବର୍ଷ ପରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଏହି ଚାଳ ଛପର ଘର ଟି ନଷ୍ଟ ହେବାରୁ ଗ୍ରାମବାସୀଙ୍କ ଦ୍ୱାରା ୪ଫୁଟ ଇଟା କାନ୍ଥ ଓ ଏଜବେଷ୍ଟସ୍ ଛପର ଘର ନିର୍ମାଣ କରାଯାଇଥିଲା।ଏହି ଘରଟି ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି। ଏଥିରେ ୧୫ଜଣ ବାଳକ ଓ ୭ ଜଣ ବାଳିକା ମିଶି ସମୁଦାୟ ୨୨ ଜଣ କୋମଳମତି ପିଲା ପାଠପଢୁ ଥିବା କାଗଜ କଲମ ରେ ଥିବା ବେଳେ ଆଜି ବାସ୍ତବରେ ୧୦ଜଣ କୋମଳ ମତି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।ଏକୁଟିଆ ଶିକ୍ଷୟତ୍ରୀ ଅମିତା ଖୁଣ୍ଟିଆ ବସିଥିବା ବେଳେ ହେଲପର ମମତା ମହାନ୍ତିଙ୍କ ଦେଖା ନଥିଲା।ସବୁଠାରୁ ଆଶ୍ୱର୍ଯ୍ୟ କଥା ଦିନ୧୨ଟା ପର୍ଯ୍ୟନ୍ତ ରୋଷେଇ ର ନାଁ ଗନ୍ଧ ନଥିଲା। ଉକ୍ତ ଘରର ଚାରିପାଖ ଖୋଲା ହୋଇ ପଡ଼ିଥିବା ବେଳେ ଆଜବେଷ୍ଟସ୍ ଗୁଡିକ ଭାଙ୍ଗିଯାଇଥିବା ରୁ ସୂର୍ଯ୍ୟ କିରଣ ପିଲାମାନଙ୍କ ସାଥି ପାଲଟିଛି । ଚୋରି ଭୟରେ ପିଲାଙ୍କ ରୋଷେଇ ବାସନ ଉପକରଣ ସବୁ ନିକଟରେ ଥିବା ବାଦଲ ମଲ୍ଲିକ ଙ୍କ ଘରେ ରଖାଯାଉଛିବୋଲି ଶିକ୍ଷୟତ୍ରୀ ଶ୍ରୀମତୀ ଖୁଣ୍ଟିଆ କହିଛନ୍ତି। ଉକ୍ତ କେନ୍ଦ୍ରରେ କୋମଳ ମତି ପିଲା ଙ୍କ ପାଇଁ ସରକାରୀ ଯୋଜନା କିପରି ବାଟବଣା ହୋଇଛି ସ୍ପଷ୍ଟ ଅନୁମେୟ। ଅପରପକ୍ଷରେ ଏଭଳି ବିପଦପୂର୍ଣ୍ଣ ଘରେ ଶିକ୍ଷାଦାନ ଦେଉଥିବାରୁ କେତେବେଳେ ଯେ ଗଂଜାମ ଜିଲ୍ଲା ବରମପୁର ଭଳି ଅଘଟଣ ନଘଟିବ ତାହା କିଏ କହିପାରିବ? ଠିକ ସେହି ଭଳି ତରତୁଆ ତଳସାହି ୧୩ ନମ୍ବର ୱାଡ ରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ଥାୟୀ ଘର ନଥିବାରୁ ୨୦୧୦ ମସିହାରୁ ତୁଳସୀ ରାଉତ ଙ୍କ ଘର ପିଣ୍ଡା ରେ ପାଠପଢା ଚାଲିଛି। ଏହି କେନ୍ଦ୍ରରେ ୪ ଜଣ ପିଲା ଥିବା ବେଳେ ହେଲ୍ପର ଭାବେ ସେବତୀ ଜେନା ଏବଂ ଶିକ୍ଷୟତ୍ରୀ ଭାବେ ସରସ୍ୱତୀ ରାଉତ ୨୦୧୯ରୁ ପିଲାଙ୍କୁ ପାଠ ପଢାଇଆସୁଥିଲେ ସୁଦ୍ଧା ସମାସ୍ୟା ସମାଧାନ ରାସ୍ତା କେହି କରୁନଥିବା ଗୁରୁତର ଅଭିଯୋଗ ଆଣିଛନ୍ତି।

### ରୟାଲ ଢାବାରେ ମାରପିଟ ସହିତ ଫାଙ୍କା ଗୁଳିଚାଳନା

## ଚାରି ଗିରଫ, ସ୍କୋର୍ପିଓ ଜବତ ସହିତ ମାମଲା ରୁଜୁ



**ବୈଶିଙ୍ଗା, ୧୩।୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଞ୍ଚଳ ଟି ବାଲେଶ୍ୱର ସୀମାନ୍ତ ଅଞ୍ଚଳରେ ଅବସ୍ଥିତ ଥିବାରୁ ଅପରାଧି ଏହି ଅଞ୍ଚଳରେ ବିଭିନ୍ନ ପ୍ରକାର ଅପରାଧ କରି ଖସି ପଳାଇ ଯିବାକୁ ସକ୍ଷମ ହୋଇ ପାରୁଛନ୍ତି। ୨୦୨୬ ନୂଆବର୍ଷ ଆରମ୍ଭ ଠାରୁ ଆଜି ପର୍ଯ୍ୟନ୍ତ କେତେ କେତେ ଡକାୟତି, ଛିନତାଇ ସହିତ ଚୋରୀ ମଧ ବଢି ଯାଇଛି। ଶୁକ୍ରବାର ରାତି ୧୨.୪୫ ସମୟରେ ବାଲେଶ୍ୱର ଅଞ୍ଚଳର ଆଠ ଦଶ ଜଣ ଅସାମାଜିକ ଯୁବକ ବନ୍ଧୁକ ଓ ମାରଣାସ୍ତ୍ର ସହିତ ବୈଶିଙ୍ଗା ଥାନା ପାଖ ଖଇରବଣୀ ଠାରେ ଥିବା ରୟାଲ ଢାବାରେ ପହଞ୍ଚି ଢାବା ବନ୍ଦ ଥିବା ଦେଖି ଜୋର ଜବରଦସ୍ତ କବାଟ ଭାଙ୍ଗି ଭିତରେ ପଶିଥିଲେ ଓ ଢାବା ମାଲିକ ରାଜେନ୍ଦ୍ର ହାତୀ ଓ କର୍ମଚାରୀ ମାନେ ଭୟଭୀତ ହୋଇ କଣ କରିବେ କିଛି ବୁଝି ପାରିଲେ ନାହିଁ। କର୍ମଚାରୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ ମଧରେ ଧସ୍ତା ଧସ୍ତି ଚାଲିଥିବା ବେଳେ ମାଲିକ ବୈଶିଙ୍ଗା ପୁଲିସକୁ ଫୋନ କରି ଦେଇଥିଲେ। ଏହି ସମୟରେ ଯୁବକ ମାନେ ଫାଙ୍କା ଗୁଳି ଚାଳନା କରି ଟ.୧୮୦୦୦, ଙ୍କା ଏବଂ ସୁନା ଚେନ୍ ଲୁଟି ନେଇ ପଳାଇ ଯାଉଥିବା ସମୟରେ ବୈଶିଙ୍ଗା ପୁଲିସ ପହଞ୍ଚି ଯାଇଥିଲେ। ପୁଲିସ କୁ ଦେଖି ୪/୫ ଜଣ ଦୁଇଟି ବାଇକରେ ଫେରାର ହୋଇଯାଇଥିଲେ। ପୋଲିସ ଏବଂ ଢାବା କର୍ମଚାରୀ ଓ ପାଖ ଚା ଦୋକାନୀ ହୋସେନ ଖାଁ ମିଳିତ ଭାବେ ଗୋଡାଇ ଗୋଡାଇ ଚାରି ଜଣଙ୍କୁ କାବୁ କରି ନେଇଥିଲେ। ବ୍ୟବହୃତ ସ୍କୋର୍ପିଓ ନଂ ଓଡ଼ି ୦୧ ଏ ଜି ୨୭୨୭, ଅନ୍ୟ ୩ ଟି ବାଇକ୍ ନଂ ଓଆର ୦୧ ଏଚ ୪୫୬୯, ଓଡି ୦୧ ଏ ଆର ୬୦୯୮, ଓ ଆର ୧୪ ପି ୨୯୭୫ ବୋଲି ଜଣାଯାଇଛି।ଅଟକ ରହିଥିବା ଯୁବକମାନେ ହେଲେ କ୍ଷିତିଶ କୁମାର ଦାସ, ଅକ୍ଷୟ ମହାନ୍ତି, ସୁରଜ ମହାନ୍ତି, ରତିକାନ୍ତ ସ୍ୱାଇଁ ବୋଲି ପୁଲିସ ସୂତ୍ରରୁ ପ୍ରକାଶ କରାଯାଇଛି। ଢାବା ମାଲିକ ରାଜେନ୍ଦ୍ର ହାତୀ ଙ୍କ ଲିଖିତ ଅଭିଯୋଗ କ୍ରମେ ୬୮/୨୦୨୬ ମୂଳେ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି।

## ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର, ୧୩।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫଟାମୁଣ୍ଡା ଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡୁଙ୍ଗୁରିପାଲି ବ୍ଲକର ଡୁଙ୍ଗୁରିପାଲି, ସହଳା, ଚିନାଯୁରି ଓ ଚେରୁପାଲି ଏହିପରି ୪ଟି କ୍ଲଷ୍ଟରର ୧୮୧ ଜଣ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୯୪ ଜଣ ଛାତ୍ରଛାତ୍ରୀମାନଙ୍କୁ ପରବର୍ତ୍ତୀ ସମୟରେ ଚଷମା ପ୍ରଦାନ କରାଯିବ। ୧୬ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁରକୁ ଉତ୍ତମ ଚିକିତ୍ସା ପାଇଁ ଯିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫଟାମୁଣ୍ଡା ର ଅଧକ୍ଷ ଶ୍ରୀମାନ ହିମାଂଶୁ କୁଅଁର ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ତ୍ରିଲୋଚନ ନେତ୍ରାଳୟ ବଲାଙ୍ଗିର ର ଡାକ୍ତରଗଣ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଗୋଷ୍ଠି ଶିକ୍ଷା ଅଧିକାରୀ ଗଣେଷ କିଶନ ତଥା ଜଇଝଂକ ଡାକ୍ତର କ୍ଷମାନିଧି ସାହୁ ଓ ତାଙ୍କ ମେଡିକାଲ ଟିମ୍ କାର୍ଯ୍ୟକ୍ରମ କୁ ପରିଦର୍ଶନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ସାହୁ, ଉଜଉଉ ଦିଲ୍ଲୀପ କୁମାର ପାଧାନ, ଉଜଉଉ ପ୍ରବୀର ଭୋଇ, ଅନ୍ତର୍ନିବେଶୀ ସ୍ୱେଚ୍ଛାସେବୀ ହିମାଂଶୁ ଶେଖର ସାହୁ ଓ ଲୋଚନ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରକ୍ତଦାନ ଶିବିର ଆୟୋଜିତ



**ସୁବର୍ଣ୍ଣପୁର, ୧୩।୨(ସଂଚାର ବ୍ୟୁରୋ):** ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଫେବୃୟାରୀ ୧୪ ରେ ବୁଢ଼ାରଜା ଯୁବ ସମାଜସେବୀ ସଂଗଠନ, ସୋନପୁର ଆନୁକୁଲ୍ୟରେ ୧୪ ତମ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି ଏବଂ ଏହି ଶିବିର ରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ ଶିବିର କୁ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ା. ନୃପରାଜ ସାହୁ ଉଦଘାଟନ କରିଥିଲେ ଏବଂ ସମ୍ମାନୀତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ନାରାୟଣ ନାୟକ, ପୌରାଧକ୍ଷ ତାମସି ତାମସ୍ମିତା ନାଏକ, ଉପ-ପୌରାଧକ୍ଷ ମଲ୍ଲିକା ଦାନୀ, କଳାପଥର ସମିତି ସଭ୍ୟ ତଥା ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଅରବିନ୍ଦ ବାରିକ, ମାନ୍ୟବର ସାଂସଦ ଙ୍କ ମନୋନୀତ ପ୍ରାର୍ଥୀ ସାନନ୍ଦ କୁମାର ମେହେର ଓ ସ୍ୱରୂପ ପାତ୍ର, ବିଶିଷ୍ଟ ସମାଜସେବୀ ତଥା ସୁବର୍ଣ୍ଣ ମଣିଷ ଶ୍ରୀବସ୍ତ ମଲ୍ଲିକ, ଜଗନ୍ନାଥ ତ୍ରୀପାଠୀ, ସୌମ୍ୟ ରଞ୍ଜନ ଦେହୁରୀ ଉପସ୍ଥିତ ଥିଲେ।

## ଲଙ୍ଗଳେଶ୍ୱରରେ ଆଦିବାସୀ ଅଧିକାର ସମ୍ମିଳନୀ




**ବାଲିଆପାଳ, ୧୩।୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର କାଲିଝାଟି ପଡ଼ିଆରେ ଆଜି ଏକ ବିଶାଳ ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆଦିବାସୀ ସମ୍ପ୍ରଦାୟର ଅସ୍ତିତ୍ୱ, ପରିଚୟ ଓ ଅଧିକାର ସୁରକ୍ଷା ପାଇଁ ଜୋରଦାର ଆଲୋଚନା ହୋଇଥିଲା। ବକ୍ତାମାନେ ଉଲ୍ଲେଖ କରିଥିଲେ ଯେ ଆଦିବାସୀମାନଙ୍କର ଜୀବନ ପ୍ରଣାଳୀ, ସଂସ୍କୃତି, ପରମ୍ପରା, ପର୍ବପର୍ବାଣି ଓ ଆସ୍ଥା ବ୍ୟବସ୍ଥା ଭାରତର ଅନ୍ୟ ଧର୍ମ ଓ ସଂସ୍କୃତିଠାରୁ ପୃଥକ। ଏହି କାରଣରୁ ଆଦିବାସୀ ମାନଙ୍କୁ ଅଲଗା ଧର୍ମ ଭାବେ ସରକାରୀ ସ୍ତରରେ ସ୍ୱୀକୃତି ଦେବାକୁ ମଞ୍ଚରୁ ଦାବି ଉଠିଥିଲା। ବକ୍ତାମାନେ କହିଥିଲେ, ପରିଚୟର ସୁରକ୍ଷା ହେଉଛି ଅଧିକାରର ମୂଳ, ଏବଂ ସ୍ୱତନ୍ତ୍ର ଧର୍ମ ସ୍ୱୀକୃତି ମିଳିଲେ ଆଦିବାସୀମାନଙ୍କ ସାମାଜିକ ଓ ସାଂସ୍କୃତିକ ଅଧିକାର ଅଧିକ ସୁରକ୍ଷିତ ହେବ।ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ଥାନା ଅଧିକାରୀ ଶ୍ରୀ ସାଲଖାନ ମୁର୍ମୁ ଓ ଅନ୍ୟତମ ଅତିଥି ଭାବେ ପୂର୍ବତନ ସେନା କର୍ମଚାରୀ ପିତାମ୍ବର ମୁର୍ମୁ ଉପସ୍ଥିତ ଥିଲେ। ବୀର ସିଦ୍ଧୁ କାହ୍ନୁ ସଂଗଠନର ଜିଲ୍ଲା ସହ ସମ୍ପାଦକ ପ୍ରିୟନାଥ ମୁର୍ମୁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ବାସନ୍ତୀ କିସ୍କୁ, ଜିଲ୍ଲା ସଭାପତି ବୈଦ୍ୟନାଥ ମୁର୍ମୁ, ଜିଲ୍ଲା ସଂଗଠକ ବାବୁଲି ମାଝୀ, ବାଦଲ ମୁର୍ମୁ, ଗଣେଶ ହେମ୍ବ୍ରମ, କଟି ମାରାଣ୍ଡି, ରତ୍ନାକର ମୁର୍ମୁ, ସୁନାରାମ ମାରାଣ୍ଡି ଓ ମଧୁସୂଦନ ହେମ୍ବ୍ରମ ପ୍ରମୁଖ ନେତୃବୃନ୍ଦ ଆଦିବାସୀ ଅଧିକାର ପାଇଁ ମତ ପ୍ରକାଶ କରିଥିଲେ।

## ଅଗ୍ନିଶମ ବିଭାଗ ପକ୍ଷରୁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ତାଲିମ



**ଲାଞ୍ଜିଗଡ଼, ୧୪।୨(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଅଗ୍ନି ନିରାପତ୍ତା ଓ ବିପର୍ଯ୍ୟୟ ପ୍ରଶମନ ସଂପର୍କିତ ମକ୍ ଡ୍ରିଲ ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସନତ ପ୍ରଧାନଙ୍କ ନେତୃତ୍ୱରେ ହାବିଲଦାର ଦେବରାଜ ସାରକା, ସୁବାଷ ମଲ୍ଲିକ, ଦୁଷ୍ମନ୍ତ ସାହୁ, ଶରତ ଚନ୍ଦ୍ର ବେହେରା, ସୁଧାଂଶୁ ଶେଖର ଦାସ ପ୍ରମୁଖ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅଗ୍ନି ନିରାପତ୍ତା ସଂପର୍କିତ ତାଲିମ ପ୍ରଦାନ କରିବା ସହିତ ବିପର୍ଯ୍ୟୟ ପ୍ରଶମନ ଉପରେ ମଧ ବିସ୍ତୃତ ଭାବେ ତାଲିମ ପ୍ରଦାନ କରିଥିଲେ। ଏହାସହିତ ଅଗ୍ନି ନିରାପତ୍ତା, ବିପର୍ଯ୍ୟୟ ପ୍ରଶମନ ସଂପର୍କିତ ଏକ ମକ୍ ଡ୍ରିଲ ଆୟୋଜନ କରାଯାଇଥିଲା।ଲାଞ୍ଜିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜମ୍ବେଶ୍ୱର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ବନିତା ଧଙ୍ଗଡ଼ାମାଝୀ, ଅମିତା ସ୍ୱାଇଁ, ଶିକ୍ଷକ ବିନୋଦ ବାତ୍ରା, ନାଗେଶ୍ୱର ସା, କାହ୍ନୁ ଚରଣ ଡାକୁଆ, ସିରିପୁରମ ମୋହନ ରାଓ, ସୁନିଲ କୁମାର ପାଠକ, ଶିକ୍ଷୟିତ୍ରୀ ରୋଜାଲିନୀ ପାଢ଼ୀ, ଶିକ୍ଷକ ବିଷ୍ଣୁ ପ୍ରସାଦ ରାଉତ, ପ୍ରତାପ କୁମାର ବାରିକ, ସୁରେଶ ଚନ୍ଦ୍ର ପଟେଲ ଓ ଶୁଭଲକ୍ଷ୍ମୀ ହୋତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା, ଶ୍ରମିକଙ୍କ ସମସ୍ୟା ନେଇ ଗୁରୁତ୍ୱ



**ଥୁଆମୂଳ ରାମପୁର, ୧୩।୨ (ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣା ହ୍ରାସ କରିବା, ଯାତାୟାତ ନିୟମର ଅନୁପାଳନ ଏବଂ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଜେଏମ୍ଏଫ୍ସି ପକ୍ଷରୁ ଶୁକ୍ରବାର ଦୁଇଟି ପୃଥକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥୁଆମୂଳ ରାମପୁର ତାଲୁକ ଆଇନ ସେବା କମିଟି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ମାଜିଷ୍ଟ୍ରେଟ୍ ଡକ୍ଟର ତାରିଣୀ ପ୍ରସାଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଦିନର ପ୍ରଥମାର୍ଦ୍ଧରେ ସଡ଼କ ସୁରକ୍ଷା ଉପରେ ଏକ ସଚେତନତା ରାଲି ସ୍ଥାନୀୟ କୋର୍ଟ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏହି ରାଲିରେ ତାଲୁକ ଆଇନ ସେବା କମିଟିର ସଦସ୍ୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରୀଛାତ୍ର ପ୍ଲାକାର୍ଡ ଓ ବାନର ଧରି ସାମିଲ ହୋଇଥିଲେ। ସେହିପରି ଅପରାହ୍ନରେ ଥୁଆମୂଳ ରାମପୁରର ଖଣ୍ଡୁଆଳ ବାବା ଖେଳ ପଡ଼ିଆସ୍ଥିତ ଜିମ ହଲ୍‌ରେ ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା, ଅଧିକାର ଓ ସରକାରୀ ଯୋଜନା ସମ୍ବନ୍ଧୀୟ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମାଜିଷ୍ଟ୍ରେଟ ଡକ୍ଟର ସାହୁଙ୍କ ସମେତ ଆଇନଜୀବୀ ମନୋରଞ୍ଜନ ନାଏକ, 'କର୍ତ୍ତବ୍ୟ' ଅନୁଷ୍ଠାନର କ୍ଷେତ୍ର ସଂଯୋଜକ ସନ୍ତୋଷ ଦାସ, ସୁଦର୍ଶନ ନାଏକ, ସ୍ଥାନୀୟ ସବ-ପୋଷ୍ଟ ମାଷ୍ଟର ତୁଳସୀ ରାମ ମାଝୀ ଏବଂ ରାଜମିସ୍ତ୍ରୀ ସଂଘ ସଭାପତି ଗୋବିନ୍ଦ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

**● ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ**

## କଂଗ୍ରେସ ନେତ୍ରୀ ଏସପିଙ୍କୁ ଅଭିଯୋଗ ଜଣାଇଲେ



**ବୈଶିଙ୍ଗା, ୧୩।୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଇଲାକାରେ ଦିନକୁ ଦିନ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା କାରଣ କୁ ନେଇ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମାଧବୀ ସେନାପତି ଙ୍କ ନେତୃତ୍ୱରେ ୮/୧୦ ଖଣ୍ଡ ଗ୍ରାମ ର ଜନସାଧାରଣ ଏକତ୍ରୀତ ଭାବେ ୧୩ ତାରିଖ ଗୁରୁବାର ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ସହିତ ଅପାରଗ ଥାନାଧିକାରୀ, ଏ ଏସ ଆଇ ଏସ୍ ରାଉଳ, କନେଷ୍ଟବଳ ଦତ୍ତ ଏବଂ ହୋମଗାର୍ଡ ତପନ ଜେନା ଙ୍କୁ ବରଖାସ୍ତ କରିବା ପାଇଁ ଦାବୀ ଜଣାଇଛନ୍ତି। ଏହି ଅଭିଯୋଗରେ ଜଣେ ମୁସଲିମ ମହିଳା ଅଫସାନା ପରବିନ୍ ଏବଂ ଅନୂସୟା ଜେନା ଙ୍କୁ ନ୍ୟାୟ ନ ଦେବା, ମୋହିତ ସେନାପତି ଙ୍କୁ ବିନା କାରଣ ରେ ଡକାୟତି ମାମଲାରେ ଜଡିତ କରିବା, ବାଲି, ମୁରୁମ, ମଦ ଓ କାଠ ମାଫିଆ ଙ୍କୁ ସୁରକ୍ଷା ଦେବା ଯୋଗୁଁ ଅପରାଧ ବଢି ବଢି ଚାଲିବା ଯୋଗୁଁ ଡକାୟତି, ଛିନତାଇ, ରାହାଜାନି ଆଦି ଘଟଣା ଘଟି ଚାଲିଛି। ଏଥିପାଇଁ ଥାନା ଇଲାକାରେ ଜନସାଧାରଣ ନିଜର ଧନ ଜୀବନ ସୁରକ୍ଷା ମଣୁ ନାହାନ୍ତି। ଏହି ସବୁ କାରଣ କୁ ନେଇ ୭ଦିନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ନ କରିଲେ ବୈଶିଙ୍ଗା ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଉଲ୍ଲେଖ କରାଯାଇଛି।

## ଅନଲାଇନ ଠକେଇ ନେଇ ସଚେତନତା କାର୍ଯ୍ୟକ୍ରମ



**ଦିଗପହଣ୍ଡି, ୧୩।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଗୋକର୍ଣ୍ଣପୁର ଗ୍ରାମରେ ଭାରତୀୟ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ କ୍ରମେ ଦିଗପହଣ୍ଡି କାନାରା ବ୍ୟାଙ୍କ ଶାଖା ପକ୍ଷରୁ ଶୁକ୍ରବାର ଏକ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ଶାଖା ପରିଚାଳକ ଅନିତା ତିଆଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଆଞ୍ଚଳିକ ପରିଚାଳନା ମୁଖ୍ୟ ସେକ୍. ମେହେବୁବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଏଲ୍‌ଡିଏମ କାର୍ଯ୍ୟାଳୟ କର୍ମଚାରୀ ଦିଲ୍ଲୀପ ଦଳାଇ ଏବଂ ଦିଗପହଣ୍ଡି ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଦୁର୍ଯ୍ୟୋଧନ ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଆର୍ଥିକ ଯୋଜନା ପାଇଁ ବ୍ୟାଙ୍କରେ ସଞ୍ଚୟ ଖାତା ଖୋଲିବା, ଋଣ ଓ ବୀମା ସଚେତନତା, ଡିଜିଟାଲ ବ୍ୟାଙ୍କିଂ, ଅନଲାଇନ ଠକେଇରୁ ରକ୍ଷା, ସଞ୍ଚୟ ଓ ନିବେଶ ଭଳି ଗ୍ରାହକଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀ ଓ ବ୍ୟାଙ୍କର ଜମାଖାତାଧାରୀମାନଙ୍କୁ ସଚେତନତ କରାଯାଇଥିଲା।

## ବେପାରୀଙ୍କୁ ଅର୍ଥ ଯୋଗାଉଥିବା ବଡ଼ବଡ଼ିଆଙ୍କ ତଡିପାର୍ ଜରୁରୀ



**ବରଗଡ଼, ୧୩।୨ (ସଂଚାର ବ୍ୟୁରୋ):** ବରଗଡ଼ ସହର ବିକାଶ ଆଡ଼କୁ ମୁହାଁଉଛି। ମାତ୍ର ଏଠାରେ ଆଇନଶୃଙ୍ଖଳା ତଥା ସୁରକ୍ଷା ବ୍ୟବସ୍ଥା ହୁଗୁଳା ହୋଇପଡ଼ିଛି। ସ୍ଥାନୀୟ ଯୁବପିଢ଼ି ନିଶାଖୋର୍ ହୋଇ ପଥଭ୍ରଷ୍ଟ ହେଉଛନ୍ତି। ଶନିବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ୍‌ରେ 'ସଂକଳ୍ପ' ପରିବାରର ଷଷ୍ଠ ପ୍ରତିଷ୍ଠା ଦିବସ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୀଷ୍ମଦେବ ସରାଫ ତାଙ୍କ ଅଭିଭାଷଣରେ ଏହା କହି ଏହା ଉପରେ ପଦକ୍ଷେପ ନେବାକୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କୁ ଅନୁରୋଧ କରିଥିଲେ। ତେବେ ମୁଖ୍ୟ ଅତିଥି ଷଡ଼ଙ୍ଗୀ ନିଜ ଅଭିଭାଷଣରେ କହିଥିଲେ, ଏହା ଏକ ସମ୍ବେଦନଶୀଳ ଘଟଣା। ମୋ' ନଜରକୁ ଆସିଛି। ଏହାକୁ ଗୁରୁତ୍ୱର ସହିତ ନେଇଛି। ପୋଲିସ, ପ୍ରଶାସନ ସହିତ ଆଲୋଚନା କରିଛି। ଏଭଳି ସ୍ଥିତିରେ ଆମେ ସମସ୍ତେ ନିଶା ବେପାରୀ କିମ୍ବା ନିଶା ବେପାର ପାଇଁ ଅର୍ଥ ଯୋଗାଉଥିବା ବଡ଼ବଡ଼ିଆଙ୍କୁ ତଡିପାର୍ କରିବାର ଜରୁରୀ ହୋଇଛି। ସହରର ସମସ୍ତ ସାମାଜିକ, ସ୍ୱେଚ୍ଛାସେବୀ ଏବଂ ଅନ୍ୟ ଅନୁଷ୍ଠାନ ତଥା ବୁଦ୍ଧିଜୀବୀ, ସଚେତନ ନାଗରିକ ଏକତ୍ରିତ ହୋଇ ଏଭଳି ଏକ ନିଷ୍ପତ୍ତି ନେବାକୁ ବିଧାୟକ ଷଡ଼ଙ୍ଗୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

## ପରଲୋକରେ ଶେଷ ରାଜାଙ୍କ ସାନ ପୁଅ କିରଣେନ୍ଦ୍ର



**ନୀଳଗିରି, ୧୪।୨(ସଂଚାର ବ୍ୟୁରୋ):** ନୀଳଗିରି ଶେଷ ଶାସକ ରାଜା କିଶୋର ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ସାନପୁଅ ତଥା ସାନକୁମାର କିରଣେନ୍ଦ୍ର ଚନ୍ଦ୍ର ମର୍ଦ୍ଦରାଜଙ୍କ ୭୯ ବର୍ଷ ବୟସରେ ପରଲୋକ ଘଟିଛି। ଶେଷ ଶାସକ ରାଜା କିଶୋରଙ୍କ ୫ପୁଅ ଓ ୩ଝିଅଙ୍କ ମଧ୍ୟରୁ କିରଣେନ୍ଦ୍ର ସବୁଠୁ କନିଷ୍ଠ ସନ୍ତାନ ଥିଲେ। ୧୯୪୭ମସିହାରେ ଜନ୍ମିତ ସାନକୁମାର ରାଇପୁରସ୍ଥିତ ରାଜକୁମାର କଲେଜରେ ପାଠ ପଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରି ବାରିପଦାରେ ଅବସର ନେଇଥିଲେ। ରାଜକୀୟ ଢ଼ଙ୍ଗୀରେ କଥାବାର୍ତ୍ତା ସହ ଓଲଟା ବାଟରେ ସାଇକଲ ଚଳାଇବା ନୀଳଗିରିରେ ତାଙ୍କର ଆଉ ଏକ ପରିଚୟ ରହିଥିଲା। ସଦା ସର୍ବଦା ହସ ହସ ମୁହଁ ଓ ଲୋକଙ୍କ ସହ ଭଦ୍ରଚ୍ୟୁତ ବ୍ୟବହାର କରୁଥିଲେ କିରଣେନ୍ଦ୍ର। ଅଚାନକ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ପରଲୋକରେ ନୀଳଗିରି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ, ବିକାଶଙ୍କ ସମେତ ରାଜ ପରିବାର ଏନେଇ ଶୋକପ୍ରକାଶ କରିଛନ୍ତି।